ଜ୍ଞାନ ହିଁ ଶ୍ରେଷ୍ଠ ପୁଷ୍ପ, ଭକ୍ତି ହିଁ ତାହାର ସୁଗନ୍ଧ,
ଏବଂ ସାହିତ୍ୟ ହିଁ ଆମର ଅର୍ପଣ...

UDYAM-OD-13-0044620

# ପୁଷ୍ପାଞ୍ଜଳି

ସେପ୍ଟେମ୍ବର - ୨୦୨୬ ସଂସ୍କରଣ



ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

www.malharodia.com

"ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ ।
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।।"

# ମହ୍ଲାର

## ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



"**ମହ୍ଲାର**" ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ଇ-ପତ୍ରିକା ,
ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ
ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..
ଓଡ଼ିଶାରେ ଏମିତି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି
ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଛା ଶକ୍ତିକୁ ସମ୍ମାନ ଜଣେଇ ଆମେ
ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ "**ମହ୍ଲାର**" କୁ ଭେଟି ଦେଉଛୁ ....

ଏହା ସମ୍ପୂର୍ଣ୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିଥର ଏହାର ଲେଖା ଦାଖଲ କରିବାର ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ, ସେହି ଫର୍ମାଟ ମାଧ୍ୟମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ୍ଯ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ଦ୍ୟେଶ ...

*ଶିଶିର କୁମାର ସାମଲ*
*( ପ୍ରତିଷ୍ଠାତା / ମୁଖ୍ୟ ସମ୍ପାଦକ : ମହ୍ଲାର ଇ-ପତ୍ରିକା )*



# ପାଠକୀୟ ମତାମତ



ଅହେତୁକ ସ୍ନେହ, ପ୍ରେମ ଓ ଆନ୍ତରିକତାରେ ଭରା ମହ୍ଲାର ଇ-ପତ୍ରିକାର ଏହି ତେଜସ୍ବିନୀ ରଙ୍ଗୀନ ପତ୍ରିକାଟି ବହୁତ ସୁନ୍ଦର ହୋଇଛି। ଏହି ପତ୍ରିକାରେ ସ୍ଥାନିତ ହୋଇଥିବା ସବୁ ଲେଖାଗୁଡ଼ିକ ଆପଣାର ଲାଗୁଛି। ଏହି ପତ୍ରିକାର ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତାଙ୍କୁ ସାରସ୍ବତ ସାଧୁବାଦ। ସମସ୍ତ ଲେଖିକା ଓ ଲେଖକମାନଙ୍କୁ ଆନ୍ତରିକ ଅଭିନନ୍ଦନ।

**ଗୋବର୍ଦ୍ଧନ ସେନାପତି**
(ନୂଆଦିଲ୍ଲୀ)

ଧନ୍ୟବାଦ ଜଣାଉଛି ମୋ ଲେଖାକୁ ପତ୍ରିକାରେ ସ୍ଥାନ ଦେଇଥିବାରୁ। ଯଦିଓ ମୁଁ ସମସ୍ତ ଲେଖା ପଢ଼ି ନାହିଁ, ତଥାପି ତନ୍ମଧ୍ୟରୁ କିଛି ପଢ଼ିଛି। ବହୁତ୍ ଭଲ ଲାଗିଲା ଲେଖାମାନ ଏବଂ ତତ୍ସହିତ ଖୁବ୍ ସୁନ୍ଦର ଲାଗିଲା ପତ୍ରିକାର ରଚନା ଶୈଳୀ। ଆଶା କରିବି ଏମିତି ପତ୍ରିକାରେ ସଭିଁଙ୍କ ଲେଖାକୁ ସ୍ଥାନ ଦେଇ ଅନେକ କବିଙ୍କୁ ଲୋକଲୋଚନକୁ ଆଣନ୍ତୁ। ଅନେକ ଆଗକୁ ଯାଆନ୍ତୁ।

**ବିଜୟଲକ୍ଷ୍ମୀ ନାଥ**
(ସମ୍ପାଦିକା, ଉତ୍କଳ ଯୁବ ସାହିତ୍ୟ ସାମ୍ମୁଖ୍ୟ.)

ପ୍ରିୟ ସମ୍ପାଦକ ମଣ୍ଡଳୀ,
'ମହ୍ଲାର'ର ସଦ୍ୟତମ ତ୍ରୈମାସିକ ଇ-ପତ୍ରିକା ତେଜସ୍ବିନୀ ପ୍ରକାଶନ ପାଇଁ ମୁଁ ହୃଦୟର ସହିତ କୃତଜ୍ଞତା ପ୍ରକାଶ କରୁଛି। ଏହି ସଂଖ୍ୟା କେବଳ ଓଡ଼ିଆ ସାହିତ୍ୟର ମର୍ଯ୍ୟାଦା ବୃଦ୍ଧି କରେ ନାହିଁ ବରଂ ନାରୀ ଶକ୍ତି ଏବଂ ସୃଜନଶୀଳତାର ଏକ ଉଜ୍ଜ୍ୱଳ ପ୍ରତିଛବି ମଧ ଉପସ୍ଥାପନ କରେ। ପ୍ରତ୍ୟେକ ଲେଖା ଏବଂ ରଚନାର ସମ୍ବେଦନଶୀଳତା ଏବଂ ଗଭୀରତା ପାଠକମାନଙ୍କୁ ଆତ୍ମନିରୀକ୍ଷଣ ଏବଂ ପ୍ରେରଣା ଉଭୟକୁ ଅନୁପ୍ରାଣିତ କରେ। ଆପଣଙ୍କର ଅକ୍ଳାନ୍ତ ପରିଶ୍ରମ ଏବଂ ସମର୍ପଣ ଏହି ସଂଖ୍ୟାକୁ ଏକ ଜୀବନ୍ତ ଦଲିଲ କରିଛି, ଯାହା ସଂସ୍କୃତି, ସମାଜ ଏବଂ ସାହିତ୍ୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି। ତେଜସ୍ବିନୀ କେବଳ ଏକ ପତ୍ରିକା ନୁହେଁ, ବରଂ ଏକ ଚିନ୍ତାଧାରାର ଆଲୋକ ଯାହା ପାଠକମାନଙ୍କ ମଧ୍ୟରେ ନୂତନ ଶକ୍ତି ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରେ।
କେବଳ ଏତିକି ନୁହେଁ, ଆପଣ ଏଥର ଲେଖକମାନଙ୍କ ପାଇଁ ଯେଉଁ ପ୍ରମାଣପତ୍ର ବ୍ୟବସ୍ଥା କରିଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହି ପ୍ରମାଣପତ୍ର କେବଳ କାଗଜ ଖଣ୍ଡ ନୁହେଁ ବରଂ ଲେଖକମାନଙ୍କ ପାଇଁ ଶକ୍ତିର ଉତ୍ସ। ଏହି ଉତ୍କୃଷ୍ଟ ପ୍ରୟାସ ପାଇଁ ସମ୍ପାଦକ ମଣ୍ଡଳୀକୁ ମୋର ହୃଦୟର ସହିତ ସମ୍ମାନ।
ଆଶା କରାଯାଉଛି ଯେ 'ମହ୍ଲାର' ଏହିପରି ଭାବରେ ସାହିତ୍ୟ ଜଗତରେ ନିଜର ପରିଚୟକୁ ମଜବୁତ କରିବ।
ଧନ୍ୟବାଦ!

**ଅସିତ ମହାନ୍ତି**
( ସୁଜନପୁର , ଯାଜପୁର )




## ଟିପ୍ପଣୀ :

- "ମହ୍ଲାର ଇ-ପତ୍ରିକା" ଦ୍ୱାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା |
- ଯଦି ଲେଖାରେ କିଛି ତ୍ରୁଟି କିମ୍ବା ନକଲ ହୋଇଥାଏ ସେଥିପାଇଁ ଆମ ମହ୍ଲାର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି , ଲେଖା ପଠାଇଥିବା ଲେଖକ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ |

*ନମସ୍କାର,*

ପୁଣିଥରେ ଆମର ଇ-ପତ୍ରିକା "ମହ୍ଲାର" ର ୧୫ ତମ ସଂସ୍କରଣ "ପୁଷ୍ପାଞ୍ଜଳି" କୁ ଆପଣ ମାନଙ୍କୁ ଭେଟିଦେଉଛୁ. ଯାହାକି କିଛି ବିଶେଷ ଓ ଆକର୍ଷଣୀୟ ରୂପରେ | ଆଶାକରୁ ଏହା ଅନେକ ଓଡ଼ିଆ କୁ ଭଲପାଉଥିବା ପାଠକ ଓ ପାଠିକାଙ୍କ ହୃଦୟକୁ ନିଶ୍ଚିତ ରୂପେ ଛୁଇଁବ |

ଏହି ସଂସ୍କରଣରେ ମୋଟ ୧୦୮ ଲେଖା ସ୍ଥାନ ପାଇଛି | ସେଥି ମଧ୍ୟରୁ ୦୯ ଟି ଗଳ୍ପ, ୦୮ ଟି ପ୍ରବନ୍ଧ ଏବଂ ୯୧ ଟି କବିତା ସଂକଳନ ରହିଛି .

## -: ଯୋଗାଯୋଗ :-

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା**

Www.MalharOdia.Com

malharmagazine@gmail.com

8328951229

malhar_magazine/

malharmagazine/

malhar_entertainment

ନମସ୍କାର,

"ମହ୍ଲାର" ଇ-ପତ୍ରିକାର ୧୫ ତମ ସଂସ୍କରଣ " ପୁଷ୍ପାଞ୍ଜଳି " ଆପଣଙ୍କୁ କେମିତି ଲାଗିଲା, କମେଣ୍ଟ ମାଧ୍ୟମରେ ଆପଣଙ୍କର ମୂଲ୍ୟବାନ ମତାମତ ଦେବାକୁ ଆଦୌ ଭୁଲିଯିବେ ନାହିଁ...

*"ପୁଷ୍ପାଞ୍ଜଳି" ସଂସ୍କରଣର ମତାମତ ଦେବା ନିମନ୍ତେ :-*

malharmagazine@gmail.com

8328951229 malhar_magazine/

**ମହ୍ଲାର**

## ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

# ମୁଖ-ବନ୍ଧ



ଧରଣୀର ବକ୍ଷରେ ଶରତର ଆଗମନ, କାଶତଣ୍ଡର ହସ ଏବଂ ମେଘମୁକ୍ତ ଆକାଶର ନୀଳିମା ମଧ୍ୟରେ ଆମର ପ୍ରାଣପ୍ରିୟ ପର୍ବ 'ଦୁର୍ଗାପୂଜା' ଆଜି ଆମ ଦ୍ୱାର ଦେଶରେ ଉପନୀତ। ଶରତର ଏହି ସ୍ନିଗ୍ଧ ପରିବେଶ କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟର ପରିପ୍ରକାଶ ନୁହେଁ, ଏହା ହେଉଛି ଅସୁର ଶକ୍ତି ଉପରେ ଦୈବୀ ଶକ୍ତିର, ଅନ୍ଧକାର ଉପରେ ଆଲୋକର ଏବଂ ଅଧର୍ମ ଉପରେ ଧର୍ମର ଚିରନ୍ତନ ବିଜୟର ପ୍ରତୀକ। ମାଆ ଦୁର୍ଗାଙ୍କର ଏହି ଆଗମନ ଆମ ଜୀବନରେ ନୂତନ ଉତ୍ସାହ, ପ୍ରେରଣା ଏବଂ ସକାରାତ୍ମକତାର ସଞ୍ଚାର କରିଥାଏ। ଏହି ପବିତ୍ର ଅବସରରେ, ଆମର ସ୍ୱତନ୍ତ୍ର ପୃଷ୍ଠା 'ପୁଷ୍ପାଞ୍ଜଳି' ତରଫରୁ ସମସ୍ତ ପାଠକବନ୍ଧୁଙ୍କୁ ଜଣାଉଛୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଚଳିତ ବର୍ଷର ଦୁର୍ଗାପୂଜା ପାଇଁ ଆମେ ଏକ ସ୍ୱତନ୍ତ୍ର ଚିନ୍ତାଧାରାକୁ ଆଧାର କରି, ସମାଜ ଓ ସାହିତ୍ୟର ସମନ୍ୱୟରେ ଏହି ସ୍ୱତନ୍ତ୍ର ସଂଖ୍ୟାଟିକୁ ଉପସ୍ଥାପନା କରୁଅଛୁ। ଆଜିର ଆଧୁନିକତା ଏବଂ ଯାନ୍ତ୍ରିକ ଯୁଗରେ ଆମର ପାରମ୍ପରିକ ମୂଲ୍ୟବୋଧ ଏବଂ ସାଂସ୍କୃତିକ ପରିଚୟ କେଉଁଠି ନା କେଉଁଠି ହଜିଯିବାକୁ ବସିଛି। ତେଣୁ, ଚଳିତ ପୂଜାର ମୁଖ୍ୟ ବିଷୟବସ୍ତୁ ହେଉଛି– "ମାଆଙ୍କ ଶକ୍ତି ଆରାଧନା ଏବଂ ଆମ ସାହିତ୍ୟ ଓ ସଂସ୍କୃତିର ପୁନଃଜାଗରଣ"। ମାଆ ଦୁର୍ଗା କେବଳ ଅସ୍ତ୍ରଶସ୍ତ୍ରରେ ସଜ୍ଜିତା ରଣଚଣ୍ଡୀ ନୁହଁନ୍ତି, ସେ ହେଉଛନ୍ତି ସକଳ ବିଦ୍ୟା, ଜ୍ଞାନ, ବୁଦ୍ଧି ଏବଂ ସାହିତ୍ୟର ଅଧିଷ୍ଠାତ୍ରୀ ଦେବୀ ମାଆ ସରସ୍ୱତୀଙ୍କର ମଧ୍ୟ ଏକ ସ୍ୱରୂପ। ତେଣୁ, ଶକ୍ତିର ଉପାସନା ସହିତ ଜ୍ଞାନ ଏବଂ ସାହିତ୍ୟର ଉପାସନା ଅନିବାର୍ଯ୍ୟ ଅଟେ।

ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତି ହେଉଛି ଆମର ମୂଳ ପରିଚୟ, ଆମର ଅସ୍ତିତ୍ୱ ଏବଂ ଆମର ଗର୍ବ। ସାରଳା ଦାସଙ୍କ ମହାଭାରତରୁ ଆରମ୍ଭ କରି ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, ଫକୀରମୋହନଙ୍କ ଗଳ୍ପ ଏବଂ ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନା ପର୍ଯ୍ୟନ୍ତ–ଆମ ସାହିତ୍ୟର ଧାରା ଅତ୍ୟନ୍ତ ସମୃଦ୍ଧ ଓ ପ୍ରାଣବନ୍ତ। ମାତ୍ର ବର୍ତ୍ତମାନର ଗ୍ଲୋବାଲାଇଜେସନ୍ ବା ବିଶ୍ୱାୟନର ଯୁଗରେ ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧାନୁକରଣ ଯୋଗୁଁ ଆମର ନିଜସ୍ୱ କଳା, ସାହିତ୍ୟ, ଭାଷା ଏବଂ ପରମ୍ପରା ଆଜି ଗୁରୁତର ଆହ୍ୱାନର ସମ୍ମୁଖୀନ ହୋଇଛି। ଯେପରି ମାଆ ଦୁର୍ଗା ମହିଷାସୁର ଭଳି ଅସୁରକୁ ବଧ କରି ସମାଜରେ ଶାନ୍ତି ପ୍ରତିଷ୍ଠା କରିଥିଲେ, ଠିକ୍ ସେହିପରି ଆଜି

ଆମକୁ ଆମ ଭାଷା ଓ ସଂସ୍କୃତି ପ୍ରତି ଥିବା ଉଦାସୀନତା, ଅଜ୍ଞତା ଏବଂ କୁସଂସ୍କାର ରୂପକ ଅସୁରମାନଙ୍କୁ ବିନାଶ କରିବାକୁ ପଡ଼ିବ।

ସାହିତ୍ୟର ଉନ୍ନତି ବିନା କୌଣସି ଜାତିର ସଂସ୍କୃତି ବଞ୍ଚି ରହିପାରିବ ନାହିଁ। ଭାଷା ହେଉଛି ମନର ପ୍ରକାଶର ମାଧ୍ୟମ ଏବଂ ସଂସ୍କୃତି ହେଉଛି ଆଚରଣ ଓ ବିଚାରର ଦର୍ପଣ। ଯେତେବେଳେ ଆମର ଯୁବପିଢ଼ି ନିଜ ମାତୃଭାଷାକୁ ଗର୍ବର ସହ ବ୍ୟବହାର କରିବେ ଏବଂ ଓଡ଼ିଆ ସାହିତ୍ୟର ପଠନ ଓ ସୃଜନରେ ମନୋନିବେଶ କରିବେ, କେବଳ ସେତେବେଳେ ଯାଇ ଆମର ସାଂସ୍କୃତିକ ଭିତ୍ତିଭୂମି ମଜଭୁତ ହେବ। ଏହି ଦୁର୍ଗାପୂଜାର ପବିତ୍ର ଲଗ୍ନରେ ଆମ ସମସ୍ତଙ୍କର ଏହା ଏକ ଏକାନ୍ତ କର୍ତ୍ତବ୍ୟ ହେବା ଉଚିତ୍ ଯେ, ଆମେ ଆମର ଐତିହ୍ୟପୂର୍ଣ୍ଣ ସଂସ୍କୃତିକୁ ରକ୍ଷା କରିବା ସହିତ ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

ଆସନ୍ତୁ, ମାଆ ଦୁର୍ଗାଙ୍କ ପାଦପଦ୍ମରେ ଏତିକି ପ୍ରାର୍ଥନା କରିବା ଯେ, ମାଆ ଆମକୁ ଏପରି ଶକ୍ତି ଓ ବୁଦ୍ଧି ପ୍ରଦାନ କରନ୍ତୁ, ଯାହା ଦ୍ୱାରା ଆମେ ଆମର ମାତୃଭାଷା ଓ ସଂସ୍କୃତିର ସୁରକ୍ଷା ଏବଂ ଉନ୍ନତି ଦିଗରେ ନିରନ୍ତର କାର୍ଯ୍ୟ କରିପାରିବା। ଆପଣମାନଙ୍କର ସହଯୋଗ ଓ ଭଲପାଇବା ଏହି 'ପୁଷ୍ପାଞ୍ଜଳି' ପୃଷ୍ଠାକୁ ଆଗକୁ ବଢ଼ାଇବାରେ ସହାୟକ ହେଉ–ଏତିକି କାମନା ସହ, ପୁଣିଥରେ ମହ୍ଲାର ପରିବାର ତରଫରୁ ଆପଣମାନଙ୍କୁ ଦୁର୍ଗାପୂଜାର ଅନେକ ଅନେକ ଶୁଭେଚ୍ଛା ଓ ମାଙ୍ଗଳିକ ଅଭିନନ୍ଦନ ଜ୍ଞାପନ କରୁଛୁ। ଜୟ ମାଆ ଦୁର୍ଗା! ଜୟ ମାଆ ଭାରତୀ!

ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର... ମହ୍ଲାର ଇ-ପତ୍ରିକା ଭୁବନେଶ୍ୱର, ଓଡ଼ିଶା

-ଶିବଦୂତୀ ପାଣିଗ୍ରାହୀ

ମହ୍ଲାର ମୁକ୍ତମଞ୍ଚ କବିତା ଫର୍ଦ୍ଦ
ସୌଜନ୍ୟ : ମହ୍ଲାର ଇ-ପତ୍ରିକା

# ସୂଚୀ-ପତ୍ର


| କ୍ରମ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ପୃଷ୍ଠା. |
|---|---|---|---|
| | | **ପ୍ରବନ୍ଧ ବିଭାଗ** | |
| ୦୧ | ସୁଶାନ୍ତ କୁମାର ସାସମଲ | ଆଜିର ଧୈର୍ଯ୍ୟ, କାଲିର ସଫଳତା | ୧୩ |
| ୦୨ | ରତି ରଞ୍ଜନ ମହାପାତ୍ର | କୃତ୍ରିମ ବୁଦ୍ଧିମତା : ମାନବୀୟ ମୂଲ୍ୟବୋଧ ର ମିତ୍ର ନା ଶତ୍ରୁ ? | ୧୫ |
| ୦୩ | ହରପ୍ରିୟା ସାହୁ | ବିଶ୍ୱବିଜୟୀ ବୈଜ୍ଞାନିକ : ଡକ୍ଟର ଏ.ପି.ଜେ. ଅବଦୁଲ କଲାମ ଙ୍କ ଶିକ୍ଷା l | ୧୯ |
| ୦୪ | ସୀମାଲତା ସାହୁ | ସାମ୍ପ୍ରତିକ କାଳରେ କ୍ଷୁଦ୍ରଗଳ୍ପର ସ୍ୱର ଓ ସ୍ୱାତନ୍ତ୍ର୍ୟ | ୨୧ |
| ୦୫ | ସୋନାଲୀ ସ୍ୱାଇଁ | ତୃତୀୟ ଲିଙ୍ଗୀ | ୨୬ |
| ୦୬ | ଜଗନ୍ନାଥ ପରିଛା | ମମତାର ଠିକଣା | ୨୮ |
| ୦୭ | ଅସିତ ମହାନ୍ତି | ସନ୍ଥ କବି ଭୀମ ଭୋଇ : ଜାତିଭେଦରୁ ଉର୍ଦ୍ଧ୍ୱରେ ମାନବତାର ସ୍ୱର | ୨୯ |
| ୦୮ | ଗଗନ କୁମାର ଦାଶ | ଗଣପର୍ବ ଶ୍ରୀଗୁଣ୍ଡିଚା | ୩୨ |
| ୦୯ | ଧନଞ୍ଜୟ ଜେନା | ମହାମାଟିର ମହାଭାରତ: ଲୁହରୁ ଲଣ୍ଡନ, ଲଣ୍ଡନରୁ ଲାଲ୍‌ବତୀ | ୩୫ |
| ୧୦ | ଭବରଞ୍ଜନ ସାମଲ | ଆମ ଗାଁ ବରଗଛ | ୩୯ |

**ଗଳ୍ପ ବିଭାଗ**

| କ୍ରମ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ପୃଷ୍ଠା. |
|---|---|---|---|
| ୧୧ | ସିଦ୍ଧେଶ୍ୱର ପଣ୍ଡା | ଚୀନ୍- ଦେଶର ପିଲାଟିଏ | ୪୨ |
| ୧୨ | ସୁନନ୍ଦା ମହାନ୍ତି | ନବଗ୍ରହକୂଟ | ୪୪ |

| | | | |
|---|---|---|---|
| ୧୩ | ବିଶ୍ୱ ରଞ୍ଜନ ଜେନା | ପୁନଶ୍ଚ ରେବତୀ | ୪୬ |
| ୧୪ | ସମୀର ତ୍ରିପାଠୀ | ନୀଳିମାର ସନ୍ଧାନରେ | ୫୨ |
| ୧୫ | ମନୀଷାଦେବୀ ପାତ୍ର | ଅକୁହା ଶବ୍ଦ | ୫୫ |
| ୧୬ | ପ୍ରିୟଦର୍ଶିନୀ ମହାପାତ୍ର | ଝରଣା | ୫୭ |
| ୧୭ | ମିର୍ଜା ସନୁଅର ବେଗ | ମଇଳା ଦୁର୍ଗନ୍ଧଯୁକ୍ତ ପୋଷକ | ୫୯ |


## କବିତା ବିଭାଗ


| କ୍ରମ. | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ପୃଷ୍ଠା. |
|---|---|---|---|
| ୧୮ | ଅନୁରାଧା ମହାପାତ୍ର | ଈର୍ଷା | ୬୦ |
| ୧୯ | ଶ୍ରଦ୍ଧାଞ୍ଜଳି ବେହେରା | ସର୍ବେଶ୍ୱର | ୬୧ |
| ୨୦ | ରାମ ଚନ୍ଦ୍ର ପ୍ରଧାନ | ଯାହାକୁ ସୁନ୍ଦର ଯିଏ | ୬୨ |
| ୨୧ | ତାରାପ୍ରସାଦ ଜେନା | ସନ୍ତାପିତ ଲୁହ ଖସେ | ୬୩ |
| ୨୨ | ରାଜଲକ୍ଷ୍ମୀ ସାହୁ | ମୁଁ ଏକ ଅସମାପ୍ତ ଗଳ୍ପଟିଏ | ୬୪ |
| ୨୩ | ତୁଷାରକାନ୍ତ ବଳବନ୍ତରାୟ | ସେ ସମ୍ପର୍କର ନାଁ ମୁଁ କଅଣ ଦେବି? | ୬୬ |
| ୨୪ | ଶୁଭେନ୍ଦୁ ମେହେର | ଆଉ ଜଣେ ଭୀମଦାସ୍ | ୬୭ |
| ୨୫ | ଗାୟତ୍ରୀ ବେହେରା | ବହ୍ନିଶିଖା | ୬୯ |
| ୨୬ | ଅଭୟ କୁଣ୍ଡ | ମା' ଆସିଲେଣି | ୭୦ |
| ୨୭ | ଆକୁଳାନନ୍ଦ ପୃଷ୍ଟି | ବାବା ସିଦ୍ଧେଶ୍ୱର | ୭୧ |
| ୨୮ | ଅକ୍ଷୟ କୁମାର ଦାସ | କେବେ ଭାବିଛୁ କି ? | ୭୨ |
| ୨୯ | ତିରଣ ମଶ୍ରା | ନାରୀ ମୁଣ୍ଡରେ ଚରିତ୍ରର ଭାର | ୭୩ |
| ୩୦ | ସୁଚରିତା ପଡ଼ିହାରୀ | ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ | ୭୪ |
| ୩୧ | କାହ୍ନା ଗୌଡ଼ | ମୋ ଗାଁ ସହରି ସହରି ଲାଗୁଛି | ୭୬ |
| ୩୨ | ପ୍ରିୟାଂଶି ସ୍ୱାଇଁ | ନୀଳାଚଳରୁ ଗୁଣ୍ଡିଚା ପର୍ଯ୍ୟନ୍ତ | ୭୮ |
| ୩୩ | ଅର୍ପିତା ବେହେରା | ସେ' | ୭୯ |
| ୩୪ | ସୁନିତା ଦାଶ | ବରଷା ରାଣୀ | ୮୦ |
| ୩୫ | ଡଃ ମନ୍ଦାକିନୀ ପାଢ଼ୀ | ତୁମେ ତ କେବଳ ମୋର | ୮୧ |

| | | | |
|---|---|---|---|
| ୩୬ | ଅଜୟ କୁମାର ମହାନ୍ତି | ଶ୍ୟାମ ରୂପ | ୮୨ |
| ୩୭ | ଶିବାଶିଷ ମିଶ୍ର | ଆଦ୍ୟ ଆଷାଢ଼ | ୮୩ |
| ୩୮ | ମିତାରାଣୀ ଜେନା | ଅଛୁଆଁ ଜାତି | ୮୪ |
| ୩୯ | ସରୋଜିନୀ ପ୍ରଧାନ | ପତି ପରମେଶ୍ୱର | ୮୫ |
| ୪୦ | ରାକେଶ କୁମାର ମୁଦୁଲି | ସକଳ ଆଧାର ପ୍ରଭୁ ମହାଦେବ | ୮୬ |
| ୪୧ | ସ୍ୱାଗତିକା ସାହୁ | ଜୀବନ ନାଆ | ୮୭ |
| ୪୨ | ଧ୍ରୁବ ଚରଣ ଘିବେଲା | ଘୁରେ ଋତୁ ଚକର | ୮୮ |
| ୪୩ | ଦୀପକ କୁମାର ନାୟକ | ଘୋଷଯାତ୍ରା | ୮୯ |
| ୪୪ | ପ୍ରଶାନ୍ତ କୁମାର ନାଥ | ସ୍ମୃତି ତୀର୍ଥ | ୯୦ |
| ୪୫ | ସୁଷମା ହୋତା | ଢେଉ | ୯୧ |
| ୪୬ | ମନୀଷା ପୃଷ୍ଟି | ପରିବର୍ତ୍ତନ ର ଆହ୍ୱାନ | ୯୨ |
| ୪୭ | ଅମରନାଥ ବାରିକ୍ | ଫଳବାଲା | ୯୩ |
| ୪୮ | ସୀମାଞ୍ଚଳ ପଣ୍ଡା | ଆତ୍ମ ବିଶ୍ୱାସ | ୯୪ |
| ୪୯ | ପ୍ରତିଭା ପଟ୍ଟନାୟକ | ଅପେକ୍ଷା | ୯୫ |
| ୫୦ | ବିକ୍ରମାଦିତ୍ୟ ପୁରୋହିତ | ହରେଇବା ବେଦନାର ଲୁହ | ୯୬ |
| ୫୧ | ସ୍ୱର୍ଣ୍ଣ ରଥ ମହାପାତ୍ର | ତନ ମନ ନୟନର ସନ୍ଧି | ୯୭ |
| ୫୨ | ଆଦ୍ୟାଶା ପାଢ଼ୀ | ଅମୃତ ମୋ ଭାଷା | ୯୮ |
| ୫୩ | ଇନ୍ଦ୍ରାଣୀ ନାୟକ | ଅପୂର୍ଣ୍ଣ ଆଶା | ୯୯ |
| ୫୪ | ସୁହାସିନୀ ପଟ୍ଟନାୟକ | ମୁଁ ଆଉ ତୁମେ | ୧୦୦ |
| ୫୫ | ଶାଶ୍ୱତୀ ହୋତା | ତୁମେ ରହସ୍ୟମୟ | ୧୦୧ |
| ୫୬ | ରଶ୍ମିତା ଦାସ (ପଲ୍ଲବି) | ବାପା | ୧୦୨ |
| ୫୭ | ସୌରଭ ମିଶ୍ର | ବସନ୍ତ କୁହୁକ | ୧୦୩ |
| ୫୮ | ପାରଦ କୁମାର ପାଢ଼ୀ | ମଣିଷ ଖୋଜୁଛି ମଣିଷକୁ | ୧୦୪ |
| ୫୯ | ଡ଼ଃ ଅନୁପମା ବିଶ୍ୱାଳ | ପାଉଁଜି ନାଚିଲା ବଇଁଶୀ ସୁରେ | ୧୦୫ |
| ୬୦ | ଉତ୍ତମ କୁମାର ପଣ୍ଡା | ସଶକ୍ତ କଲମ ମୋର | ୧୦୬ |
| ୬୧ | ଲିଜା ବେହେରା | ମୋ ମାତୃଭାଷା | ୧୦୭ |

| | | | |
|---|---|---|---|
| ୬୨ | ସୁଭାଗିନୀ ସିଂହ | ମଲା ଜହ୍ନର ରୋଷଣୀ | ୧୦୮ |
| ୬୩ | ଆକାଂକ୍ଷାମୟୀ ଦାଶ | ମୋ ବାପା | ୧୦୯ |
| ୬୪ | ଶ୍ରୀକ୍ଷେତ୍ର ସୁନ୍ଦର | ଏମିତି ହେଉ | ୧୧୦ |
| ୬୫ | ପ୍ରୀତିପ୍ରଜ୍ଞା ନାୟକ | ମା' ସରସ୍ୱତୀ | ୧୧୧ |
| ୬୬ | ଶିଳ୍ପାଲିପି ବେହେରା | ମୁଁ | ୧୧୨ |
| ୬୭ | ଶାନ୍ତା କୁମାରୀ ନନ୍ଦ | ସ୍ମୃତି ତୁମେ | ୧୧୩ |
| ୬୮ | ଗୋବର୍ଦ୍ଧନ ସେନାପତି | ଫେରିବା ବାଟ | ୧୧୪ |
| ୬୯ | ସୁଶ୍ରୀ ସ୍ମାରକୀ ମିଶ୍ର | ଚତୁର୍ଦ୍ଧା ମୂରତି | ୧୧୫ |
| ୭୦ | ସଞ୍ଜୟ ନାଏକ | ଅଧୁରା ଅଭିଳାଷ ସ୍ୱର | ୧୧୬ |
| ୭୧ | ସରସ୍ୱତୀ ମେହେର | ଭାଗ୍ୟ | ୧୧୭ |
| ୭୨ | ଶୁଭଶ୍ରୀ ଶୁଭସ୍ମିତା | ଆଜିର ଅଭିମନ୍ୟୁ | ୧୧୮ |
| ୭୩ | ଜୟଶ୍ରୀ ମହାନ୍ତି | ସ୍ମୃତି | ୧୧୯ |
| ୭୪ | ସୁପ୍ରିୟା ବେହେରା | ନାରୀ ଜୀବନର କାହାଣୀ | ୧୨୦ |
| ୭୫ | ସ୍ମୃତି ସଙ୍ଗୀତା ରାଉତ୍ | ବେରୋଜଗାରିଆ | ୧୨୧ |
| ୭୬ | ଶିବରାମ ନାୟକ | ଅଭିମାନିନୀ ରାଧା | ୧୨୨ |
| ୭୭ | ଜ୍ୟୋତିର୍ମୟୀ ମହାଲିକ | ସଂଘର୍ଷ ଓ ପ୍ରେରଣାର ଗୋଲାପ | ୧୨୪ |
| ୭୮ | ସଦାଶିବ ବେହେରା | ଜନନୀର ସ୍ମୃତିସ୍ପର୍ଶ | ୧୨୫ |
| ୭୯ | ଅଶୋକ କୁମାର ନାୟକ | ଅଧରେ ବଂଶୀ, ହୃଦୟେ ରାଧା | ୧୨୬ |
| ୮୦ | ରାଜଶ୍ରୀ ସାହୁ | ଏ ମାଟିର ପବିତ୍ର ମନ୍ଦିର | ୧୨୭ |
| ୮୧ | ନିରୁପମା ମିଶ୍ର | ସ୍ମୃତି ତୁମ ପାଇଁ ପଦେ | ୧୨୮ |
| ୮୨ | ସତ୍ୟନାରାୟଣ ପ୍ରଧାନ | କୃଷ୍ଣ କର୍ତ୍ତୃକ ବକାସୁର ବଧ | ୧୨୯ |
| ୮୩ | ପ୍ରତିମା ଶତପଥି | ଜୟ ମା ଦୁର୍ଗା | ୧୩୦ |
| ୮୪ | ବିକାଶ ରଞ୍ଜନ ନାୟକ | ବାପା ତୁମ ବିନା | ୧୩୧ |
| ୮୫ | ଶୁଭସ୍ମିତା ନାୟକ | ଗଛ ଯେବେ କଥା କୁହେ | ୧୩୨ |
| ୮୬ | ସନ୍ତୋଷ କୁମାର ସାହୁ | ବିଶ୍ୱାସୀ ବନ୍ଧୁ | ୧୩୩ |
| ୮୭ | ସୁଜିତ୍ କୁମାର ମିଶ୍ର | ଚନ୍ଦ୍ରମଲ୍ଲୀ ତପସ୍ୱିନୀ | ୧୩୪ |

| | | | |
|---|---|---|---|
| ୮୮ | ଶିଶିର କୁମାର ପଣ୍ଡା | ବିଦେଶରେ ରହେ ପୁଅ | ୧୩୫ |
| ୮୯ | ତ୍ରିନାଥ ପଟ୍ଟନାୟକ | ପ୍ରଥମ ପ୍ରେମ | ୧୩୬ |
| ୯୦ | ଗୋଲୋକବିହାରୀ ବେହେରା | ପ୍ରୀତି ଦିଶେ ଅପରୂପ | ୧୩୭ |
| ୯୧ | ଜୟନ୍ତ ଦାସ ପ୍ରଫୁଲ୍ଲ | ଫେରାଇ ଦିଅ ପ୍ରଭୁ | ୧୩୮ |
| ୯୨ | ଆଲୋକ କୁମାର ମୁଦୁଲି | ସମୟ ସ୍ରୋତରେ ଲେଖକ | ୧୩୯ |
| ୯୩ | ପୂଜାରାଣୀ ମଙ୍ଗରାଜ | ବିଦ୍ୟା | ୧୪୦ |
| ୯୪ | ଶୁଭଲକ୍ଷ୍ମୀ ବେହେରା | ହେ' ସଂକ୍ରାନ୍ତି ମଉଡ ମଣି | ୧୪୧ |
| ୯୫ | ମୋନାଲିସା ଛୋଟରାୟ | ପୁରୁଷର ଅକୁହା ବେଦନା | ୧୪୪ |
| ୯୬ | ଗାୟତ୍ରୀ ମାହେଶ୍ୱରୀ ମଙ୍ଗରାଜ | ପଣତକାନିର ସେଇ ମେଘୁଆ ଛାଇ | ୧୪୫ |
| ୯୭ | ପ୍ରିୟଙ୍କା ସାହୁ | ହଁ ମୁଁ କବିତା ଲେଖେ | ୧୪୬ |
| ୯୮ | ଦିପ୍ସା ତ୍ରିପାଠୀ | ମୌନତାର କୋଣାର୍କ | ୧୪୭ |
| ୯୯ | ଜୟକୃଷ୍ଣ କର | ଉତ୍କଳ ସନ୍ତାନ | ୧୪୮ |
| ୧୦୦ | ମାନସୀ ମଞ୍ଜରୀ ସାମଲ | ମୋ' ସ୍ୱପ୍ନର ଓଡ଼ିଶା | ୧୪୯ |
| ୧୦୧ | ଶକ୍ତି ମେହେର | ମୋ ଜଗନ୍ନାଥ | ୧୫୦ |
| ୧୦୨ | ମମତା ବଗର୍ତ୍ତୀ | ଅଶ୍ରୁ ଧାର | ୧୫୧ |
| ୧୦୩ | ତପସ୍ୱିନୀ ସାହୁ | ସ୍ୱପ୍ନଭାଟି | ୧୫୨ |
| ୧୦୪ | ସୂର୍ଯ୍ୟକାନ୍ତି ଭବାନୀ | ସମର୍ପିତ ଫୁଲ | ୧୫୩ |
| ୧୦୫ | ପୁଷ୍ପିତା ପ୍ରଧାନ | ବର୍ଷା | ୧୫୪ |
| ୧୦୬ | ସୁଭଦ୍ରା ତରେଇ | ତ୍ୟାଗର ଦେବୀ | ୧୫୫ |
| ୧୦୭ | ସସ୍ମିତା ତ୍ରିପାଠୀ | ଅଗଷ୍ଟ କ୍ରାନ୍ତି | ୧୫୭ |
| ୧୦୮ | ପୂଜା ବାରିକ୍ | ସ୍ୱପ୍ନ | ୧୫୮ |
| | **ଅଭିନନ୍ଦନ ପୃଷ୍ଠା** | | ୧୫୯ |
| | **ବିଜ୍ଞାପନ ପୃଷ୍ଠା** | | ୧୬୪ |


ମହ୍ଲାର
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...

## ଆଜିର ଧୈର୍ଯ୍ୟ, କାଲିର ସଫଳତା...



**ସୁଶାନ୍ତ କୁମାର ସାସମଲ**
ହନୁମାନ ନଗର, ଆସ୍କା ରୋଡ଼,
ବ୍ରହ୍ମପୁର, ଗଞ୍ଜାମ

**ଧୈ**ର୍ଯ୍ୟ ମଣିଷ ଜୀବନର ଏକ ବଡ଼ ଗୁଣ। ଜୀବନରେ ସଫଳତା ପାଇବା ପାଇଁ ଜ୍ଞାନ, ପରିଶ୍ରମ ଓ ଦକ୍ଷତା ଯେତିକି ଦରକାର, ଧୈର୍ଯ୍ୟ ମଧ୍ୟ ସେତିକି ଦରକାର। ଆଜି କାଲିର ଦୁନିଆ ବହୁତ ଦ୍ରୁତ ଗତିରେ ଚାଲୁଛି। ସମସ୍ତେ ସବୁକିଛି ତୁରନ୍ତ ପାଇବାକୁ ଚାହୁଁଛନ୍ତି। ମୋବାଇଲରେ ଏକ କ୍ଲିକ୍‌ରେ ଖବର ମିଳୁଛି, ଘରେ ବସି ଜିନିଷ ଆସିଯାଉଛି, କିଛି ସେକେଣ୍ଡରେ ଦୂର ଲୋକଙ୍କ ସହ କଥା ହୋଇପାରୁଛି। ଏହି ତୁରନ୍ତ ପାଇବାର ଅଭ୍ୟାସ ଆମ ମନକୁ ମଧ୍ୟ ଅଧୈର୍ଯ୍ୟ କରିଦେଉଛି। କିନ୍ତୁ ପ୍ରକୃତି ଆମକୁ ଶିଖାଏ ଭଲ ଜିନିଷ ପାଇଁ ସମୟ ଦେବାକୁ ପଡ଼େ।

ଧୈର୍ଯ୍ୟର ଅର୍ଥ ହେଉଛି କଷ୍ଟ ଓ ବିପଦ ସମୟରେ ଭାଙ୍ଗି ନପଡ଼ି ଶାନ୍ତ ରହିବା ଏବଂ ନିଜ ଲକ୍ଷ୍ୟ ଆଡ଼କୁ ଆଗେଇ ଚାଲିବା। ଧୈର୍ଯ୍ୟ ମାନେ ହାତ ଉପରେ ହାତ ରଖି ବସି ରହିବା ନୁହେଁ। ଧୈର୍ଯ୍ୟ ମାନେ ପରିଶ୍ରମ କରି ଫଳ ପାଇଁ ଅପେକ୍ଷା କରିବା। ବିଫଳତା ଆସିଲେ ମଧ୍ୟ ପୁଣି ଚେଷ୍ଟା କରିବା।

ଏକ ଚାଷୀ ବିହନ ବୁଣିବା ପରେ ପରଦିନ ଫସଲ ଆଶା କରେ ନାହିଁ। ସେ ଜମିକୁ ଯତ୍ନ କରେ, ପାଣି ଦିଏ, ଖତ ଦିଏ ଏବଂ ଫସଲ ବଢ଼ିବାକୁ ଅପେକ୍ଷା କରେ। କିଛି ମାସ ପରେ ତାଙ୍କ ପରିଶ୍ରମର ଫଳ ମିଳେ। ଠିକ୍ ସେହିପରି ଜୀବନରେ ମଧ୍ୟ ସଫଳତାର ବିହନ ବୁଣିବା ପରେ ତାହାକୁ ସମୟ, ପରିଶ୍ରମ ଓ ଧୈର୍ଯ୍ୟରେ ବଢ଼ାଇବାକୁ ପଡ଼େ। ଆଜିର ମଣିଷ ଅପେକ୍ଷା କରିବାକୁ ଭୁଲିଯାଉଛି। ଛାତ୍ରଛାତ୍ରୀମାନେ ପଢ଼ିବାରେ ଶୀଘ୍ର ଫଳ ଚାହୁଁଛନ୍ତି। କେହି ଗୋଟିଏ ଦିନ ପରିଶ୍ରମ କରି ସଫଳତା ଆଶା କରୁଛନ୍ତି। କେହି ବ୍ୟବସାୟ ଆରମ୍ଭ କରି ତୁରନ୍ତ ଲାଭ ଚାହୁଁଛନ୍ତି। କେହି ଗୋଟିଏ ଦୁଇଥର ବିଫଳ ହୋଇ ଚେଷ୍ଟା ଛାଡ଼ି ଦେଉଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଧୈର୍ଯ୍ୟର ଅଭାବ। ଆମେ ମନେ ରଖିବା ଦରକାର ଯେ, ଗଛ ଲଗାଇଲେ ସେହି ଦିନ ଛାଇ ମିଳେ ନାହିଁ। ପ୍ରଥମେ ଚାରା ଲଗାଇବାକୁ ପଡ଼େ, ପରେ ତାହାର ଯତ୍ନ ନେବାକୁ ପଡ଼େ। ସମୟ ସହିତ ଗଛ ବଡ଼ ହୁଏ ଏବଂ ଦିନେ ଆମକୁ ଛାଇ ଓ ଫଳ ଦିଏ। ଜୀବନ ମଧ୍ୟ ଏହିପରି।

ଛାତ୍ରଜୀବନ ହେଉଛି ଭବିଷ୍ୟତ ଗଢ଼ିବାର ସମୟ। ପଢ଼ାରେ ଭଲ କରିବା ପାଇଁ ନିୟମିତ ପରିଶ୍ରମ ଦରକାର। ଗୋଟିଏ ଦିନ ପଢ଼ିଲେ ବଡ଼ ଜ୍ଞାନୀ ହୋଇ ହେବ ନାହିଁ। ପ୍ରତିଦିନ ଅଳ୍ପ ଅଳ୍ପ କରି ପଢ଼ିବାକୁ ପଡ଼େ। କୌଣସି ବିଷୟ ବୁଝି ନପାରିଲେ ନିରାଶ ହେବା ଉଚିତ ନୁହେଁ। ପୁଣି ପଢ଼ିବା, ଶିକ୍ଷକଙ୍କୁ ପଚାରିବା ଓ ଅଭ୍ୟାସ କରିବା ଦରକାର।ପରୀକ୍ଷାରେ କମ୍ ନମ୍ବର ଆସିଲେ ମଧ୍ୟ ଜୀବନ ଶେଷ ହୋଇଯାଏ ନାହିଁ। ସେହି ଫଳକୁ ନିଜ ଭୁଲ ବୁଝିବାର ଏକ ସୁଯୋଗ ଭାବେ ନେବା ଉଚିତ। ଆଜିର ବିଫଳତାକୁ ଧୈର୍ଯ୍ୟରେ ସହି ଆସନ୍ତାକାଲି ଅଧିକ ଭଲ କରିବାର ଚେଷ୍ଟା କଲେ ନିଶ୍ଚୟ ସଫଳତା ମିଳିବ।

ଜୀବନରେ ସବୁବେଳେ ସଫଳତା ମିଳେ ନାହିଁ। ବେଳେବେଳେ ବିଫଳତା ମଧ୍ୟ ଆସେ। ବିଫଳତା ଆମକୁ ଦୁଃଖ ଦିଏ, କିନ୍ତୁ ଏହା ଆମକୁ ଅନେକ କଥା ଶିଖାଏ। ଯେଉଁ ମଣିଷ ବିଫଳତା ପରେ ମଧ୍ୟ ଚେଷ୍ଟା ଜାରି ରଖେ, ସେ ଦିନେ ନା ଦିନେ ସଫଳ ହୁଏ।

ଅନେକ ମହାନ ବ୍ୟକ୍ତି ଜୀବନରେ ବହୁଥର ବିଫଳ ହୋଇଥିଲେ। କିନ୍ତୁ ସେମାନେ ହାର ମାନିନଥିଲେ। ସେମାନଙ୍କର ଧୈର୍ଯ୍ୟ ଓ ନିରନ୍ତର ପ୍ରୟାସ ହିଁ ସେମାନଙ୍କୁ ସଫଳତାର ଶିଖରକୁ ନେଇଥିଲା। ତେଣୁ ବିଫଳତାକୁ ଭୟ କରିବା ନୁହେଁ; ବିଫଳତାରୁ ଶିଖି ପୁଣି ଆଗକୁ ବଢ଼ିବା ଦରକାର।

ଧୈର୍ଯ୍ୟ ଏକାକୀ ସଫଳତା ଦେଇପାରେ ନାହିଁ। ଧୈର୍ଯ୍ୟ ସହିତ ପରିଶ୍ରମ ମଧ୍ୟ ଦରକାର। ଯଦି ଆମେ କେବଳ ଅପେକ୍ଷା କରିବା ଏବଂ କୌଣସି କାମ ନକରିବା, ତେବେ ସଫଳତା ଆସିବ ନାହିଁ। ତେଣୁ ଠିକ୍ ଲକ୍ଷ୍ୟ ରଖି ନିୟମିତ ପରିଶ୍ରମ କରିବା ସହିତ ଧୈର୍ଯ୍ୟ ଧରିବା ଆବଶ୍ୟକ।

ଆଜି ଯେଉଁ ଛୋଟ ପ୍ରୟାସ କରୁଛୁ, ସେହି ପ୍ରୟାସ ହୁଏତ ଆଜି ଆମକୁ ବଡ଼ ଫଳ ଦେବ ନାହିଁ। କିନ୍ତୁ ସେହି ପ୍ରୟାସ ଆମ ଭବିଷ୍ୟତକୁ ଧୀରେ ଧୀରେ ଗଢ଼ିବ। ଏକ ଛୋଟ ପଦକ୍ଷେପ ହିଁ ଦିନେ ଏକ ବଡ଼ ଯାତ୍ରାର ରୂପ ନେଇଥାଏ।

ଧୈର୍ଯ୍ୟ କେବଳ ପଢ଼ା, ଚାକିରି କିମ୍ବା ବ୍ୟବସାୟ ପାଇଁ ଦରକାର ନୁହେଁ। ପରିବାର ଓ ସମାଜରେ ମଧ୍ୟ ଏହାର ଆବଶ୍ୟକତା ଅଛି। ଅନେକ ସମୟରେ ଛୋଟ କଥାକୁ ନେଇ ରାଗ ହୋଇଯାଏ। ଯଦି ଆମେ ତୁରନ୍ତ କଥା ନକହି କିଛି ସମୟ ଶାନ୍ତ ରହିବା, ତେବେ ଅନେକ ବଡ଼ ଝଗଡ଼ା ଏଡ଼ାଇ ପାରିବା। ଧୈର୍ଯ୍ୟ ଆମକୁ ଶୁଣିବା, ବୁଝିବା ଓ କ୍ଷମା କରିବା ଶିଖାଏ।

ପ୍ରକୃତି ଆମକୁ ପ୍ରତିଦିନ ଧୈର୍ଯ୍ୟର ଶିକ୍ଷା ଦିଏ। ସୂର୍ଯ୍ୟ ପ୍ରତିଦିନ ଧୀରେ ଧୀରେ ଉଦୟ ହୁଏ। ଫୁଲ ଏକ ଦିନରେ ଫୁଟେ ନାହିଁ। ନଦୀ ଧୀରେ ଧୀରେ ବହି ନିଜ ପଥ ତିଆରି କରେ। ପାହାଡ଼ ମଧ୍ୟ ବର୍ଷା ଓ ପବନର ଆଘାତ ସହି ଦୃଢ଼ ଭାବେ ଠିଆ ରହେ। ଏସବୁ ଆମକୁ କହେ ଯେ, ସମୟ ଲାଗିଲେ ମଧ୍ୟ ଆମେ ଆମର ଭଲ କାମ ଜାରି ରଖିବା ଉଚିତ।
ଜୀବନ ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାରେ ସବୁକିଛି ତୁରନ୍ତ ମିଳିବ ନାହିଁ। କେବେ ସଫଳତା ମିଳିବ, କେବେ ବିଫଳତା ଆସିବ। କେବେ ଆମ ପଥ ସହଜ ହେବ, କେବେ ପଥରେ କଣ୍ଟା ମିଳିବ। ଏହି ସବୁ ପରିସ୍ଥିତିରେ ଧୈର୍ଯ୍ୟ ହିଁ ଆମକୁ ଆଗକୁ ନେଇଯିବ। ତେଣୁ ଆମେ ଆଜିର କଷ୍ଟକୁ ଭୟ ନକରିବା, ଆଜିର ପରିଶ୍ରମକୁ ଛୋଟ ନଭାବିବା ଏବଂ ଆଜିର ଅପେକ୍ଷାକୁ ବ୍ୟର୍ଥ ନମଣିବା। ଆଜି ଯେଉଁ ବିହନ ବୁଣିବୁ, କାଲି ସେହି ବିହନରୁ ସଫଳତାର ଗଛ ଗଢ଼ି ଉଠିବ। ଆଜିର ଧୈର୍ଯ୍ୟ, ଆଜିର ପରିଶ୍ରମ ଓ ଆଜିର ଆଶା ହିଁ କାଲିର ସଫଳତାର ମୂଳଦୁଆ।

ସତରେ, ଆଜି ଧୈର୍ଯ୍ୟ ଧରି ଆଗକୁ ବଢ଼ିଲେ, କାଲି ସଫଳତା ନିଶ୍ଚୟ ଆମ ଦ୍ୱାରକୁ ଆସିବ।

# କୃତ୍ରିମ ବୁଦ୍ଧିମତା : ମାନବୀୟ ମୂଲ୍ୟବୋଧ ର ମିତ୍ର ନା ଶତ୍ରୁ ?...



ରତି ରଞ୍ଜନ ମହାପାତ୍ର
ବଡ଼ପାଟସୁନ୍ଦରପୁର,
କଟକ

ମାନବ ସଭ୍ୟତାର ଉନ୍ମେଷ କାଳରୁ ଆଜି ପର୍ଯ୍ୟନ୍ତ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ମଣିଷର ଅସୀମ ଜିଜ୍ଞାସା ଓ ସନ୍ଧିତ୍ସୁ ମନୋଭାବ ହିଁ ତାକୁ ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବରେ ପ୍ରତିଷ୍ଠା କରିଛି। ଆଦିମ ଅବସ୍ଥାରେ ପ୍ରସ୍ତରର ଘର୍ଷଣରୁ ଅଗ୍ନି ସଂଯୋଗ, ଚକର ଉଦ୍ଭାବନ, କୃଷି କ୍ରାନ୍ତି, ଶିଳ୍ପ ବିପ୍ଳବ ଏବଂ ପରବର୍ତ୍ତୀ ସମୟରେ ବିଂଶ ଶତାବ୍ଦୀର କମ୍ପ୍ୟୁଟର ଓ ଇଣ୍ଟରନେଟ୍ ଆଗମନ ମାନବ ଜୀବନଧାରଣ ପ୍ରଣାଳୀରେ ଆଣିଦେଇଥିଲା ଏକ ଅଭୁତପୂର୍ବ ପରିବର୍ତ୍ତନ। କିନ୍ତୁ ଏକବିଂଶ ଶତାବ୍ଦୀର ସମକାଳୀନ ପରିପ୍ରେକ୍ଷୀରେ ଯେଉଁ ବୈଜ୍ଞାନିକ ଉପଲବ୍ଧି ସମଗ୍ର ବିଶ୍ୱର ବୌଦ୍ଧିକ ଚେତନାକୁ ସବୁଠାରୁ ଅଧିକ ଆନ୍ଦୋଳିତ କରିଛି, ତାହା ହେଉଛି କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ। ମଣିଷ ନିଜର ବୌଦ୍ଧିକ ସାମର୍ଥ୍ୟ ଓ ପ୍ରଜ୍ଞା ବଳରେ ଏପରି ଏକ ଯାନ୍ତ୍ରିକ ପ୍ରଣାଳୀର ବିକାଶ କରିଛି, ଯାହା କେବଳ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶ ପାଳନ କରେ ନାହିଁ, ବରଂ ନିଜେ ଶିକ୍ଷା ଲାଭ କରେ, ଜଟିଳ ତଥ୍ୟାବଳୀର ସୂକ୍ଷ୍ମ ବିଶ୍ଳେଷଣ କରେ ଏବଂ ସ୍ୱାଧୀନ ଭାବରେ ସିଦ୍ଧାନ୍ତ ଗ୍ରହଣ କରିବାର ଦକ୍ଷତା ପ୍ରଦର୍ଶନ କରେ। ଏହି ଯୁଗାନ୍ତକାରୀ ବୈଷୟିକ ଉନ୍ମେଷ ମାନବ ସମାଜ ସମ୍ମୁଖରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, ଏହି ଅଦ୍ଭୁତ ଶକ୍ତି ମାନବ ଜୀବନର ଏକ ଅଭିନ୍ନ ତଥା ପରମ ହିତୈଷୀ ସାଥୀ ରୂପେ ପ୍ରମାଣିତ ହେବ, ନା କାଳକ୍ରମେ ମାନବୀୟ ଅସ୍ତିତ୍ୱ ପ୍ରତି ଏକ ଚରମ ସଙ୍କଟ ବା ଶତ୍ରୁ ଭାବରେ ଉଭା ହେବ।
କୃତ୍ରିମ ବୁଦ୍ଧିମତ୍ତାର ଐତିହାସିକ ଗତିପଥକୁ ଅନୁଶୀଳନ କଲେ ଜଣାଯାଏ ଯେ ଏହା କୌଣସି ଆକସ୍ମିକ ଆବିଷ୍କାର ନୁହେଁ, ବରଂ ଦୀର୍ଘ ଦଶନ୍ଧି ଧରି ଚାଲିଥିବା ଗବେଷଣାର ଏକ ଉତ୍କୃଷ୍ଟ ଫଳଶ୍ରୁତି। ବିଂଶ ଶତାବ୍ଦୀର ମଧ୍ୟଭାଗରେ ଗଣିତଜ୍ଞ ଆଲାନ୍ ଟ୍ୟୁରିଙ୍ଗ୍ ଯନ୍ତ୍ରର ଚିନ୍ତନ କ୍ଷମତାକୁ ମାପିବା ପାଇଁ ଟ୍ୟୁରିଙ୍ଗ୍ ପରୀକ୍ଷଣର ପରିକଳ୍ପନା କରିଥିଲେ। ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ଆମେରିକାର ଡାର୍ଟମାଉଥ୍ ସମ୍ମିଳନୀରେ ଜନ୍ ମ୍ୟାକକାର୍ଥିଙ୍କ ଦ୍ୱାରା ଏହି ସଂଜ୍ଞା ଆନୁଷ୍ଠାନିକ ଭାବରେ ଗୃହୀତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା କେବଳ ସାଧାରଣ ଗାଣିତିକ ଗଣନା ଏବଂ ତର୍କଶାସ୍ତ୍ର ମଧ୍ୟରେ ସୀମିତ ଥିବା ବେଳେ ଏକବିଂଶ ଶତାବ୍ଦୀରେ ଡାଟା ପ୍ରକ୍ରିୟାକରଣର ଦ୍ରୁତ ବିସ୍ତାର, ଶକ୍ତିଶାଳୀ ପ୍ରୋସେସର ଏବଂ ନ୍ୟୁରାଲ୍ ନେଟୱାର୍କର ବିକାଶ ଫଳରେ ଏହା ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ ଓ ଜେନେରେଟିଭ୍ ଏଆଇ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛି। ଆଜିର ଯନ୍ତ୍ର କେବଳ ଗଣନା କରୁନାହିଁ, ବରଂ ମାନବ ଭାଷା ବୁଝିବା, ଚିତ୍ର ଅଙ୍କନ କରିବା, କବିତା ରଚନା କରିବା ଏବଂ ମାନବ ମସ୍ତିଷ୍କ ପରି ଅନୁଭବପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବାକୁ ସମର୍ଥ ହେଉଛି।

ମାନବ ଜୀବନର ଏକ ବିଶ୍ୱସ୍ତ ସହଯୋଗୀ ଭାବରେ କୃତ୍ରିମ ବୁଦ୍ଧିମତ୍ତାର ଅବଦାନ ଅତ୍ୟନ୍ତ ବ୍ୟାପକ ଓ ମହତ୍ତ୍ୱପୂର୍ଣ୍ଣ। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ପ୍ରୟୋଗ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛି। ରୋଗ ନିରୂପଣ ପ୍ରକ୍ରିୟାରେ କମ୍ପ୍ୟୁଟର ଭିଜନ ଏବଂ ଏଆଇ ଆଲଗୋରିଦମ୍ ଏକ୍ସ-ରେ, ଏମ.ଆର.ଆଇ ଓ ସିଟି ସ୍କାନ ଭଳି ଜଟିଳ

ଡାକ୍ତରୀ ପରୀକ୍ଷାରୁ କର୍କଟ, ହୃଦରୋଗ ତଥା ମସ୍ତିଷ୍କ ସମ୍ବନ୍ଧୀୟ ସୂକ୍ଷ୍ମ ବ୍ୟାଧିଗୁଡ଼ିକୁ ଅତି ପ୍ରାଥମିକ ପର୍ଯ୍ୟାୟରେ ଠାବ କରିପାରୁଛି। ଯେଉଁ କ୍ଷେତ୍ରରେ ଅଭିଜ୍ଞ ଚିକିତ୍ସକଙ୍କ ଆଖି ମଧ୍ୟ ଭ୍ରମିତ ହେବାର ସମ୍ଭାବନା ଥାଏ, ସେଠାରେ ଏଆଇ ସଠିକତାର ସହିତ ବିପଦ ଚିହ୍ନଟ କରୁଛି। ଔଷଧ ନିର୍ମାଣ ଓ ଜୈବିକ ଅଣୁଗୁଡ଼ିକର ସଂରଚନା ବିଶ୍ଳେଷଣ କ୍ଷେତ୍ରରେ ଯେଉଁ ଗବେଷଣା ପାଇଁ ଦଶନ୍ଧି ଦଶନ୍ଧି ସମୟ ଅତିବାହିତ ହେଉଥିଲା, ତାହା ଆଜି ଅଳ୍ପ କିଛି ସପ୍ତାହ ମଧ୍ୟରେ ସମ୍ପାଦିତ ହୋଇପାରୁଛି। ଜଟିଳ ଶଲ୍ୟଚିକିତ୍ସା କ୍ଷେତ୍ରରେ ରୋବୋଟିକ୍ ସର୍ଜରୀ ସହାୟତା ଡାକ୍ତରମାନଙ୍କ କାର୍ଯ୍ୟଦକ୍ଷତାକୁ ଏକ ନୂତନ ଉଚ୍ଚତା ପ୍ରଦାନ କରିବା ସହ ରୋଗୀର ଆରୋଗ୍ୟ ଲାଭ ପ୍ରକ୍ରିୟାକୁ ଦ୍ରୁତଗାମୀ କରିଛି।
ଶିକ୍ଷା ଓ ଜ୍ଞାନ ବିତରଣ କ୍ଷେତ୍ରରେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ଏକ ବିରାଟ ସାମାଜିକ ବିପ୍ଳବ ଆଣିଦେଇଛି। ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଏକକ ପାଠ୍ୟକ୍ରମ ବ୍ୟବହୃତ ହେଉଥିବା ବେଳେ ଏଆଇ ଆଧାରିତ ଶିକ୍ଷା ପ୍ରଣାଳୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଗ୍ରହଣ ଶକ୍ତି, ରୁଚି ଏବଂ ଦୁର୍ବଳତାକୁ ଚିହ୍ନଟ କରି ବ୍ୟକ୍ତିଗତ ଶିକ୍ଷାଦାନର ସୁବିଧା ଯୋଗାଇ ଦେଉଛି। ପୃଥିବୀର ଯେକୌଣସି କୋଣରେ ବସି ଜଣେ ଗ୍ରାମୀଣ ଛାତ୍ର ବିଶ୍ୱସ୍ତରୀୟ ଜ୍ଞାନ ଆହରଣ କରିପାରୁଛି। ଭାଷାଗତ ବ୍ୟବଧାନକୁ ଦୂର କରିବାରେ ବାସ୍ତବ ସମୟରେ କାର୍ଯ୍ୟ କରୁଥିବା ଅନୁବାଦ ପ୍ରଣାଳୀ ଏକ ଅପୂର୍ବ ସେତୁ ନିର୍ମାଣ କରିଛି। ଯାହାଫଳରେ ବିଜ୍ଞାନ, ସାହିତ୍ୟ ଓ ଦର୍ଶନର ଗୂଢ଼ ତତ୍ତ୍ୱ ସ୍ଥାନୀୟ ମାତୃଭାଷାରେ ଉପଲବ୍ଧ ହୋଇ ଜ୍ଞାନର ସାର୍ବଜନୀନତା ସୁନିଶ୍ଚିତ ହେଉଛି।

କୃଷି, ଶିଳ୍ପ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଏଆଇର ଭୂମିକା ଅତୁଳନୀୟ। ସଠିକ୍ କୃଷି ପଦ୍ଧତି ମାଧ୍ୟମରେ ସାଟେଲାଇଟ୍ ଚିତ୍ର ଏବଂ ଡ୍ରୋନ୍ ବ୍ୟବହାର କରି ମାଟିର ଗୁଣବତ୍ତା, ଆର୍ଦ୍ରତା, ପୋଷକ ତତ୍ତ୍ୱ ଏବଂ ଫସଲର ରୋଗ ସମ୍ବନ୍ଧରେ ଆଗୁଆ ସୂଚନା ମିଳୁଛି। ଏହା କୃଷକମାନଙ୍କୁ କୀଟନାଶକ ଓ ଜଳର ଅପଚୟ ରୋକିବା ସହ ଉତ୍ପାଦନ ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ଝଡ଼, ବନ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ପୂର୍ବାନୁମାନ କରି ଏଆଇ ବିପର୍ଯ୍ୟୟ ପରିଚାଳନାରେ ଏକ ରକ୍ଷାକବଚ ସଦୃଶ କାର୍ଯ୍ୟ କରୁଛି। ଶିଳ୍ପ କ୍ଷେତ୍ରରେ ସ୍ୱୟଂଚାଳିତ ଉତ୍ପାଦନ ପ୍ରକ୍ରିୟା, ଯୋଗାଣ ଶୃଙ୍ଖଳାର ପରିଚାଳନା ଏବଂ ବିପଦପୂର୍ଣ୍ଣ କାର୍ଯ୍ୟରେ ଯନ୍ତ୍ରମାନବର ବ୍ୟବହାର ମାନବ ଶ୍ରମିକମାନଙ୍କୁ ପ୍ରାଣଘାତୀ ଦୁର୍ଘଟଣାରୁ ମୁକ୍ତି ଦେଇଛି।

ଅନ୍ୟପକ୍ଷରେ, ଏହି ମୁଦ୍ରାର ଅପର ପାର୍ଶ୍ୱଟି ଅତ୍ୟନ୍ତ ଭୟାନକ ତଥା ଚିନ୍ତାଜନକ। କୃତ୍ରିମ ବୁଦ୍ଧିମତ୍ତାର ଅପରିମିତ ବିକାଶ ମାନବ ସମାଜ ଆଗରେ ଏପରି କିଛି ଆହ୍ୱାନ ଠିଆ କରିଛି, ଯାହା ମାନବ ସଭ୍ୟତାର ଭବିଷ୍ୟତକୁ ସନ୍ଦେହ ଘେରକୁ ଠେଲି ଦେଉଛି। ସବୁଠାରୁ ବଡ଼ ସାମାଜିକ ଓ ଆର୍ଥିକ ବିପଦ ହେଉଛି ବ୍ୟାପକ କର୍ମସଂସ୍ଥାନ ହ୍ରାସ। ଯେଉଁ କାର୍ଯ୍ୟ ପାଇଁ ଶହ ଶହ ମଣିଷଙ୍କ ଶ୍ରମ ଆବଶ୍ୟକ ହେଉଥିଲା, ସେଠାରେ ଗୋଟିଏ ଏଆଇ ପ୍ରୋଗ୍ରାମ ଅଳ୍ପ ସମୟ ମଧ୍ୟରେ ତ୍ରୁଟିଶୂନ୍ୟ ଭାବେ ତାହା ସମ୍ପାଦନ କରିପାରୁଛି। କାରଖାନାର ଶ୍ରମିକଙ୍କଠାରୁ ଆରମ୍ଭ କରି କମ୍ପ୍ୟୁଟର ପ୍ରୋଗ୍ରାମର, ଡାଟା ବିଶ୍ଳେଷକ, ଗ୍ରାହକ ସେବା ପ୍ରତିନିଧି ଏପରିକି ଆଇନ ଓ ପ୍ରଶାସନିକ କ୍ଷେତ୍ରର କର୍ମଚାରୀମାନେ ନିଜର ଜୀବିକା ହରାଇବାର ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଏହା ବିଶ୍ୱ ଅର୍ଥନୀତିରେ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଆହୁରି ଗଭୀର କରି ସାମାଜିକ ଅସ୍ଥିରତା ସୃଷ୍ଟି କରିବାର ସମ୍ଭାବନା ରଖେ।

ଏହା ବ୍ୟତୀତ ସାଇବର ସୁରକ୍ଷା, ବ୍ୟକ୍ତିଗତ ଗୋପନୀୟତା ଏବଂ ସାମାଜିକ ବିଭ୍ରାନ୍ତି ସୃଷ୍ଟିରେ ଏଆଇର ଅପବ୍ୟବହାର ଏକ ଚରମ ବିପଦ ଭାବରେ ପ୍ରକାଶ ପାଇଛି। 'ଡିପଫେକ୍' ଭଳି ଉନ୍ନତ ପ୍ରଯୁକ୍ତି ମାଧ୍ୟମରେ କୌଣସି ବ୍ୟକ୍ତିଙ୍କ ଚେହେରା, କଣ୍ଠସ୍ୱର ଓ ଆଚରଣକୁ ନକଲ କରି ମିଥ୍ୟା ଭିଡିଓ ଓ ଅଡିଓ ପ୍ରସ୍ତୁତ କରାଯାଉଛି। ଏହା ରାଜନୈତିକ ନିର୍ବାଚନକୁ ପ୍ରଭାବିତ କରିବା, ସାମାଜିକ ଦଙ୍ଗା ସୃଷ୍ଟି କରିବା ଏବଂ ବ୍ୟକ୍ତିଗତ ସମ୍ମାନ ହାନି କରିବାରେ ବ୍ୟବହୃତ ହେଉଛି। ସେହିପରି ବିଶାଳ ପରିମାଣର ଡାଟା ଉପରେ ଏଆଇର ଅଧିକାର ଯୋଗୁଁ ନାଗରିକମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ଗୋପନୀୟତା କ୍ରମାଗତ ଭାବେ ଉଲ୍ଲଂଘିତ ହେଉଛି। ପ୍ରତ୍ୟେକ ବ୍ୟକ୍ତିର ପସନ୍ଦ, ଅପସନ୍ଦ, ଗତିବିଧି ଓ ଚିନ୍ତାଧାରାକୁ ଆଲଗୋରିଦମ୍ ଦ୍ୱାରା ନିୟନ୍ତ୍ରିତ କରାଯାଉଛି, ଯାହା ମାନବୀୟ ସ୍ୱତନ୍ତ୍ରତା ପ୍ରତି ଏକ କୁଠାରାଘାତ। ମାନବୀୟ ମନସ୍ତତ୍ତ୍ୱ ଓ ସୃଜନଶୀଳତା ଉପରେ ଏଆଇର ପ୍ରଭାବ ଆହୁରି ଗଭୀର। ମଣିଷ ଯେତେବେଳେ ପ୍ରତ୍ୟେକ ଛୋଟବଡ଼ ନିଷ୍ପତ୍ତି, ଲେଖା, ଚିନ୍ତା ଏବଂ ଗଣନା ପାଇଁ କମ୍ପ୍ୟୁଟର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡ଼ିବ, ସେତେବେଳେ ମାନବ ମସ୍ତିଷ୍କର ମୌଳିକ କଳ୍ପନାଶକ୍ତି, ସମସ୍ୟା ସମାଧାନ ଦକ୍ଷତା ଏବଂ ବୌଦ୍ଧିକ ଧୈର୍ଯ୍ୟ ଧୀରେ ଧୀରେ ମଉଳିଯିବ। ମାନବୀୟ ସମ୍ବେଦନଶୀଳତା, କରୁଣା, ପ୍ରେମ ଏବଂ ବିବେକ ଭଳି ମୂଲ୍ୟବୋଧଗୁଡ଼ିକ ଯନ୍ତ୍ର ଭିତରେ ଖୋଜିବା ଅସମ୍ଭବ। ଯନ୍ତ୍ର କେବଳ ତଥ୍ୟ ଓ ଆଲଗୋରିଦମ୍ ଆଧାରରେ ହିସାବ ନିକାଶ କରିପାରେ, କିନ୍ତୁ ଏହାର କୌଣସି ଆତ୍ମା ବା ନୈତିକ ଚେତନା ନଥାଏ।

ସମର ବିଜ୍ଞାନ ଓ ପ୍ରତିରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସବୁଠାରୁ ବିନାଶକାରୀ ବିପଦ ଭାବରେ ଦେଖାଦେଇଛି। ସ୍ୱୟଂଚାଳିତ ମାରଣାସ୍ତ୍ର (Autonomous Weapons) ଯଦି ମାନବୀୟ ନିୟନ୍ତ୍ରଣ ବାହାରେ କାର୍ଯ୍ୟ କରିବା ଆରମ୍ଭ କରନ୍ତି, ତେବେ କୌଣସି ସୂକ୍ଷ୍ମ ବୈଷୟିକ ତ୍ରୁଟି କିମ୍ବା ଆଲଗୋରିଦମିକ ଭୁଲ ଯୋଗୁଁ ଅକଳ୍ପନୀୟ ଧନଜୀବନ ନଷ୍ଟ ହୋଇପାରେ। ଯୁଦ୍ଧକ୍ଷେତ୍ରରେ ନିଷ୍ପତ୍ତି ନେବାର କ୍ଷମତା ଯଦି ରକ୍ତମାଂସର ମଣିଷ ବଦଳରେ ଯାନ୍ତ୍ରିକ ପ୍ରୋଗ୍ରାମ ହାତକୁ ଚାଲିଯାଏ, ତେବେ ତାହା ମାନବଜାତିର ସାମୂହିକ ବିନାଶର କାରଣ ସାଜିବ। ଏହି କାରଣରୁ ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ସତର୍କ କରାଇ ଦେଇଥିଲେ ଯେ ସମ୍ପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ମାନବ ସଭ୍ୟତାର ଶେଷ ପଦକ୍ଷେପ ହୋଇପାରେ।

ଏହି ସମସ୍ତ ବିପଦ ଓ ସମ୍ଭାବନାକୁ ତୁଳନା କଲେ ଅନୁଭୂତ ହୁଏ ଯେ କୃତ୍ରିମ ବୁଦ୍ଧିମତ୍ତା ସ୍ୱୟଂ ଶତ୍ରୁ ନୁହେଁ କି ପରମ ମିତ୍ର ନୁହେଁ। ଏହା ହେଉଛି ଏକ ଅସୀମ ଶକ୍ତିସମ୍ପନ୍ନ ଉପକରଣ ମାତ୍ର। ଏହାର ସ୍ୱରୂପ ଏହାର ନିର୍ମାତା ଓ ବ୍ୟବହାରକାରୀଙ୍କ ଉଦ୍ଦେଶ୍ୟ ଉପରେ ନିର୍ଭର କରେ। ବିଜ୍ଞାନ ସର୍ବଦା ଏକ ଦ୍ୱିଧାରୀ ଖଡ୍ଗ ସଦୃଶ; ଏହା ଦ୍ୱାରା ରୋଗୀର ଜୀବନ ରକ୍ଷା ପାଇଁ ଅସ୍ତ୍ରୋପଚାର କରାଯାଇପାରେ କିମ୍ବା କାହାର ପ୍ରାଣନାଶ ମଧ୍ୟ କରାଯାଇପାରେ। ତେଣୁ ଏହି ପ୍ରଯୁକ୍ତିକୁ ଏକ ଆଶୀର୍ବାଦପୂର୍ଣ୍ଣ ସାଥୀ ଭାବରେ ରୂପାନ୍ତରିତ କରିବାକୁ ହେଲେ ବିଶ୍ୱସ୍ତରରେ ଦୃଢ଼ ନୈତିକ ନିୟାମକ ବ୍ୟବସ୍ଥା ଓ ଆନ୍ତର୍ଜାତୀୟ ଆଇନର ପ୍ରଣୟନ ଏକାନ୍ତ ଅପରିହାର୍ଯ୍ୟ।

ସମଗ୍ର ବିଶ୍ୱର ବୈଜ୍ଞାନିକ, ନୀତି ନିର୍ଦ୍ଧାରକ ଏବଂ ଦାର୍ଶନିକମାନଙ୍କୁ ଏକତ୍ରିତ ହୋଇ ଏଆଇର ସୀମା ରେଖା ନିର୍ଦ୍ଧାରଣ କରିବାକୁ ହେବ। ସ୍ୱୟଂଚାଳିତ ପ୍ରଣାଳୀ ଯେତେ ଉନ୍ନତ ହେଲେ ମଧ ଚୂଡ଼ାନ୍ତ ନୈତିକ ନିଷ୍ପତ୍ତି ନେବାର କ୍ଷମତା ମାନବ ହାତରେ ସୁରକ୍ଷିତ ରହିବା ଉଚିତ। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ନୂତନ ପିଢ଼ିକୁ ଏଆଇ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରିବର୍ତ୍ତେ ଏଆଇ ସହିତ ସହଯୋଗ କରି ନିଜର ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରଶିକ୍ଷିତ କରିବା ଆବଶ୍ୟକ। ଯେଉଁଠାରେ ମାନବୀୟ ସହାନୁଭୂତି, ନୈତିକତା ଏବଂ ଦୂରଦୃଷ୍ଟି ଯନ୍ତ୍ରର ଗଣନା ଶକ୍ତି ସହିତ ସମନ୍ୱିତ ହେବ, ସେହିଠାରେ ହିଁ ଏକ ନୂତନ ଏବଂ ପ୍ରଗତିଶୀଳ ସଭ୍ୟତାର ଉଦୟ ସମ୍ଭବ ହୋଇପାରିବ।

ମାନବ ସଭ୍ୟତାର ଅସଲ ଶକ୍ତି ତା' ର ଯନ୍ତ୍ର ନୁହେଁ, ବରଂ ତା' ର ଆତ୍ମା, ସଂସ୍କୃତି ଓ ନୈତିକ ବିବେକ। କୃତ୍ରିମ ବୁଦ୍ଧିମତ୍ତାକୁ ଯଦି ଆମେ ଆମର ସେବକ ଓ ସହଯୋଗୀ ଭାବରେ ସୀମାବଦ୍ଧ ରଖିପାରିବା, ତେବେ ଏହା ରୋଗ, ଦାରିଦ୍ର୍ୟ, ଅଜ୍ଞାନତା ଓ ପରିବେଶ ସଙ୍କଟର ସମାଧାନ କରି ପୃଥିବୀକୁ ଏକ ସୁନ୍ଦର ଭବିଷ୍ୟତ ପ୍ରଦାନ କରିବାରେ ପରମ ସାଥୀ ସାବ୍ୟସ୍ତ ହେବ। କିନ୍ତୁ ଯଦି ଆମେ ନିଜର ଆଳସ୍ୟ, ଲୋଭ ଓ ଅହଂକାର ବଶବର୍ତ୍ତୀ ହୋଇ ନିଜର ସମସ୍ତ ନିୟନ୍ତ୍ରଣ ଓ ବିବେକକୁ ଯନ୍ତ୍ର ଆଗରେ ସମର୍ପଣ କରିଦେବା, ତେବେ ଏହା ନିଶ୍ଚିତ ଭାବରେ ମାନବଜାତିର ସର୍ବଶ୍ରେଷ୍ଠ ଶତ୍ରୁ ରୂପେ ପରିଣତ ହେବ। ଭବିଷ୍ୟତର ଭାଗ୍ୟ କୌଣସି ଆଲଗୋରିଦମ୍ ଉପରେ ନୁହେଁ, ବରଂ ଆଜିର ମଣିଷ ନେଉଥିବା ଦୂରଦର୍ଶୀ ପଦକ୍ଷେପ ଉପରେ ହିଁ ନିର୍ଭରଶୀଳ।



# ବିଶ୍ୱବିଜୟୀ ବୈଜ୍ଞାନିକ : ଡକ୍ଟର ଏ. ପି. ଜେ. ଅବଦୁଲ କଲାମ ଙ୍କ ଶିକ୍ଷା ...



ହରପ୍ରିୟା ସାହୁ
ଜଗତସିଂପୁର, ସିଂହାରପୁର

ପିଲା ହୁଅନ୍ତୁ କି ବଡ଼ ଭାରତ ର ପ୍ରତିଟି ଲୋକ ତାଙ୍କ ବିଷୟ ରେ ଅଳ୍ପ ବହୁତ ଜାଣିଛନ୍ତି। କେହି ତାଙ୍କୁ ବୈଜ୍ଞାନିକ ଭାବରେ ତ କେହି ତାଙ୍କୁ ରାଷ୍ଟ୍ର ପତି ଭାବରେ। ଏମିତି ଉଭୟ କ୍ଷେତ୍ର ରେ ସେ ପ୍ରତିଷ୍ଠିତ। ତାଙ୍କ ର ପୁରା ନାମ ଥିଲା ଡ଼କ୍ଟର ଅବଦୁଲ୍ ଫକୀର ଜଲାଉଦ୍ଦିନ୍ କଲାମ। ସେ ତାମିଲନାଡୁର ଏକ ଗରିବ ଘରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଘର ର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା, ତାଙ୍କ ବାପା ନୌକା ଚଳାଇ ଘର ଚଳାଉ ଥିଲେ। ସେଥିପାଇଁ କଲାମ୍ ପଢ଼ା ସହିତ ଖବର କାଗଜ ବାଣ୍ଟିଥିଲେ ଯାହା ଦ୍ୱାରା ଘର ଚଳିବା କ୍ଷେତ୍ର ରେ କିଛି ସାହାଯ୍ୟ ହେଇ ପାରିବ।

କଲାମ୍ ଛୋଟ ବେଳୁ ଖୁବ୍ ପରିଶ୍ରମୀ ଓ ଜ୍ଞାନ ପ୍ରତୀ ଆଗ୍ରହୀ ଥିଲେ। ସେ ସମୟ ରେ ତାଙ୍କ ଘରେ ବିଦ୍ୟୁତ୍ ନଥିଲା କିନ୍ତୁ କଲାମ୍ ଯୋଉ ସ୍ଥାନ ରେ ବିଦ୍ୟୁତ୍ ଦେଖୁଥିଲେ ସେ ସ୍ଥାନ ରେ ପଢ଼ିବା ଆରମ୍ଭ କରୁଥିଲେ, କେତେବେଳେ ଡ଼ିବି ଆଲୁଅ ରେ ତ ଆଉ କେତେବେଳେ ରାସ୍ତା କଡ଼ ବିଦ୍ୟୁତ ଖୁଣ୍ଟ ପାଖରେ ବସି ପଢୁଥିଲେ।
ସେ ଗୋଟେ କଥା ସବୁ ବେଳେ କହୁଥିଲେ "ଅସମ୍ଭବ ବୋଲି କିଛି କଥା ନାହିଁ।ଚେଷ୍ଟା ସହିତ ପରିଶ୍ରମ କଲେ ମଣିଷ ଅସମ୍ଭବ କୁ ମଧ୍ୟ ସମ୍ଭବ କରି ଦେଖେଇ ପାରିବ "।
ସେ ଆଉ ଗୋଟେ କଥା ମଧ୍ୟ କହୁଥିଲେ
"ଗରିବ ହେଲେ କ'ଣ ହେଲା ।ମଣିଷ ସର୍ବଦା ଉଚ୍ଚ ସ୍ୱପ୍ନ ଦେଖିବା ଉଚିତ୍ ତାକୁ ସଫଳ କରିବା ପାଇଁ କଠୋର ପରିଶ୍ରମ କରିବା ମଧ୍ୟ ଉଚିତ୍ ।ମୁଁ ମୋ ଅନୁଭୁତି ରୁ ମୁଁ କହୁଛି" ।

ସେ ସବୁ ବେଳେ ବଡ଼ ସ୍ୱପ୍ନ ଦେଖୁଥିଲେ- ଦେଶ ପାଇଁ କିଛି କରିବାର ସ୍ୱପ୍ନ। ସେ ଗରିବ ହୋଇ କେବେ ହାର୍ ମାନି ନଥିଲେ ବରଂ ପ୍ରାୟାସ ଜାରି ରଖିଥିଲେ, ଯୋଉ ପ୍ରାୟାସ ପାଇଁ ପରବର୍ତ୍ତୀ ସମୟରେ ସେ ବୈଜ୍ଞାନିକ ହେବା ସହିତ ରାଷ୍ଟ୍ର ପତି ମଧ୍ୟ ହୋଇଥିଲେ। ମିସାଇଲ ତିଆରି ରେ ଭୂମିକା ନେଲେ ସେଥିରେ ମଧ୍ୟ ସେ ସଫଳତା ଅର୍ଜନ କଲେ। ତାଙ୍କ ର ଏଇ ପରିଶ୍ରମ ଓ ସତ୍ୟନିଷ୍ଠ ପାଇଁ ଲୋକ ତାଙ୍କୁ "ମିସାଇଲ୍ ମ୍ୟାନ୍"- ବୋଲି କହୁଥିଲେ।
ତାଙ୍କ ଅନ୍ୟ ଏକ କଥା ଥିଲା - "ଭୁଲ୍ ହେଉ କି ଠିକ୍ ସବୁବେଳେ ପ୍ରୟାସ କରିବା ଟା ଉଚିତ୍।"

କଲାମ୍ ପିଲା ମାନଙ୍କୁ ସବୁବେଳେ ଶିକ୍ଷା ଦେଉଥିଲେ - ସ୍ୱପ୍ନ ସେଇଟା ନୁହେଁ ଯାହା ଆମେ ଶୋଇ ପଡ଼ିଲା ପରେ ଆମ ନିଦ ରେ ଆସେ ବରଂ ସ୍ୱପ୍ନ ସେଇଟା ଯାହାକୁ ପୁରଣ କରିବା ପାଇଁ ଆଖିକୁ ନିଦ ଆସେ ନାହିଁ।

ଛୋଟ ବେଳେ ଥରେ କଲାମ୍ ଛୋଟ ବିଜ୍ଞାନ ପରୀକ୍ଷା କରୁଥିଲେ କିନ୍ତୁ ଭୁଲ୍ ବଶତଃ ସେଥିରେ ସମସ୍ୟା ହୋଇଗଲା ଏବଂ ସବୁ କିଛି ଠିକ୍ ଭାବରେ କାର୍ଯ୍ୟ କଲା ନାହିଁ। କଲାମ୍ ଦୁଃଖିତ ହେଲେ , ସେ ଭାବିଲେ ସେ ବଡ଼ ଭୁଲ୍ କରି ଦେଇଛନ୍ତି ସେଥିପାଇଁ ବିଫଳ ସେ ବିଫଳ ହେଲେ। କିନ୍ତୁ ତାଙ୍କ ଶିକ୍ଷକ କଲାମ୍ ଙ୍କୁ ବୁଝେଇ ଥିଲେ:- ଭୁଲ୍ କରିବା ଖରାପ୍ ନୁହେଁ। ମଣିଷ

ଜୀବନ ରେ ଅନେକ ଛୋଟ ବଡ଼ ଭୁଲ୍ ହୋଇଥାଏ । ଯଦି ମଣିଷ ସେ ଭୁଲ୍ କୁ ଅନୁଭବ କରି ସେଥିରୁ କିଛି ଶିକ୍ଷା ଲାଭ କରି ପାରିଲା ତେବେ ସେ ମଣିଷ ଜୀବନ ରେ ଅନେକ ସଫଳତା ଅର୍ଜନ କରି ପାରିବ। ଶିକ୍ଷକ ଙ୍କ ର ଏହି କଥା କଲାମ୍ କୁ ଅଧିକ ପ୍ରଭାବିତ କରିଥିଲା। ପରବର୍ତ୍ତୀ ସମୟରେ କଲାମ୍ ରକେଟ୍ ତିଆରି କରି ତାକୁ ଉଡ଼ାଇ ସଫଳତା ହାସଲ କରିପାରିଥିଲେ।

କଲାମ୍ ରାଷ୍ଟ୍ର ପତି କାର୍ଯ୍ୟ ରତ ଥିବା ସମୟ ରେ ତାଙ୍କ ପାରିବାର ଗୋଟେ ଥର ଦିଲ୍ଲୀ ବୁଲିବା ପାଇଁ ଆସିଥିଲେ। ବୁଲା ବୁଲି ରେ ଯାହା ଖର୍ଚ୍ଚ ହେଇଥିଲା କଲାମ୍ ନିଜ ସ୍ୱ-ଅର୍ଜିତ ଟଙ୍କା ରୁ ଖର୍ଚ୍ଚ କରିଥିଲେ। ଏହା ଦେଖି ତାଙ୍କ କର୍ମ ଚାରି ତାଙ୍କୁ ପ୍ରଶ୍ନ କରିଥିଲେ। Sir..... ଆପଣ ଚାହିଁ ଥିଲେ ସରକାରୀ ଗାଡ଼ି ରେ ଆପଣ ଙ୍କ ପରିବାର ଙ୍କୁ ବୁଲା ବୁଲି କରିବା ପାଇଁ ନେଇ ପାରିଥାନ୍ତେ। ସରକାର ଙ୍କ ଟଙ୍କା ମଧ୍ୟ ଖର୍ଚ୍ଚ କରି ପାରିଥାନ୍ତେ କିନ୍ତୁ ଆପଣ ସେମିତି କିଛି କଲେ ନାହିଁ କାହିଁକି?

କଲାମ୍ ସେଠି ସେ କର୍ମ ଚାରି ଙ୍କୁ କହିଥିଲେ:- ସରକାରଙ୍କ ଗାଡ଼ି, ଟଙ୍କା ଜନତାଙ୍କର ଏବଂ ଦେଶ ର ଖର୍ଚ୍ଚ ପାଇଁ! ମୁଁ ତାଙ୍କୁ ମୋ ବ୍ୟକ୍ତି ଗତ କାର୍ଯ୍ୟ ରେ କିପରି ବ୍ୟବହାର କରି ପାରିବି।

ତାଙ୍କ ର ଏପରି ସତ୍ୟନିଷ୍ଠ, ସଚ୍ଚୋଟତା କୁ ଦେଖି କର୍ମ ଚାରି ମଧ୍ୟ ସେ ଦିନ ତାଙ୍କ ଭୁଲ୍ ବୁଝି ପାରିଥିଲେ।

କଲାମ୍ ସବୁବେଳେ ସମୟ କୁ ଖୁବ୍ ମୂଲ୍ୟବାନ୍ ବୋଲି କହୁଥିଲେ ଏବଂ ସମୟ କୁ ସମ୍ମାନ ଦେଉଥିଲେ। ସବୁ କାର୍ଯ୍ୟ ସମୟ ରେ କରିବାକୁ ପସନ୍ଦ କରୁଥିଲେ। ସେ ସବୁ ବେଳେ କହୁଥିଲେ:- ସଫଳତା ହାସଲ କରିବାର ଅଛି ଯଦି ସର୍ବ ପ୍ରଥମେ ସମୟ କୁ ସମ୍ମାନ ଦବା ଉଚିତ୍। ସମୟ ର ମୂଲ୍ୟ ବୁଝିବା ଆବଶ୍ୟକ । ସେ କହୁଥିଲେ "ଆଜି ଯିଏ ସମୟ କୁ ସମ୍ମାନ ଦବ, ଆସନ୍ତା କାଲି ସେ ନିଶ୍ଚିତ ସଫଳତା ଅର୍ଜନ କରି ପାରିବ। ଆଜି ଯିଏ ସମୟ କୁ ନଷ୍ଟ କରିବ, ଆସନ୍ତା କାଲି ସମୟ ତାକୁ ନଷ୍ଟ କରି ଦେବ।"

କଲାମ୍ ଏକ ଧାରା ରେ ସତ୍ୟନିଷ୍ଠ , ପରୋପକାରୀ, ନମ୍ର ଥିବା ସହିତ ସରଳ ଜୀବନ ଯାପନ କରି ବାକୁ ସେ ବେଶି ଭଲ ପାଉଥିଲେ। ସେ ତାଙ୍କ କର୍ମ ଚାରି ଙ୍କୁ ଗୋଟିଏ କଥା କହୁଥିଲେ - "ମଣିଷ ର ମହତ୍ତ୍ୱ ତାଙ୍କ ପୋଷାକ ରେ ନୁହେଁ ବରଂ ତାଙ୍କ ଚିନ୍ତା ଧାରା ଓ ମହତ କାର୍ଯ୍ୟ ରେ ଥାଏ" ।ଏପରି ବହୁତ୍ କିଛି କଥା କଲାମ୍ ଯୁବସମାଜ କୁ ଶିକ୍ଷା ଦେଇ ଯାଇଥିଲେ।

କଲାମ୍ ଙ୍କ ଜୀବନ ର କାହାଣୀ, ସେ ଦେଇ ଯାଇଥିବା ଶିକ୍ଷା କୁ ଲେଖିବା ର ପ୍ରକୃତ ଉଦ୍ଦେଶ୍ୟ ହେଉଛି।
ଆଜିର ଯୁବ ସମାଜ , ଛୋଟ ପିଲା ସମୟ ର ମୂଲ୍ୟ ବୁଝୁ ନାହାଁନ୍ତି। ମୋବାଇଲ୍ ,tv ପରି ଅନେକ ଅଯଥା କାର୍ଯ୍ୟ ରେ ସମୟ ଅତି ବାହିତ କରୁଛନ୍ତି। ସରକାର ଙ୍କ ସମ୍ପତ୍ତି କେତେ ପରିମାଣ ରେ ଜନ କଲ୍ୟାଣ, ଦେଶ ର ବିକାଶ କ୍ଷେତ୍ର ରେ ଲାଗୁଛି ତାହା ଆପଣ ମାନେ ଜାଣି ପାରୁଥିବେ। କିଛି ଲୋକ ଧନ,ସମ୍ପତ୍ତି, ପ୍ରତିପତ୍ତି ବଳରେ ମଣିଷ ଙ୍କୁ ମଣିଷ ଭଳି ଦେଖୁ ନାହାଁନ୍ତି। କିଛି ଯୁବକ,ପିଲା ମାନେ ଅଛନ୍ତି ବାରମ୍ବାର ଅସଫଳ ହେବା ଦ୍ୱାରା ଆତ୍ମହତ୍ୟା ପରି ଘୃଣ୍ୟ ଅପରାଧ କରୁଛନ୍ତି। ସର୍ବଦା ମନେ ରଖିବା ଉଚିତ୍ ଯେ ଅସଫଳତା, ସଫଳତା ର ସିଡି ହେଇଥାଏ। ବେଳେବେଳେ ଚାବି ପେଣ୍ଠା ର ଶେଷ ଚାବି ରେ ତାଲା ଖୋଲି ଯାଇଥାଏ ତେଣୁ ଧର୍ଯ୍ୟ ଧରି ପ୍ରାୟାସ ଜାରି ରଖିବା ଉଚିତ୍।

## ସାମ୍ପ୍ରତିକ କାଳରେ କ୍ଷୁଦ୍ରଗଳ୍ପର ସ୍ୱର ଓ ସ୍ୱାତନ୍ତ୍ର୍ୟ ...



ସୀମାଲତା ସାହୁ
ଯାଜପୁର

ମାନବ ସମାଜ ଓ ସଭ୍ୟତା ପରି ସାହିତ୍ୟ ଏକ ଅଖଣ୍ଡ ପ୍ରବହମାନ ସ୍ରୋତ। ଗୋଟିଏ ଦେଶର ସଂସ୍କୃତି, ଇତିହାସ ଓ ଜୀବନଦର୍ଶନର ଐତିହାସିକ ଭିତ୍ତି ଓ କ୍ରମ ବିବର୍ତ୍ତନକୁ ପ୍ରତ୍ୟାଖ୍ୟାନ କରି ଏକ ସମୟ ସୀମା ମଧ୍ୟରେ ସାହିତ୍ୟକୁ ପରୀକ୍ଷା ନିରୀକ୍ଷା କରିବାକୁ ଚେଷ୍ଟା କଲେ ତାହା ଭ୍ରାନ୍ତିମୟ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ସମାଜର ଏହି ସମସ୍ତ ସାମାଜିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସାହିତ୍ୟ ଏକ ନିରବଚ୍ଛିନ୍ନ ଅନ୍ତରୀଣ ସ୍ରୋତ ସର୍ବଦା ପ୍ରବହମାନ ଅବସ୍ଥାରେ ରହିଥାଏ । ଏହା ଅତୀତ ଓ ବର୍ତ୍ତମାନର ମଧ୍ୟଦେଇ ଭବିଷ୍ୟତକୁ ନିର୍ମାଣ କରେ, ରାସ୍ତା ଦେଖାଏ । ସଂସ୍କୃତରେ କୁହାଯାଇଛି "ଗଦ୍ୟ କବିନାଂ ନିକଷଂ ବଦନ୍ତି"  ଅର୍ଥାତ୍ ଗଦ୍ୟ କବିମାନଙ୍କ ପ୍ରତିଭାର କଷଟି ପଥର | ଏହା କବିତ୍ୱର ଏକ ଉତ୍କୃଷ୍ଟ ପରୀକ୍ଷାସ୍ଥଳ ମାତ୍ର ଦୁଃଖର ବିଷୟ କ୍ଳେଶପଦ, କ୍ଲାନ୍ତିଦାୟକ ସ୍ଥବିରତା ସହ ଗଦ୍ୟ ଶବ୍ଦ ସଂଯୁକ୍ତ ହୋଇଥାଏ ।  ଆଘାତ ଦୃଷ୍ଟିରେ ପଦ୍ୟ କଳ୍ପନା ବିଳାସିତ ଶ୍ରୁତିମଧୁର ଓ ମନୋରଞ୍ଜକ | ଗଦ୍ୟ ବାସ୍ତବ ତଥ୍ୟ ବିଜ୍ଞପ୍ତିମୂଳକ । ଗଦ୍ୟ ରଚନା ଅବଶ୍ୟ ଏକ କଷ୍ଟସାଧ୍ୟ ବ୍ୟାପାର । ଗଳ୍ପ କଥନ ମଣିଷର ସହଜାତ ପ୍ରବୃତ୍ତି।

ମଣିଷର ଜୀବନ ହେଉଛି ରଚନା ର ଉତ୍ସ ସଭ୍ୟତାର ବିକାଶ ସହିତ ଗଳ୍ପର ହୋଇଛି ଉନ୍ମେଷ ଓ ଗଳ୍ପ ମଣିଷ ଜୀବନର ବାଣୀଭାଷ୍ୟ । ମଣିଷ ହୃଦୟର ବ୍ୟଥା ଓ ମନର କଥାକୁ ବାଢ଼ି ବସେ ସେ ଅନ୍ୟ ନିକଟରେ ଜୀବନର ପୋଥି ସେ ପୃଷ୍ଠା ପରେ ପୃଷ୍ଠା ଖୋଲିଦିଏ । କେଉଁଠି କହେ ଜଟିଳ ଆଉ ଛଦ୍ମ ରୂପରେ, କେଉଠି ସେ କହିବା ଭଙ୍ଗୀରେ ଭରିଦିଏ ଉତ୍କଣ୍ଠା ଆଉ ଅନ୍ତହୀନ ଜିଜ୍ଞାସା । କେଉଁଠି ପ୍ରେମ ମଧୁର ଜୀବନର ରୂପାୟଣରେ ଗଳ୍ପ ହୁଏ ସ୍ନିଗ୍ଧ ସୁନ୍ଦର, କେଉଠି ଫୁଟିଉଠେ ନୈତିକତା ଆଉ ତୀର୍ଯ୍ୟକ ଦୃଷ୍ଟିଭଙ୍ଗୀ, କେଉଁଠି ଗଳ୍ପପୁରୁଷ ମାଟିରୁ ଆକାଶକୁ ଏବଂ ଆକାଶରୁ ମାଟିକୁ ଗତିକରେ, କେଉଁଠି ସେ ବାମନ ପରି କ୍ଷୁଦ୍ର ପାଦରେ ମଧ୍ଯ ଧରିତ୍ରୀକୁ ଏବଂ ଆକାଶକୁ ଅନ୍ୟ ଏକ ପାଦରେ ଧରି ରଖିବାକୁ ଚେଷ୍ଟାକରେ । ଆଧୁନିକ ଯୁଗ ଗଦ୍ୟର ଯୁଗ । ଶିଳ୍ପ ସଭ୍ୟତାର ବିକାଶ ସଂଗେ ସଂଗେ ଗଦ୍ୟର ହୋଇଛି କ୍ରମ ବିକାଶ । ପଦ୍ୟ ସ୍ଥାନକୁ ଗ୍ରହଣ କରି ନେଇଛି ଗଦ୍ୟ । ଗଦ୍ୟରେ ପ୍ରକାଶ ପାଇଛି ସାହିତ୍ୟର ନାନା ରୂପ ବିଭବ । ଗଳ୍ପ ସେହି ବିଭାଗମାନଙ୍କ ମଧ୍ୟରୁ ଅନ୍ୟତମ କଳାତ୍ମକ ସୃଷ୍ଟି - ସଂପଦ । ଏହା ସମାଜର ରୀତି ନୀତି ଏବଂ ଯୁଗଯନ୍ତ୍ରଣା ପ୍ରକାଶ କରିବା ସଂଗେସଂଗେ କଳାତ୍ମକ ଭଙ୍ଗୀରେ ଲୋକଚରିତ୍ରର ବିଶ୍ଳେଷଣ କରିଥାଏ ।

ମୌଳିକ  ପ୍ରବାହର ସୂତ୍ରଧରି ତାହାରି ଅନୁସୃଜନରେ ନୂଆକରି ଗଳ୍ପ ଲେଖିବାର ଏକ ପ୍ରଚେଷ୍ଟା ଆମ ଗଳ୍ପ ସାହିତ୍ୟର ଏକ ଅନନ୍ୟ, ଉଜ୍ଜ୍ୱଳ ଦିଗ । ଏ ପ୍ରକାର ଭାରତୀୟ ଭାଷାର ଗଳ୍ପମାନଙ୍କରେ ଦୃଷ୍ଟିଗୋଚର ହୁଏ ନାହିଁ । କାଁ ଭାଁ କେଉଁଠି କି ଧରଣର ନୂତନ କିପରି ଗଳ୍ପ ଲେଖା ହେଉଥିଲେବି ସ୍ୱତନ୍ତ୍ର ଏକ ଧାରାଭାବେ ଏ  ଧରଣର ଗଳ୍ପମାନ ପ୍ରାନ୍ତୀୟ ଭାଷାମାନଙ୍କରେ ସ୍ବୀକୃତ ହୋଇନାହିଁ । ସେଇ ଦୃଷ୍ଟିରୁ ପାରଂପରିକ ଧାରା ନୂତନ ପୃଷ୍ଠଭୂମିରେ ନୂଆଭାବେ ରଚନା କରିବାର ପ୍ରକ୍ରିୟାଟି ଓଡ଼ିଆ ସାହିତ୍ୟର ସମୃଦ୍ଧ ଓ ସ୍ୱାତନ୍ତ୍ର୍ୟର ଏକ ବଳିଷ୍ଠ ଦିଗ ।

କ୍ଷୁଦ୍ରଗଳ୍ପ ଜୀବନର କ୍ଷଣିକ ଉପଲବ୍ଧିର ଭାଷ୍ୟ । ଜୀବନକୁ ନିବିଡ଼ ଭାବରେ ନିରେଖି ଦେଖିବାରେ କ୍ଷୁଦ୍ରଗଳ୍ପର ଅସପତ୍ନ ସାମର୍ଥ୍ୟ ସ୍ୱୀକାର୍ଯ୍ୟ । ଏହା ସାହିତ୍ୟର ଏକ ମୁଖ୍ୟ ବିଭାଗ ଅଟେ । " ସୁବିସ୍ତୃତ ଜୀବନ ପ୍ରବାହ ମଧ୍ୟରୁ ଯେଉଁ ନିର୍ଦ୍ଦିଷ୍ଟ ମୁହୂର୍ତ୍ତଟି ମଣିଷର ହୃଦୟରେ ଗଭୀର ରେଖାପାତ କରେ, ସେହି ସ୍ମରଣୀୟ ମୁହୂର୍ତ୍ତଟିକୁ ଚଳିତ ଉଦ୍‌ଭାସିତ କରିବା ଆଧୁନିକ କ୍ଷୁଦ୍ରଗଳ୍ପର ଧର୍ମ । କ୍ଷୁଦ୍ରଗଳ୍ପ ହେଉଛି ଗୋଟିଏ ରସଘନ ନିବିଡ଼ ମୁହୂର୍ତ୍ତର କଳାତ୍ମକ ପରିପ୍ରକାଶ । "(୧) ସ୍ୱଚ୍ଛ ସମୟ ମଧ୍ୟରେ ବିରାଟର ଏବଂ କ୍ଷଣ ମଧ୍ୟରେ ଚିରନ୍ତନର ଭାବସତ୍ତାକୁ କ୍ଷୁଦ୍ରଗଳ୍ପ ପ୍ରକାଶ କରିଥାଏ । ଊନବିଂଶ ଶତାବ୍ଦୀର ଶେଷ ପାଦରେ ଓଡ଼ିଆ ସାହିତ୍ୟରେ ଏହି ସାରସ୍ୱତ ବିଭାଗର ସୃଷ୍ଟି ହେଲା । ଊନବିଂଶ ଶତାବ୍ଦୀର ଓଡ଼ିଶା ସାଂସ୍କୃତିକ ସଂକଟ, ସାମାଜିକ ବିପର୍ଯ୍ୟୟ ଓ ରାଜନୀତିକ ନିର୍ବେଦତା ଓ ସଂଘର୍ଷ ମଧ୍ୟରେ ଗତି କରିଥିବାବେଳେ ବିଂଶ ଶତାବ୍ଦୀ ଅଧିକ ଆତ୍ମପ୍ରତ୍ୟୟରେ ପର୍ଯ୍ୟବେସିତ ହେଲା । ତା'ର ବିପକ୍ଷରେ ପ୍ରକାଶ ପାଇଲା ନୂତନ ନୂତନ ପ୍ରାଣ ସ୍ପନ୍ଦନ । କ୍ଷୁଦ୍ରଗଳ୍ପ ହେଲା ସେହି ସ୍ପନ୍ଦିତ ଆତ୍ମାର ଅଭିବ୍ୟକ୍ତି ।

"ଓଡ଼ିଆ ଗଳ୍ପ ଆଜି ଭାରତୀୟତା ସହ ଆନ୍ତର୍ଜାତିକ ଚେତନାର ଅବିମିଶ୍ରତା ଯୋଗୁଁ ଆଉ ନିର୍ଦ୍ଦିଷ୍ଟ ଭୂଖଣ୍ଡର ଗଣ୍ଡି ମଧ୍ୟରେ ଆବଦ୍ଧ ହୋଇ ନାହିଁ । କ୍ଷୁଦ୍ରଗଳ୍ପ ବିସ୍ତୃତିର ଜଟିଳ ଭାଷ୍ୟ ନୁହେଁ, ବିନ୍ଦୁର ବ୍ୟଞ୍ଜନା । ବ୍ୟାପ୍ତିରେ ନୁହେଁ ଦୀପ୍ତିରେ ଏହାର ସିଦ୍ଧି ଓ ସାର୍ଥକତା । କ୍ଷୁଦ୍ରଗଳ୍ପ ପୁଣି ଗୋଟିଏ ରସଘନ ନିବିଡ଼ ମୁହୂର୍ତ୍ତର କଳାତ୍ମକ ପ୍ରକାଶ । ଏ କେବଳ ଆକୃତି ଦିଗରୁ ନୁହେଁ, ପ୍ରକୃତି ଦିଗରୁ ମଧ୍ୟ ବିଶେଷତ୍ୱ ଧାରଣ କରେ । ଏହାର ରୀତିମତ ଏକ ସଂହିତାବଦ୍ଧ କଳା - ପ୍ରକରଣ ରହିଛି । ସେ ଦୃଷ୍ଟିରୁ କ୍ଷୁଦ୍ରଗଳ୍ପ କାହାଣୀ, ରୂପକଥା ରୂପକଗଳ୍ପ ଇତ୍ୟାଦିଠାରୁ ଭିନ୍ନ ।ଆଧୁନିକ କ୍ଷୁଦ୍ରଗଳ୍ପ ତା'ର ପରିସମାପ୍ତିରେ କୌଣସି ସମାଧାନ ଦିଏ ନାହିଁ । ଗଳ୍ପର ପ୍ରାରମ୍ଭିକ ସ୍ତରରେ ଯେପରି ଏକ ଉପସଂହାର ଟାଣୁଥିଲା  ମାତ୍ର ଆଧୁନିକ ଗାଳ୍ପିକ ଗଳ୍ପର ପରିଣତିକୁ ନେଇ ଏଭଳି ବିନ୍ଦୁରେ ଛାଡ଼ିଦିଏ ଯେଉଁଠୁ ପାଠକ ଆଗରେ ସମସ୍ୟାର ବିଭିନ୍ନ ଦିଗ ବିସ୍ତୃତ ହୋଇଯାଏ । ସମାଧାନ ହିଁ ସେଇଠି ମନେହୁଏ ସବୁଠୁ ବଡ଼ ସମସ୍ୟା । ଗଳ୍ପ ସମସ୍ୟାଗୁଡ଼ିକୁ ପ୍ରକାଶ କରେ ନାହିଁ ସମାଧାନ ମଧ୍ୟ ଦିଏ ନାହିଁ, ଏହା କେବଳ ମଣିଷର ଚେତନ, ଅଚେତନ ଓ ଅବଚେତନ ଅବସ୍ଥାକୁ ରୂପାୟନ କରେ ।" (୨)ଆଧୁନିକ କଂକ୍ରିଟ୍ ଜୀବନ ର ବାସ୍ତବ ସମୀକ୍ଷା କ୍ଷୁଦ୍ରଗଳ୍ପ ମାଧ୍ୟମରେ ପ୍ରକାଶ ପାଇଥାଏ ।

ଆଧୁନିକ କର୍ମବହୁଳ ଜୀବନରେ ଭାରାକ୍ରାନ୍ତ ମଣିଷର ମନକୁ ସ୍ୱଳ୍ପ ସମୟ ଭିତରେ ଛୁଇଁ ବାସ୍ତବ ଦୁନିଆର ଚିତ୍ର ମାଧ୍ୟମରେ ଆନନ୍ଦ ଦେବା ସହିତ ଭବିଷ୍ୟତ ସମାଜର ମଧୁମୟ ରେଖା ଚିତ୍ର ତୋଳିଧରି ଅର୍ବାଚିନ କ୍ଷୁଦ୍ରଗଳ୍ପ ନିଜସ୍ୱ ଆତ୍ମିକ ଓ ଆଙ୍ଗିକ ପରିପାଟୀ ପାଇଁ ପାଠକ ସାମ୍ନାରେ ଆଦୃତ ହୋଇପାରିଲା । ଏହିକଥାକୁ ଲକ୍ଷକରି ଆଜିର କର୍ମ ବୋହୁଳ ଜୀବନରେ ଭାରକ୍ରାନ୍ତ ପାଠକ ମାନଙ୍କୁ ସ୍ୱଳ୍ପ ସମୟ ଭିତରେ ଆନନ୍ଦ ଦେବା ସହ ସମାଜରେ ସଂଘଠିତ ଓ ବିଘଟିତ ଘଟଣାମାନଙ୍କର ବାସ୍ତବତାକୁ ଦର୍ଶାଇ ଗୋଟିଏ ପ୍ରେମପୂର୍ଣ୍ଣ  ସୁନ୍ଦର କ୍ରାନ୍ତିକାରୀ ସମାଜ ଗଢ଼ିବାରେ ସହାୟକ ହୋଇଥାଏ । କ୍ଷୁଦ୍ରଗଳ୍ପର ଏହି ମହତ୍ତ୍ୱ ପ୍ରକାଶ କରିବାକୁ ଯାଇ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ବଙ୍ଗଳାରେ କହିଛନ୍ତି ଯଥା :-

"ଛୋଟ ପ୍ରାନ, ଛୋଟ ବ୍ୟଥା,

ଛୋଟ ଛୋଟ ଦୁଃଖକଥା,
ନିତାନ୍ତଇ ସହଜ ସରଳ;
ସହସ୍ର ବିସ୍ମୃତି-ରାଶି, ପ୍ରତ୍ୟହ ଯେତେଛେ ଭାସି,
ତାରି ଦୁ-ଚାରିଟି ଅଶ୍ରୁଜଳ
ନାହିଁ ବର୍ଣ୍ଣନାର ଛଟା, ଘଟନାର ଘନଘଟା,
ନାହିଁ ତତ୍ତ୍ୱ , ନାହିଁ ଉପଦେଶ,
ଅନ୍ତରେ ଅତୃପ୍ତି ରବେ, ସାଙ୍ଗ କରି ମନେ ହବେ
ଶେଷ ହୟେ ହଇଲ ନା ଶେଷ ।" ( ବର୍ଷାଯାପନ)(୩)

ଦ୍ରଗଳ୍ପର ଏହା ହିଁ ହେଉଛି ବୈଶିଷ୍ଟ୍ୟ । ପାଠକ କ୍ଷୁଦ୍ର ଗଳ୍ପକୁ ପଢିସାରି ମନେ କରେ ଯେପରି ଏହା ଶେଷ ହୋଇ ମଧ ଶେଷ ହେଲା ନାହିଁ । ଗାଳ୍ପିକ ଦାସ "ହେଲୋ ଓଡ଼ିଶା" ଆଳାପରେ କହିଥିଲେ " ଗଳ୍ପ ତାହା ନୁହେଁ ଯାହା ଆମକୁ ଗଳ୍ପ ପରି ଲାଗେ ବରଂ ଗଳ୍ପ ତଥା ଯାହା ଆମକୁ ସତ ଘଟଣା ପରି ମନେ ହୁଏ ।"

ଓଡ଼ିଆ କ୍ଷୁଦ୍ରଗଳ୍ପର ପ୍ରଥମ କୁଆଁରାବ ଶୁଣିବାକୁ ମିଳିଥିଲା ଊନବିଂଶ ଶତକର ଶେଷ ଦଶକରେ । ଫକୀର ମୋହନଙ୍କୁ ଏହାର ପ୍ରଥମ ଶ୍ରେୟ ପ୍ରଦାନ କରାଯାଇଥାଏ। ଓଡ଼ିଆ ଗଳ୍ପ ସାହିତ୍ୟ ଏ ଭିତରେ ଶହେପଚିଶ ବର୍ଷ ଅତିକ୍ରମ କରିଛି । ମଣିଷ ଜୀବନ ଇତିହାସରେ ଯେମିତି ଶହେପଚିଶି ବର୍ଷ କିଛି କମ୍ ନୁହେଁ, ସେମିତି ସାହିତ୍ୟର ସମୟ ଇତିହାସରେ ଦୀର୍ଘ ଶହେପଚିଶ ବର୍ଷର ସ୍ଥିତି, ଗୁରୁତ୍ୱ କିଛି 80 ବିଭିନ୍ନ ସାମାଜିକ ସମସ୍ୟା ଗୁରୁତ୍ୱ ଲାଭ କରିଛି।"(୪)

ଦେଶ ସ୍ୱାଧୀନତା ପ୍ରାପ୍ତ ହେବା ପରେ ଭାରତୀୟ ଜନଜୀବନରେ ଏକ ଅଭୁତପୂର୍ବ ପରିବର୍ତ୍ତନ ଘଟିଲା। ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେଲା ସତ କିନ୍ତୁ ତାହା ନାମକୁ ମାତ୍ର , ପୂର୍ବପରି ଜନସାଧାରଣ କଷଣ ଭୋଗ କଲେ। ରାଜନୀତିକ ନେତାମାନଙ୍କ କୁଚକ୍ରାନ୍ତ ପାଇଁ ଜନସାଧାରଣଙ୍କ ଭିତରେ ସ୍ୱାଧୀନତା ପୂର୍ବରୁ ଯେଉଁ ଐକ ମନୋଭାବ ଦୃଢ଼ୀଭୂତ ଥିଲା। ତାହା ସ୍ୱାଧୀନତା ପ୍ରାପ୍ତ ପରେ ବିଚ୍ଛିନ୍ନତା ବୋଧରେ ପରିଣତ ହେଲା। ରାଜନୀତିକ ଗୋଷ୍ଠୀର ବ୍ୟକ୍ତି ଆତ୍ମସ୍ୱାର୍ଥ କୈନ୍ଦ୍ରିକ ଓ ହିଂସାତ୍ମକ ମନୋବୃତ୍ତି ପୋଷଣ କରି ଆଦର୍ଶକୁ ତ୍ୟାଗ କଲେ ଫଳରେ ସେମାନଙ୍କ ବିରୋଧରେ ଜନସାଧାରଣ ସ୍ୱରୋତ୍ତଳନ କଲେ । ଅଭିଜାତ ଗୋଷ୍ଠୀ ମଧ୍ୟରେ ପାଶ୍ଚାତ୍ୟ ଜଗତର ବାହ୍ୟ ଆଡ଼ମ୍ବର ପୂର୍ଣ୍ଣ ଜୀବନ ଯାପନ ଶୈଳୀ ଭାରତୀୟ ପରମ୍ପରା ଭିତରକୁ ଅନୁପ୍ରବେଶ କଲା। ଏହିମାନେ ନେତା ସାଜି ଭ୍ରଷ୍ଟାଚାର, ଦୁର୍ନୀତି, କ୍ଷମତା ମୋହ ଆଦି ବ୍ୟାଧିର ପ୍ରାବଲ୍ୟ ଫଳରେ ଜନସାଧାରଣଙ୍କ ମଧ୍ୟରେ ନୈରାଶ୍ୟ ଏବଂ ବୈଫଲ୍ୟର ବାତାବରଣ ସୃଷ୍ଟି ହେଲା ।

ଏହିପରି ଭାବରେ ଯଦି ଆମେ ସାମ୍ପ୍ରତିକ କାଳ ବା ଏକବିଂଶ ଶତାବ୍ଦୀରେ କ୍ଷୁଦ୍ରଗଳ୍ପର ସ୍ୱର ଦେଖିବା ତେବେ ଏହା ମଣିଷର ଅନ୍ତଃରୂପ, ତା'ର ଅସ୍ଥିରତା, ନିଃସଙ୍ଗତା ଓ ଅସହାୟତା ପ୍ରତି ସମ୍ବେଦନଶୀଳ ରହିଛି। ଗାଳ୍ପିକମାନେ ପ୍ରାଚୀନ

ପରମ୍ପରାକୁ ଯୋଡ଼ିବାକୁ ଚାହିଁଛନ୍ତି ବର୍ତ୍ତମାନ ସହିତ। ତେଣୁ ପ୍ରାଚୀନତା ସାମ୍ପ୍ରତିକର ପ୍ରେକ୍ଷାପଟ୍ଟରେ ନୂଆ ରୂପ, ନୂଆ ଭାବ ନେଇ ଆତ୍ମପ୍ରକାଶ କରିଛି। ବେକାରୀ ସମସ୍ୟା, ରାଜନୀତିକ କପଟାଚାର ଟଙ୍କାର ଅବମୂଲ୍ୟାୟନ , ମଣିଷର ବିଭଙ୍ଗ ବ୍ୟକ୍ତିତ୍ୱ, ପାରିବାରିକ ସମ୍ପର୍କରେ ଶିଥିଳତା, କଳାବଜାରୀ, ବିଭଙ୍ଗ ଯୌଥ ପରିବାର, ସାମାଜିକ ଦ୍ୱନ୍ଦ୍ୱ, ମଣିଷର ଯୁଦ୍ଧଖୋର ମନୋବୃତ୍ତି  ସାମ୍ପ୍ରତିକ ବିଶ୍ୱପାଇଁ ଆହ୍ୱାନ ସୃଷ୍ଟି କରିଛି। ଗୋଟିଏ ପାର୍ଶ୍ୱରେ ନିଜର ସଂସ୍କୃତି ପ୍ରତି ଆକର୍ଷଣ ଓ ଅପର ପାର୍ଶ୍ୱରେ ଜୀବନ ସଂଗ୍ରାମ - ଏହାରି ମଧ୍ୟରେ ବର୍ତ୍ତମାନର କଥାକାରର ଜୀବନ ଏବଂ ଜଗତକୁ ରୂପ ଦେଇ ଚାଲିଛି। ତେଣୁ ଏହି ସମୟ ଖଣ୍ଡ ହେଉଛି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଆତ୍ମସଚେତନ। ବିଶ୍ୱଚେତନା ସହିତ ଆଞ୍ଚଳିକତା ମିଶିଯାଇଛି।

ଗତ ଶତକର ଶେଷ ଭାଗ ବେଳକୁ ନାରୀ ଚେତନାର ଯେଉଁ ପରିବର୍ତ୍ତନ ଆସିଥିଲା, ଏକବିଂଶ ଶତାବ୍ଦୀରେ ତାହା ଅଧିକ ପ୍ରଭାବଶାଳୀ ହୋଇଛି। ସହନଶୀଳତା ପରିବର୍ତ୍ତିତ ହୋଇଯାଇଛି ପ୍ରତିକ୍ରିୟାଶୀଳତାରେ । ପାରମ୍ପରିକତା, ରକ୍ଷଣଶୀଳତା ଓ କୁସଂସ୍କାର ଠାରୁ ନାରୀ ମୁକ୍ତ ହୋଇ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଛି।

ସେହିପରି ଆଧ୍ୟାତ୍ମିକତା ମଧ୍ୟରେ ଅନ୍ଧବିଶ୍ୱାସ ନୁହେଁ ; ବରଂ ତତ୍ ପଶ୍ଚାତରେ ରହିଥିବା ବାସ୍ତବ ଯୁକ୍ତି ଉପରେ ଗାଳ୍ପିକ/ ଗାଳ୍ପିକାମାନେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏ କ୍ଷେତ୍ରରେ ମନୋଜ ଦାସ, ବୀଣାପାଣି ମହାନ୍ତି,ରାମଚନ୍ଦ୍ର ବେହେରା, ହୃଷୀକେଶ ପଣ୍ଡା, ଭୀମ ପୃଷ୍ଟି, ବସନ୍ତ କୁମାର ଶତପଥୀ, ଚନ୍ଦ୍ରଶେଖର ରଥ, କବିତା ବାରିକ, ପ୍ରତିଭା ରାୟ,ସରୋଜିନୀ ସାହୁ, ସଂଯୁକ୍ତା ରାଉତ, ଶାନ୍ତନୁ କୁମାର ଆଚାର୍ଯ୍ୟ, ଗୌରହରି ଦାସ, ଗାୟତ୍ରୀ ସରାଫ୍ ଅନ୍ୟତମ। ଏମାନଙ୍କ ଲେଖନୀରେ ଓଡ଼ିଆ କ୍ଷୁଦ୍ରଗଳ୍ପ ପାଇଛି ନୂଆ ଭାବ ଓ ନୂଆ ରୂପ। ଉତ୍ତର ଅଶୀ ଓଡ଼ିଆ ଗଳ୍ପରେ ଆଧ୍ୟାତ୍ମିକତା ସହିତ ବାସ୍ତବତା ଓ ଅଲୌକିକତାର ମିଶ୍ରଣ ଘଟି ଏକବିଂଶ ଶତାବ୍ଦୀର କ୍ଷୁଦ୍ରଗଳ୍ପକୁ ଉଚ୍ଚକୋଟୀ କରାଇଛି।

ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପର ସ୍ୱର ଆଜି ଅଧିକ ସଚେତନ, ସଂବେଦନଶୀଳ ଓ ପ୍ରତିବାଦୀ ହୋଇଉଠିଛି। ପୂର୍ବତନ କାଳର ଆଦର୍ଶବାଦୀ ଓ ରୋମାଣ୍ଟିକ ଧାରାରୁ ବିଚ୍ଛିନ୍ନ ହୋଇ, ଏହା ଏବେ ଜୀବନର କଠୋର ସତ୍ୟକୁ ସାହସିକ ଭାବରେ ପ୍ରକାଶ କରୁଛି। ସ୍ୱାଧୀନୋତ୍ତର ଭାରତର ବିରାଟ ଓ କଠିନ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ସମସ୍ୟାବଳୀ ପ୍ରତି ଗଳ୍ପିକମାନଙ୍କର ଦୃଷ୍ଟି ଆକର୍ଷିତ ହୋଇଛି। ନୂତନ ଶିଳ୍ପ ସଭ୍ୟତା, ବିଜ୍ଞାନର ନୂଆ ନୂଆ ଉଦ୍ଭାବନ, ଦ୍ୱିତୀୟ ବିଶ୍ୱଯୁଦ୍ଧ ତଥା ଜ୍ଞାନର ପରିସୀମା ବୃଦ୍ଧି ପ୍ରଭୃତି ଓଡ଼ିଆ ଗଳ୍ପର ବାତାବରଣକୁ ବଦଳାଇ ଦେବାରେ ଯଥେଷ୍ଟ ସାହାଯ୍ୟ କରିଛି।

ଏହି ସମୟର ଓଡ଼ିଆ ଗଳ୍ପ ବହୁ ପରୀକ୍ଷା ନିରୀକ୍ଷା ହୋଇ ତୀବ୍ରତର କରାଇଲେ। ସାଂପ୍ରତିକ କାଳରେ କ୍ଷୁଦ୍ରଗଳ୍ପର ସ୍ୱାତନ୍ତ୍ର୍ୟ ବଳିଷ୍ଠ ହୋଇଛି। ଏଥିରେ କଥାବସ୍ତୁ ଚୟନ, ସାମାଜିକ ଘଟଣାବଳୀର ରୂପାୟନ, ଚାରିତ୍ରିକ ବିଶେଷତ୍ୱ, ମାନବବାଦୀ ଓ ଗ୍ରାମ୍ୟ ଆଭିମୁଖ୍ୟତା, ଅସହାୟତା ଓ ବିଚ୍ଛିନ୍ନତା ବୋଧ, ସହରୀକରଣ ଓ ବିସ୍ଥାପନ ସମସ୍ୟା, ସ୍ଥିତିବାଦ, ଅତିବାସ୍ତବବାଦ, ମନସ୍ତତ୍ତ୍ୱ, ଏକକୀତ୍ୱବୋଧ, ଯୌନ ନିର୍ଯାତନା, ପ୍ରେମ ସମସ୍ୟା, ଦୁର୍ନୀତି, ପରିବେଶ ଓ ପ୍ରକୃତିର

ପ୍ରକୋପ, ମହାମାରୀ ବ୍ୟାପକ, ଆତଙ୍କବାଦ ଓ ଯୁଦ୍ଧମୁଖର ବିଶ୍ୱ ସମାଜ, ମାନବିକ ମୂଲ୍ୟବୋଧରେ ଅବକ୍ଷୟ ପ୍ରଭୃତି ବହୁ ପ୍ରସଙ୍ଗ ଓଡ଼ିଆ ଗାଳ୍ପିକର ସର୍ଜନ ମାନସିକତାକୁ ବହୁ ପରିମାଣରେ ପ୍ରଭାବିତ କରୁଅଛି । ଏହିପରି କ୍ଷୁଦ୍ରଗଳ୍ପର ଧାରା ପ୍ରଭାବିତ ହୋଇଛି ।

(୧) ସାମଲ, ବୈଷ୍ଣବ ଚରଣ - ଓଡ଼ିଆ ଗଳ୍ପ: ଗତି ଓ ପ୍ରକୃତି

(୨) ଦାସ, ଗୌରହରି - ସ୍ୱାଧୀନୋତ୍ତର ଓଡ଼ିଆ କ୍ଷୁଦ୍ରଗଳ୍ପ(ତୃତୀୟ ଭାଗ) - ମୁଖବନ୍ଧ

(୩) ସ୍ୱାଇଁ, ଡକ୍ଟର ଦିଲ୍ଲୀପ କୁମାର - ସାହିତ୍ୟ ସ୍ରୋତ, ନୂତନପ୍ରସ୍ଥ, ପୃଷ୍ଠା - ୧୭୫

(୪) ନିର୍ଝରିଣୀ, ଶ୍ରିବତ୍ସା (ପ୍ରଧାନ, କୃଷ୍ଣଚନ୍ଦ୍ର) - ଓଡ଼ିଆ କ୍ଷୁଦ୍ରଗଳ୍ପରଧରା ଓ ଧାରା (ପ୍ରଥମ ଭାଗ), ମୁଖବନ୍ଧ












# ତୃତୀୟ ଲିଙ୍ଗୀ ...



**ସୋନାଲୀ ସ୍ୱାଇଁ**
ବାଲିସାହି ଚନ୍ଦ୍ରକୋଟ୍,
ସାକ୍ଷୀଗୋପାଳ

**ମୋ**ର ଜନ୍ମଦିନ ଥିଲା ଭାଦ୍ରବ ମାସରେ, ଅତି ଶରଧାରେ ବାପା ମୋ ପାଇଁ ଆଣି ଦେଇଥିଲେ ନୂଆ ଡ୍ରେସ୍ ଟି । କିନ୍ତୁ ତାହା ସେମିତି ହିଁ ଥାକ ରେ ରହିଗଲା । ଓଡ଼ିଆ ଘରେ ଜନ୍ମ ଦିନରେ କୁଆଡେ ଝିଅଟି ଦେବୀ ରୂପେ ଆସିଛି ବୋଲି ତାକୁ ପୂଜା କରାଯାଏ । ମାତ୍ର ସେଦିନ ତାକୁ କେହି ଛୁଇଁଲେ ନାହିଁ । ସେ ନାରାଜ୍ ଥିଲା । ଭାବି ବସିଲା କଣ ସତରେ ସେ ଗୋଟେ ଅଭାଗିନୀ । ମନ୍ଦିରର ଦେବୀ ହୋଇ ୩୬୫ ଦିନ ଯାକ ସେ ପୂଜା ପାଆନ୍ତି । ଲୋକମାନେ ତାଙ୍କ ପାଦ ତଳେ ନିଜ ମୁଣ୍ଡ ନୁଆଇଁ ଦିଅନ୍ତି, ମାତ୍ର ଆଜି ସେଇ ମଣିଷ ଝିଅଟି ପାଇଁ ଏ ସମାଜ ଏତେ ନିଷ୍ଠୁର କଣ ପାଇଁ..? ନିଜ ଭିତରେ ଜନ୍ମ ନେଉଥିବା ଅଦ୍ଭୁତ ଯନ୍ତ୍ରଣା ସବୁକୁ କିଏ ଦେଖି ଆହା ପଦେ ବି କୁହନ୍ତିନି, କିନ୍ତୁ ଶେଷରେ ତାକୁ କୁହାଗଲା ଅଭିଶପ୍ତା । ବିଜ୍ଞାନ କୁହେ ଯଦି ଏହା ଶାରୀରିକ ପରିବର୍ତ୍ତନ ତେବେ ସେ କାହିଁକି ପାଲଟିଗଲା ଏ ସମାଜ ପାଇଁ ଅଲୋଡ଼ା ?

ସେ ତ ଏ ସମାଜର ନ୍ୟାୟ ଅନ୍ୟାୟ, ସଂସ୍କାର ବ୍ୟବାହର ଚାଲି ଚଳଣି ସବୁ କିଛି ଜାଣିଥିଲା , ହେଲେ ତା ପାଖେ ବୋଧେ କେଉଁ ଏକ କୋଣରେ ରହିଥିଲା ସେ ସମାଜର ଅଂଶ ଯେଉଁ ସମାଜକୁ ଅନ୍ୟମାନେ ଘୃଣା କରୁଥିଲେ. । କଥା କଥାରେ ସେ ତାଳି ମାରେ, ମଥାରେ ସିନ୍ଦୁର ଲଗାଏ, ହାତରେ ଶଙ୍ଖା ପିନ୍ଧି ଦିଏ ଏବଂ ଦେହରେ ଶାଢ଼ୀ ପରିଧାନ କରେ.... ବାସ୍ ଏଥିପାଇଁ ବୋଧେ ଏ ସମାଜ ତାକୁ ଅଲଗା ଦୃଷ୍ଟିରେ ଦେଖିଥିଲା, ନାମକରଣ ରେ ତାକୁ କିନ୍ନର ଛକ୍କା ବୋଲି କହୁଥିଲା । ଯାହା ପାଇଁ ସେ ଆତ୍ମ ହତ୍ୟା କରିବାକୁ ବାଧ ହେଲା! ସେ ବିଶ୍ୱାସ କରି ନଥିଲା ଜନ୍ମ ନେଇଥିବା ସେ ଭ୍ରୁଣ ଟିକୁ ଦିନେ ଏତେ କଷ୍ଟ ସହିବାକୁ ପଡ଼ିବ. ।

ଯେଉଁ ମାଆ ପେଟରୁ ଆମେ ମାନେ ଜନ୍ମ ଠିକ୍ ସେଇ ମାଆ ପେଟରୁ ସେ ବି ଦିନେ ଜନ୍ମ ନେଇଥିଲା କଅଁଳ ଶିଶୁ ଟି ହୋଇ । ଆମେ ମାନେ ଏଠି ସମ୍ମାନିତ ଆଉ ସେ କାହିଁକି ପୀଡ଼ିତା? ବାରମ୍ବାର ପ୍ରତି ଥର ଏ ସମାଜ ପାଖରୁ ସେ ସାଉଁଟି ଆସିଲା ଅସମ୍ମାନ, ଘୃଣା, ହିଂସା ଓ ନୀଚ ଦୃଷ୍ଟି, କାହିଁକି ସେ ଶିକାର ହେଲା ସେ କଥା ସବୁରେ , ଯନ୍ତ୍ରଣା ର ବାହୁ ବନ୍ଧନ ରେ । ଆମ ସମ୍ବିଧାନ ର କେଉଁ ଧାରାରେ ଉଲ୍ଲେଖିତ ଅଛି ଯେ ତୃତୀୟଲିଙ୍ଗୀ ମଣିଷମାନେ ଏ ସମାଜରେ ବସବାସ କରିପାରିବେ ନାହିଁ..? ମୁଁ ଆଜି ସେଇ ମଣିଷ ମାନଙ୍କୁ ପ୍ରଶ୍ନ କରିବାକୁ ଚାହେଁ ଯେଉଁମାନେ କିନ୍ନର ଛକା କହି ସେ ଜାତି ମାନଙ୍କ ଉପରେ ଆଙ୍ଗୁଳି ଉଠାଉଛନ୍ତି । ଯଦି ସମାଜରେ କିନ୍ନର ମାନେ ରହିବା ଅଶୁଭ ତେବେ ମହାଦେବ ମାତା ପାର୍ବତୀ ଙ୍କ ମିଶ୍ରିତ ରୂପକୁ ଅର୍ଦ୍ଧନାଗେଶ୍ୱର ରୂପେ ଆମେ କିପରି ପୂଜା କରିପାରୁଛନ୍ତି । ଯଦି ଓ ସେମାନେ ପୂଜନୀୟ, ସେମାନଙ୍କ ଭଗ୍ନାବଶେଷ ର କିଛି ଅଂଶରୁ ଜନ୍ମ ନେଇଥିବା ଏହି ତୃତୀୟଲିଙ୍ଗୀ ମଣିଷମାନେ ଆଜିର ସମାଜ ରେ ଅଭିଶପ୍ତ କାହିଁକି ? ଆଧୁନିକତାର ସ୍ୱାଦ ଚାଖି ଏ ମଣିଷ ନିଜର କାର୍ଯ୍ୟ କଳାପରେ ନୂଆ ଇତିହାସ ସୃଷ୍ଟି କରିପାରୁଛି ତେବେ ଏମାନଙ୍କ ପାଇଁ ଏ ସମାଜ ଏତେ ତିରସ୍କାର କରେ କାହିଁକି....?? ଗଙ୍ଗା ନଦୀ ଦୂଷିତ ହୋଇବି ଆଜି ପବିତ୍ର ତେବେ ଧରା ରେ ସେ

ନାମଧାରୀ ଗଙ୍ଗା ଆଜି କାହିଁକି ପାଲଟିଛି ଅପବିତ୍ର? ସମାଜ ପାଇଁ କଳୁଷିତ ର କାରାଗାର କଣ ପାଇଁ? କାହିଁକି ତାଙ୍କ ରୂପ ରଙ୍ଗ ବ୍ୟବହାର ରେ ଏ ମଣିଷ ତାଙ୍କ ପ୍ରତି ଏତେ ଅସନ୍ତୁଷ୍ଟ ...?

କିନ୍ନର ବୋଲି ଏ ମଣିଷ ସମାଜ ଦେଖେ ତାଙ୍କୁ ଖରାପ୍ ଦୃଷ୍ଟିରେ, ଯଦି ତୃତୀୟ ଲିଙ୍ଗୀ ବ୍ୟକ୍ତି ବିଶେଷ ଅସଭ୍ୟ ସମାଜରୁ ସୃଷ୍ଟ ତେବେ ଏ ସଭ୍ୟ ସମାଜ ତାଙ୍କ ପ୍ରତି ଘୃଣ୍ୟ ଦୃଷ୍ଟି ଭାବ ରଖିପାରିଛି କିପରି..।

ପୌରାଣିକ ରୁ ଆସି ଆମେ ଆଧୁନିକ ସଭ୍ୟତା ଗଢ଼ି ଚାଲିଲେ। ଆଧୁନିକତା ର ଅର୍ଥ ଯଦି ନୂଆ କରି କିଛି ଆରମ୍ଭ କରିବାର ପ୍ରକ୍ରିୟା ତେବେ କେଉଁ ଆଧୁନିକତା ର ଚିନ୍ତାଧାରା କୁ ନେଇ ଏ ମଣିଷ ସମାଜ ଉନ୍ନତି କରୁଛି? ଏହା କେଉଁ ଆଧୁନିକତା ର ସହର ଯେଉଁଠି ମାନବ ର ଚିନ୍ତାଧାରା ହିଁ କଳୁଷିତ । ମୁଁ ଜାଣେ ଏହାର ଉତ୍ତର କାହା ପାଖରେ ନଥିବ କାରଣ ସର୍ବ ପ୍ରଥମେ ଆମ ପରି କିଛି ନାରୀ ହିଁ ଏ ତୃତୀୟଲୀଙ୍ଗ ସମାଜ କୁ ପାଦରେ ଏଡ଼ାଇ ଦେଇଛନ୍ତି । ମୋ ମତରେ ଆଧୁନିକତା ର ସ୍ୱାଦ ସେତେବେଳେ ଚାଖି ହେବ ଯେବେ ଏ ସମାଜ ନିଜକୁ ଚିନ୍ତା ଧାରାରେ ପରିବର୍ତ୍ତନ କରାଇବ । କିଛି ଗଣ ଦୁଷ୍କର୍ମ କଥାକୁ ଦୃଷ୍ଟିରେ ରଖି ମୁଁ ଲେଖିଥିଲି:-

" ଯେଉଁ ନାରୀ ସାଜେ ଏଠି କାହା ଘର ଝିଅ ତା ପାଇଁ ନିମ୍ନ ଚିନ୍ତାଧାରା ରଖେ ଆଉ କାହାଘର ପୁଅ, ଯେଉଁ ପୃଥିବୀ କୁ ମା ମା କହୁ, ବସୁଧୈବ କୁଟୁମ୍ବକମ୍ ର ପରିଚୟେ ନିଜକୁ ଉନ୍ନତ ରଖୁ, ଆଜି ସେଇ ମାଆ ବି ନିଜକୁ ବଳି ଦେଉଛି, ନିଜ ପୁଅର ଭବିଷ୍ୟତ ଦେଖୁ ଦେଖୁ.। "

ଯିଏ ଏଠି ତୃତୀୟ ଲିଙ୍ଗ
ସିଏ ବି ପୀଡ଼ିତ ଆଜି
ରକ୍ତ ପିପାସୁ ଭକ୍ଷଣକରି
କେମିତି ଡାକେ ତାକୁ ବେଶ୍ୟା ବୋଲି ...??

ଅନ୍ୟ ଗୋଟେ ପୁରୁଷ ର ବାହୁ ବନ୍ଧନରେ ରହି ଯଦି ନାରୀ ଟି ଆଜି ସମ୍ମାନିତ , ପୁରୁଷ ଆଗରେ ତାଳି ମାରି ନିଜ ପେଟ ପୋଷୁଥିବା ନାରୀ ଏଠି ଅସମ୍ମାନିତ କିପରି??

ମୋର ଦାବି ଏ ସମାଜରେ ତୃତୀୟଲିଙ୍ଗି ମଣିଷ ମାନଙ୍କୁ ଉଚିତ୍ ସମ୍ମାନ ଓ ବ୍ୟବହାର ସହ ଶିକ୍ଷା ସ୍ୱାସ୍ଥ୍ୟ ସେବା କ୍ଷେତ୍ର ରେ ଉଚିତ୍ ସ୍ଥାନ ମିଳୁ.. ସମ୍ବିଧାନ ର ପ୍ରତ୍ୟେକ ଟି ଅଧିକାର ତାଙ୍କ କ୍ଷେତ୍ରରେ ମଧ୍ୟ ଉପଲବ୍ଧ ହେଉ। ତାହାଲେ ନିଶ୍ଚୟ ଭାରତ ବାସୀ ଙ୍କ ସୁରକ୍ଷା କ୍ଷେତ୍ରରେ ସେମାନେ ବି ତତ୍ ପର ହେବେ.... ଆମର ଜନ୍ମ ଏ ପୁଣ୍ୟ ମାଟିର ଧରଣୀ ମା ର କୋଳରେ ହେଇଚି, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଏକ୍...।

# ମମତାର ଠିକଣା ...



**ଜଗନ୍ନାଥ ପରିଛା**
କେନ୍ଦୁଝର

**କଂ**କ୍ରିଟ୍ ସହରର ଉଚ୍ଛ୍ରିତ ପ୍ରାସାଦ, ଯାନ୍ତ୍ରିକ ଜୀବନ ଆଉ ବନ୍ଧନପୂର୍ଣ୍ଣ ଆହାର ଭିତରେ ବୟସ ସହ ପଦବୀ ତ ବଢ଼ିଚାଲେ; ହେଲେ ଛାତି ତଳର ସେଇ ଗୋପନ ନୀରବତା କେବେ ବି ଆତ୍ମତୃପ୍ତି ପାଏନାହିଁ। ଆଜି ଘରର ବଡ଼ ପୁଅ ଭାବେ ସଫଳତାର ଶିଖର ଛୁଇଁଲା ପରେ, ନିଜ ଗୋଡ଼ରେ ଛିଡ଼ା ହୋଇ ସଂସାରକୁ ଜିତିବାର ସାହସ ଆସିଲା ପରେ ବି, କେଉଁ ଗୋଟିଏ କ୍ଳାନ୍ତ ସଞ୍ଜରେ ମନଟା ପୁଣି ସେଇ ଛୋଟ ଶିଶୁଟିଏ ହୋଇ ଅତୀତ ଆଡ଼କୁ ବାଟ ଭାଙ୍ଗିଦିଏ।

ଦାୟିତ୍ୱର ଗୁରୁଭାର ସଦାସର୍ବଦା କାନ୍ଧ ଉପରେ ଥାଏ; ସମସ୍ତଙ୍କ ଭରସା, ଆଶା ଆଉ ସ୍ୱପ୍ନର ବୋଝ। ହେଲେ ନିଜ ସତ୍ତା ଭିତରେ ବୁଝିହୁଏ ଯେ, ଏଇ ଯେଉଁ ପାଦ ଦୁଇଟି ଆଜି ସହରର କଠିନ ରାସ୍ତାରେ ନିଜ ପ୍ରତିଷ୍ଠାର ଛାପ ଛାଡୁଛି, ସେଗୁଡ଼ିକୁ ସଂସାରର କଣ୍ଟକିତ ପଥରେ ପ୍ରଥମେ ବାଟ ଚାଲିବା ଶିଖାଇଥିଲା ମା' ର ସେଇ ସ୍ନେହସିଞ୍ଚିତ, ମମତାମୟୀ ହାତ। ଜୀବନର ପ୍ରତ୍ୟେକଟି ସଫଳତା ଆଉ ପ୍ରତ୍ୟେକଟି ନିଷ୍ପତ୍ତି ପଛରେ ମୋ ନିଜ ସାମର୍ଥ୍ୟ ନୁହେଁ, ବରଂ ମା' ର ନୀରବ ସାଧନା ଆଉ ଅପ୍ରକାଶିତ ଆଶୀର୍ବାଦ ହିଁ ଅଦୃଶ୍ୟ ସୁରକ୍ଷା କବଚ ହୋଇ ଛିଡ଼ା ହୋଇଥିଲା।

ଆଜି ଅଜଣା ସହରର ସବୁ ସୁଖ ସୁବିଧା ଥାଇ ବି ଆଖି ଦୁଇଟି ଖୋଜିବୁଲେ ଗାଁ ଘରର ସେଇ ମାଟି ପିଣ୍ଡା। ସେଇଠି, ଯେଉଁଠି ମା' ର ସ୍ନେହଭିଜା ପଣତ କାନିରେ ମୁହଁ ପୋଛିଦେଲେ ସାରା ଦୁନିଆର ଦୁଃଖ, କଷ୍ଟ ଆଉ କ୍ଳାନ୍ତି ନିମିଷକେ ନିଶ୍ଚିହ୍ନ ହୋଇଯାଉଥିଲା। ସଫଳତାର ଶହେଟି କରତାଳି ବି ମା' ର ଗୋଟିଏ ସୋହାଗପୂର୍ଣ୍ଣ ସ୍ପର୍ଶ ଆଗରେ ନିହାତି ଫିକା। ଆଜି ବି ଇଚ୍ଛା ହୁଏ, ନିଜର ସବୁ ବୟସ, ସବୁ ଗାମ୍ଭୀର୍ଯ୍ୟ ଆଉ ଅହଂକାରକୁ ଦୂରକୁ ଫିଙ୍ଗିଦେଇ ପୁଣିଥରେ ସେଇ ଛୋଟ ପୁଅଟି ଭଳି ମା' ର ଆଙ୍ଗୁଠି ଧରି ବାଟ ଚାଲିବାକୁ, ତା' କୋଳରେ ମୁଣ୍ଡ ରଖି ଜୀବନର ସବୁ କୋଳାହଳରୁ ଦୂରରେ ନିଶ୍ଚିନ୍ତରେ ଶୋଇପଡ଼ିବାକୁ।

**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ** : ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା** : ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା** : ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା** : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,**ସଂଯୋଜକ** : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ସନ୍ଥ କବି ଭୀମ ଭୋଇ : ଜାତିଭେଦରୁ ଊର୍ଦ୍ଧ୍ୱରେ ମାନବତାର ସ୍ୱର ...



ଅସିତ ମହାନ୍ତି
ସୁଜନପୁର, ଯାଜପୁର

**ଭୀ**ମ ଭୋଇ (୧୮୫୦-୧୮୯୫) ୧୯ଶ ଶତାବ୍ଦୀର ଜଣେ ମହାନ ସନ୍ଥ, କବି ଏବଂ ସମାଜ ସଂସ୍କାରକ ଥିଲେ। ମହିମା ସ୍ୱାମୀଙ୍କ ଅନୁଗାମୀ ଭାବରେ, ସେ ଜାତି ପ୍ରଥାକୁ ବିରୋଧ କରିଥିଲେ ଏବଂ ମହିମା ଧର୍ମର ପ୍ରସାରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର କବିତାଗୁଡ଼ିକ - ବିଶେଷକରି ସ୍ତୁତି ଚିନ୍ତାମଣି - ମାନବ କଲ୍ୟାଣ ଏବଂ ଏକେଶ୍ୱରବାଦର ଦର୍ଶନ ପାଇଁ ଓଡ଼ିଆ ସାହିତ୍ୟରେ ସର୍ବୋଚ୍ଚ ବିବେଚିତ ହୁଏ।

ସନ୍ଥ କବି ଭୀମ ଭୋଇ ୧୮୫୦ମସିହାରେ ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ରେଢାଖୋଲ ନାମକ ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ଏକ ଅତ୍ୟନ୍ତ ସରଳ ଏବଂ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ କୌଣସି ରୋଗ ଯୋଗୁଁ ସେ ଦୃଷ୍ଟିଶକ୍ତି ହରାଇ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥିଲେ। ଭୀମ ଭୋଇ ବାଲ୍ୟକାଳରୁ ବୁଦ୍ଧିମାନ ଏବଂ ଜ୍ଞାନୀ ଥିଲେ, ଯାହାଙ୍କ ଆଗରେ ମହାନ ବିଦ୍ୱାନମାନେ ମଧ୍ୟ ଆତ୍ମସମର୍ପଣ କରିଥିଲେ। ତାଙ୍କର ଅତ୍ୟନ୍ତ ଦୟାଳୁ ଏବଂ ସରଳ ସ୍ୱଭାବ ଯୋଗୁଁ କେହି ତାଙ୍କୁ ସମ୍ମାନ ଦେଉ ନଥିଲେ ଏବଂ ସମସ୍ତେ ତାଙ୍କୁ ମୂର୍ଖ ବୋଲି କହୁଥିଲେ। ଭୀମ ଭୋଇ ପଢ଼ିବାରେ ବହୁତ ଆଗ୍ରହୀ ଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ, ତାଙ୍କ ଗାଁରୁ ୫୦ କିଲୋମିଟର ଦୂରରେ କୌଣସି ବିଦ୍ୟାଳୟ ନଥିଲା। ତାଙ୍କର ଶିକ୍ଷା ମୁଖ୍ୟତଃ ସ୍ୱୟଂ ଅର୍ଜିତ ଥିଲା .ସେ ମୌଖିକ ପରମ୍ପରା ଏବଂ ବୃଦ୍ଧ ଜଣଙ୍କ ଠାରୁ ଶୁଣିବା , ଲୋକ କଥା , ଭକ୍ତି ଗୀତ ଏବଂ ମହିମା ସ୍ୱାମୀଙ୍କ ଉପଦେଶ ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ।

୧୦ ବର୍ଷ ବୟସ ସୁଦ୍ଧା ଏହି ମହାନ ବ୍ୟକ୍ତି ସମସ୍ତ ପ୍ରମୁଖ ଭାରତୀୟ ଶାସ୍ତ୍ରଗୁଡ଼ିକୁ ଦୁଇଥର ଅଧ୍ୟୟନ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ସେ ଶୁଣିଥିବା କିଛି ଭୁଲି ନଥିଲେ। ବୟସ ବଢ଼ିବା ସହିତ ତାଙ୍କ ସରଳତା, ନମ୍ରତା ଏବଂ ଦୟା ତାଙ୍କ ସହିତ ବଢ଼ିଥିଲା। କେବଳ ସେତିକି ନୁହେଁ, ତାଙ୍କ ପାଣ୍ଡିତ୍ୟ ଏବଂ ଜ୍ଞାନର ସମ୍ପତ୍ତି ମଧ୍ୟ ବହୁ ଦୂରକୁ ବ୍ୟାପିବାକୁ ଲାଗିଲା।

ସନ୍ଥ କବି ଭୀମ ଭୋଇଙ୍କୁ "ସନ୍ଥ" କୁହାଯାଏ କାରଣ ସେ କେବଳ ଜଣେ କବି ନଥିଲେ, ବରଂ ଜଣେ ଗଭୀର ଆଧ୍ୟାତ୍ମିକ ସାଧକ, ସମାଜ ସଂସ୍କାରକ ଏବଂ ମହିମା ଧର୍ମର ପ୍ରତିଷ୍ଠାତା ଥିଲେ, ଯାହା ଜାତିଭେଦ, ମୂର୍ତ୍ତିପୂଜା ଏବଂ ଧାର୍ମିକ ପ୍ରଦର୍ଶନକୁ ବିରୋଧ କରିଥିଲା ଏବଂ ମାନବତା, କରୁଣା ଏବଂ ସତ୍ୟର ବାର୍ତ୍ତାକୁ ପ୍ରୋତ୍ସାହିତ କରିଥିଲା। ମହିମା ଧର୍ମର ଅନୁଗାମୀ: ଭୀମ ଭୋଇ ମହିମା ସ୍ୱାମୀଙ୍କ ଶିଷ୍ୟ ଥିଲେ ଏବଂ ଏକେଶ୍ୱରବାଦ (ଏକ ଈଶ୍ୱରଙ୍କ ଉପାସନା) ପ୍ରଚାର କରିଥିଲେ। ତାଙ୍କ ଅନୁସାରେ, ଈଶ୍ୱର ଅବର୍ଣ୍ଣନୀୟ, ନିରାକାର ଏବଂ ନିରାକାର। ଜାତି ଏବଂ ଭେଦଭାବର ବିରୋଧ: ସେ ସମାଜରେ ପ୍ରଚଳିତ ଜାତିଭେଦ, ଭେଦଭାବ ଏବଂ ବ୍ରାହ୍ମଣବାଦୀ ପ୍ରାଧାନ୍ୟକୁ ବିରୋଧ କରିଥିଲେ। ତାଙ୍କ ଅନୁସାରେ, କେବଳ ଦୁଇଟି ଜାତି ଅଛି: ପୁରୁଷ ଏବଂ ମହିଳା। କରୁଣା ଏବଂ ମାନବତାର ସ୍ୱର: ତାଙ୍କ କବିତାଗୁଡ଼ିକ ଗଭୀର କରୁଣାକୁ

**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ** : ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା** : ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା** : ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା** : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,**ସଂଯୋଜକ** : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ପ୍ରତିଫଳିତ କରେ। "ମୋ ଜୀବନ ପାଚେ ନରକ ପଡ଼ିଥାଉ, ଜଗତ ଉଦ୍ଧାର ହେଉ" (ମୋ ଜୀବନ ନର୍କକୁ ଯାଉ, କିନ୍ତୁ ଜଗତ ରକ୍ଷା ହେଉ) ପରି ପଂକ୍ତିଗୁଡ଼ିକ ତାଙ୍କର ଆତ୍ମବଳିଦାନର ଭାବନାକୁ ପ୍ରତିଫଳିତ କରେ। ସାଧାରଣ ଲୋକଙ୍କ ସ୍ୱର: ସେ ଆଦିବାସୀ ସମ୍ପ୍ରଦାୟର ଥିଲେ ଏବଂ ତାଙ୍କ କବିତା ମାଧ୍ୟମରେ ସମାଜରେ ଅବହେଳିତ ଲୋକଙ୍କ ଦୁଃଖକୁ ସ୍ୱର ଦେଇଥିଲେ। ତେଣୁ, ତାଙ୍କୁ "ସ୍ୱରହୀନଙ୍କ ସ୍ୱର" କୁହାଯାଉଥିଲା। ସମାଜ ସଂସ୍କାରକ: ସେ ସତ୍ୟ, ସରଳତା, ଅହିଂସା ଏବଂ ସମାନତାର ବାର୍ତ୍ତା ପ୍ରଚାର କରିଥିଲେ। ତାଙ୍କ ଅନୁଗାମୀମାନେ ବିଭିନ୍ନ ଜାତି ଏବଂ ଶ୍ରେଣୀରୁ ଆସିଥିଲେ ଏବଂ ଏକ ସମ୍ପ୍ରଦାୟରେ ଏକାଠି ରହୁଥିଲେ।

ଭୀମ ଭୋଇଙ୍କ ଜ୍ଞାନ ଦେଖି, ଭାରତର ପ୍ରମୁଖ ବିଦ୍ୱାନ ଏବଂ ବ୍ରାହ୍ମଣମାନେ ତାଙ୍କ ବିରୁଦ୍ଧରେ ଉଠିଗଲେ ଏବଂ ତାଙ୍କୁ ହତ୍ୟା କରିବାକୁ ଧମକ ଦେଲେ, କାରଣ ସମସ୍ତେ ତାଙ୍କ କଥା ଶୁଣୁଥିଲେ। ଭୀମ ଭୋଇ ଭଗବାନଙ୍କ ନାମରେ ଲୋକଙ୍କୁ ଲୁଟୁଥିବା ଏବଂ ଭୟଭୀତ କରୁଥିବା ବ୍ରାହ୍ମଣମାନଙ୍କ ବିଷୟରେ ଲୋକମାନଙ୍କୁ ସତର୍କ କରୁଥିଲେ। ଭୀମ ଭୋଇ ଏତେ ଦୟାଳୁ ଥିଲେ ଯେ ସେ କାହାକୁ ଯନ୍ତ୍ରଣାରେ ଦେଖି ସହ୍ୟ କରିପାରୁ ନଥିଲେ, ଏବଂ ଅନ୍ୟମାନଙ୍କ ଦୁଃଖ ଦେଖି ତାଙ୍କୁ ଗଭୀର ଆଘାତ ଲାଗିଲା ପରି କାନ୍ଦିବାକୁ ପଡୁଥିଲା। ସେହି ମହାନ ବ୍ୟକ୍ତି ଲୋକଙ୍କ ଦୁଃଖ ଏବଂ ଯନ୍ତ୍ରଣା ସହ୍ୟ କରିପାରୁ ନଥିଲେ, ଏବଂ ସେ ଏହି ଜିନିଷଗୁଡ଼ିକ ବିଷୟରେ ଓଡ଼ିଆରେ ଏକ କବିତା ଲେଖିଥିଲେ (ପ୍ରାଣିଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କିବା ସହୁ ମୋ ଜୀବନ ପଛେ ନର୍କେ  ପଡ଼ି ଥାଉ ଜଗତ ଉଦ୍ଧାର ହେଉ)। ଅର୍ଥାତ, ହେ ପ୍ରଭୁ, ଲୋକଙ୍କୁ ଏତେ ଯନ୍ତ୍ରଣା ଏବଂ ଦୁଃଖ ଦେବା ପରେ ଆପଣ କାହିଁକି ଚୁପ୍ ରହୁଛନ୍ତି? ଯଦି ଆପଣଙ୍କୁ ଯନ୍ତ୍ରଣା ଏବଂ ଦୁଃଖ ଦେବାକୁ ପଡିବ, ତେବେ ମୋତେ ଏହି ସମଗ୍ର ପୃଥିବୀର ଯନ୍ତ୍ରଣା ଦିଅ ଏବଂ ସମଗ୍ର ବିଶ୍ୱକୁ ଶାନ୍ତି ଏବଂ ସୁଖରେ ପରିପୂର୍ଣ୍ଣ କର।

ସେ ଏପରି ଅନେକ କବିତା ଲେଖିଥିଲେ, ଯାହା ଆଜି ଓଡ଼ିଶାର ସ୍କୁଲ ଏବଂ କଲେଜରେ ଭୀମ ଭୋଇ ପୁସ୍ତକ ଭାବରେ ପଢ଼ାଯାଏ ।  ମହିମା ସ୍ୱାମୀ - ଯେପରି ସମସ୍ତଙ୍କର ଜଣେ ଗୁରୁ ଅଛନ୍ତି, ସେହିପରି ଭୀମ ଭୋଇଙ୍କର ମଧ୍ୟ ମହିମା ସ୍ୱାମୀ ନାମକ ଜଣେ ଗୁରୁ ଥିଲେ। ସେ ହିନ୍ଦୁ ରୀତିନୀତି ଏବଂ ପୂଜା ପ୍ରଥାର ବିରୋଧୀ ଥିଲେ, କହିଥିଲେ ଯେ ଏହା କେବଳ ଏକ ଧର୍ମ ଯେଉଁଠାରେ ଉଚ୍ଚ ଏବଂ ନୀଚ ମଧ୍ୟରେ ଭେଦଭାବ କରାଯାଉଥିଲା ଏବଂ ପୂଜା ନାମରେ ଅନ୍ୟମାନଙ୍କ ବଳିଦାନ ଦିଆଯାଉଥିଲା, ଯାହା ବିଶ୍ୱକୁ କ୍ରମଶଃ ହିଂସାତ୍ମକ କରୁଥିଲା। ଯେତେବେଳେ ଭୀମ ଭୋଇ ମହିମା ସ୍ୱାମୀଙ୍କୁ ତାଙ୍କର ଗୁରୁ ଭାବରେ ଗ୍ରହଣ କଲେ, ସେ ମହିମା ଧର୍ମର ବାର୍ତ୍ତା ପ୍ରଚାର କରିବା ଆରମ୍ଭ କଲେ। ଏହି ପ୍ରଚାର ସମୟରେ, ଭୀମ ଅପମାନ ଏବଂ ମାଡ଼ ସମେତ ଅନେକ କଷ୍ଟର ସମ୍ମୁଖୀନ ହୋଇଥିଲେ। ମହିମା ଧର୍ମକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ, ସେ ଓଡ଼ିଶାର ଜ୍ରୁରୁଣ୍ଡା ଗାଦିରେ ଏକ ମନ୍ଦିର ନିର୍ମାଣ କରିଥିଲେ।

ମହିମା ଧର୍ମ - ଭୀମ ଭୋଇ ଇତିହାସ ଅନୁସାରେ, ମହିମା ଧର୍ମ ଏପରି ଏକ ଧର୍ମ ଯେଉଁଠାରେ କୌଣସି ପ୍ରକାରର ସ୍ୱାର୍ଥପରତା ନାହିଁ। ଗାଥା ଅନୁସାରେ, ମହିମା ଧର୍ମ ଅନୁସାରେ, ଈଶ୍ୱରଙ୍କର କୌଣସି ଆକାର ନାହିଁ କିମ୍ବା ତାଙ୍କର କୌଣସି ଆକାର ନାହିଁ, ଅର୍ଥାତ୍ ଈଶ୍ୱର ନିରାକାର, ଯିଏ ବ୍ରହ୍ମାଣ୍ଡର ପ୍ରତ୍ୟେକ କଣିକାରେ ବିଦ୍ୟମାନ, ଯିଏ କୌଣସି ମନ୍ଦିର କିମ୍ବା ମସଜିଦରେ କୌଣସି ଆକୃତି କିମ୍ବା ମୂର୍ତ୍ତି ରୂପରେ ବିଦ୍ୟମାନ ନୁହଁନ୍ତି, ବରଂ ସର୍ବତ୍ର ବିଦ୍ୟମାନ। ଆଜି ମଧ୍ୟ, ଓଡ଼ିଶା ରାଜ୍ୟରେ ମହିମା ଧର୍ମର ଅନେକ ଲୋକଙ୍କୁ ଦେଖାଯାଇପାରେ, ଯେଉଁମାନେ ସାଂସାରିକ ଇଚ୍ଛାକୁ ପଛରେ ପକାଇ ସେହି ଧର୍ମକୁ ଗ୍ରହଣ କରି ସନ୍ଥ ହୋଇ ଶାନ୍ତି ଏବଂ ସୁଖରେ ଜୀବନଯାପନ କରନ୍ତି। ଯେଉଁମାନେ ଏହି

ଧର୍ମକୁ ଗ୍ରହଣ କରନ୍ତି ସେମାନେ ସକାଳ 4 ଟାରେ ଉଠି ସ୍ନାନ କରିବା ଉଚିତ ଏବଂ ଭୀମ ଭୋଇ ଭଜନ ଗାନ କରିବା ଉଚିତ, ଯାହା ଏକ ମନ୍ତ୍ର ପରି ଏବଂ ଶୁଣିବାକୁ ମନୋରମ।

ମହିମା ଧର୍ମ ଅନୁସାରେ, ଯେଉଁମାନେ ଏହି ଧର୍ମକୁ ଗ୍ରହଣ କରନ୍ତି ସେମାନଙ୍କୁ ପ୍ରେମ, କ୍ରୋଧ ଏବଂ କ୍ରୋଧରୁ ଦୂରେଇ ରହିବା ଉଚିତ। ଏହି ଧର୍ମ ମୁଖ୍ୟତଃ ଓଡ଼ିଶାର ଲୋକମାନେ ଜାଣନ୍ତି, କାରଣ ଏହା ଏବେ ବି ଓଡ଼ିଶାରେ ବ୍ୟାପକ ଭାବରେ ପ୍ରଚାରିତ, ଏବଂ ଅନେକ ସନ୍ଥଙ୍କ ପ୍ରତି ସମର୍ପିତ ମନ୍ଦିର ସେଠାରେ ଦେଖିବାକୁ ମିଳେ।

୧୮୭୦ ମସିହାରେ, ସେ ମାତୃ ଗର୍ଭରେ ଶିଶୁ କିପରି ରୁହେ ତାହା ଆବିଷ୍କାର କରିଥିଲେ। ୧୯୮୬ ମସିହାରେ, ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ, ବୈଜ୍ଞାନିକମାନେ ସମାନ ଜିନିଷ ଆବିଷ୍କାର କରିଥିଲେ, ଯାହା ଆମେରିକାର ସମସ୍ତ ବୈଜ୍ଞାନିକଙ୍କୁ ସ୍ତବ୍ଧ କରିଦେଇଥିଲା, ଯାହା ଯୋଗୁଁ ଆମେରିକା ମଧ୍ୟ ଭୀମ ଭୋଇଙ୍କ ପୁସ୍ତକର ରହସ୍ୟ ଅନୁସନ୍ଧାନ କରୁଛି। ଓଡ଼ିଶାର ମହାନ ସନ୍ଥ, କବି ଏବଂ ସମାଜ ସଂସ୍କାରକ ଭୀମ ଭୋଇ ୧୮୯୫ ମସିହାରେ ମୃତ୍ୟୁବରଣ କରିଥିଲେ। ସ୍ଥାନ: ସେ ଓଡ଼ିଶାର ସୋନପୁର (ସୁବର୍ଣ୍ଣପୁର) ଜିଲ୍ଲାର ଖଲିଆପାଲିରେ ଥିବା ତାଙ୍କ ଆଶ୍ରମରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କାରଣ: ତାଙ୍କ ମୃତ୍ୟୁର ସଠିକ୍ କିମ୍ବା ପ୍ରାକୃତିକ କାରଣ ଇତିହାସରେ ଲିପିବଦ୍ଧ ନାହିଁ, କିନ୍ତୁ ସେ ତାଙ୍କ ଶେଷ ଦିନ ପର୍ଯ୍ୟନ୍ତ ଏହି ଆଶ୍ରମରେ ରହିଥିଲେ ଏବଂ ସ୍ୱାଭାବିକ ଭାବରେ ମୃତ୍ୟୁବରଣ କରିଥିଲେ। ଆଜି ତାଙ୍କର ସମାଧି ଖଲିଆପାଲିରେ ବିଦ୍ୟମାନ, ଯାହାକୁ ଭୀମ ଭୋଇ ସମାଧି ପୀଠ କିମ୍ବା ଶୂନ୍ୟ ମନ୍ଦିର କୁହାଯାଏ।



## ଗଣପର୍ବ ଶ୍ରୀଗୁଣ୍ଡିଚା ...



**ଗଗନ କୁମାର ଦାଶ**
ମୋହନା, ଗଜପତି

"ଗୁଣ୍ଡିଚା ନାମ ତ୍ରିଅକ୍ଷର
ଯେ ମୁଖେ କଲାକ ଉଚ୍ଚାର
ତା ବଂଶେ ଯେତେ ପାପ ଥାଇ
ତାହା ସମସ୍ତ କ୍ଷୟ ପାଇ।
(ଜଗନ୍ନାଥ ଚରିତାମୃତ, ୨୩ଶ ଅଧ୍ୟାୟ)

ଆମର ସଂସ୍କୃତି ଆମର ପରମ୍ପରା ଆମର ଐତିହ୍ୟ କୁ ନେଇ ଆମର ସଂସ୍କାର ଗଠିତ। ଏହି କ୍ରମରେ ଆମର ସଂସ୍କୃତି ରେ ବାର ମାସରେ ତେର ପର୍ବ ପାଳନ ହୁଏ। ଏହା ବ୍ୟତୀତ କେତେ କେତେ ପର୍ବପର୍ବାଣି ପାଳନ କରାଯାଇଥାଏ ତାହା କହିବା ବାହୁଲ୍ୟ ମାତ୍ର। ଏହି ପର୍ବପର୍ବାଣୀ କୁ ସାଧାରଣତଃ ଚାରି ପ୍ରକାରେ ପାଳନ କରାଯାଏ ଯଥା:-
୦୧. ଘରୋଇ ପର୍ବ ବା ପୂଜା ପାଠ
୦୨. ଗଣ ପର୍ବ ବା ସାମାଜିକ ପର୍ବ
୦୩. ହୋମ ଯଜ୍ଞ, ହନୁମାନ ଚାଳିଶା, ବିବାହ, ବ୍ରତ, ମୃତାହତ କର୍ମ, ଜନ୍ମ ଜୟନ୍ତୀ ପ୍ରଭୃତି
୦୪. ଦେଶମାତୃକାର ପର୍ବ

ଏହି ପର୍ବପର୍ବାଣୀ ମଧ୍ୟରେ ମୁଖ୍ୟତଃ ପ୍ରଥମ ଦୁଇଟି ହିଁ ମାନବ ସମାଜରେ ପ୍ରଧାନ ସ୍ଥାନ ର ଦାବି କରିଥାଏ। ଘରୋଇ ପର୍ବ ମଧ୍ୟରେ ମାର୍ଗଶୀର ଗୁରୁବାର ଅନ୍ୟତମ।
ଗଣ ପର୍ବ ରେ ହୋଲି, ରଜ ସଂକ୍ରାନ୍ତି, ରଥଯାତ୍ରା, ଗଣେଶ ପୂଜା, ଦୁର୍ଗାପୂଜା, କାଳୀ ପୂଜା, ଦୋଳପୂର୍ଣ୍ଣିମା, ପ୍ରଭୃତି ହୋଇଥାଏ। ଏହା ସମସ୍ତ ଙ୍କ ମିଳିତ ସହଯୋଗ ଓ ଭାଇଚାରା ରେ ପାଳିତ ହୁଏ।
ହୋମ ଯଜ୍ଞ ବ୍ରତ ବିବାହ ସହଣିକ ପୂଜା ପାଠ ପ୍ରଭୃତି ନିଜ ସୁବିଧା ନେଇ ବ୍ୟକ୍ତିଗତ ଭାବେ ତିଥି ବାର ନକ୍ଷତ୍ର ର ଶୁଭାଶୁଭ ନିର୍ଣ୍ଣୟ କରି କରାଯାଏ
ସାଧାରଣତନ୍ତ୍ର ଦିବସ, ସ୍ବାଧିନତା ଦିବସ, ଶିଶୁ ଦିବସ, ଗୁରୁ ଦିବସ, ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ନିର୍ଦ୍ଦିଷ୍ଟ ତାରିଖରେ ପାଳନ ହୁଏ।
ଏହି ପର୍ବ ଗୁଡିକ ମଧ୍ୟରେ ପ୍ରାୟ ସମସ୍ତ ମୁଖ୍ୟ ପର୍ବପର୍ବାଣୀ ଗଣପର୍ବ ଭାବରେ ସମାଜରେ ସ୍ଥାନ ଅଧିକାର କରେ। ଏହା ସାଧାରଣତଃ ତିଥି ନକ୍ଷତ୍ର ଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସମସ୍ତ ଙ୍କ ସହଯୋଗ ରେ ପାଳନ ହୋଇଥାଏ।
ସବୁ ଗଣପର୍ବ ମଧ୍ୟରେ ରଥଯାତ୍ରା ଅନ୍ୟତମ। ଇତିହାସର ପୃଷ୍ଠା କୁ ଅନୁଶୀଳନ କଲେ ଆମେ ଦେଖିବା, ଶ୍ରୀକ୍ଷେତ୍ର ର ଶ୍ରୀଗୁଣ୍ଡିଚା ପ୍ରତି ମୁହୂର୍ତ୍ତ ରେ ଜାତୀୟ ପ୍ରଗତି ର ପରିସୂଚକ ହୋଇଆସୁଛି। ମାନବ ଜାତି ରେ ଐକ୍ୟ ତଥା ଭାଇଚାରାର ନିବିଡ଼ ତା ସୃଷ୍ଟି କରି ପାରିଛି। ବଡ ଦେଉଳରେ ଥିବା ଧର୍ମ ଗତ ବୈଷମ୍ୟ କୁ ଦୂର କରିବା ପାଇଁ ଭକ୍ତଙ୍କ ଭଗବାନ ନିଜେ

ନିଜେ ବାହାରକୁ ଚାଲି ଆସନ୍ତି। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତ ଙ୍କୁ ଦର୍ଶନ ଦେଇ ପତିତ ଜନଙ୍କ ପାପକୁ ଖଣ୍ଡନ କରିଥାନ୍ତି। ଏଣୁ ଶ୍ଳୋକ ରେ ଅଛି:-

"ରଥସ୍ଥଂ ବାମନ ଦୃଷ୍ଟା ପୁନର୍ଜନ୍ମ ନ ଲଭେତେ।"

ରଥାରଢ ଜଗନ୍ନାଥ ଙ୍କୁ ଦର୍ଶନ କଲେ ଚଉଷଠି ଯୋନି ରୁ ମୁକ୍ତି ମିଳେ ଓ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ସାଧାରଣରେ ବିଶ୍ବାସ ରହିଛି।

କେବଳ ଓଡ଼ିଶା କିମ୍ବା ଭାରତରେ ନୁହେଁ ଏହି ପବିତ୍ର ରଥଯାତ୍ରା ପାଶ୍ଚାତ୍ୟ ରେ ଆଦୃତ ହୋଇ ବିଭିନ୍ନ ମହାଦେଶ ର ବଡ଼ ବଡ଼ ଦେଶରେ ମଧ୍ୟ ପାଳନ କରାଯାଉଛି। ଜଗନ୍ନାଥ ଧର୍ମ କୁ ଆପଣାଇ ବହୁ ବେଦେଶୀ ଜନସାଧାରଣ ସନାତନ ଧର୍ମ ରେ ଅନୁପ୍ରାଣିତ ହୋଇ ହିନ୍ଦୁ ଧର୍ମ ଗ୍ରହଣ କରିବା ସହ ଭଜନ କୀର୍ତ୍ତନ ମନନ ତଥା ଦୀକ୍ଷା ଗ୍ରହଣ କରି ତପସ୍ୟା ମଧ୍ୟ କରୁଛନ୍ତି।

ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତି ର ବିଶେଷ ଚର୍ଚ୍ଚା ଓ ଦାରୁବ୍ରହ୍ମ ଙ୍କର ରଥଯାତ୍ରା ବିପୁଳ ବିଶ୍ବାସ ର ପ୍ରତୀକ ସାଜି ବିଶ୍ବମୁଖି ଆଗ୍ରହ ସୃଷ୍ଟି କରିପାରିଛି।

ଉଦାର ପରମ୍ପରା, ସାମ୍ୟବାଦୀ ଚେତନା, ମିଳିତ ଭାବେ ସହଯୋଗୀ ଭାବନା, ଜ୍ଞାନ କର୍ମ ଭକ୍ତି ର ମୂଲ୍ୟବୋଧ ସୃଷ୍ଟି କାରୀ ମହାନ ପରମ୍ପରାକୁ ନେଇ ଗୁଣ୍ଡିଚା ଯାତ୍ରା ର ଆରମ୍ଭ ମାତ୍ର। ଜାତି, ବର୍ଣ୍ଣ, ଧର୍ମ, ସମ୍ପ୍ରଦାୟ, ସ୍ବଦେଶୀ, ବିଦେଶୀ, ଶାସକ, ଶାସିତ, ଗୃହୀ, ବୈରାଗୀ, କଳା, ଗୋରା, ଉଚ୍ଚ, ନୀଚ, ଧନୀ, ଗରିବ, ଆସ୍ତିକ, ନାସ୍ତିକ, ରାଜା, ପ୍ରଜା, ମୁନି, ଋଷି, ସାଧୁ, ସନ୍ୟାସୀ, ଦୁଷ୍ଟ, ନଷ୍ଟ, ଦାନୀ, ଗ୍ରହିତା, ନିର୍ବିଶେଷରେ ସମଗ୍ର ଅଖଣ୍ଡ ଧରାର ମାନବ ଜାତିକୁ ଏକ ନିଷ୍ଠ ମୈତ୍ରୀ, ପ୍ରିତୀ, ଭକ୍ତି, ସ୍ନେହ, ଶ୍ରଦ୍ଧା, ପ୍ରେମ, ମମତା ରେ ବାନ୍ଧି ଆନନ୍ଦ ଉଲ୍ଲାସ ସୃଷ୍ଟି କରିପାରେ।

ରଥର ବଳଭଦ୍ର, ଜଗନ୍ନାଥ ସୁଭଦ୍ରା ତିନି ଠାକୁରଙ୍କ ତିନୋଟି ରଙ୍ଗ ଯଥା:- ଧବଳ ବର୍ଣ୍ଣ, କୃଷ୍ଣ ବା କଳା ବର୍ଣ୍ଣ ଓ ଲୋହିତ ବର୍ଣ ଅଟେ। ଏହା ସଂସାର ରେ ଥିବା ମାନବ ଜାତିର ଶାରିରୀକ ଅଙ୍ଗ ସୌଷ୍ଠବ ରଙ୍ଗ ସୌନ୍ଦର୍ଯ୍ୟକୁ ସୁଚିତ କରାଇଥାଏ। ଭକ୍ତ ବତ୍ସଳ ଭଗବାନ ପତିତ ଜନଙ୍କ ଶ୍ରଦ୍ଧା ପ୍ରେମ ତଥା ନିଷ୍କାମ ଭକ୍ତି ରେ ପ୍ରିତ ହୋଇ ଦାରୁ ବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତୀ କ୍ଷତ୍ରିୟ ସ୍ବଭାବ ନେଇ ଭକ୍ତମାନଙ୍କ ଆଗରେ ରଥରେ ଆସି ପରିଭ୍ରମଣ କରନ୍ତି ଓ ଭକ୍ତ ଜନଙ୍କୁ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରନ୍ତି। ଏଣୁ ବ୍ରହ୍ମ ପୁରାଣରେ -

"ଗୁଣ୍ଡିଚା ନାମ ଦେବେଶ ଭକ୍ତି ମୁକ୍ତି ଫଳପ୍ରଦା" ଉଲ୍ଲେଖ ରହିଅଛି।

ଏହି ପବିତ୍ର ରଥ ଯାତ୍ରା କୁ ପାପ ନାଶନ ମୁକ୍ତି ପ୍ରଦାୟନ ଯାତ୍ରା ରୂପେ ପରିଗଣିତ କରି ଭକ୍ତି ରେ ଭକ୍ତ ଜନ ସନ୍ତୁଷ୍ଟ ଲାଭ କରନ୍ତି। କପିଳ ସଂହିତାରେ:-

ଗୁଣ୍ଡିଚାଖ୍ୟା ମହାଯାତ୍ରା ଯେ ପଶ୍ୟନ୍ତି ମୁଦାନିତ୍ବାଃ।

ସର୍ବପାପ ବିନିର୍ମୁକ୍ତାସ୍ତେ ଯାନ୍ତି ଭୂବନଂ ମମ୍।" ଲେଖା ଯାଇଅଛି।

ହର ରୂପେ ବଳଭଦ୍ର, ବିଷ୍ଣୁ ରୂପେ ଜଗନ୍ନାଥ, ବ୍ରହ୍ମା ରୂପେ ସୁଭଦ୍ରା ଓ ଶକ୍ତି ରୂପେ ସୁଦର୍ଶନ ବିରାଜମାନ କରନ୍ତି। ଯାହାକି ସତ୍ତ୍ଵ ରଜ ତମ ଗୁଣରେ ଅବତାର ନେଇ ଅଛନ୍ତି।

ରଥଯାତ୍ରା କୁ ବିଭିନ୍ନ ନାମରେ ନାମିତ କରାଯାଇଛି। ଏହାକୁ ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ

ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ କରାଯାଇଛି। ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ଓ ଶେଷ ଆଷାଢ଼ ଶୁକ୍ଳ ଦଶମୀ ଦିନ ହୋଇଥାଏ ନଅ ଦିନ ପାଇଁ ସେ ତାଙ୍କର ଜନ୍ମସ୍ଥାନ କୁ ଯାଆନ୍ତି।
ବିଭିନ୍ନ ପୌରାଣିକ ମତ ତଥା ପଦ୍ମ ପୁରାଣ, ବ୍ରହ୍ମ ପୁରାଣ, ସ୍କନ୍ଧ ପୁରାଣ, କପିଳ ସଂହିତା ପ୍ରଭୃତି ଙ୍କ ମତରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ ଯଥା:- ୦୧. ସ୍ନାନ ଉତ୍ସବ, ୦୨. ଅନବସର, ୦୩. ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୦୪. ଶ୍ରୀଗୁଣ୍ଡିଚା, ୦୫. ହେରାପଞ୍ଚମୀ, ୦୬. ଆଡ଼ପ ପର୍ବ, ୦୭. ବାହୁଡ଼ା ଯାତ୍ରା ଓ ୦୮. ନୀଳାଦ୍ରି ବିଜେ । ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ। ଯଥା:- ୦୧. ଅନ୍ତର୍ବେଦୀ, ୦୨. ମହାବେଦୀ ମହୋତ୍ସବ, ୦୩. ଆଡ଼ପ ଉତ୍ସବ, ୦୪. ଦକ୍ଷିଣାମୁଖୀ ଉତ୍ସବ ଓ ୦୫. ନୀଳାଦ୍ରି ବିଜେ। ଏହାକୁ ଗୁଣ୍ଡିଚା ପଞ୍ଚକ କୁହଯାଏ।
ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଧ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି।



# ମହାମାଟିର ମହାଭାରତ: ଲୁହରୁ ଲଣ୍ଠନ, ଲଣ୍ଠନରୁ ଲାଲ୍‌ବତୀ ...



ଧନଞ୍ଜୟ ଜେନା
ଷୋଳମପୁର, ସୋର,
ବାଲେଶ୍ୱର

### ପ୍ରଥମ ଅଧ୍ୟାୟ: ଶୀତଳ ଅନ୍ଧାରର ପ୍ରଥମ ପ୍ରହାର

**ବା**ହାରେ ପଶ୍ଚିମା ପ୍ରଭଞ୍ଜନର ଝଡ଼ ବହୁଥିଲା। ମାଘ ମାସର ଶୀତୁଆ ରାତି, ଗାଁ ସାରା ଲୋକ କନ୍ଥା ଘୋଡ଼େଇ ଶୋଇପଡ଼ିଲେଣି। କିନ୍ତୁ ଗାଁ ଶ୍ମଶାନ ପାଖକୁ ଲାଗି ରହିଥିବା ସେଇ ଅଧାଭଙ୍ଗା ମାଟି କୁଡ଼ିଆରୁ ଗୋଟିଏ କ୍ଷୀଣ ଆଲୁଅ ବାହାରକୁ ଆସୁଥିଲା। ସେଇଟା କୌଣସି ବିଜୁଳି ଆଲୁଅ ନଥିଲା, ବରଂ ମାତ୍ର ଦୁଇ ଟଙ୍କାର କିରୋସିନିରେ ଜଳୁଥିବା ଏକ କଳା ଧୂଆଁ ବାହାରୁଥିବା ଡିବି।

ଘର ଭିତରେ ବସିଥିଲା ବାଇଶି ବର୍ଷର ଝିଅ ରିଙ୍କି। ଦେହରେ ଗୋଟିଏ ପୁରୁଣା, ରଙ୍ଗ ଛାଡ଼ିଯାଇଥିବା ସ୍ୱେଟର, ଯାହାର କାନ୍ଧ ପାଖ ଚିରିଯାଇଛି। ସେ ନିଜ ଦୁଇ ହାତକୁ ପାଟି ପବନରେ ଗରମ କରୁଥିଲା ଏବଂ ପୁରୁଣା ବହିର ପୃଷ୍ଠା ଓଲଟାଉଥିଲା। ଠିକ୍ ସେତିକି ବେଳେ ବାହାରର ବାଉଁଶ କବାଟଟା ଖଡ଼ଖଡ଼ ହେଲା।

ଭିତରକୁ ପଶିଆସିଲା ପଚାଶ ବର୍ଷର ବୃଦ୍ଧା ସୁମତି– ରିଙ୍କିର ମାଆ।

ସୁମତିର ପାଦ ଦୁଇଟିକୁ ଦେଖିଲେ ଯେକୌଣସି ପଥର ହୃଦୟର ମଣିଷ ବି କାନ୍ଦି ପକାଇବ। ଗୋଡ଼ର ନଖ ଗୁଡ଼ିକ କାଦୁଅ ହାଣି ହାଣି ପଚିଗଲାଣି। ଶୀତ ଦିନର କାକର ଆଉ ମାଟି କାଦୁଅ ମିଶି ତା' ର ଗୋଡ଼ର ଗୋଡ଼ିଆ ଗୁଡ଼ିକ ଏମିତି ଫାଟିଯାଇଛି ଯେ, ସେଥିରୁ ଧାର ଧାର ହୋଇ ରକ୍ତ ନିଗିଡ଼ି ଚଟାଣରେ ପଡୁଛି। ସେ ଗାଁ ଜମିଦାରଙ୍କ ପୋଖରୀ ଖୋଳା କାମରେ "ମହାମାଟୀ" (କାଦୁଅ ମାଟି ବୋହିବା) କାମ କରେ। ଏହି ପ୍ରଚଣ୍ଡ ଶୀତରେ ବି ସେ ପାଣି କାଦୁଅରେ ବୁଡ଼ି ରହି ମାଟି ତାଡୁଥିଲା।

"ମା' ... ଲଣ୍ଠନର ତେଲ ସରିଆସିଲାଣି କିରେ?" ସୁମତି କାଲୁଆ ଭେକାଳିଆ ସ୍ୱରରେ ପଚାରିଲା, ତା' ଓଠ ଦୁଇଟି ଶୀତରେ ନୀଳ ପଡ଼ିଯାଇଥିଲା।

ରିଙ୍କି ବହି ଛାଡ଼ି ଦୌଡ଼ିଗଲା। ମାଆର ସେଇ ରକ୍ତଭିଜା ପାଦକୁ ଦେଖି ସେ ନିଜ ଆଖିର ଲୁହକୁ ରୋକିପାରିଲାନି। ସେ ନିଜ ଚିରା ସ୍ୱେଟର କାନିରେ ମାଆର ଗୋଡ଼ରୁ ରକ୍ତ ପୋଛିବାକୁ ଲାଗିଲା।

"ମାଆଲୋ! ତୁ କାହିଁକି ଏମିତି ହେଉଛୁ? ତୋର ଏଇ ଗୋଡ଼ର ଅବସ୍ଥା ଦେଖିଲେ ମୋ ଛାତି ଫାଟିଯାଉଛି। ମୁଁ ଆଉ ପଢ଼ିବିନି ମାଆ, ମୁଁ କାଲିଠୁ ତୋ ସହ ମୂଲ ଲାଗିବାକୁ ଯିବି," ରିଙ୍କି ମାଆର ଗୋଡ଼କୁ ଜାବୁଡ଼ି ଧରି ଧୋ-ଭୋ ହୋଇ କାନ୍ଦିଉଠିଲା।

ସୁମତି ସଙ୍ଗେ ସଙ୍ଗେ ଝିଅକୁ ପଛକୁ ଟାଣିନେଲା। ତା' ର ଶୁଖିଲା ଆଖିରୁ ଦୁଇ ବୁନ୍ଦା ଗରମ ଲୁହ ଝରିପଡ଼ିଲା। ସେ ଝିଅର ଚିବୁକକୁ ଧରି କହିଲା, "ନା ରିଙ୍କି! ଏଇ ଭୁଲ୍ କେବେ କରିବୁନି। ମୋ ଶରୀରଟା ତ ମାଟି, ଦିନେ ଏଇ କାଦୁଅ

ମାଟିରେ ମିଶିଯିବ। କିନ୍ତୁ ତୁ ଯଦି ହାର୍ ମାନିଯିବୁ, ତେବେ ଆମର ଏଇ ଦୁଃଖ କେବେ ସରିବନି। ମୁଁ ଚାହେଁ, ମୁଁ ଯେଉଁ ମାଟିରେ ଗୋଡ଼ ରଖି ରକ୍ତ ବାହାର କରୁଛି, ସେଇ ମାଟି ଉପରେ ଦିନେ ତୋ ଗାଡ଼ି ଚାଲିବ ଆଉ ସବୁ ବଡ଼ ବଡ଼ ବାବୁମାନେ ତୋତେ ସଲାମ ମାରିବେ। ତୁ ପଢ଼ ମା' ... ତୁ ପଢ଼।"

## ଦ୍ୱିତୀୟ ଅଧ୍ୟାୟ: ଅଭାବର ଚକ୍ରବ୍ୟୂହ ଏବଂ ଶେଷ ସମ୍ବଳର ଆହୁତି

ରିଙ୍କି ଓଡ଼ିଶା ପ୍ରଶାସନିକ ସେବା (OAS) ପାଇଁ ପ୍ରସ୍ତୁତି କରୁଥିଲା। ସେ ଜାଣିଥିଲା, ତା' ପରିବାରର ଦାରିଦ୍ର୍ୟ ହଟାଇବାକୁ ହେଲେ ଏହା ହିଁ ଏକମାତ୍ର ରାସ୍ତା। କିନ୍ତୁ ଭାଗ୍ୟର ପରୀକ୍ଷା ଏତିକିରେ ସରିନଥିଲା। ଓଡ଼ିଶା ଲୋକସେବା ଆୟୋଗ (OPSC) ପକ୍ଷରୁ ପ୍ରିଲିମ୍ସ ପରୀକ୍ଷା ଘୋଷଣା ହେଲା। ପରୀକ୍ଷା କେନ୍ଦ୍ର ପଡ଼ିଥିଲା ଭୁବନେଶ୍ୱରରେ।

ଗାଁରୁ ଭୁବନେଶ୍ୱର ଯିବା, ସେଠାରେ ଦୁଇ ଦିନ ରହିବା ଏବଂ ପରୀକ୍ଷା ଫର୍ମ ପୂରଣ କରିବା ପାଇଁ ଅତିକମରେ ଚାରି ରୁ ପାଞ୍ଚ ହଜାର ଟଙ୍କା ଦରକାର ଥିଲା। ସୁମତିର ଦୈନିକ ମଜୁରି ଥିଲା ମାତ୍ର ଦେଢ଼ ଶହ କି ଦୁଇ ଶହ ଟଙ୍କା। ସେଥିରେ ପେଟକୁ ଦାନା ଯୋଗାଇବା କଷ୍ଟକର, ଟଙ୍କା ସଞ୍ଚୟ ହେବ କେଉଁଠୁ?

ସୁମତି ଗାଁର ସବୁଠାରୁ ବଡ଼ ସାହୁକାର ବିବେକାନନ୍ଦ ପ୍ରଧାନଙ୍କ ଦୁଆରକୁ ଗଲା। ସେତେବେଳେ ସାହୁକାର ଘର ବାରଣ୍ଡାରେ ବସି ଚା' ପିଉଥିଲେ। ସୁମତି ତଳେ ଆଣ୍ଠୁେଇ ପଡ଼ି ହାତ ଯୋଡ଼ିଲା।

"ସାହୁକାର ବାବୁ! ମୋ ଝିଅର ସହରରେ ଗୋଟେ ବଡ଼ ପରୀକ୍ଷା ଅଛି। ମତେ ପାଞ୍ଚ ହଜାର ଟଙ୍କା ଧାର ଦିଅନ୍ତୁ, ମୁଁ ଦିନରାତି କାମ କରି ସୁଝିଦେବି," ସୁମତି କାନ୍ଦି କାନ୍ଦି ଗୁହାରି କଲା।

ସାହୁକାର ଉଚ୍ଚ ସ୍ୱରରେ ହସିଉଠିଲେ। "ଆଲୋ ସୁମତି! ମୁଣ୍ଡ ଖରାପ ହେଇଗଲାଣି କି ତୋର? ତୁ ହେଲୁ ମାଟି ହାଣୁଥିବା କୁଲିଆଣୀ। ତୋ ସ୍ୱାମୀ ମଲା ବେଳେ ମୋଠୁ ପାଞ୍ଚ ଶହ ଟଙ୍କା ନେଇଥିଲା, ସେଇଟା ଏଯାଏଁ ସୁଝିନୁ। ଆଉ ତୋ ଝିଅ କୁଆଡ଼େ ହେବ ହାକିମ? ମୂଲିଆ ଘରର ପିଲା କାଦୁଅରେ ପଶିବା କଥା, ସେ ସହର ଯାଇ ପାଠ ପଢ଼ିବ? ଯା' ଏଠୁ, ବାଟ ଦେଖ୍।"

ଗାଁର ଅନ୍ୟ ଲୋକମାନେ ବି ଜମା ହୋଇ ଥଟ୍ଟା କଲେ, "ଦେଖରେ ଦେଖ, ସୁମତିର ଗୋଡ଼ କାଦୁଅରୁ ବାହାରୁନି, ଝିଅକୁ କଲେକ୍ଟର ବନେଇବ!"

ସୁମତି ଅପମାନରେ ଜଳିଗଲା, କିନ୍ତୁ ସେ ହାର୍ ମାନିଲାନି। ସେ ନିଜ କୁଡ଼ିଆ ଘରକୁ ଫେରିଆସିଲା। ଘରର ଗୋଟିଏ କଣରେ ଗୋଟିଏ ମାଟି ହାଣ୍ଡି ଭିତରେ ଲୁଚାଇ ରଖାଯାଇଥିବା ଗୋଟିଏ ଛୋଟ ପୁଟୁଳି ବାହାର କଲା। ସେଥିରେ ଥିଲା ତା' ର ସ୍ୱାମୀଙ୍କର ଶେଷ ସ୍ମୃତି– ଗୋଟିଏ ସୁନା ପୋତମାଳି ଆଉ ଛୋଟ କାନଫୁଲ ଦୁଇଟା। ସ୍ୱାମୀ ମରିବା ବେଳେ କହିଥିଲେ, "ଏଇଟା ଆମ ଜୀବନର ଶେଷ ସମ୍ବଳ, ସୁଖଦୁଃଖରେ କାମରେ ଆସିବ।"

ସୁମତି ସେଇ ସୁନା ଟିକକ ନେଇ ସହରର ଏକ ଗହଣା ଦୋକାନରେ ଅଧା ଦାମରେ ବିକ୍ରି କରିଦେଲା। ଟଙ୍କାତକ ଆଣି ଯେତେବେଳେ ସେ ରିଙ୍କି ହାତରେ ଦେଲା, ରିଙ୍କି ମାଆର ଶୂନ୍ୟ ବେକ ଆଉ କାନକୁ ଦେଖି ଚିତ୍କାର କରି କାନ୍ଦିଉଠିଲା।

"ମାଆଲୋ! ତୁ ଏଇଟା କଣ କଲୁ? ବାପାଙ୍କର ଶେଷ ଚିହ୍ନକୁ ତୁ ବିକିଦେଲୁ? ମୋର ଏମିତି ପାଠ ପଢ଼ା ଦରକାର ନାହିଁ, ମୁଁ ପରୀକ୍ଷା ଦେବାକୁ ଯିବିନି," ରିଙ୍କି ଟଙ୍କାତକ ଫୋପାଡ଼ି ଦେଇ କହିଲା।

ସୁମତି ରିଙ୍କିକୁ ଜୋର୍‌ରେ ଗୋଟିଏ ଚାପୁଡ଼ା ମାରିଲା। ତା' ପରେ ତାକୁ କୋଳେଇ ନେଇ କାନ୍ଦି କାନ୍ଦି କହିଲା, "ତୁ ଯଦି ଆଜି ନଯିବୁ, ତେବେ ଭାବିବୁ ତୋ ମାଆ ଆଜି ମରିଗଲା। ବାପାଙ୍କର ଆତ୍ମା ସେତେବେଳେ ଶାନ୍ତି ପାଇବ, ଯେତେବେଳେ ତୁ ଏଇ ଗରିବୀର ଶୃଙ୍ଖଳାକୁ ଭାଙ୍ଗି ବାହାରକୁ ଆସିବୁ। ଯା ମା' ... ଜିତିକି ଆସ।"

## ତୃତୀୟ ଅଧ୍ୟାୟ: ସଂଘର୍ଷର କଠିନ ପଥ ଏବଂ କୋହଭରା ପ୍ରତୀକ୍ଷା

ରିଙ୍କି ସହରକୁ ଗଲା। ପରୀକ୍ଷା ଦେଲା। ପ୍ରିଲିମ୍ସ ପରେ ମେନ୍ସ ପରୀକ୍ଷା ବି ହେଲା। ପ୍ରତିଟି ମୁହୂର୍ତ୍ତ ଥିଲା ଅଗ୍ନିପରୀକ୍ଷା ଭଳି। ସେପଟେ ଗାଁରେ ସୁମତିର ଶରୀର ଧୀରେ ଧୀରେ ଅସୁସ୍ଥ ହେବାକୁ ଲାଗିଲା। ଦିନରାତି ପାଣି କାଦୁଅରେ କାମ କରି ତାକୁ ପ୍ରବଳ କଫ ଆଉ ଜ୍ୱର ହେଉଥିଲା। କିନ୍ତୁ ସେ ଔଷଧ କିଣୁନଥିଲା, କାରଣ ଔଷଧ କିଣିଲେ ଝିଅ ପାଇଁ ଟଙ୍କା ପଠାଇବ କେମିତି? ସେ ଭାତ ସାଙ୍ଗକୁ ପିଆଜ ଟିକେ ଖାଇ ରାତି କାଟି ଦେଉଥିଲା।

କେତେବେଳେ ଖରା, କେତେବେଳେ ବର୍ଷା... ସୁମତି ମୁଣ୍ଡରେ ମାଟି ଟୋକେଇ ବୋହି ଚାଲିଥିଲା। ଲୋକଙ୍କ କଟୁ କଥା, ଲାଞ୍ଛନା ସବୁକୁ ସେ ନିଜ ଛାତି ଭିତରେ ପଥର କରି ଚାପି ଦେଇଥିଲା।

ଦିନେ ରିଙ୍କିର ଫୋନ୍ ଆସିଲା (ପଡ଼ୋଶୀ ଘର ଫୋନ୍‌କୁ)। ସୁମତି ଦୌଡ଼ି ଦୌଡ଼ି ଗଲା ଝିଅର ସ୍ୱର ଶୁଣିବାକୁ।

"ମାଆ! ମୋର ଇଣ୍ଟରଭ୍ୟୁ ସରିଗଲା। ଏବେ ବସି ରେଜଲ୍ଟକୁ ଅପେକ୍ଷା କରିଛି," ରିଙ୍କି କହିଲା।

ସୁମତି ଆଖିରୁ ଆନନ୍ଦର ଲୁହ ଝରିପଡ଼ିଲା, "ଭଗବାନ ସବୁ ଦେଖୁଛନ୍ତି ମା' ... ତୋ ସଂଘର୍ଷ କେବେ ବୃଥା ଯିବନି।"

## ଚତୁର୍ଥ ଅଧ୍ୟାୟ: ମହାମାଟିର ଭାଗ୍ୟ ବଦଳିଲା

ପରୀକ୍ଷା ଫଳ ପ୍ରକାଶ ପାଇବା ଦିନ ଥିଲା ବୈଶାଖ ମାସର ଏକ ପ୍ରଚଣ୍ଡ ଉତ୍ତପ୍ତ ଦିନ। ମଧ୍ୟାହ୍ନ ସମୟ, ସୂର୍ଯ୍ୟ ଦେବତା ଯେମିତି ନିଆଁ ବର୍ଷୁଥିଲେ। ସୁମତି ଗାଁ ରାସ୍ତା କଡ଼ରେ କାଦୁଅ ମାଟି ତାଡ଼ି ଖାଲ ବୁଜୁଥିଲା। ତା' ର ଗୋଡ଼ ହାତ ଧୂଳିମାଟିରେ ଧୂସର ହୋଇଯାଇଥିଲା। ପେଟର ଭୋକ ଆଉ ମୁଣ୍ଡର ଝାଳ ମିଶି ସେ ପ୍ରାୟ ମୂର୍ଚ୍ଛା ହେବା ଅବସ୍ଥାକୁ ଆସିଗଲାଣି।

ଠିକ୍ ସେତିକିବେଳେ ଗାଁ ରାସ୍ତାରେ ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଲା। ଧୂଳି ଉଡ଼ାଇ ସାଇରନ୍ ବଜାଇ ଗୋଟିଏ ବଡ଼ ଧଳା ରଙ୍ଗର ଦାମୀ ଗାଡ଼ି ଆସୁଥିଲା। ଗାଡ଼ି ଉପରେ ଚମକୁଥିଲା ନାଲିବତୀ, ଆଉ ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା– "ଓଡ଼ିଶା ପ୍ରଶାସନିକ ସେବା" (OAS)। ତା' ପଛରେ ଆଉ ଦୁଇଟି ପୋଲିସ ଗାଡ଼ି ବି ଥିଲା।

ଗାଁ ଲୋକେ ସବୁ କାମଛାଡ଼ି ରାସ୍ତା କଡ଼ରେ ଠିଆ ହୋଇଗଲେ। ସମସ୍ତଙ୍କ ମନରେ ପ୍ରଶ୍ନ, ଗାଁକୁ କେଉଁ ବଡ଼ ହାକିମ ଆସୁଛନ୍ତି? ସାହୁକାର ବିବେକାନନ୍ଦ ବି ଆଶ୍ଚର୍ଯ୍ୟ ହୋଇ ଦୁଆର ମୁହଁରେ ଠିଆ ହେଲେ।

ଗାଡ଼ିଟି ସିଧା ଆସି ସେଇଠି ଅଟକିଲା, ଯେଉଁଠି ସୁମତି କାଦୁଅରେ ଜୁଡ଼ୁବୁଡ଼ୁ ହୋଇ କୋଦାଳ ଧରି ଠିଆ ହୋଇଥିଲା। ଗାଡ଼ିର କବାଟ ଖୋଲିଗଲା। ପ୍ରଥମେ ଜଣେ ବଡ଼ ବଡ଼ିଆ ସରକାରୀ ସୁରକ୍ଷାକର୍ମୀ ଓହ୍ଲାଇଲେ। ତା' ପରେ ଗାଡ଼ି ଭିତରୁ ଓହ୍ଲାଇଲା ଏକ ସୁନ୍ଦର ପ୍ରଶାସନିକ ପୋଷାକ (Formals) ପିନ୍ଧିଥିବା ଝିଅ। ସେ ଆଉ କେହି ନୁହେଁ, ସେ ଥିଲା ସୁମତିର ରିଙ୍କି! ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ସେ ସାରା ଓଡ଼ିଶାରେ ଶ୍ରେଷ୍ଠ ସ୍ଥାନ ହାସଲ କରି ଆଜି ଡେପୁଟି କଲେକ୍ଟର (OAS Officer) ହୋଇ ଫେରିଥିଲା।

ରିଙ୍କି ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ତା' ର ସମସ୍ତ ଗର୍ବ, ସମ୍ମାନ ଏବଂ ପଦବୀକୁ ପଛରେ ପକାଇ ସିଧା ସେଇ କାଦୁଅ ବିଲ ଭିତରକୁ ଦୌଡ଼ିଲା । ତା' ଆଖିରୁ ଲୁହର ଶ୍ରାବଣ ବହିଯାଉଥିଲା ।

ସୁମତି ସ୍ତବ୍ଧ ହୋଇଯାଇଥିଲା । ତା' ହାତରୁ କୋଦାଳଟା ଖସି ମାଟିରେ ପଡ଼ିଗଲା ।

ରିଙ୍କି ସିଧା ଆସି ମାଆର ସେଇ କାଦୁଅ, ରକ୍ତ ଏବଂ ଧୂଳିଭରା ପାଦ ଉପରେ ନିଜ ମୁଣ୍ଡକୁ ରଖିଦେଲା । ସେ ମାଆର ଗୋଡ଼କୁ ଜାବୁଡ଼ି ଧରି ଚିତ୍କାର କରି କାନ୍ଦିଉଠିଲା ।

"ମାଆଲୋ... ଦେଖ୍, ତୋ ଝିଅ ଆଜି ହାକିମ ହୋଇ ଆସିଛି! ମୁଁ OAS ଅଫିସର ହୋଇଗଲି ମାଆ! ଆଜିଠୁ ତୋର ଏଇ ସଂଘର୍ଷ ଶେଷ ହେଲା । ଆଉ ତୋତେ କେହି ମୂଲିଆଣୀ କହି ଅପମାନ କରିବେନି ମାଆ!" ରିଙ୍କିର ସେଇ କୋହଭରା ସ୍ୱର ଗାଁର ସାରା ଆକାଶରେ ପ୍ରତିଧ୍ୱନିତ ହେଲା ।

## ପଞ୍ଚମ ଅଧ୍ୟାୟ: ଲୁହର ଅଭିଷେକ ଏବଂ ନୂତନ ଗୌରବ

ସୁମତି ନିଜ କାଦୁଅଲିପା ହାତରେ ଝିଅକୁ ତଳୁ ଉଠାଇଲା । ସେ ଝିଅର ସେଇ ସାହେବୀ ପୋଷାକକୁ ଚାହିଁଲା । ରିଙ୍କିର ଧଳା ସାର୍ଟରେ ମାଆର ହାତର କାଦୁଅ ଦାଗ ଲାଗିଯାଇଥିଲା, କିନ୍ତୁ ସେଇ ଦାଗ ଦୁନିଆର ସବୁଠାରୁ ବଡ଼ ସୁନା ପଦକ ଠାରୁ ବି ମୂଲ୍ୟବାନ ଥିଲା । ସୁମତି ଝିଅକୁ କୋଳେଇ ନେଇ ଧୋ-ଭୋ ହୋଇ କାନ୍ଦିବାକୁ ଲାଗିଲା । ସେଇ ଦୁଇ ମାଆ-ଝିଅଙ୍କ କାନ୍ଦ ଗାଁର ପ୍ରତିଟି ଲୋକଙ୍କ ଆଖିକୁ ଓଦା କରିଦେଇଥିଲା ।

ଯେଉଁ ଗାଁ ଲୋକେ ଥଟ୍ଟା କରୁଥିଲେ, ସେମାନେ ଆଜି ଆଶ୍ଚର୍ଯ୍ୟ ହୋଇ ଠିଆ ହୋଇଥିଲେ । ସାହୁକାର ବିବେକାନନ୍ଦ ପ୍ରଧାନ ଦୂରରୁ ହାତ ଯୋଡ଼ି ମୁଣ୍ଡ ନୁଆଁଇ ଠିଆ ହୋଇଥିଲେ ।

ରିଙ୍କି ମାଆର ହାତ ଧରି କହିଲା, "ଚାଲ୍ ମାଆ... ଏଇ ଭଙ୍ଗା ଚାଳ ଘର ଆଉ ଏଇ ମାଟି କାଦୁଅକୁ ଏବେ ବିଦାୟ ଦେବାର ସମୟ ଆସିଛି । ଏବେ ତୁ ମୋ ସହ ସରକାରୀ ବଙ୍ଗଳାରେ ରହିବୁ ।"

ସୁମତି କାନ୍ଦି କାନ୍ଦି ସେଇ ମହାମାଟିକୁ ପ୍ରଣାମ କଲା, ଯେଉଁ ମାଟି ତାକୁ ଦିନେ ରକ୍ତ ଦେଇଥିଲା, କିନ୍ତୁ ଆଜି ତା' ର ସୁନାଝିଅକୁ ଓଡ଼ିଶାର ସର୍ବୋଚ୍ଚ ଆସନରେ ବସାଇଥିଲା । ଗାଡ଼ିଟି ଯେତେବେଳେ ସାଇରନ୍ ବଜାଇ ସହର ଅଭିମୁଖେ ଯାତ୍ରା କଲା, ସାରା ଗାଁର ଲୋକଙ୍କ ଆଖିରେ ଲୁହ ଥିଲା, କିନ୍ତୁ ସୁମତିର ଆଖିରେ ଥିଲା ଜଣେ ବିଜୟୀ ମାଆର ପବିତ୍ର ଆନନ୍ଦାଶ୍ରୁ ।

# ଆମ ଗାଁ ବରଗଛ ...



**ଭବରଞ୍ଜନ ସାମଲ**
କଣ୍ଟିପୁର, ବିଞ୍ଝାରପୁର,
ଯାଜପୁର

**ଚରିତ୍ର:**

**ଜେଜେବାପା (ସନାତନ ମହାନ୍ତି):** ଗ୍ରାମର ଜଣେ ବୟୋବୃଦ୍ଧ, ଆଦର୍ଶବାଦୀ ବ୍ୟକ୍ତି (ବୟସ ପ୍ରାୟ ୭୫ ବର୍ଷ)

**ରମେଶ:** ସନାତନଙ୍କ ପୁଅ, ସହରରେ ରହୁଥିବା ଜଣେ ବ୍ୟବସାୟୀ (ବୟସ ପ୍ରାୟ ୪୫ ବର୍ଷ)

**ଆଲୋକ:** ରମେଶଙ୍କ ପୁଅ, କଲେଜ ପଢୁଆ ଆଧୁନିକ ଯୁବକ (ବୟସ ପ୍ରାୟ ୨୦ ବର୍ଷ)

**ସରପଞ୍ଚ (ହରିହର ଦାସ):** ଗ୍ରାମର ସରପଞ୍ଚ, ବିକାଶ ନାଁରେ ବ୍ୟକ୍ତିଗତ ଫାଇଦା ଚାହୁଁଥିବା ବ୍ୟକ୍ତି।

**ସୁଧୀର:** ଗ୍ରାମର ଜଣେ ସଚେତନ ଯୁବକ।

********************************

**ଦୃଶ୍ୟ - ୧:**

----------------

(ସ୍ଥାନ: ଗ୍ରାମର ମୁଣ୍ଡ। ପୃଷ୍ଠଭୂମିରେ ଏକ ବିଶାଳ ବରଗଛର ଚିତ୍ର ଏବଂ ତାହା ମୂଳେ ଏକ ପଥର ଚଉତରା। ଜେଜେବାପା ଚଉତରା ଉପରେ ବସି ହାତରେ ଏକ ବାଡ଼ି ଧରି ଗଭୀର ଚିନ୍ତାରେ ମଗ୍ନ ଅଛନ୍ତି। ଏହି ସମୟରେ ରମେଶ ଓ ଆଲୋକ ସହରରୁ ଗାଁକୁ ଆସୁଛନ୍ତି।)

ଆଲୋକ: (ଖୁସି ହୋଇ) ଓଃ ଜେଜେବାପା! ଆପଣ ଏଠି ବସିଛନ୍ତି? ପ୍ରଣାମ! ଗାଁକୁ ଆସିଲେ ଏହି ବରଗଛର ଶୀତଳ ଛାଇ ମନକୁ ପୁରା ଶାନ୍ତି କରିଦିଏ।

ଜେଜେବାପା: (ସ୍ନେହରେ ଆଲୋକ ମୁଣ୍ଡରେ ହାତ ରଖି) କଲ୍ୟାଣ ହେଉ ବାପା! ହଁ, ଏହି ବନସ୍ପତି କେବଳ ଏକ ଗଛ ନୁହେଁ, ଏହା ଆମ ପଲ୍ଲୀର ପ୍ରାଣକେନ୍ଦ୍ର।

ରମେଶ: (ଟିକେ ବିରକ୍ତ ସ୍ୱରରେ) ବାପା, ଆପଣ ସେହି ପୁରୁଣା ସ୍ମୃତିକୁ ଧରି ବସିଛନ୍ତି। ଏବେ ସମୟ ବଦଳିଲାଣି। ମୁଁ ଶୁଣିଲି ସରପଞ୍ଚ ଏହି ସ୍ଥାନରେ ଏକ ବଡ଼ ବଜାର ସପିଂ କମ୍ପ୍ଲେକ୍ସ ତିଆରି କରିବାକୁ ଯୋଜନା କରୁଛନ୍ତି। ସେଥିପାଇଁ ଏହି ବରଗଛକୁ କଟାଯିବ

।ଜେଜେବାପା: (ଚମକି ପଡ଼ି, କ୍ରୋଧ ଏବଂ ଦୁଃଖ ଭରା ସ୍ୱରରେ) କ'ଣ କହିଲୁ ରମେଶ? ଏହି ମହୀରୁହକୁ କଟାଯିବ? ନା, ଏହା କଦାପି ସମ୍ଭବ ନୁହେଁ! ମୋ ଶରୀରରେ ରକ୍ତ ଥିବା ପର୍ଯ୍ୟନ୍ତ ମୁଁ ଏହାକୁ ହେବାକୁ ଦେବିନାହିଁ।

**ଦୃଶ୍ୟ - ୨ :**

***********

(ସରପଞ୍ଚ ହରିହର ଦାସ ହାତରେ କିଛି କାଗଜପତ୍ର ଧରି ସେଠାରେ ପ୍ରବେଶ କରୁଛନ୍ତି। ତାଙ୍କ ସହ ଗ୍ରାମର ଯୁବକ ସୁଧୀର ମଧ୍ୟ ଅଛି।)

ସରପଞ୍ଚ: (ହସି ହସି) ଆରେ ସନାତନ ବାବୁ, ନମସ୍କାର! ରମେଶ ବାବୁ ବି ଆସିଗଲେଣି। ଦେଖନ୍ତୁ, ଗ୍ରାମର ପ୍ରଗତି ପାଇଁ ସରକାରୀ ଅନୁଦାନ ଆସିଛି। ଏହି ବରଗଛ ଜାଗାରେ କମ୍ପ୍ଲେକ୍ସ ହେଲେ ଗାଁର ପିଲାମାନେ ଚାକିରି ପାଇବେ, ବ୍ୟବସାୟ ବଢ଼ିବ।

ଜେଜେବାପା: (ବାଡ଼ିକୁ ମାଟିରେ ପିଟି) ସରପଞ୍ଚ ବାବୁ! ବିକାଶ ନାଁରେ ପ୍ରକୃତିର ବିନାଶ କେଉଁ ପ୍ରକାର ନ୍ୟାୟ? ଏହି ବରଗଛ ଆମ ଗ୍ରାମର ଇତିହାସ, ଆମର ସାଂସ୍କୃତିକ ଐତିହ୍ୟ। ମୋର ପ୍ରପିତାମହଙ୍କ ସମୟରୁ ଏହା ଆମ ସୁଖ-ଦୁଃଖର ମୂକସାକ୍ଷୀ ସାଜିଛି।

ରମେଶ: ବାପା, ଆପଣ ଅତିରିକ୍ତ ଭାବପ୍ରବଣ ହେଉଛନ୍ତି। ଏହି ପୁରୁଣା ଗଛରୁ କ'ଣ ମିଳିବ? ଆମକୁ ଆଧୁନିକତା ଆଡ଼କୁ ଦେଖିବାକୁ ହେବ।

ସୁଧୀର: (ପ୍ରତିବାଦ କରି) ନା ରମେଶ ବାବୁ, ଜେଜେବାପା ଠିକ୍ କହୁଛନ୍ତି। ଏହି ଗଛ ଆମ ପରିବେଶର ସନ୍ତୁଳନ ରକ୍ଷା କରୁଛି। ଗ୍ରୀଷ୍ମ ଋତୁରେ ପଥିକ ଓ କୃଷକମାନେ ଏହାର ଶୀତଳ ଛାୟାତଳେ କ୍ଲାନ୍ତି ଅପନୋଦନ କରନ୍ତି। ଏହା ହଜାର ହଜାର ବିହଙ୍ଗମାନଙ୍କ ଆଶ୍ରୟସ୍ଥଳୀ। ଏହାକୁ କାଟିଲେ ପରିବେଶ ଧ୍ୱଂସ ହୋଇଯିବ।

**ଦୃଶ୍ୟ - ୩**

**********

(ଆଲୋକ ମଝିକୁ ଆସି ନିଜ ମୋବାଇଲ୍ ସ୍କ୍ରିନ୍ ସମସ୍ତଙ୍କୁ ଦେଖାଉଛି।)

ଆଲୋକ: ବାପା, ସରପଞ୍ଚ ବାବୁ, ଦେଖନ୍ତୁ! ଆଜିର ଯୁବପିଢ଼ି କେବଳ କଂକ୍ରିଟ୍ ଜଙ୍ଗଲ ଚାହେଁନାହିଁ, ସେମାନେ 'ଇକୋ-ଫ୍ରେଣ୍ଡଲି' ବା ପରିବେଶ ଅନୁକୂଳ ବିକାଶ ଚାହାଁନ୍ତି। ମୁଁ ଇଣ୍ଟରନେଟ୍‌ରେ ଦେଖୁଥିଲି, ଅନେକ ସ୍ଥାନରେ ପ୍ରାଚୀନ ଗଛଗୁଡ଼ିକୁ ନକାଟି ତାହାର ଚାରିପାଖରେ ସୁନ୍ଦର ପାର୍କ କିମ୍ବା ଓପନ୍-ଏୟାର୍ ମାର୍କେଟ୍ ତିଆରି କରାଯାଉଛି।

ଜେଜେବାପା: (ଆଲୋକ ଆଡ଼କୁ ଚାହିଁ ଉତ୍ସାହିତ ହୋଇ) ଦେଖିଲୁ ରମେଶ, ଆଜିର ପିଲା ହୋଇ ମଧ୍ୟ ଆଲୋକ ପ୍ରକୃତିର ମୂଲ୍ୟ ବୁଝିପାରୁଛି। ଯଦି ଏହି ଗଛ କଟାଯାଏ, ତେବେ ଗ୍ରାମର ଆତ୍ମା ମରିଯିବ। ରଜ ପର୍ବରେ ଆମ ଗ୍ରାମର ବଧୂ ଓ କୁମାରୀମାନଙ୍କ ପାରମ୍ପରିକ ଦୋଳି ଗୀତ କେଉଁଠି ଶୁଣାଯିବ?

ସରପଞ୍ଚ: (କାଗଜପତ୍ର ଦେଖି ଚିନ୍ତା କରି) ଆଲୋକର ପ୍ରସ୍ତାବଟି ବେଶ୍ ଯୁକ୍ତିଯୁକ୍ତ। ଯଦି ଆମେ ଏହି ମହୀରୁହକୁ ସୁରକ୍ଷିତ ରଖି ଏହା ଚାରିପାଖରେ ଏକ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଛୋଟ ବଜାର ସୃଷ୍ଟି କରିବା, ତେବେ ସରକାରୀ ଯୋଜନା ବି ସଫଳ ହେବ ଏବଂ ପ୍ରକୃତି ମଧ୍ୟ ସୁରକ୍ଷିତ ରହିବ।

ରମେଶ: (ଅନୁତାପ କରି) ମତେ କ୍ଷମା କରିଦିଅ ବାପା। ସହରର କଂକ୍ରିଟ୍ ପରିବେଶରେ ରହି ମୁଁ ମୋର ମୂଳଦୁଆ ଓ ପ୍ରକୃତିକୁ ଭୁଲିଯାଇଥିଲି। ଆମ ଗାଁ ବରଗଛ ସେମିତି ଅବିଚଳିତ ରହିବ।

ଜେଜେବାପା: (ଆନନ୍ଦାଶ୍ରୁ ସହ ବରଗଛ ଗଣ୍ଡିକୁ ଛୁଇଁ) ତୁ ଜିତିଗଲୁରେ ମହୀରୁହ, ତୁ ଜିତିଗଲୁ! ତୁ ଆମ ପୂର୍ବପୁରୁଷଙ୍କ ସ୍ମୃତି ଏବଂ ଆଗାମୀ ପିଢ଼ିର ଭବିଷ୍ୟତ।(ସମସ୍ତେ ବରଗଛ ଆଡ଼କୁ ସମ୍ମାନର ସହ ଚାହାଁନ୍ତି। ମଞ୍ଚର ଆଲୋକ ଧୀରେ ଧୀରେ କମିଯାଏ ଏବଂ ପକ୍ଷୀମାନଙ୍କର ସୁନ୍ଦର କଳରବର ଶବ୍ଦ ପୃଷ୍ଠଭୂମିରେ ଶୁଣାଯାଏ।)

**- ଯବନିକା –**



## ଚୀନ୍- ଦେଶର ପିଲାଟିଏ ...



**ସିଦ୍ଧେଶ୍ୱର ପଣ୍ଡା**
(ଇଂରାଜୀ ଅଧ୍ୟାପକ)
ଶୁଳିଆପଦା, ମୟୂରଭଞ୍ଜ

**ଚୀ**ନ୍ ଦେଶର ଏକ ଅତ୍ୟନ୍ତ ଗରିବ ପରିବାରରେ ଜନ୍ମ ହୋଇଥିଲା ଜଣେ ପିଲା। ପିଲାଟି ଛୋଟ ଥିବାବେଳେ ତା' ର ବାପା-ମାଆ ଦୁହେଁ ମରିଯାଇଥିଲେ। ଅସହାୟ ପିଲାଟିକୁ ତା' ର କକା ଲାଳନପାଳନ କରିବା ସହିତ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଇଥିଲେ। ତେବେ, ତା' ର ପାଠପଢ଼ାଠାରୁ ଘରର ବିଭିନ୍ନ କାମରେ ଅଧିକ ଖଟାଉଥିଲେ। ଏହା ଭିତରେ ପିଲାଟି ଧୀରେ ଧୀରେ ବଡ଼ ହେଉଥିଲା ଏବଂ କକାଙ୍କର ସମସ୍ତ ଗୋରୁ-ଗାଈଙ୍କୁ ପ୍ରତିଦିନ ବଣକୁ ଚରାଇବାକୁ ନେଉଥିଲା।

ଜଙ୍ଗଲ ପାଖରେ ଗୋଟିଏ ବିଦ୍ୟାଳୟ ଥିଲା। ସେଠାରେ ପିଲାଟିର କକାଙ୍କ ଝିଅ ପାଠ ପଢୁଥିଲା। ପିଲାଟି ଗୋରୁ-ଗାଈଗୁଡ଼ିକୁ ଚରିବା ପାଇଁ ଛାଡ଼ିଦେଇ ବିଦ୍ୟାଳୟର ଝରକା ପାଖରେ ଯାଇ ଶିକ୍ଷକମାନଙ୍କ ପାଠପଢ଼ା ଶୁଣୁଥିଲା। ଶିକ୍ଷକମାନେ କ' ଣ ପଢ଼ାଉଥିଲେ, ସେସବୁ ସେ ମନଦେଇ ଶୁଣୁଥିଲା ଏବଂ ମନେ ରଖୁଥିଲା। ପ୍ରାୟତଃ ସେ କକାଙ୍କ ଝିଅଠାରୁ ବହି ମାଗି ଆଣି ରାତିରେ ବତୀଖୁଣ୍ଟ ତଳେ ଏକାକୀ ବସି ପଢୁଥିଲା। ବହି ପଢ଼ିବାରେ ପିଲାଟି ନିଜକୁ ଖୁବ୍ ଗର୍ବିତ ଓ ଆନନ୍ଦିତ ଅନୁଭବ କରୁଥିଲା। ଦିନେ ସେ ନିଜେ ପାଠ ପଢ଼ିବାକୁ ଚାହୁଁଛି ବୋଲି କକାଙ୍କୁ ଜଣାଇଲା। କିନ୍ତୁ କକା ସ୍କୁଲ୍ ଯିବାକୁ ବାରଣ କରି ତା' କୁ ରାଗି ଧମକ ଦେଲେ। କକାଙ୍କ ସ୍ତ୍ରୀ ମଧ୍ୟ ପିଲାଟିକୁ ଗାଳିଗୁଲଜ କରିଥିଲେ।

ପିଲାଟି କ' ଣ କରିବ, ତାହା ଭାବି ଭାବି ଦିନେ ବିଦ୍ୟାଳୟରେ ଯାଇ ପହଞ୍ଚିଲା। ପାଠ ପଢ଼ିବାର ସୁଯୋଗ ଦେବା ପାଇଁ ସେ ପ୍ରଧାନଶିକ୍ଷକଙ୍କୁ ଗୁହାରି କଲା। ମାତ୍ର ପ୍ରଧାନଶିକ୍ଷକ ପିଲାଟି ପ୍ରତି ଦୟା ଦେଖାଇବା ପରିବର୍ତ୍ତେ ଏଣୁତେଣୁ କଥା କହି ତା' କୁ ଗାଳିଗୁଲଜ କଲେ। ମନଦୁଃଖରେ ପିଲାଟି ଜଙ୍ଗଲକୁ ଯାଇ ଏକାକୀ ବସି ନିଜ ଭବିଷ୍ୟତ ବିଷୟରେ ଭାବିବାକୁ ଲାଗିଲା। ସେହି ସମୟରେ ଜଣେ ଶିକ୍ଷକ ଜଙ୍ଗଲ ଦେଇ ଯାଉଥିଲେ। ପିଲାଟି ତାଙ୍କୁ ଭେଟି ନିଜର ସମସ୍ତ ଦୁଃଖ ଓ ସମସ୍ୟା ବିଷୟରେ ଜଣାଇଲା। ସବୁକଥା ଶୁଣି ଶିକ୍ଷକ ଜଣକ କହିଲେ, "ତୁ ପାଠ ପଢ଼ିପାରିବୁ, କିନ୍ତୁ ନିୟମିତ ଛାତ୍ର ଭାବେ ନୁହେଁ। ତୁ ପ୍ରାଇଭେଟ୍ ଛାତ୍ର ଭାବେ ପରୀକ୍ଷା ଦେଇପାରିବୁ।" ଏହା ଶୁଣି ପିଲାଟି ଖୁସି ହୋଇ ଗୋରୁ-ଗାଈଗୁଡ଼ିକୁ ନେଇ ଘରକୁ ଫେରିଲା। ପ୍ରତିଦିନ ରାତିରେ ସେ କକାଙ୍କ ଝିଅଠାରୁ ବହିପତ୍ର ଆଣି ପଢୁଥିଲା ଏବଂ ସକାଳେ ତାହା ଫେରାଇ ଦେଉଥିଲା। ଫର୍ମ ପୂରଣ ସମୟରେ ପିଲାଟି ବିଦ୍ୟାଳୟକୁ ଯାଇ ଶିକ୍ଷକଙ୍କ ସହ ଯୋଗାଯୋଗ କରି ଆବଶ୍ୟକ କାର୍ଯ୍ୟ ସମାପ୍ତ କଲା। ସେ ନିଜ ପରିଶ୍ରମ ଓ ନିଜ ଉପରେ ଦୃଢ଼ ବିଶ୍ୱାସ ରଖିଥିଲା ଯେ ପରୀକ୍ଷାରେ ନିଶ୍ଚୟ ଭଲ ନମ୍ବର ରଖିବ। ପ୍ରବେଶିକା

ପରୀକ୍ଷାର ଦୁଇ ମାସ ପରେ ପରୀକ୍ଷାଫଳ ପ୍ରକାଶ ପାଇଲା । ଆଶ୍ଚର୍ଯ୍ୟର କଥା, ବିଦ୍ୟାଳୟର ନିୟମିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ପ୍ରାୟ କେହି ପାସ୍ କରିନଥିବାବେଳେ ଏହି ପିଲାଟି ପାସ୍ କରିଥିଲା ପ୍ରଥମ ଶ୍ରେଣୀରେ ପରୀକ୍ଷା କେନ୍ଦ୍ରରେ ।

ଏହି ଖବର ଶୁଣି ପ୍ରଧାନଶିକ୍ଷକ ଖୁବ୍ ଦୁଃଖିତ ହେଲେ । ପିଲାଟିର ସମ୍ପର୍କରେ ସବୁକଥା ଜାଣିବା ପରେ ସେ ମନଦୁଃଖରେ ତା' କୁ ଦେଖା କରିବା ପାଇଁ ଜଙ୍ଗଲକୁ ଗଲେ । ପ୍ରଧାନଶିକ୍ଷକ ପିଲାଟିକୁ ଦେଖି ପଚାରିଲେ, "ପରୀକ୍ଷାଫଳ ବାହାରିଗଲା । ତୁ ଏଠାରେ ଜଙ୍ଗଲରେ ଏକାକୀ କ' ଣ କରୁଛୁ?" ପିଲାଟି ମୁଣ୍ଡିଆ ମାରି କହିଲା, "କକାଙ୍କର ଗୋରୁ-ଗାଈଗୁଡ଼ିକୁ ଜଙ୍ଗଲରେ ଚରାଉଛି ।" ପ୍ରଧାନଶିକ୍ଷକ କହିଲେ, "ଆମ ବିଦ୍ୟାଳୟରୁ ମାତ୍ର ତିନିଜଣ ପିଲା ପାସ୍ କରିଛନ୍ତି ।" ପିଲାଟି ଦୃଢ଼ତାର ସହ କହିଲା, "ଗୁରୁଜୀ, ସେହି ତିନିଜଣଙ୍କ ମଧ୍ୟରେ ମୁଁ ନିଶ୍ଚୟ ଥିବି ।" ପୁଣି ଗୁରୁଜୀ କହିଲେ, "ଯଦି ମାତ୍ର ଜଣେ ପିଲା ପାସ୍ କରିଥାଏ, ତେବେ ତୋର ସ୍ଥାନ କେଉଁଠି? ଆମ ବିଦ୍ୟାଳୟରେ କେତେ ଭଲ ଭଲ ପିଲା ପଢୁଥିଲେ, ଆଉ ତୁ ପୁଣି ପ୍ରାଇଭେଟ୍ ଭାବେ ପରୀକ୍ଷା ଦେଇଥିଲୁ ।" ପିଲାଟି ଆହୁରି ଦୃଢ଼ତାର ସହ କହିଲା, "ଗୁରୁଜୀ, ସେହି ଜଣେ ପିଲାଟି ହେଉଛି ମୁଁ , ମୋ ବ୍ୟତୀତ ଆଉ କେହି ନୁହେଁ ।" ଏହା ଶୁଣି ଗୁରୁଜୀ ଭୋ' ଭୋ' ହୋଇ କାନ୍ଦି ପକାଇଲେ ଏବଂ ପିଲାଟିକୁ କୋଳେଇ ନେଲେ । ପରୀକ୍ଷା କେନ୍ଦ୍ରରେ ପିଲାଟି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଛାତ୍ରବୃତ୍ତି ପାଇଲା । ପରେ ସେ ଉଚ୍ଚଶିକ୍ଷା ଲାଭ କରି ଚୀନ୍ ଦେଶର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଲା । ସେହି ଅଦମ୍ୟ ପରିଶ୍ରମୀ ଓ ମେଧାବୀ ପିଲାଟିର ନାଁ ଥିଲା ୟାଙ୍ଗ ସୁ ।



## ନବଗ୍ରହକୂଟ...



**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ

ଏକମାତ୍ର ପୁତ୍ରର ଅଧୋଗତିରେ ବାପା ନବଘନ ମାଷ୍ଟ୍ରଙ୍କୁ ନିଦ ଆସୁଥିଲା କି ନାହିଁ କିନ୍ତୁ ମାଆ ଶୋଇପାରୁନଥିଲେ. କେତେ ଦିଅଁ ଦେବତା କରି ପୁଅଟିଏ ପାଇ କେତେ ଜାଚଞ୍ଚା କରୁ କରୁ ଆଉ କୋଉଠି କଣ ବାକି ରହିଗଲା କି ବୋଲି ଭାବି କାନ୍ଦୁଥିଲେ. ନବଘନ ବାବୁ କହୁଥିଲେ ତାରି ପାଇଁ ତ ଓଭର ଡିଉଟି ଭଳି କାମରେ  ରାତିଦିନ ଗଧ ପରି ଖଟୁଛି. ଟଙ୍କା ପଇସା ହାତରେ ହେଲେ ପୁଅଟାକୁ ଇଞ୍ଜିନିଅର କି ଡାକ୍ତର କରିବାକୁ ମୁଁ କଣ ହେଳା କରିଛି ଯେ ତୁମେ କାନ୍ଦୁଛ? କାନ୍ଦିବିନି କେମିତି କହିଲ? ଗୋଟିଏ ବୋଲି ପୁଅ ଆମର. କେତେ କଷ୍ଟ କରି ତାକୁ ଏଡ଼େରୁ ଏଡୁଟିଏ କରିଥିଲି କଣ କିଛି ଭୋଗ, ଜାଚଞ୍ଚା ବା ପୂଜାବିଧି ଛାଡିଯାଇଛିକି ବୋଲି କାନ୍ଦ ଲାଗୁଛି କିନ୍ତୁ ଅଚିରେ ସେ କାନ୍ଦ ବନ୍ଦ ହୋଇଗଲା ମାଆ ମିନତିଙ୍କର ଯେବେ ପୁଅ ରାତି ବାରଟାରେ ଫେରି ମାଆ ହାତରନ୍ଧା ଖାଇବା ବଦଳରେ ମାଆ ହାତଖର୍ଚ୍ଚ ଛଡେଇ ନଉ ନଉ ବାପାଙ୍କୁ ଦେଖାଇ ଶିଖାଇ ମାଆଙ୍କୁ ଉତ୍ତର ଦେଉଥିଲା କଣ କରିଛ ମୋ ପାଇଁ ଏଯାଏଁ ତୁମେ ବାପ ମାଆ ହିସାବରେ କୁହ?ଆଜିର ଅପଟୁଡେଟ ଯୁଗରେ ମୋର କିଛି ସ୍ବାଧୀନତା ଅଛି ନା ନାହିଁ!ଅନ୍ୟ ସାଙ୍ଗମାନେ ପାର୍ଟି ଦେଲାବେଳେ ମତେ ଲାଜ ମାଡୁଛି ଯେ ମୁଁ ଗରୀବ ବାପା ମାଆଙ୍କ ପୁଅ. ମାଆ ଏଯାଏଁ ପୁଅର ଦୌରାମ୍ଯ ସହ୍ୟ କରୁଥିଲେ ନବମହାଗ୍ରହ ପୂଜା କରି ଓପାସ ବ୍ରତ ରଖୁଥିଲେ ପୁଅର ମଙ୍ଗଳ ଓ ବାଟକୁ ଆସିବା ପାଇଁ କିନ୍ତୁ ନିଜ ବାପାଙ୍କୁ ମୁହେଁ ମୁହେଁ ଜବାବ ଦେଲା ଦିନ ମାଆ ମିନତି ପଛେଇ ନଥିଲେ କହିବାକୁ କଣ ତୋର ଅଭାବ ରଖିଛନ୍ତି ବାପା ଯେ ତୁ ତାଙ୍କୁ ଗରୀବ କହୁଛୁ!ଆରେ ମୁଁ ନିଜ ଆଖିରେ ଦେଖିଛି ବୋହୁ ହୋଇ ଆସିଲା ପରେ ବି ତୋ ବାପାଙ୍କର ତାଙ୍କ ପିତା ମାତାଙ୍କ ଉପରେ ଥିବା ଭକ୍ତି. ନିଜେ ଭଲ ନପିନ୍ଧି ନଖାଇ ବାପା ମାଆଙ୍କ ଦୁଃଖ ସୁଖରେ ସାହାରା ହୋଇ ଭଉଣୀମାନଙ୍କୁ ବିବାହ ଦେଇଛନ୍ତି. ମୋ ବାପା ମତେ କେତେ କଷ୍ଟରେ ପାଠ ପଢ଼ାଇଛନ୍ତି ମୂଳ ଲାଗି କହନ୍ତି ସବୁବେଳେ . ଚୂଡ଼ା ମୁଢି ଖାଇ ତତେ ପିଜା ବର୍ଗର ଖୁଆଇବାର ଫଳ କଣ ଏଇୟା! କଣ ନା ପାର୍ଟି. ଆରେ ପାର୍ଟି କରନ୍ତି ସେହି ନାରରାକ୍ଷାସ ପରି ଅନ୍ୟର ରକ୍ତ ଶୋଷି କଞ୍ଚା ପଇସା ଉପାର୍ଜନ କରୁଥିବା ଅଧମ ପିତାର ସନ୍ତାନମାନେ. ଲୋକେ ଆଜିବି ଖାଇବାକୁ ପାଉନାହାଁନ୍ତି. ଜାନି,ଜାତ, ମେଳା, ମଉଛବ ଇତ୍ୟାଦ଼ିରେ ଗୋଟେ ଟଙ୍କା ଖରଚ କରିବାକୁ ପାଉନାହାଁନ୍ତି କିନ୍ତୁ ବାପା ମାଆଙ୍କୁ ନିନ୍ଦା କରିବା ଶିଖି ନାହାଁନ୍ତି. ସେଥିରେ ପୁଣି ତୋର ଭାଲେଣ୍ଟାଇନ ସପ୍ତାହ ପାଳନ କରିବା ଦରକାର. ସେଇଥି ପାଇଁ କଥାରେ ଅଛି ପୁଅ ଯୋଗ୍ୟର ହେଲେ ଧନ କାହିଁ ପାଇଁ ସଞ୍ଚିବି.. ପୁଅ ଅଯୋଗ୍ୟର ହେଲେ ଧନ କାହିଁ ପାଇଁ ସଞ୍ଚିବି. ରାତି ଦିନ ପରିଶ୍ରମ କରି ବାପା ଟ୍ୟୁସନ କରି ତତେ ଇଞ୍ଜିନିଅର କି ଡାକ୍ତର କରିବା ସ୍ବପ୍ନ ଦେଖିଲା ବେଳେ ତୁ ଶେଷକୁ କୋଉ ନବଗ୍ରହକୂଟ କୋପରେ ଘୋଡ଼ାମୁହାଁ ପୁଅ ଜନ୍ମ ହେଲୁ କେଜାଣି ଯିଏ ଦୁଃଖର ସୁଖର ହେବା ବଦଳରେ ଜୁଆ ଖେଳିବା, ଚରସ ଖାଇବା, ମଉଜ ମସ୍ତି କରିବାକୁ ବାପାଙ୍କ ଝାଳ ବୁହା ଧନ ଚାହେଁ. ଏତିକି କଥାରେ ମାଆଙ୍କର ପୁଅ ବାଟକୁ ଫେରିବ କଣ ବରଂ ଏଣିକି ଯାହା ରାତି ବାରଟାରେ ଫେରୁଥିଲା ସାରା ରାତି ବାହାରେ କଟେଇ ଡନ ସାଜିଥିଲା ବୋଲି ଶୁଣିବାକୁ ମିଳୁଥିଲା ତ ସେଦିନ ଝଡ଼ ପରି ଘରେ ପଶି ମାଆ ବେକରୁ ସୁନାହାର ଝିଙ୍କି ଚମ୍ପଟ ମାରିଲା.

ଧାର ଧାର ବହୁଥିବା ରୁଧିର ଜର୍ଜରିତ ସ୍ତ୍ରୀ ମିନତିଙ୍କୁ ହସ୍ପିଟାଲ ନେବା ପୂର୍ବରୁ ପ୍ରାଣବାୟୁ ଉଡିଯାଇଥିଲା ମିନତିଙ୍କର କିନ୍ତୁ ସ୍ୱାମୀଙ୍କ ମୁହଁରୁ ପୁଅ ପ୍ରତି ମରିଯାଆନ୍ତାକି ସେ ଟୋକା କେଇପଦକୁ ହାତ ଦେଇ ରୋକି ଦେଇ ମିନତି କହିଲେ ପିତା ମାତା ହୋଇ କିଏ କଣ ପୁତ୍ରର ମୃତ୍ୟୁ ଚାହେଁ! ଅବିକଳ୍ପ ପରିସ୍ଥିତି ଆଜି ତୁମକୁ ଏମିତି କହିବାକୁ ସାହସ ଦେଇଛି ସତ ହେଲେ ମୋ ପୁଅର ଦଶ ଦୋଷ କ୍ଷମା କରିଦେବ କହି ଆଖି ବୁଜିଲେ ମିନତି. ବାୟା ବାତୁଳ ପ୍ରାୟ ନବଘନ ପୁଅର ଖୋଜ ଖବର ନେଲେ କିନ୍ତୁ ତା ଦେଖା ପରିବର୍ତ୍ତେ ସମାଜ ପୃଷ୍ଠା ମାନଙ୍କରେ ଏତେ ବଡ଼ ବଡ଼ ଅକ୍ଷରରେ ତା ନାମରେ ଅଭିଯୋଗ ଥିଲା. ପାଖ ଗାଁର ମାନସିକ ଭାରସାମ୍ୟ ହରାଇଥିବା ପିତାଙ୍କର ଏକମାତ୍ର କନ୍ୟାକୁ ସାତମାସର ଗର୍ଭବତୀ କରି ଫେରାର ଥିବା ପୁଅ ମାନସକୁ ପୋଲିସ ଖୋଜୁଛି. ପାଗଳ ପ୍ରାୟ ନବଘନ ବାବୁ ସ୍ତ୍ରୀଙ୍କ ଦଶାହ କର୍ମ ପରେ ମଶାଣୀରେ ବୁଲୁଥିଲେ. ମାନସିକ ଭାରସାମ୍ୟ ହରାଇଥିବା ପିତାଙ୍କ କନ୍ୟା କଥା ଭାବି ଗାଁ ମଶାଣୀରେ ସ୍ତ୍ରୀଙ୍କ ଜୁଇରେ କାନ୍ଦୁଥିବା ନବଘନ ବାବୁ ଦେଖିଲେ ପାଖ ଓସ୍ତ ଗଛରେ କେହି କନ୍ୟା ଜଣେ ଘୋର ଅନ୍ଧାର ଭିତରେ ରଶି ଲଗେଇବାକୁ ଉଦ୍ୟତ. ପ୍ରାଣପଣେ ଚେଷ୍ଟା କରି ତାକୁ ଉଦ୍ଧାର କରିସାରିବା ପରେ ନବଘନବାବୁ ଜାଣିଥିଲେ ଏ ଝିଅ ସେହି ଝିଅ ମାଳ, ଯାହାକୁ ସାଙ୍ଗମାନଙ୍କ ସହ ଗଣଧର୍ଷଣ କରିଥିବା ମୁଖ୍ୟ ଆସାମୀ ତାଙ୍କ ପୁତ୍ରମଣି ମାନସ . ସେ ପୋଲିସ ହାତରେ ଧରା ପଡିଛି ସତ . ଆପୋଷ ଆଲୋଚନାରେ ମାଳକୁ ସ୍ତ୍ରୀର ମର୍ଯ୍ୟଦା ଦେଇଥିଲେ ଫାଶୀ ପରି ସଂଗୀନ ଆରୋପ ଦଫା ରଫା ହୋଇଯାଇଥାନ୍ତା କିନ୍ତୁ ସେ ପ୍ରସ୍ତାବକୁ ମାନସ ଆଗ୍ରାହ୍ୟ କରିବା ପରେ ମାଳ ବାଧ ହୋଇ ବେକରେ ରଶି ଲଗାଇବାକୁ ଏତେ ରାତିରେ ନିର୍ଭୟରେ ଦୁଇ ଗାଁ ମଝିରେ ଥିବା ଏକୋଇ ମଶାଣୀରେ ଜୀବନ ହାରିବା ଛଡା ଆଉ ତା ପାଖରେ ଉପାୟ କଣ! ଉପାୟ ଅଛି ଝିଅ. ସେହି ହତଭାଗ୍ୟ ପିତା ମୁଁ ମାନସର ବାପା ଯାହାକୁ ତାଙ୍କ ପ୍ରିୟତମା ପତ୍ନୀ ପୁତ୍ରର ଦଶ ଦୋଷ କରିବା ପାଇଁ ଚୁକ୍ତିବଦ୍ଧ କରାଇ ଏଇ ମଶାଣୀର ଯୁଇରେ ଆଜିବି ପୁତ୍ର ମୋହରେ କାନ୍ଦୁଛନ୍ତି.ତାଙ୍କୁ କେମିତି ନିରାଶ କରିବି ମୁଁ ଝିଅ ତା ଛଡା ତୋ ବାପା ବଞ୍ଚିବେ କେମିତି?

ତା ଆରଦିନ କୋର୍ଟର ଶେଷ ଦିନ. କିଛି ପ୍ରମାଣ ନାହିଁ ଦୋଷମୁକ୍ତ ହୋଇ ମାନସ ଖଲାସ ହେବ. ଫାସୀ ନିଶ୍ଚିନ୍ତ. ଏତିକି ବେଳେ ନବଘନ ବାବୁ ମାଳ ବେକରେ ଫୁଲମାଳ ପିନ୍ଧେଇ ପହଁଚିଲେ କୋର୍ଟ ପରିସରରେ. ସର୍ବସମ୍ମୁଖରେ କହିଲେ ମୋ ପୁଅ ଦୋଷୀ ନୁହେଁ ଦୋଷୀ ମୁଁ. ମାଳ ପେଟରେ ବଢୁଥିବା ପିଲାର ବାପା ମୁଁ ନିଜେ.ସେଇଥି ପାଇଁ ମୋ ସ୍ତ୍ରୀ ମତେ ଛାଡି ଆରପାରିକୁ ଚାଲିଗଲେ.ସ୍ତବ୍ଧ କୋର୍ଟ ପରିସର ଓ ସ୍ତବ୍ଧ ଚକିତ ନିଜେ ମାନସ. ତା ଆଖି ଆଗରେ ସେଦିନ ମାଆ ବେକରୁ ହାର ଛିଡେଇ ମାଆଙ୍କୁ ରକ୍ତ ଜର୍ଜରିତ କରିବା ଦୃଶ୍ୟ ଆଜି ବି ତା ମାନସପଟରେ ଓ ନିଜ ମନ ଜାଣେ ମାଳର ଏ ଅବସ୍ଥା ପାଇଁ ସେ ହିଁ ରାତି ରାତି ଧରି ଗଣଧର୍ଷଣର ମୁଖ୍ୟନାୟକ.ତେବେ ବାପା କଣ ପାଇଁ ମିଛ କହୁଛନ୍ତି ବୁଝିବାକୁ ତାକୁ ବାକି ନଥିଲା. ପୁତ୍ର ଫାଶୀ ପାଇବାରୁ ମୁକ୍ତ ହେଲାପରେ ମାଳ ମୁଣ୍ଡରେ ମାନସ ସିନ୍ଦୁର ଦେବ ଏହା ନବଘନଙ୍କ ସ୍ୱପ୍ନ ଭାବନା ବାହାରେ ଥିଲା. ଯା ହେଉ ମିନତିଙ୍କ ଚୁକ୍ତିନାମା ପାଇଁ ଦୁଇ ପରିବାର ନବମହାଗ୍ରହକୋପରୁ ରକ୍ଷା ପାଇଯାଇଥିଲେ.

# ପୁନଶ୍ଚ ରେବତୀ...



ବିଶ୍ୱ ରଞ୍ଜନ ଜେନା
ବାସନ୍ଦରା, ଜଗତସିଂହପୁର

"ମାଇକିନିଆ ଝିଅଟା, ଏତେ କ' ଣ ପଢିବ ବା? ରୋଷେଇବାସ ଶିଖୁ, ଘରକରଣା ଶିଖୁ, ପାଠ ଯେତିକି ହେଲା ସେତିକିରେ ବସ୍ତାନୀ ବନ୍ଧା ହେଉ। ଅଧିକା ପାଠ ପଢିଲେ ପୁଣି ଭଲ ପିଲା ମିଳିବା କଷ୍ଟ ହୋଇଯିବ। କାଲି ଯେତେବେଳେ ବାହା ହୋଇଯିବ, ସେତେବେଳେ କ' ଣ ଏ ପାଠକୁ ସମସ୍ତଙ୍କୁ ଖାଇବାକୁ ଦେବ?"

"ଦେଖୁଛ ବାପା, ଦେଖୁଛ, ଜେଜେମା' କେମିତିଆ କଥା କହୁଛି। ବୁଢୀର ଆଉ କିଛି ଭଲ ଚିନ୍ତା ନାହିଁ। ଯେତେବେଳେ ଦେଖିବ ଖାଲି ମୋରି ବାହାଘର ଚିନ୍ତା। ବାହାଘର ହେଉ କି ନ ହେଉ ମୁଁ କିନ୍ତୁ ପଢିବି।"

"ରେବତୀ, ସେମିତି କ' ଣ କହନ୍ତି। ଆଉ ମା', ସିଏ ଯଦି କହୁଛି ଅଧିକ ପଢିବ ବୋଲି ପଢୁ। ସେଥିରେ ଅସୁବିଧା କଣ ହେଉଛି? ସିଏ ତ ତା ପିଲାବେଳୁ ଭଲ ପଢି ଆସିଛି। ସବୁବେଳେ ଭଲ ରେଜଲ୍ଟ କରିଛି। ସେମିତି ବି ଆଜି କାଲି ଝିଅମାନେ ପାଠପଢି ବହୁତ କିଛି କରୁଛନ୍ତି। ସିଏ ଯଦି ଅଧିକ ପଢିବାକୁ ଚାହୁଁଛି ମନା କାହିଁକି କରିବା?"

"ଠିକ୍ ଅଛି। ଯାହା ତୋ ଇଚ୍ଛା। ତୁ ଯଦି ଭଲ ଭାବୁଛୁ କର। ମୋର ତ ଖାଲି ଯାହା ତୋରି ଚିନ୍ତା। ସବୁ ପଇସା ତ ଯା ପାଠପଢାରେ ସାରିଲୁ। କାଲି ଯେତେବେଳେ ବାହାଘର ହେବ ସେତେବେଳେ କୋଉଠୁ ଏତେ ଟଙ୍କା ଆଣିବୁ?"

"ସେତେବେଳ କଥା ଦେଖିବା। ମୋର ତ ଆଉ ନଅଟା କି ଛଅଟା ନୁହେଁ, ଇଶ୍ୱରଙ୍କ ଆଶୀର୍ବାଦରୁ ଏଇ ଗୋଟିଏ। ଯାହା ଖର୍ଚ୍ଚ କରିବି ତାରି ପାଇଁ, ରଖିବି ବି ତାରି ପାଇଁ। ମୁଁ ସବୁ ଇଶ୍ୱରଙ୍କ ଉପରେ ଛାଡି ଦେଇଛି। ଯାହା ସେହି ଇଚ୍ଛାମୟଙ୍କ ଇଚ୍ଛା।"

ଓଡିଶାର ଏକ ମଫସଲ ଗାଁ। ନାଁ ଫକୀରପାଟ। ସେ ଗାଁରେ ରୁହନ୍ତି କୃପାସିନ୍ଧୁ ପଟ୍ଟନାୟକ। ପରିବାର ବୋଇଲେ ଚାରିଜଣ। କୃପାସିନ୍ଧୁ ବାବୁ, ତାଙ୍କ ସ୍ତ୍ରୀ, ବୁଢୀ ମା' ଆଉ ଝିଅ ରେବତୀ। ବାପା ଜେଜେ ଅମଳରୁ କିଛି ଜମିଜମା କରିଯାଇଛନ୍ତି। ଧାନ, ବିରି, ମୁଗ ହୋଇ ଯାହା ଅମଳ ହୁଏ ସେଥିରେ ବର୍ଷଯାକ ଚଳିଯାଏ। ଗାଈ ଦୁଇଟି ରଖିଛନ୍ତି। ଘରେ କ୍ଷୀର ଘିଅର କିଛି ଅସୁବିଧା ନ ଥାଏ। ଘର ପାଖରେ ଥିବା ବାରିରେ ବାରମାସରେ କିଛି ନା କିଛି ଶାଗ ପନିପରିବା ସବୁବେଳେ ଥାଏ। ସେଥିପାଇଁ ଖାଇବା ପିଇବା ସହିତ ଚଳଣିରେ ବି କିଛି ଅସୁବିଧା ହୁଏନାହିଁ। ତା ସାଙ୍ଗରେ ଓଷା ପୁନିଅ ପରବ ବି ବେଶ୍ ଭଲରେ ପାଳନ କରନ୍ତି। ମୋଟାମୋଟି ଭାବରେ କହିବାକୁ ଗଲେ ବିଶେଷ କିଛି ଅଭାବ ନଥାଏ।

କୃପାସିନ୍ଧୁ ବାବୁଙ୍କର ସେ ଗାଁରେ ଭାରି ନାଁ ଡାକ। ବଡ ଧର୍ମପରାୟଣ ଲୋକ। ଗାଁରେ କିଛି ଭଲମନ୍ଦ ହେଲେ ଆଗ

ତାଙ୍କୁ ଡକରା ପଡେ। ତାଙ୍କର ଏକମାତ୍ର ଝିଅ ରେବତୀ। ଭାରି ଭଲ ପଢେ। ପିଲାବେଳୁ ଯେମିତି ପାଠକୁ ଗୋଳିକି ପିଇଲା ଭଳି

ମନେ ରଖିଦିଏ। ଝିଅର ପାଠପଢାକୁ ନେଇ କୃପାସିନ୍ଧୁ ବାବୁ ଭାରି ଗର୍ବ କରନ୍ତି। ଗାଁ ସାରା ଲୋକ ବି ରେବତୀକୁ ଭାରି ଭଲ

ପାଆନ୍ତି। ସବୁରି ମୁହଁରେ ଗୋଟିଏ କଥା, ରେବତୀ ଦିନେ ନା ଦିନେ ଏ ଗାଁର ନାଁ ରଖିବ।

ଏ ବର୍ଷ ରେବତୀର +୩ ସରିଛି। ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଧିକ ପଢିବା ପାଇଁ ବାହାରକୁ ଯିବାକୁ ଇଚ୍ଛା କରିଛି। ଦୂରକୁ ଛାଡିବାକୁ ଯଦିଓ କୃପାସିନ୍ଧୁ ବାବୁଙ୍କର ମନ ମାନୁ ନାହିଁ, କିନ୍ତୁ ଝିଅର ପାଠ ପଢା ପ୍ରତି ଆଗ୍ରହ ଦେଖି ସିଏ କିଛି କହିପାରୁନାହାନ୍ତି।

ସେଇ ଗାଁର ଶେଷମୁଣ୍ଡରେ ରହୁଥିଲେ ମୋହନ ମହାନ୍ତି। କୃପାସିନ୍ଧୁ ବାବୁଙ୍କର ପିଲାବେଳର ସାଙ୍ଗ। ତାଙ୍କରି ପୁଅ ବାସୁଦେବ। ଶ୍ରଦ୍ଧାରେ ସମସ୍ତେ ବାସୁ ବୋଲି ଡାକନ୍ତି। ଦୁଇ ବର୍ଷ ହେଲା ମୋହନ ବାବୁ କେଉଁ ଏକ ଅଜଣା ରୋଗରେ ଆରପାରିକୁ ଚାଲିଗଲେ। ପିଲାବେଳୁ ବାସୁର ମା' ମରିଯାଇଥିଲେ। ଏବେ ବାପା ଚାଲିଗଲା ପରେ ସମ୍ପୂର୍ଣ୍ଣ ଏକୁଟିଆ। ଭାରି

ସୁଧାର ପିଲାଟିଏ। ଦେଖିବାକୁ ଯେମିତି ଗୁଣରେ ବି ସେମିତି। କୃପାସିନ୍ଧୁବାବୁଙ୍କର ବଡ ଦୟା ଆସେ ପିଲାଟି ପ୍ରତି। ଯେତେ

ଯାହାହେଲେ ବନ୍ଧୁପୁତ୍ର ନା! ଏବେ ଏବେ ଛ' ମାସ ହେବ ପାଖ କଲେଜରେ ଅଧ୍ୟାପକ ଚାକିରୀ ପାଇଛି। ଭଲମନ୍ଦ ଦିନରେ

କୃପାସିନ୍ଧୁବାବୁ ବାସୁକୁ ନିମନ୍ତ୍ରଣ କରିଆଣନ୍ତି ଘରକୁ। ରେବତୀର ପାଠପଢା ଦେଖି ସିଏ ଭାରି ଖୁସିହୁଏ। କୃପାସିନ୍ଧୁ ବାବୁ ମନେ

ମନେ ରେବତୀ ବିଷୟରେ ତାର ବାହାଘର ସ୍ଥିର କରିସାରିଛନ୍ତି। କିନ୍ତୁ କାହାକୁ ପ୍ରକାଶ କରିନାହାନ୍ତି। ଏମିତି ଥରେ ବସିଥିବା

ସମୟରେ ତାଙ୍କ ମା' ଙ୍କ ସହିତ ଯାହା କଥା ହେଉଥିଲେ।

"ଭଲ ହେବନି ମା' ?"

"ହଁ ହଁ, ଭଲ ହେବ। ଝିଅଟା ଘର ପାଖରେ ରହିବ। ସୁବିଧା ଅସୁବିଧାରେ ଆସି ଦେଖା କରିପାରୁଥିବ। କିନ୍ତୁ ତୁ ତାକୁ ପଚାରିଛୁ ନା ନାହିଁ?"

"ବାପା ମା' ଛେଉଣ୍ଡ ପିଲାଟା। ସିଏ କଣ ମନା କରିବ? ତଥାପି ସୁବିଧା ଦେଖି କେତେବେଳେ ଏ ବିଷୟରେ କଥା ହୋଇଯିବି।"

ଅନତି ଦୂରରେ ବସି ରେବତୀ ସବୁ ଶୁଣୁଥିଲା। ବୁଝିପାରିଲା। ଉଠିକରି ଚାଲିଗଲା ତା ଶୋଇବା ଘରକୁ। ଶୋଇବା ଘରେ କଣ ଭାବି ଭାବି ଖୁବ୍ ଖୁସି ହେଉଥିଲା। ଆଜିକାଲି ବାସୁ ତାଙ୍କ ଘରକୁ ଆସିଲେ କେମିତି ଗୋଟାଏ ଅଲଗା ପ୍ରକାର ପରିବର୍ତ୍ତନ

ଦେଖାଯାଉଥିଲା ରେବତୀ ପାଖରେ ।

ଶେଷରେ ରେବତୀ ବାହାରକୁ ପାଠ ପଢିବାକୁ ଯିବାପାଇଁ ସ୍ଥିର ହୋଇଗଲା । ଯଦିଓ ତା ଜେଜେମା' ଏଥିରେ ଅମଙ୍ଗ ହେଉଥିଲା, କିନ୍ତୁ ଯେବେଠାରୁ କୃପାସିନ୍ଧୁ ବାବୁଙ୍କ ସହ ବାସୁ ବି ଏ କଥାରେ ସହମତି ଦେଇଥିଲା ବୁଢୀର ଆଉ କିଛି ଉପାୟ
ନଥିଲା । କିନ୍ତୁ ମନେ ମନେ ବାସୁ ଉପରେ ଖୁବ୍ ରାଗ ଅଭିମାନ କରିଥିଲା, ହେଲେ କିଛି କହିପାରିନଥିଲା । ଯେଉଁଦିନ ରେବତୀର
ଯିବାର ଥିଲା, ସେଦିନ ବାସୁ ଓ କୃପାସିନ୍ଧୁ ବାବୁ ଉଭୟ ଆସିଥିଲେ ରେଳଷ୍ଟେସନ ଛାଡିବାକୁ । ରେବତୀ ସହିତ ତାର ଆଉ ଦୁଇଜଣ ସାଙ୍ଗ ବି ଯାଉଥଲେ । ଘରୁ ସାଙ୍ଗରେ କେତେ କଣ ଦେଇଥିଲେ ରେବତୀର ମା' । ଝିଅକୁ ପ୍ରଥମଥର ପାଇଁ ବାହାରକୁ
ଛାଡୁଥିଲେ କୃପାସିନ୍ଧୁ ବାବୁ । ମନର କୋହ ସମ୍ଭାଳି ହେଉ ନଥିଲା । ଆଖିର ଲୁହ ବୋଲ ମାନୁ ନଥିଲା । ଟ୍ରେନ ଦୃଷ୍ଟି ଆଢୁଆଳକୁ ଯିବା ପରେ ମଧ୍ୟ ବେଶ୍ କିଛି ସମୟ ସେଇଠି ସେମିତି ଠିଆ ହୋଇ ରହିଥିଲେ । ବୁଝାଇ ଶୁଝାଇ ବାସୁ ଘରକୁ ଆଣିଲା ।

ଟ୍ରେନ ଭିତରେ ମଧ୍ୟ ସମାନ ଅବସ୍ଥା ଥିଲା ରେବତୀର ।

ସେଦିନ ଘରକୁ ଫେରିବା ପରେ କୃପାସିନ୍ଧୁ ବାବୁଙ୍କ ଘରେ ଚୁଲି ଲାଗିନଥିଲା । ମନର କୋହ ଆଉ ଆଖିର ଲୁହ ଯେମିତି ଭୋକ ଶୋଷ ଉଭୟଙ୍କୁ ମେଣ୍ଟାଇ ଦେଇଥିଲା । ଦୁଇ ତିନି ଦିନ ପରେ ଅବସ୍ଥା ଧିରେ ଧିରେ ସ୍ୱାଭାବିକ ହେବାକୁ ଲାଗିଲା । ମନକୁ ସେମାନେ ବୁଝାଇ ଦେଉଥିଲେ ।

ରେବତୀ ଗଲାଦିନଠାରୁ କୃପାସିନ୍ଧୁ ବାବୁଙ୍କ ଘରେ ଯେମିତି ଏକ ନିରବତା ଖେଳି ଯାଇଥିଲା । ରେବତୀର ହୁମ୍ଦୁମ୍ ଶବ୍ଦ ଶୁଭାଯାଉନଥିଲା, ନା ଶୁଭାଯାଉଥିଲା ତାକୁ ବାରଣ କରୁଥିବା ସେ ବୁଢୀର ଗାଳିମନ୍ଦ । ଏକ ଯନ୍ତ୍ରଚାଳିତ ମେସିନ୍ ଭଳି
ସମସ୍ତେ ବିନା ପ୍ରାଣରେ କାମ କରୁଥିଲେ ଆଉ ଘରଟା ଲାଗୁଥିଲା ଏକ କାରଖାନା ଭଳି । ମଝିରେ ମଝିରେ ରେବତୀ ଫୋନ୍
କରେ । ସେତିକି ସମୟ ପାଇଁ ସମସ୍ତ ନିର୍ଜୀବ ବସ୍ତୁରେ ପ୍ରାଣ ସଞ୍ଚାର ହେବା ପରି ଲାଗେ । ଖୁବ୍ ଖୁସି ଆଉ ଚଳଚଞ୍ଚଳ ହୋଇଯାନ୍ତି ସମସ୍ତେ । ତାପରେ କିନ୍ତୁ ପୁଣି ସେଇ ନିରବତା ।

ରେବତୀର ପାଠପଢା ପାଇଁ ଆଗରୁ କିଛି ଜମି ବିକିଦେଇଥିଲେ କୃପାସିନ୍ଧୁ ବାବୁ । ଏଥର କଲେଜରେ ଆଡମିଶନ୍ ତଥା ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆହୁରି ବି କିଛି ବିକିବାକୁ ପଡିଥିଲା । କିନ୍ତୁ ସେଥିପ୍ରତି ତାଙ୍କର କିଛି ଦୁଃଖ ନଥିଲା । ଚାହୁଁ ଚାହୁଁ ଛଅ ମାସ କୁଆଡେ ବିତିଗଲା । ଶ୍ରୀପଞ୍ଚମୀ ବେଳେ ଆସିବ ବୋଲି ରେବତୀ କହିଛି । ସେଥିପାଇଁ ସମସ୍ତେ କେତେ ଖୁସି ଆଉ ଆନନ୍ଦ କହିଲେ ନ ସରେ । ଝିଅ ଆସିଲେ କେତେ କଣ କରିବେ ବୋଲି କୃପାସିନ୍ଧୁ ବାବୁ ଭାବି କରି ରଖିଛନ୍ତି । ପାଦ ତଳେ ଲାଗୁନାହିଁ । ଶ୍ରୀପଞ୍ଚମୀ ପୂର୍ବଦିନ ଘରେ ପହଞ୍ଚିଲା ରେବତୀ । ଶ୍ରୀପଞ୍ଚମୀ ଦିନ ବେଶ୍ ଉତ୍ସବମୁଖର ଥିଲା କୃପାସିନ୍ଧୁବାବୁଙ୍କ ଘର । ପିଠାପଣାରେ ଭରି ଯାଇଥିଲା ଘର । ସେଦିନ ବାସୁକୁ ବି ନିମନ୍ତ୍ରଣ କରିଥିଲେ କୃପାସିନ୍ଧୁବାବୁ । ଖୁବ୍ ଖୁସି ଲାଗୁଥିଲେ ସମସ୍ତେ ।

ବିଧିର ବିଧାନ ବଡ ବିଚିତ୍ର। କାହାର ଖୁସି ବୋଧେ ଇଶ୍ୱର ସହିପାରନ୍ତି ନାହିଁ। ଠିକ୍ ଦୁଇ ଦିନ ପରେ କୃପାସିନ୍ଧୁ ବାବୁଙ୍କ ଦେହ ପ୍ରବଳ ଅସୁସ୍ଥ ହୋଇପଡିଲା। ହଠାତ୍ ଥଣ୍ଡା, କାଶ, ଜ୍ୱର ସାଙ୍ଗକୁ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ବି କଷ୍ଟ ଅନୁଭବ କଲେ। ଏକଥା ଶୁଣି ବାସୁ ଆଣି ଡାକ୍ତରଙ୍କୁ ଦେଖାଇ କିଛି ଔଷଧ ଦେଇଗଲା। କୃପାସିନ୍ଧୁ ବାବୁ କିଛି କହିବାକୁ

ଖୁବ୍ କଷ୍ଟ ଅନୁଭବ କରୁଥିଲେ। ଖାଲି ବାସୁକୁ ଡାକି ଏତିକି କହିଲେ – ରେ-ବ-ଲା-ଗି-ଲା। ପରଦିନ ଦିପହରକୁ କୃପାସିନ୍ଧୁବାବୁ

ଆରପାରିକୁ ଚାଲିଗଲେ। ଗାଁ ଲୋକମାନେ ବଡ ବ୍ୟସ୍ତ ହେଲେ। ଦିନେ ପରେ ସେହି ସମାନ ଧରଣର ଅବସ୍ଥାରେ ଚାଲିଗଲେ

କୃପାସିନ୍ଧୁବାବୁଙ୍କର ସ୍ତ୍ରୀ। ଚାହୁଁ ଚାହୁଁ କୃପାସିନ୍ଧୁବାବୁଙ୍କ ହସିଲା ପୁରିଲା ସଂସାରଟା କେଉଁ ଏକ ଅଶରୀରିର ଅଭିଶାପରେ ଅନ୍ଧକାରମୟ ହୋଇଗଲା। ରେବତୀଟା ବାପାମା ’ ଛେଉଣ୍ଡ ହୋଇଗଲା। ଖୁସିର ଉଚ୍ଛୁଳା ନଈରେ ଦୁଃଖର ବନ୍ୟା ଯେ ଏତେ

ଶୀଘ୍ର ଆସି ସବୁ ଧ୍ୱସ୍ତ ବିଧ୍ୱସ୍ତ କରିଦେବ ଏକଥା କେହି କଳ୍ପନାସୁଧା କରିପାରୁନଥିଲେ। ଏଇ କଥା ଭାବି ଭାବି ରେବତୀଟା ଘର ଭିତରେ ବସି ସବୁବେଳେ ଲୁହ ଗଡାଉଥିଲା।

ଦୁଇଦିନ ପରେ ବାସୁକୁ ସରକାରୀ କାମରେ ଭୁବନେଶ୍ୱର ଯିବା ପାଇଁ ପଡିଲା। ପାଞ୍ଚଦିନର ରହଣି ଥିଲା। ଯିବା ପୂର୍ବରୁ ବାସୁ ଆସିଥିଲା ଉଭୟଙ୍କୁ ଦେଖା କରିବା ପାଇଁ। ବୁଢୀକୁ କହିବା ସମୟରେ ରେବତୀ ଘର ଭିତରେ ରହି ସବୁ ଶୁଣୁଥିଲା।

ବାପାମା ’ ଯିବା ଦିନଠାରୁ ସିଏ ଘରୁ ବାହାରୁନଥିଲା। ହଠାତ୍ ଏକଥା ଶୁଣି ବାହାରି ଆସିଲା ବାହାରକୁ। ଅପଲକ ନୟନରେ ଦୁହେଁ

ଦୁହିଁଙ୍କୁ ଚାହିଁ ରହିଥିଲେ। ଚାରିଚକ୍ଷୁର ମିଳନ ଯେମିତି ସମୟର ଗତିକୁ ସେଇଠି ସ୍ଥିର ରଖି ଦେଇଥିଲା। ଆଖିର ଭାଷାକୁ ମନ

ବୁଝୁଥିଲା, କିନ୍ତୁ ନା ଓଠ କିଛି କହୁଥିଲା ନା କାନ କିଛି ଶୁଣୁଥିଲା। ରେବତୀ ଶେଷ ପର୍ଯ୍ୟନ୍ତ ବାସୁର ଯିବା ବାଟକୁ ସେମିତି ଚାହିଁ

ରହିଥିଲା।

ଠିକ୍ ଏହି ସମୟରେ ମହାମାରୀ କରୋନା ସାରା ବିଶ୍ୱରେ ତାର କାୟା ବିସ୍ତାର କରିବାରେ ଲାଗିଥାଏ। କରୋନାର ଲକ୍ଷଣ, ଭୟାଭହତା ତଥା ସେଥିରୁ ରକ୍ଷା ପାଇବାର ଉପାୟ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଉଥିଲା। ହଠାତ୍ ଭୁବନେଶ୍ୱରରେ ବାସୁର ଦେହ ପ୍ରବଳ ଅସୁସ୍ଥ ହେବାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା। ସନ୍ଦେହ ହେବାରୁ ଡାକ୍ତର ପରୀକ୍ଷା କଲେ। ପରୀକ୍ଷାରୁ ବାସୁ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ବୋଲି ଜଣାପଡିଲା। ସରକାରଙ୍କ ଚିନ୍ତା ତଥା ତତ୍ପରତା ବଢି ଚାଲିଲା। ଛାନ୍‌ଭିନ୍ କରିକରି ଶେଷରେ ପୋଲିସ ଆସି ଫକୀରପାଟ ଗ୍ରାମରେ ପହଞ୍ଚିଲା। ଗ୍ରାମକୁ ସମ୍ପୂର୍ଣ୍ଣରୂପେ ଅବରୋଧ କରାଗଲା। ପଚରାଉଚରାରୁ ରେବତୀ ବାହାରୁ ଆସିଥିବାର ଏବଂ କିଛିଦିନ ତଳେ

ତାର ବାପାମା ' ଉଭୟଙ୍କର ମୃତ୍ୟୁ ହୋଇଥିବାର ଖବର ଜଣାପଡିଲା । ରେବତୀର ଜେଜେମା ଏବଂ ରେବତୀକୁ ପରୀକ୍ଷା ପାଇଁ
ନିଆଗଲା । ସେଠାରେ ସେମାନଙ୍କଠାରେ କରୋନା ଭୂତାଣୁ ଥିବାର ଜଣାପଡିବାରୁ ସେମାନଙ୍କୁ ଚିକିତ୍ସା କରାଗଲା । କିଛିଦିନ
ପରେ ସେମାନେ ସୁସ୍ଥ ହୋଇ ଫେରିଲେ । କିନ୍ତୁ ଫେରିନଥିଲା ବାସୁ । ଚିକିତ୍ସା ଅବସ୍ଥାରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲା ।
ଗାଁରେ ପରୀକ୍ଷା ପରେ ଆଉ କିଛି ଲୋକ କରୋନା ଆକ୍ରାନ୍ତ ବୋଲି ଜଣାପଡିଥିଲା । ଗାଁକୁ ଫେରିବା ପରେ ଯେମିତି ରେବତୀର ଦୁନିଆଁ ବଦଳିଯାଇଥିଲା । ଆଉ ବଦଳିଯାଇଥିଲା ବି ଗାଁ ଲୋକମାନଙ୍କର ତା ପ୍ରତି ଆଚରଣ ଓ ଉଚ୍ଚାରଣ । ସମସ୍ତେ
ତାକୁ ଏକ ଦୋଷୀ ଦୋଷୀ ନଜରରେ ଦେଖୁଥିଲେ । ଗାଁ ଲୋକମାନେ ସେମାନଙ୍କର ଘରୁ ବାହାରିବା ନିଷେଧ କରିଥିଲେ ।
ପାଖପଡିଶା ବି ସେମାନଙ୍କୁ ଦେଖିଲେ କବାଟ ବନ୍ଦ କରିଦେଉଥିଲେ । ଏପରିକି ଗ୍ରାମବାସୀମାନେ ମିଶି ତାଙ୍କ ଘର ଆଗରେ
ବାଡ ବୁଜିଦେଲେ । ଯେଉଁ ରେବତୀ ଦିନେ ଏ ଗାଁ ପାଇଁ ଗର୍ବ ଥିଲା ଆଜି ଯେମିତି ସିଏ ଏକ ଅଭିଶାପ ପାଲଟି ଯାଇଥିଲା । ଡାକ୍ତରଖାନାରୁ ଆସିବା ଦିନଠାରୁ ରେବତୀ କିଛି ଖାଉ ନଥିଲା । ଦିନକୁ ଦିନ ଦେହ କ୍ଷୀଣ ହେବାକୁ ଲାଗିଲା । ନିଜ ଅଜାଣତରେ ସିଏ ଯେ ଏତେ ବଡ ଦୋଷ କରିଥିଲା, ସେକଥା ସିଏ ବିଶ୍ୱାସ କରିପାରୁନଥିଲା । ନିଜ ବାପା, ମା ' ଏମିତିକି ସିଏ
ଭଲପାଉଥିବା ତା ମନର ମଣିଷ ବାସୁର ବି ସିଏ ହତ୍ୟାକାରୀ ଥିଲା ଏକଥା ଭାବି ଭାବି ପ୍ରଥମେ ପ୍ରଥମେ ଖୁବ୍ ଜୋରରେ କାନ୍ଦୁଥିଲା । ଆଜିକାଲି କିନ୍ତୁ ଆଉ କାନ୍ଦିପାରେ ନାହିଁ, କାନ୍ଦି କାନ୍ଦି ଆଖିର ଲୁହ ଶୁଖିଗଲାଣି । ଖାଲି ଚୁପ ହୋଇ ବସୁଛି । ତା ପାଇଁ ଏବେ ଦିନ ରାତି ସବୁ ସମାନ ହୋଇଗଲାଣି । ଆଲୋକ ଅନ୍ଧାରର ବିଶେଷ କିଛି ଫରକ ଜଣାପଡେନି । ଚାରିଆଡେ ଯେମିତି
ଏକ ଶୂନ୍ୟତା ଛାଇ ରହିଥାଏ । ଭୁଲିବାକୁ ଚେଷ୍ଟାକରେ, କିନ୍ତୁ ଭୁଲିପାରେନା । ବୁଢୀ ସବୁବେଳେ ତାକୁ ଆଉ ତା ପାଠପଢାକୁ ଦୋଷ
ଦେଇ ପୁଣି ମନେପକାଇ ଦିଏ । ଏତେ ଦୁଃଖ ଆଉ ଦୁର୍ଦ୍ଦଶାର ମୂଳ କାରଣ ଯେ ରେବତୀର ପାଠ ପଢା, ବୁଢୀ ଏ କଥାକୁ ଗଣ୍ଠିଧନ
କରି ବସିଥାଏ । ଯେତେବେଳେ ମନେ ପଡିଯାଉଥିବ, ଖାଲି ବିଡବିଡୋଉ ଥିବ, "ଆପଣା କଲା କର୍ମମାନ, ବେଳୁ ହୋଇବ
ସାବଧାନ ।"
ପ୍ରଥମେ ବାପାମା ' , ତାପରେ ବାସୁ ଏମାନଙ୍କୁ ହରେଇ ରେବତୀ ଭାଙ୍ଗି ପଡିଥିଲା । ଏବେ ପୁଣି ଦିନକୁ ଦିନ ଚାରିଆଡୁ ତା ପ୍ରତି ହେଉଥିବା ଏ ବ୍ୟବହାର ସହ୍ୟ କରିବା ତା ପାଇଁ ଯେମିତି କଷ୍ଟକର ଥିଲା । ନା, ଆଉ ଏ ଯନ୍ତ୍ରଣା ସହିହେବ ନାହିଁ ।

ଏଥିରୁ ମୁକ୍ତି ଦରକାର। ଯେତେଶୀଘ୍ର ମୁକ୍ତି ମିଳିବ ସେତେଶୀଘ୍ର ଶାନ୍ତି ଆସିବ। ଏୟା ଭାବି ରେବତୀ ଶେଷ ନିଷ୍ପତ୍ତି ନେଲା।

"ସଞ୍ଜ ଆସି କେତେବେଳୁ ହେଲାଣି। ଟୋକୀଟା ଏତେବେଳଯାଏଁ ଶୋଇଛି ନା କ' ଣ? ଘର ଅନ୍ଧାର କରିଛି। ଆଲୋ ହେ ରେବି, ବତୀ ସବୁ ଲଗେଇଦଉନୁ। ଟିକେ ସଞ୍ଜଧୂପ ଦେଉନୁ। ମତେ କ' ଣ ଏ ବୟସରେ ଏସବୁ ବି କରିବାକୁ ପଡିବ! ଯାଏଁ

ଦେଖେ କ' ଣ କରୁଛି।" ଏତିକି କହି କହି ଘର ଭିତରକୁ ପଶିଗଲା ବୁଢୀ। ଆଲୁଅ ଲଗାଇ ଯାହା ଦେଖିଲା ଆଖିକୁ ବିଶ୍ୱାସ

କରିପାରିଲାନାହିଁ। ରେବତୀ ଖଟ ଉପରେ ଶୋଇଛି, ଆଉ ତଳ ସାରା ବୋହିଚାଲିଛି ରକ୍ତର ନଦୀ। ବୁଢୀ ହାତ ମାରିଲା। ଦେହ

ଶୀତଳ ହୋଇଯାଇଛି। ଡାକିଲା, ହଲାଇଲା କିନ୍ତୁ କିଛି ଉତ୍ତର ନାହିଁ।

ବୁଢୀ କାନ୍ଦିଲା। କାନ୍ଦିଲା ନାହିଁ ଯେ ସିଏ ରାଗରେ ରେବତୀକୁ ଅଭିଶାପ ଦେଉଥିଲା। ତୋରି ପାଇଁ ମୋ ପୁଅ ବୋହୂ ଗଲେ। ତୋ ପାଠପଢା ଏ ବଂଶ ବୁଡାଇଲା। ତୋ ପାଠପଢା ଚୁଲିକୁ ଯାଉ। ସେଥିରେ ନିଆଁ ଲାଗୁ। ଲୋ ରେବତୀ, ଲୋ ରେବି, ଲୋ

ନିଆଁ, ଲୋ ଚୁଲି।

ସେଇ ଯେ ଥିଲା ବୁଢୀର ଶେଷ ସ୍ୱର। ଆଉ କେବେ କେହି କିଛି ଶୁଣିନାହାନ୍ତି ବୁଢୀ ମୁହଁରୁ।

## ନୀଳିମାର ସନ୍ଧାନରେ ...



ସମୀର ତ୍ରିପାଠୀ
ପ୍ରଜ୍ଞା ବିହାର , ବଲାଙ୍ଗୀର

**ସ**କାଳର ପ୍ରଥମ କିରଣ ସାଙ୍ଗରେ ନେଇ ଆସିଥିଲା ଏକ ଅଜଣା ଆଶଙ୍କା । ପରୀକ୍ଷା ଫଳ ପ୍ରକାଶ ପାଇବାର ସେହି ନିର୍ଦ୍ଦିଷ୍ଟ ଦିନଟି ଯେପରି ସୂର୍ଯ୍ୟୋଦୟଠାରୁ ହିଁ ନିଶ୍ୱାସକୁ ରୋକି ଦେଇଥିଲା । ସକାଳର କୋଳାହଳ, ଘର ଲୋକଙ୍କ ଆଶାପୂର୍ଣ୍ଣ ଚାହାଣି, ଆଉ ସମୟ ସାଙ୍ଗକୁ ଦ୍ରୁତ ହେଉଥିବା ହୃଦସ୍ପନ୍ଦନ ସବୁକିଛି ଯେପରି ତାର ଧୈର୍ଯ୍ୟର କଠୋର ପରୀକ୍ଷା ନେଉଥିଲେ । ଖରା ଗଡ଼ିବା ସହ ସମୟ ଯେତିକି ପାଖେଇ ଆସୁଥିଲା, ତା' ହାତର ଆଙ୍ଗୁଠିଗୁଡ଼ିକ ସେତିକି ଥରୁଥିଲେ । ସ୍କ୍ରିନ୍ ଉପରେ ଅଟକି ଅଟକି ଲୋଡ୍ ହେଉଥିବା ସେହି ଗୋଟିଏ ପୃଷ୍ଠା ତା' ର ବର୍ଷସାରାର ପରିଶ୍ରମ ଓ ସ୍ୱପ୍ନର ନିଷ୍ପତ୍ତି ନେଉଥିଲା । ବିଫଳତାର ଭୟ ଆଉ ସଫଳତାର ଆଶା ଭିତରେ ଶେଷରେ ସେ ଆଖି ବୁଜିଦେଇଥିଲା ନିଜ ଅନ୍ତରାତ୍ମାର ଗଭୀର ନୀରବତାକୁ ଆଶ୍ରୟ କରି । ଦିନସାରାର ସେହି ରୁଦ୍ଧଶ୍ୱାସ ମୁହୂର୍ତ୍ତଗୁଡ଼ିକ ଅତିକ୍ରମ କରିବା ପରେ.........

ସନ୍ଧ୍ୟା , ସନ୍ଧ୍ୟା ନଇଁବା ଆଗରୁ ହଷ୍ଟେଲ ଝରକାରୁ ଦିଶୁଥିବା ଆକାଶଟା ଅଜବ ରଙ୍ଗ ନିଏ । ନା ତାହା ସମ୍ପୂର୍ଣ୍ଣ ନୀଳ, ନା ସମ୍ପୂର୍ଣ୍ଣ କଳା । ଝରକା ପାଖରେ ଆଉଜି ବସି ରହିଲେ ତାକୁ ଲାଗେ, ଜୀବନଟା ସତେ ଯେମିତି ଦୂରପାହାଡ଼ ଉପରେ ବହିଯାଉଥିବା ଝରଣା ପରି ଯାହା ଆଗକୁ ବହିଯାଉଛି ସତ, କିନ୍ତୁ ପଛରେ ରହିଯାଉଛି ବିତିଯାଇଥିବା ଦିନଗୁଡ଼ିକର ଅଜସ୍ର ସ୍ମୃତି । ହଷ୍ଟେଲର ଅଧିକାଂଶ ସାଙ୍ଗ ନିଜ ନିଜ ଘରକୁ ଫେରିଗଲେଣି । କୋଠରୀଗୁଡ଼ିକ ଶୂନ୍‌ଶାନ୍, ସବୁଆଡେ ଏବେ ଶାନ୍ତ ନୀରବତା । କେବଳ ସେହି ଶେଷ ରେଜଲ୍ଟକୁ ଅପେକ୍ଷା କରି ସେ ଏକା ରହିଯାଇଛି ଏହି ଚାରି କାନ୍ଥ ଭିତରେ । ସବୁକିଛି ଚାଲିଥିଲା ନିଜ ଛନ୍ଦରେ, କିନ୍ତୁ ଏହି ଅପେକ୍ଷାର ସାଧାରଣ ଦିନଗୁଡ଼ିକ ଭିତରେ ବି ତା ପାଇଁ ଗୋଟିଏ ବିଶାଳ ଅସମ୍ପୂର୍ଣ୍ଣତା ରହିଯାଉଥିଲା ।  ସମୟ ଥିଲା, ଯେତେବେଳେ ଚାଲି ଚାଲି ଦୂର ଦୁରାନ୍ତରକୁ ଯିବାକୁ ପଡୁଥିଲା । ନା ଥିଲା ଭଲ ରାସ୍ତାଘାଟ, ନା ଥିଲା ଯାତାୟାତର ସୁବିଧା । ସେତେବେଳେ ଗାଁକୁ ଫେରିବା ପାଇଁ ବଡ଼ ଛୁଟିଟିଏର ଅପେକ୍ଷା କରିବାକୁ ପଡୁଥିଲା । ଆଜି ରାସ୍ତାଘାଟ ହୋଇଛି, ଯୋଗାଯୋଗ ଓ ଯାତାୟାତ ସହଜ ହୋଇଛି, କିନ୍ତୁ ପରିସ୍ଥିତି ବଦଳିନି । ଆଜି ବି ସେହି ଲମ୍ବା ଛୁଟିଟିଏ ନମିଳିଲେ, ମନ ମାରି ଅପେକ୍ଷା କରିବାକୁ ହୁଏ ।

ଶିକ୍ଷାର ସାଧନା ତାକୁ ଘରଠାରୁ ଶହ ଶହ କିଲୋମିଟର ଦୂର ଏକ ଅଜଣା ସହରର କୋଳକୁ ନେଇଆସିଥିଲା । ବିଶ୍ୱବିଦ୍ୟାଳୟର ସେହି ଛୋଟ ହୋଷ୍ଟେଲ କୋଠରୀଟିରେ ବନ୍ଦୀ ହୋଇ ରହିଥିଲା ତା' ସ୍ୱପ୍ନ । ଲମ୍ବା ଛୁଟି ନ ମିଳିଲେ ଘରକୁ ଯିବା ସମ୍ଭବ ହୁଏନାହିଁ । ପର୍ବପର୍ବାଣି କିମ୍ବା ବିଶେଷ ଛୁଟିରେ ସେ ଯେତେବେଳେ କେଇଟା ଦିନ ପାଇଁ ଘରକୁ ଫେରେ, ସେହି ସଳଖ ଗ୍ରାମୀଣ ପରିବେଶ ତାକୁ ଆଶ୍ୱାସନା ଦିଏ ସତ, କିନ୍ତୁ ପୁଣି ଫେରିଆସିବା ବେଳକୁ ହୃଦୟଟା ଅତି ମାତ୍ରାରେ ଭାରୀ ହୋଇଉଠେ ।  ତା ଯୁଗଳ ଆଖିର ଅତଳ ଗଭୀରତାକୁ ଚାହିଁଦେଲେ ଲାଗେ, ସେ ଦୁଇଟି କେବଳ ଚକ୍ଷୁ ନୁହନ୍ତି, ବରଂ ଅନେକ ଯୁଗର ନୀରବତାକୁ ନିଜ ଭିତରେ ସାଉଁଟି ରଖିଥିବା ଦୁଇଟି ନିଷ୍କମ୍ପ ସମୁଦ୍ର ।  ପରୀକ୍ଷାଗୁଡ଼ିକ ତ ଶେଷ ହୋଇସାରିଥିଲା । ସେ ନିଜ ନିଶ୍ୱାସର ସବୁତକ ଶେଷ ଉଷ୍ମତା ଢାଳି ଉତ୍ତରଖାତାରେ ଆତ୍ମପ୍ରକାଶ କରିଥିଲା ସତ, କିନ୍ତୁ ତା' ମନ ଭିତରର ଯୁଦ୍ଧ ଶାନ୍ତ ହେବାର ନାଁ ନଥିଲା । ପ୍ରକୃତରେ, ଛାତ୍ରଜୀବନର ସବୁଠାରୁ ବଡ଼ ଦ୍ୱନ୍ଦ୍ୱ ଏହି

ପରୀକ୍ଷାଖାତା ଭିତରେ ନଥାଏ; କାଗଜପତ୍ରର ପରୀକ୍ଷା ସରିଗଲା ପରେ ହିଁ ନିଜ ସ୍ୱପ୍ନ, ଆଶଙ୍କା ଓ ଭବିଷ୍ୟତର ଅନିଶ୍ଚିତତାକୁ ନେଇ ଅସଲ ଆତ୍ମପରୀକ୍ଷା ଆରମ୍ଭ ହୁଏ।

ସମୟର ନଦୀରେ କଲେଜ ଗୋଟିଏ କୂଳ ମାତ୍ର, ଅସଲ ସ୍ରୋତ ତ ଜୀବନର ସେହି ଅଦୃଶ୍ୟ ପରୀକ୍ଷାଗୁଡ଼ିକରେ ବହିଚାଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସେ ନିଜ ମନର ସ୍ୱପ୍ନ ଓ ସଂଘର୍ଷର ଆଲୋଡ଼ନକୁ କାହା ଆଗରେ ବ୍ୟକ୍ତ କରେନାହିଁ। ସେ ଗୋଟିଏ ନୀରବ ରାତ୍ରି ପରି, ଯାହାର ସ୍ତବ୍ଧତା ଭିତରେ ଅସଂଖ୍ୟ ଝଡ଼ର କାହାଣୀ ଲୁଚିରହିଥାଏ, କିନ୍ତୁ ବାହାରକୁ ଦିଶେ କେବଳ ସ୍ୱଚ୍ଛ ସ୍ମିତହାସ। ବନ୍ଧୁମାନଙ୍କ ଗହଣରେ କଥା ହେଲାବେଳେ ତା' ଓଠରେ ହସର ଏକ ସ୍ୱଚ୍ଛ ପରଦା ଟଙ୍ଗା ହୋଇଥାଏ, ଯାହା ପଛରେ ଲୁଚିରହିଥିବା ଝଡ଼କୁ କେହି ଦେଖିପାରନ୍ତି ନାହିଁ। ଘରକୁ ଫୋନ୍ କଲାବେଳେ ତା' ସ୍ୱରରେ ଏକ ମିଥ୍ୟା ସାନ୍ତ୍ୱନା ଥାଏ ଯେ ସବୁକିଛି ଠିକ୍ ଚାଲିଛି। କିନ୍ତୁ ନିଜ ସହ ନିଜର ଭେଟ ହେଲାବେଳେ, ଏହି ନିର୍ଜନ କୋଠରୀରେ ତା' ଭିତରର କୋଳାହଳ ଅସହ୍ୟ ହୋଇପଡ଼େ। ନିଜକୁ ପ୍ରମାଣିତ କରିବାର ସ୍ୱପ୍ନ ଏବଂ ହରାଇବାର ଭୟ ଭିତରେ ସେ ସଦାସର୍ବଦା ଗୁମୁରି ହୋଇ ରହେ। ସେ କବିତା ରଚନା କରେ ନିଜ ସ୍ୱପ୍ନ ଓ ସଂଘର୍ଷକୁ ନେଇ, କିନ୍ତୁ ସେହି କବିତାଗୁଡ଼ିକ ତା' ଅପ୍ରକାଶିତ ନୀରବତାର ମୂକ ସାକ୍ଷୀ ହୋଇ ରହିଯାନ୍ତି।

ଧୀରେ ଧୀରେ ସନ୍ଧ୍ୟାର ନିବିଡ଼ ଅନ୍ଧକାର ନିଜର କଳା ଚାଦର ବିଛାଇ ଦେଉଥିଲା। ବାହାରେ ଶ୍ରାବଣର ଅବିଶ୍ରାନ୍ତ ଧାରା କାଚ ଝରକା ଦେଇ କ୍ରମାଗତ ବାଡ଼େଇ ହେଉଥିଲା, ସତେ ଯେପରି ସେହି ସାନ୍ଧ୍ୟ ଆକାଶ ନିଜ ଭିତରର କୌଣସି ଅବ୍ୟକ୍ତ ଆକୁଳତାକୁ ବର୍ଷାର ରୂପ ଦେଇ ଢାଳି ଦେଉଥିଲା। ଟେବୁଲ୍ ଉପରେ ରଖାଯାଇଥିବା ମୋବାଇଲ ସ୍କ୍ରିନ୍ ଆଡ଼କୁ ସେ ନିଶ୍ଚଳ ଓ ନିର୍ମେଷ ନୟନରେ ଚାହିଁ ରହିଥିଲା। ପରୀକ୍ଷା ଫଳ ପ୍ରକାଶ ପାଇବାର ସମୟ ଜାକି ହୋଇ ଆସୁଥିଲା ପ୍ରତ୍ୟେକଟି ସେକେଣ୍ଡ ତା' ପାଇଁ ଗୋଟିଏ ଗୋଟିଏ ଯୁଗର ପାହାଡ଼ ପରି ଅତିକ୍ରମ ହେଉଥିଲା। ବୁନ୍ଦା ବୁନ୍ଦା ବର୍ଷାର ଶବ୍ଦ ସହ ତା' ହୃଦୟର ସ୍ପନ୍ଦନ ବି ତୀବ୍ର ହେବାରେ ଲାଗିଥିଲା। ଉଦ୍‌ବେଗ ଓ ଭୟର ଏକ ସୂକ୍ଷ୍ମ କମ୍ପନ ତା' ସତ୍ତାକୁ ଆଚ୍ଛାଦିତ କରି ରଖିଥିଲା ସତ, କିନ୍ତୁ ବାହାରକୁ ସେ ଥିଲା ସମ୍ପୂର୍ଣ୍ଣ ନିଷ୍କମ୍ପ। ସମୁଦ୍ର ମନ୍ଥନ ବେଳେ ମହାଦେବ ଯେପରି ସମଗ୍ର ସଂସାରର ବିଷକୁ ଆପଣେଇ ନେଇ ନୀଳକଣ୍ଠ ସାଜିଥିଲେ, ସେହିପରି ସେ ନିଜ ଭୟ, ସଂଶୟ ଓ ମନର ସମସ୍ତ କୋଳାହଳକୁ ନିଜ ଭିତରେ ନୀରବରେ ହଜାଇ ଦେଇଥିଲା। ହୃଦୟର ସ୍ପନ୍ଦନ ବଢ଼ିବାରେ ଲାଗିଥିଲା, ହାତର ଆଙ୍ଗୁଠିଗୁଡ଼ିକ ଥରୁଥିଲେ। ସେହି ଗଭୀର ଚିନ୍ତାମଗ୍ନ ସ୍ତବ୍ଧତା ଭିତରେ, ମୋବାଇଲ ସ୍କ୍ରିନ୍ ଉପରେ ଓଭରଲୋଡ୍ ହୋଇ ଆସୁଥିବା ପେଜ୍‌ଟିକୁ ଦେଖି ନିଜର ସମସ୍ତ ବିକଳତାକୁ ଲୁଚାଇ ସେ ଆଖି ଦୁଇଟି ବୁଜିଦେଲା।

ଗାଢ଼ ଅନ୍ଧାରରେ ଆଚ୍ଛାଦିତ ଆକାଶ ଯେପରି ନିଜ ବକ୍ଷରେ କୋଟି ତାରାର ଆଲୋକକୁ ଗୋପନ ରଖିଥାଏ, ସେହିପରି ଅସୀମ ଧୈର୍ଯ୍ୟ ଓ ନିଜ ସହିତ ଚାଲିଥିବା ଅନ୍ତରଙ୍ଗ ସଂଘର୍ଷ ଭିତରେ ମୁଣ୍ଡ ଟେକୁଥିଲା ଏକ ଅସାଧାରଣ ଅସ୍ତିତ୍ୱ। ସେହି ଚରିତ୍ର, ସେହି ଶାଶ୍ୱତ ଚେତନା ଯାହାର ନାମ ଥିଲା "ନୀଳିମା"। ନାମଟି ମାତ୍ର ତିନୋଟି ଅକ୍ଷରର, ହେଲେ ଏହାର ଗାମ୍ଭୀର୍ଯ୍ୟ ଆକାଶ ଭଳି ବିଶାଳ ଏବଂ ସମୁଦ୍ର ଭଳି ଗଭୀର। ନୀଳ ରଙ୍ଗ ଯେପରି ବିଶାଳତା, ଶାନ୍ତି ଏବଂ ଅପରିସୀମ ସହନଶୀଳତାର ପ୍ରତୀକ, ସେ ମଧ୍ୟ ସେହିପରି ଥିଲା ଝଡ଼ ପଛର ଏକ ଶାନ୍ତ ଧ୍ରୁବତାରା। ସବୁ ଦୁଃଖ, ସବୁ ଅବସାଦକୁ ନିଜ ଭିତରେ ନୀଳକଣ୍ଠଙ୍କ ପରି ପିଇଯାଇ ଅନ୍ୟମାନଙ୍କ ପାଇଁ ସ୍ନେହର ସ୍ୱଚ୍ଛ ଆକାଶ ସାଜିବା ହିଁ ତା'ର ସ୍ୱଭାବ ଥିଲା। ଯେତେବେଳେ ସେ ଧୀରେ ଆଖି ଖୋଲିଲା, ସ୍କ୍ରିନ୍‌ର ସେହି କ୍ଷୀଣ ଆଲୋକ ତା' ଚେହେରା ଉପରେ ପଡ଼ୁପଡ଼ୁ ତା' ଓଠ କୋଣରେ ଏକ ଅସ୍ପଷ୍ଟ ହସ ଖେଳିଗଲା। ଆଖିରୁ ଗଡ଼ିଆସିଥିବା ସେହି ଗୋଟିଏ ବୁନ୍ଦା ଲୁହ ଶୁଖିବା ପୂର୍ବରୁ

ସେ ମୋବାଇଲ ସ୍କ୍ରିନ୍‌ଟାକୁ ଧଡ଼କିନା ବନ୍ଦ କରିଦେଲା। କ' ଣ ଥିଲା ସେହି ରେଜଲ୍ଟରେ ? ସେ ଜିତିଗଲା ନା ନିଜକୁ ଗୋଟିଏ ବଡ଼ ହାରିଯିବା ଆଡ଼କୁ ଠେଲିଦେଲା, ତାହା କେବଳ ସେହି ବନ୍ଦ କୋଠରୀର ନୀରବତା ହିଁ ଜାଣିଥିଲା। ସେ କେତେବେଳ ପର୍ଯ୍ୟନ୍ତ ସେମିତି ବସିରହିଲା ସେ ନିଜେ ମଧ୍ୟ ଜାଣିପାରିଲା ନାହିଁ ...

ଆକାଶରେ ପ୍ରଭାତର ପ୍ରଥମ କିରଣ ଫୁଟିଉଠୁଥିଲା, କିନ୍ତୁ ନୀଳିମାର ଆଖିରେ ଥିଲା ଏକ ଅସମାପ୍ତ କାହାଣୀର ଛାୟା। ସେ ଝରକା ପାଖକୁ ଯାଇ ଠିଆହେଲା। ଏହି ରେଜଲ୍ଟ ତା' ଜୀବନର ସବୁ ପ୍ରଶ୍ନର ଉତ୍ତର ଥିଲା, ନା ଏହା ଆଉ ଏକ ନୂଆ ଝଡ଼ର ପୂର୍ବଭାସ ? ସେ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇସାରିଥିଲା ସତ, କିନ୍ତୁ ସେହି ବାଟ ତାକୁ କେଉଁଆଡ଼େ ନେଇଯିବ ଏକ ସଫଳତାର ଶିଖରକୁ, ନା ଆଉ ଏକ ଅଜଣା ଅନ୍ଧକାର ଭିତରକୁ ! ବାହାରେ ସୂର୍ଯ୍ୟ ଉଇଁଆସୁଥିଲା। ନୀଳିମା ନିଜ ହାତରେ ଧରିଥିବା ମୋବାଇଲ୍ ସ୍କ୍ରିନ୍‌କୁ ଆଉଥରେ ଚାହିଁ ଗଭୀର ନିଶ୍ୱାସ ନେଲା। ସ୍କ୍ରିନ୍‌ରେ ଶୋଭା ପାଉଥିଲା ବାପାଙ୍କ ପଠାଇଥିବା ସେହି ମେସେଜ୍, ଯେଉଁଥିରେ ଗୋଟିଏ ନାଁ, କିଛି ଫୋଟୋ ଆଉ ଏକ ପରିବାରର ସଂକ୍ଷିପ୍ତ ପରିଚୟ ଲେଖାଥିଲା। ସାଙ୍ଗରେ ଲେଖାଥିଲା, "ତୋ' ନିଷ୍ପତ୍ତି ହିଁ ଆମ ପାଇଁ ଶେଷ ନିଷ୍ପତ୍ତି, ଥରେ ଭଲସେ ଭାବି କହିବୁ।" କିଛି ସମୟ ପୂର୍ବରୁ ସେହି ଅପରିଚିତ ନମ୍ବରରୁ ଆସିଥିବା ସଂକ୍ଷିପ୍ତ କଲ୍‌ଟିର ଶବ୍ଦଗୁଡ଼ିକ ଏବେ ବି ତା' କାନରେ ଗୁଞ୍ଜରିତ ହେଉଥିଲା। ସେପଟୁ ଆସିଥିବା ନମ୍ର ସ୍ୱରଟିରେ କୌଣସି ବାଧ୍ୟବାଧକତା ନଥିଲା, ଥିଲା କେବଳ ଗୋଟିଏ ନୂଆ ଜୀବନର ନିମନ୍ତ୍ରଣ ଓ ଅନେକ ପ୍ରଶ୍ନର ଅପେକ୍ଷା। ନୀଳିମା ମୋବାଇଲ୍‌ଟିକୁ ନିଜ ଛାତି ପାଖରେ ଆଉଜେଇ ଧରି ଆଖି ବୁଜିଦେଲା। ଫୋନ୍‌ର ଏହି ଗୋଟିଏ ନୋଟିଫିକେସନ୍ ତା'ର ପୁରୁଣା ସ୍ୱପ୍ନଗୁଡ଼ିକୁ ସମାପ୍ତ କରିନଥିଲା, ବରଂ ଏପରି ଏକ ବାଟର ଆରମ୍ଭ କରୁଥିଲା, ଯାହାର ପରିଣାମ କେବଳ ସମୟ ହିଁ କହିପାରିବ।

## ଅକୁହା ଶବ୍ଦ ...



ମନୀଷାଦେବୀ ପାତ୍ର
ପାରଳାଖେମୁଣ୍ଡି, ଗଜପତି

**ଦେ**ହ ମୋର ଅସୁସ୍ଥ ଥିବା ହେତୁ ମୁଁ ଶୋଇଛି ; ହାତରେ ମୋର " ଆମ ଓଡିଶା କୁଇଜ " ବହି | ସ୍ବପ୍ନ ବହୁଳ | କିନ୍ତୁ ସମୟ ସ୍ରୋତରେ ନିଜକୁ ଖାପ ଖୁଆଇ ଚଳିବା ଭାରି କଷ୍ଟସାଧ ହୋଇପଡୁଛି | ଉଚ୍ଚ ଅଭିଳାଷୀ ର ସ୍ବପ୍ନ ଦେଖୁ ଦେଖୁ ; ବେଳେବେଳେ ଏମିତି ଏକ ମୋଡରେ ଆସି ପହଁଞ୍ଚିଯିବ, ତାହା କେବେ ମଧ ବିଶ୍ୱାସ କରି ହେବ ନାହିଁ | ବୟସ ଯେହେତୁ ଖସଡ଼ା ପାହାଚ ଦେଖି ଚାହିଁ ପାଦ ଛାପିବାକୁ ପଡୁଛି | କାରଣ ଯେହେତୁ ମୁଁ ଝିଅ ବାପା ମାଆ ଙ୍କ ମୁଣ୍ଡ ତଳକୁ ହେଲାପରି କାମ ତ କରିହେବ ନାହିଁ | ତେଣୁ ମୁଁ ମୋ ବାପା ମାଆ ଙ୍କ ଭଲ ଝିଅଟେ ହୋଇ ସମାଜରେ ବଞ୍ଚିବାକୁ ଚାହେଁ | ଯେପରିକି ପକ୍ଷୀଟିଏ ଯେପରି ଆକାଶରେ ମୁକ୍ତ ହୋଇ ଉଡିବାକୁ ପସନ୍ଦ କରେ ; ମୋ ଭାବନା ମଧ ଠିକ୍ ସେହି ସୁନ୍ଦର ବିହଙ୍ଗଟି ପରି | କାହା ପାଖରେ ଛନ୍ଦି ହୋଇ ରହିବା ମୋର ପସନ୍ଦ ନୁହେଁ |

ବେଳେବେଳେ ସମୟ ଏମିତି ଏକ ମୋଡରେ ଛିଡା କରାଇ ଚାଲିଯାଏ ; ଖୁସିରେ ହସି ପାରେ ନା ଦୁଃଖରେ କାନ୍ଦି ପାରେ | ମନରେ ମୋ ଭାରି ଯନ୍ତ୍ରଣା | ତାହା ପରିବାର ପାଇଁ ହେଉ ବା ଭବିଷ୍ୟତ | ଶୋଉ ଶୋଉ ହଠାତ୍ ନିଦ ଭାଙ୍ଗିଯାଏ | ଜାଣିଛ କାହିଁକି ମୋ ଭବିଷ୍ୟତ ମୋତେ ସବୁବେଳେ ଚେତାଇ ଦିଏ ଯେ ଉଠ୍ ତୁ ତ କର୍ମକ୍ଷେତ୍ରରେ ଯୋଗଦେବୁ |କଣ ବା କରିବି କୁହ ; ନା ମୁଁ ଭଲରେ ଶୋଇ ପାରୁଛି, ନା ଉଠି ପାରୁଛି | କିନ୍ତୁ ମୁଁ ସବୁବେଳେ ସଜାଗ୍ ରୁହେ ମୋ ଭବିଷ୍ୟତ ପାଇଁ | ସଦାବେଳେ ମୁଁ ନିଜକୁ ପ୍ରସ୍ତୁତି କରେ ସମୟର ପ୍ରତିଯୋଗିତା ପାଇଁ |

ହଁ ସତ ! ମୁଁ ସେହି କୃଷକ ବାପାର ଗେହ୍ଲା ଝିଅ | ନା ମୁଁ ବଖାଣିକି କୁହେ ନା ମୁଁ କଳ୍ପନା କରି କୁହେ ; କିନ୍ତୁ ଏହା ନିରାଟ ସତ୍ୟ କଥାଟିଏ | ମୁଁ ଦେଖିଛି ମୋ ବାପା କ୍ଷେତ ଜମିରେ କାଦୁଅ ବାଲିରେ ନିଜକୁ ଖଟେଇବାର | ତାହା ନିଜ ପାଇଁ ନୁହେଁ ; ନିଜ ପରିବାର ପାଇଁ | ନିଜ ସ୍ବପ୍ନ ପାଇଁ ନୁହେଁ ତାଙ୍କ ପିଲାର ସ୍ବପ୍ନର ଭବିଷ୍ୟତ ପାଇଁ | ବାପା ମାଆଙ୍କୁ ଛାଡ଼ି ନିଜ ଭବିଷ୍ୟତ ପାଇଁ ସହରକୁ ଆସିବାକୁ ପଡୁଛି | ମନରେ ତ ଦୁଃଖ ; ଯେହେତୁ ନିଜ ପାଖେ ନିଜ ବାପା ମାଆ ନଥାନ୍ତି | ସବୁବେଳେ ସମୟ ସମାନ ନଥାଏ | ସପ୍ତାହରେ ଚାରିଦିନ ଭଲ ତ ତିନି ଦିନ ଖରାପ | ସେହି ପରି ପରିସ୍ଥିତିକୁ ଗତି କରି ଚାଲିବାକୁ ହୁଏ |

ହଠାତ୍ ମୋ ପିଠି ପଛ ହାଡ଼ ବହୁତ ଯନ୍ତ୍ରଣା ହେଲା | ସେହି ଯନ୍ତ୍ରଣା ଗୋଟିଏ ସପ୍ତାହ ଧରି ରହିଲା | ବହୁତ କଷ୍ଟକର ଥିଲା ସେହି ସମୟ | ସେହି ଯନ୍ତ୍ରଣାକୁ ସହି ନ ପାରି ମୁଁ ତୁରନ୍ତ ମେଡିକାଲ ଗଲି | ସେହିଠାରେ ଡାକ୍ତର ଚିକିତ୍ସା

କରି ମେଡ଼ିସିନ ଦେଲେ | ତାହାକୁ ମୁଁ ଡାକ୍ତର କହିବା ମୁତାବକ ମେଡ଼ିସିନ ସେବନ କରିଲି | କିନ୍ତୁ ମୋ ଦେହ ଅସୁସ୍ଥ ଥିବା କଥା ମୁଁ ମୋ ବାପା ମାଆଙ୍କୁ କହିନଥିଲି | ମୋ ଖୁଡି ଙ୍କ ଠାରୁ ଶୁଣି ମୋ ମାଆ ଭାରି ଚିନ୍ତିତ ହୋଇ ମୋ ଦାଦାଙ୍କ ହାତରେ ପଇସା ପଠାଇଲେ | ଯେତେବେଳେ ମୋତେ ଦାଦା ପଇସା ଦେଲେ ; ସେ କହିଲେ ଔଷଧ କିଣିବା ପାଇଁ ଘରେ ପଇସା ଦେଇଛନ୍ତି | ମୋ ଆଖିରୁ ଲୁହ | ଆଜିର ଏ ସମାଜରେ ବାପା ମାଆ ଙ୍କ ପରି କେହି ମଧ ହୋଇପାରିବେ ନାହିଁ | ସବୁବେଳେ ବାପା ମାଆ ଆମ ପଛରେ ଛାଇ ହୋଇ ଛିଡା ହୋଇଥାନ୍ତି | ତାଙ୍କ ଆଶୀର୍ବାଦ ଆମ ଜୀବନରେ ସୁବାସିତ ଫୁଲ ପରି ମହକିତ କରିଦିଏ | ବାପା ମାଆ ଙ୍କ ସ୍ଥାନ ଆମ ଜୀବନରେ କଣ ? ତାଙ୍କ ପ୍ରତି ଆମ କର୍ତ୍ତବ୍ୟ କଣ ?



## ଝରଣା ...



ପ୍ରିୟଦର୍ଶନୀ ମହାପାତ୍ର
ଓଡ଼ଗାଁ, ନୟାଗଡ଼

**ତ**ରତର ହୋଇ ଘରକାମ ସାରି ସଦର ମହକୁମା ଅଫିସ୍ ରେ କିଛି କାମ ଥିବାରୁ ଗାଡ଼ି ଧରି ବାହାରୁଥିବା ଝରଣାକୁ ତା ଝିଅ କହିଲା ମାମା ଘରୁ ବାହାରିଲା ବେଳେ ଯାଉଛି ନୁହଁ ଆସୁଛି କହିବୁ,,, କେତେ ଥର ତତେ ଆଉ କୁହାଯିବ ??? ତା'ର ସବୁବେଳେ ବଡ଼ ଲୋକ ପରି କଥା ବୟସ ପାଞ୍ଚ ପୁରି ଛଅ ,,,,

ରାସ୍ତାରେ ଆଜି କାହିଁ ଭାରି ଲାଗୁଥିଲା ଝରଣାର ମନଟା । ସତରେ କ'ଣ ଜୀବନ ଶିଖେଇଦେଉଛି ନିଜ କାମ ନିଜେ କରିବାକୁ,,, ନିର୍ଭର ନ ହେବାକୁ,,,, ତା ଅଜାଣତେ ଆଖି ଓଦା ବେଳେ ମନ ପଡୁଥିଲା ଅପରାଜିତାର କଥା,,,,, ଦେଇ ଦେଇ ନିଃସ୍ୱ ହୋଇଥିବା ଅପରିପୂର୍ଣ୍ଣ ଅପରାଜିତା !!!! ଝରଣାକୁ ଧୈର୍ଯ୍ୟ ଦେଇ ପିଲାଙ୍କ ପାଇଁ ବଞ୍ଚିବାକୁ କହୁଥିବା କେଇ ପଦ ଭାସି ଆସୁଥିଲା ମାନସପଟ୍ଟରେ ଝରଣାର,,,,

ଅଫିସ୍ ରେ ପହଞ୍ଚି ନିଜ ଫାଇଲ୍ କାମ କରୁ କରୁ ପ୍ରତିକ୍ଷା ଗୃହ ଭିତରେ ନଜର ପଡ଼ିଲା ତିନୋଟି ଛୁଆ ଆଉ ସେମାନଙ୍କ ମାଆ ଉପରେ,,,,
ଝରଣାକୁ ବସିବାକୁ କହି ନିଜ ନାମ ଲକ୍ଷ୍ମୀ ବୋଲି କହି ପିଲାମାନଙ୍କୁ ଧରି କାର୍ଯ୍ୟାଳୟ ଦୁଆରେ ହନ୍ତସନ୍ତ ହେଉଥିବା ମାଆଟି କ୍ଷୋଭ ପ୍ରକାଶ କରିଥିଲା । ସ୍ୱାମୀ ତାମିଲନାଡୁରେ ଆଉ ମୁଁ ଗୃହିଣୀ ହୋଇ ସବୁ କାମ କଲା ବେଳକୁ ଏଇ ପିଲା ତିନିଟା କୁ ଧରି ଖୁବ୍ ହଇରାଣ ହେଉଥିବା କଥା ରୁ ତା ବାଲ୍ୟବିବାହ ଆଉ ନିର୍ଯ୍ୟାତନା ର କାହାଣୀ ଶୁଣେଇ ବସିଲା ଲକ୍ଷ୍ମୀ,,, ଶୁଣିଲ ଝରଣା ଏଠି ଦୁଃଖ ମାଗେଣା ହେଲେ ଶୁଣିବାକୁ କାହା ପାଖେ ସମୟ ଅଛି କହିଲ???? ପୁଅଟିଏ ପାଇଁ ସେ ପାଇଥିବା ଯନ୍ତ୍ରଣାକୁ ବଖାଣିବା ପୂର୍ବରୁ ଝରଣା ଖୁବ୍ ଠଉରେଇ ନେଲା ଲୋକଙ୍କର କନ୍ୟାଭ୍ରୁଣ ହତ୍ୟା ମାନସିକତା କୁ,,, ଏ କେମିତିକା ସମାଜ???? ନିଜେ ମାଆ ଭଉଣୀ କନ୍ୟା ହୋଇ ମଧ୍ୟ କନ୍ୟା ଜନ୍ମ ଦେଇ ଦୁଃଖି,ହଁ ଏଠି ଭୁଲ୍ ଲକ୍ଷ୍ମୀ ର ନୁହେଁ, ଭୁଲ୍ ହେଉଛି ତାକୁ ପୁଅ ଟିଏ ପାଇଁ ବିବଶ ହତାଦର କରିଥିବା ମଣିଷମାନେ,, ଆଜି ଯଦି ଯୌତୁକ ପରି କଳଙ୍କିତ ପ୍ରଥା ନ ଥାନ୍ତା ଏ ମାଆ ଟି ଏମିତି ପରିସ୍ଥିତି ର ଦାସ ସାଜି ନ ଥାନ୍ତା!!!
ନାଁ କ'ଣ ରଖିଛ ଝରଣା ପଚାରିବାରୁ ଲକ୍ଷ୍ମୀ ର ଉତ୍ତର ତୁମ ପିଲାଙ୍କ ପରି ପୁରୁଣା ପୁରୁଖା ନାଆଁ ନାଇଁ ମ,, ଏଇ ବଡ଼ ନାଆଁ ଲିଟୁନ୍ ଆଉ ମଝିଆ ଅର୍ପିତା ଆଉ ସାନ କୁ ପ୍ରତ୍ୟୁଷ ତାକୁ ସମସ୍ତେ ସ୍ୱାଧୀନ ଆଉ କ୍ରିଷ୍ଣା ଡାକନ୍ତି ଅଗଷ୍ଟ ୧୫ ରେ ଜନ୍ମ ହୋଇଛି ତ,,,

ଝରଣା ଭାବୁଥିଲା ହଁ ସ୍ୱାଧୀନ... ଅଗଷ୍ଟ ୧୫ ରେ ଜନ୍ମ ନେଲାନି ଯେ ତା ମାଆ କୋଳର ପରାଧୀନ ଅବସ୍ଥା କୁ ଦୂରେଇ ଯନ୍ତ୍ରଣାମୁକ୍ତ କରିଦେଲା । ସେହି ତଥାକଥିତ ମଣିଷ ରୂପୀ ରାକ୍ଷସ ଙ୍କୁ ଉଚିତ୍ ଜବାବ ଦେବାକୁ ଜନ୍ମ ନେଇ ଆସିଗଲେ କ୍ରିଷ୍ଣା,,,,

ଠିକ୍ ଦୁଇଦିନ ପୂର୍ବରୁ ଗ୍ରାମବାସୀଙ୍କୁ ପୁଅ ଝିଅ ସମାନ ବୋଲି ବୁଝାଉଥିବା ଝରଣା ଆଜି ନୀରବି ଯାଇଥିଲା,, ବର୍ଣ୍ଣାଳୀ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ଝରଣାର ଦମ୍ଭିଲା ସ୍ୱର ହଠାତ୍ ମଉଳିଗଲା ଲକ୍ଷ୍ମୀର ବାଲ୍ୟବିବାହ, କନ୍ୟା ସନ୍ତାନର କଷ୍ଟ ଆଉ ପୁତ୍ର ଜନ୍ମ କରିବାର ବାଧ୍ୟ ବାଧକତା ର ଲୋମ ଟାଙ୍କୁରା କେଇପଦ କଥା ଆଗରେ,,,,

ସତରେ କେବଳ ବହିରେ ପଢ଼ି ବୁଝେଇଦେଲେ କ'ଣ ହେବ ତା'ର ପ୍ରଚାର ପ୍ରସାର ସଚେତନ ନାଗରିକ ହିସାବରେ ଆମକୁ କରିବାକୁ ହେବ ।
ନହେଲେ ୧୪ ବର୍ଷରୁ ବାଲ୍ୟବିବାହ କରି ୧୪ ବର୍ଷ ହେଲା ପୁତ୍ର ଟିଏ ପାଇଁ ନିର୍ଯାତନା ର ଶିକାର ହୁଏତ ଗାଆଁ ଗହଳିରେ ଆଉ କେଉଁ ଲକ୍ଷ୍ମୀ କୁ ଭୋଗିବାକୁ ନ ପଡୁ ।

କଥା ଭିତରେ ଝରଣା କୁ ଭାରି ଭୋକ,,, ସମୟ ଅତିକ୍ରାନ୍ତ,,, ପିଲା ତିନୋଟି କ'ଣ ଖାଇଛନ୍ତି ବୋଲି ପଚାରିଲା ଝରଣା । ଶ୍ୱଶୁର ଙ୍କ ବାର୍ଦ୍ଧକ୍ୟ ହେତୁ ଦେଖାଯାଏନି ବୋଲି ରୋଷେଇ ସାରି ଆସିଥିଲା ଲକ୍ଷ୍ମୀ, ପାଳି ପରା ମୋର କହିଲା ଲକ୍ଷ୍ମୀ,,, ବାପା ଭୋକରେ ହେଲେ ଯା କ'ଣ ଖାଇବାକୁ ଦେବେ କି???? କହିଲେ ନାନା କଥା ଶୁଣିବାକୁ ପଡ଼ିବ ମୋତେ ଭାରି ହତାଶା ଭାବରେ କହୁଥିଲା ଲକ୍ଷ୍ମୀ,,,,,କାମ ସରିଗଲା ପରେ ପିଲା ତିନୋଟି ଙ୍କୁ ନେଇ ଘରେ ସମସ୍ତେ ଖାଇବେ ବୋଲି  ମନସ୍ଥ କରି ଘରୁ ବାହାରିଆସିଥିଲା ଲକ୍ଷ୍ମୀ ଏକଥା ଝରଣା କୁ ଅଛପା ରହିଲା ନାହିଁ,,,

ନିଜ ଖାଦ୍ୟ ପ୍ୟାକେଟ୍ କୁ ବଢ଼େଇ ଦେଇ ପିଲାଙ୍କୁ ଖୁଆଇଦିଅ କହିବାରୁ ହଁ ମ ଆମ ଉଭୟଙ୍କ ଜାତି ତ ସମାନ ଆଉ,,,, ଆଶ୍ଚର୍ଯ୍ୟ ହେଲା ଝରଣା ଏଠି ଜାତି ଗୋତ୍ର ଭେଦ ଭାବ କୁଆଡୁ ଆସିଲା,,,ତା ଅଜାଣତ ରେ ତା ହାତରେ ଥିବା କାଗଜ କୁ ପଢ଼ି ସାରିଥିଲା ଲକ୍ଷ୍ମୀ,,,, ଏଠି ମମତା କୁ ବୁଝିଲେନି ଜାତି କୁ ଖୋଜିଲେ, ଜାତି ଭିତରେ ଜାତିଶ୍ରେଷ୍ଠ ବି ଦେଖିଲେ ,,
ତଥାପି ପିଲା ତିନୋଟି ସେ ଦେଇଥିବା ଖାଦ୍ୟ ପୁଡ଼ିଆ କୁ ଖୁସିରେ ଖାଉଥିବା ଦେଖି ଝରଣା ର ପେଟ ପୁରିଗଲା ,,,

ଯଦି ସବୁ ଝରଣା ଭେଦଭାବ ନ କରି ସମାନ ଜଳ ଦେଇ ତୃଷ୍ଣା ନିବାରଣ କରେ , ଯଦି ଲକ୍ଷ୍ମୀ ସାଆନ୍ତାଣୀ ଜାତିଭେଦ ଦୂର କରିବାକୁ ଶ୍ରୀୟା ଘରେ ଉଭା ହେଲେ ଏମିତି ଲକ୍ଷ୍ମୀ ପରି କେତେକଙ୍କ ତୁଣ୍ଡରେ ଭେଦଭାବ ଉଚ୍ଚନିଚ୍ଚର କଥା ଶୋଭାପାଉନି ,,,,

ପରକୁ ଆପଣାର କରରେ,,, ଏ ଜାତି ଧର୍ମ ବର୍ଣ୍ଣ ଲିଙ୍ଗରୁ କ'ଣ ମିଳିବ???
ରକ୍ତ ତ ସବୁରି ସମାନ ସେଇ ଲୋହିତ,,,,

କଳିଯୁଗରେ ଜାତିର ବାଛବିଚାର ଦୂର କାହିଁ ହୋଇନି???
ଆଚାର୍ଯ୍ୟ ହରିହର ସେଦିନ ପଇତା ତ୍ୟାଗ କରି ଯାହା ବାର୍ତ୍ତା ଦେଇଥିଲେ ତାହା ପୁସ୍ତକ ଭିତରେ ସୀମିତ ହୋଇ ରହିଗଲା କି????
ଏମିତି ଅନେକ ପ୍ରଶ୍ନ ଭାବୁଥିଲା ଝରଣା ଫେରନ୍ତା ସମୟରେ,,,

## ମଇଳା ଦୁର୍ଗନ୍ଧଯୁକ୍ତ ପୋଷାକ ...



ମିର୍ଜା ସନୁଅର ବେଗ
କୋରେଇ, ଯାଜପୁର

**ମଇଳା ଦୁର୍ଗନ୍ଧଯୁକ୍ତ ପୋଷାକ**
**ଅନୁବାଦ:ମିର୍ଜା ସନୁଅର ବେଗ୍ " ପାଭିଲ୍ "**
**ମୂଳ ହିନ୍ଦୀ: ଲୋଟପୋଟ୍**

ଓସାକାର ଏକ ଶାନ୍ତ ଗାଁରେ ଜଣେ ଜ୍ଞାନୀ ଜେନ୍ ଗୁରୁ ରହୁଥିଲେ। ଦିନକର ଘଟଣା,ସେଇ ଗୁରୁଜୀ ରାସ୍ତାରେ ଯାଉଥିବା ସମୟରେ, ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଅଭିଶାପ ଦେଲେ ଏବଂ ମନଭରି ଗାଳି ଦେଲେ। କିନ୍ତୁ ଗୁରୁଜୀ ରାଗିବା ପରିବର୍ତ୍ତେ  କେବଳ ହସିଲେ।

ଏହା ଦେଖି, ଗୁରୁଜୀ ଙ୍କ ଜଣେ ଶିଷ୍ୟ ଆଶ୍ଚର୍ଯ୍ୟ ହୋଇଗଲେ। ଯେତେବେଳେ ସେ ଗୁରୁଜୀଙ୍କୁ ତାଙ୍କ ଶାନ୍ତିର ରହସ୍ୟ ପଚାରିଲେ, ଗୁରୁଜୀ ତାଙ୍କୁ ତାଙ୍କ ନିଜ କୋଠରୀକୁ ନେଇଗଲେ। ସେ ଉକ୍ତ ଶିଷ୍ୟଙ୍କୁ ମଇଳା ଏବଂ ଦୁର୍ଗନ୍ଧଯୁକ୍ତ ପୋଷାକର ଏକ ବ୍ୟାଗ ଦେଲେ ଏବଂ ତାହା ପିନ୍ଧିବାକୁ କହିଲେ।

ଶିଷ୍ୟଟି ଘୃଣାରେ ମୁହଁ ଫେରାଇ ନେଲା ଏବଂ ମଇଳା ପୋଷାକ ପିନ୍ଧିବାକୁ ସ୍ପଷ୍ଟ ଭାବରେ ମନା କରିଦେଲା। ତା ' ପରେ ଗୁରୁ ହସି କହିଲେ, "ଯେପରି ତୁମେ ଏହି ମଇଳା ଓ ଦୁର୍ଗନ୍ଧଯୁକ୍ତ ପୋଷାକ ଗ୍ରହଣ କଲ ନାହିଁ, ମୁଁ ମଧ ସେହି ଲୋକର କଠୋର କଥାଗୁଡ଼ାକୁ ଗ୍ରହଣ କଲି ନାହିଁ।"

ଗୁରୁ ଆହୁରି ବ୍ୟାଖ୍ୟା କରି ବୁଝାଇଲେ, "ଯଦି ଆମେ ନିଜେ କାହାର ମନ୍ଦ ଚିନ୍ତାଧାରା, ମନ୍ଦ ବ୍ୟବହାର ,ଗାଳିଗୁଲଜ କିମ୍ବା କ୍ରୋଧରେ କ୍ରୋଧିତ ହେଉ, ତେବେ ଆମେ ଅଚେତନ ଭାବରେ ସେମାନଙ୍କର ମଇଳା ଏବଂ ମନ୍ଦ ଚିନ୍ତାଧାରା ଗ୍ରହଣ କରିନେଉ ଥାଉ।" ଏହି ଗଭୀର ଅନ୍ତର୍ଦୃଷ୍ଟି ଶୁଣି, ଶିଷ୍ୟ ଶାନ୍ତିର ପ୍ରକୃତ ଗୁରୁତ୍ୱ ବୁଝିପାରିଲେ।
ଶିକ୍ଷା:ଆମ ମନର ରିମୋଟ୍ କଣ୍ଟ୍ରୋଲ୍ ଆମହାତରେ ଆମ ପାଖରେ  ରହିବା ଉଚିତ। ଆମେ କେବେବି ଅନ୍ୟ କାହାର ଅଯଥା ବା ନକାରାତ୍ମକତାକୁ ଭିତ୍ତି କରି ଆମର ମନୋଭାବ ଏବଂ ମାନସିକ ଶାନ୍ତିକୁ ନଷ୍ଟ କରିବାକୁ ଦେବା ଉଚିତ୍ ନୁହେଁ।

# ଈର୍ଷା..



ଅନୁରାଧା ମହାପାତ୍ର
ବୈତରଣୀ ରୋଡ଼, ଯାଜପୁର

ଈର୍ଷା ମୋ ନିଜ ରୂପକୁ
ଯିଏ ସେଦିନ ନିର୍ଜନ ସନ୍ଧ୍ୟାରେ
ତୁମ ଆଖିରେ ଭରିଦେଇଥିଲା
ମୋ ପାଇଁ ମେଞ୍ଚାଏ ଆକର୍ଷଣ।
ଈର୍ଷା ମୋ ନିଜ ଦେହକୁ
ଯିଏ ପ୍ରୀତିର ପହିଲି ଆଷାଢ଼ରେ
ଖୁବ୍ ଭିଜିଥିଲା ତୁମ ସହ।
ତେବେ କାହିଁକି ଏ ଈର୍ଷା କୁହତ !
ସେ କଣ ଜାଣିନି..
ଏ ଛୁଆଁ ପ୍ରେମର ଛୁଆଁ।
ମୋତେ ତ ଲାଗେ
ଏ ଈର୍ଷା ପ୍ରେମର ଈର୍ଷା।
ଏଇ ଏବେଏବେ
ମୋ ମନର କଦମ୍ବ ବନରେ
ଆଜି ପ୍ରେମର ବାସ୍ନା ମହକୁଛି।
ତେବେ କଣ ପୁଣିଥରେ
ମୁଁ ଆଜି ତୁମ ଅପେକ୍ଷାରେ।
କେଜାଣି !
ମୁଁ ନିଜେ ବି ଜାଣିନି।
ମୋତେ ତ ଲାଗେ
ଏଇ ଈର୍ଷାରେ ଈର୍ଷାରେ
ମୁଁ ସମ୍ପୂର୍ଣ୍ଣ ରୂପେ ତୁମର..
ଆଉ ତୁମେ ମୋର ସୁଦୂର ପ୍ରେମିକ।



## ସର୍ବେଶ୍ୱର...



ଶ୍ରଦ୍ଧାଞ୍ଜଳି ବେହେରା
ଗୁରୁଦାସପୁର, ଯାଜପୁର

ତମ ଲେଖାରେ ମୋର ସୃଷ୍ଟି

ତମକୁ ଲେଖିବା ପାଇଁ ମୋର କି ଶକ୍ତି !

ଏ ଦେହ ତମର ରଚନା,

ମୁଁ କି କରିପାରିବି ତମକୁ ବର୍ଣ୍ଣନା ।

ତମେ ଲକ୍ଷ୍ମୀ କାଳୀ ଗୌରୀ

ପୁଣି ବ୍ରହ୍ମା ମହେଶ୍ୱର ଶ୍ରୀହରି ।

ତମେ ଅବତାର ତମେ ଅବତାରି

ଜୀବର ଜୀବନ, ଦୁଃଖର ସଙ୍ଗାଳି, ଆର୍ତ୍ତତ୍ରାଣ

ସତ୍ୟମାର୍ଗ ଦର୍ଶନ କାରି ।

ତମେ ପୁଣ୍ୟର ଥାଳି ତ୍ରିପୁର ମୋହିନୀ ଓଁକାର ଧ୍ୱନୀ

ସୃଷ୍ଟି କାରିଣୀ ଜଗତ ଜନନୀ ।

ତମେ ଅର୍ଦ୍ଧନାରେଶ୍ୱରୀ ତମେ କତ୍ତାୟନି

ତମେ ଜଗତ କାରଣ ତମେ ଜଗତ କାରିଣୀ ତମେ

ନାରାୟଣ ତମେ ନାରାୟଣୀ ।

ତମେ ମାତା ତମେ ପିତା

ତମେ ହର୍ତ୍ତା କର୍ତ୍ତା ଦୈବବିଧାତା ।



# ଯାହାକୁ ସୁନ୍ଦର ଯିଏ...



**ରାମ ଚନ୍ଦ୍ର ପ୍ରଧାନ**
ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍,
ଆସିକା, ଗଞ୍ଜାମ

ବଣକୁ ସୁନ୍ଦର ପାହାଡ଼ ପର୍ବତ
ଗାଆଁକୁ ସୁନ୍ଦର କ୍ଷେତ
ନଈକୁ ସୁନ୍ଦର ଅଙ୍କାବଙ୍କା ପଥ
ନାଆକୁ ସୁନ୍ଦର କାତ ।
ଆଖିକୁ ସୁନ୍ଦର କଜଳର ଗାର
ମୁହଁକୁ ସୁନ୍ଦର ହସ
ପାଦକୁ ସୁନ୍ଦର ଅଳତା କୁଙ୍କୁମ
ଦେହକୁ ସୁନ୍ଦର ବେଶ ।
ମାଟିକୁ ସୁନ୍ଦର ସବୁଜ ବନାନୀ
ଋଷିକୁ ସୁନ୍ଦର ଜଟ
ପକ୍ଷୀକୁ ସୁନ୍ଦର ସୁନୀଳ ଗଗନ
ଯାତ୍ରୀକୁ ସୁନ୍ଦର ବାଟ ।
ସିନ୍ଧୁକୁ ସୁନ୍ଦର ନୀଳ ଉର୍ମିମାଳା
ଚାଷୀକୁ ସୁନ୍ଦର ଚାଷ
ଗାଲକୁ ସୁନ୍ଦର ଟିକି କଳାଜାଇ
ମୁଣ୍ଡକୁ ସୁନ୍ଦର କେଶ ।
ଘରକୁ ସୁନ୍ଦର ସୁଶୀଳା ଘରଣୀ
ଚାଟକୁ ସୁନ୍ଦର ପାଠ
କଣ୍ଠକୁ ସୁନ୍ଦର ସୁମଧୁର ଗୀତ
ଯୋଗୀକୁ ସୁନ୍ଦର ମଠ ।
ପୁରୀକୁ ସୁନ୍ଦର କାଳିଆ ଠାକୁର
ଧରାକୁ ସୁନ୍ଦର ଖରା
ନଭକୁ ସୁନ୍ଦର ଭସା ମେଘମାଳା
କାଖକୁ ସୁନ୍ଦର ଗରା ।
ବିଶ୍ୱନିୟନ୍ତାଙ୍କ ଏ ସୁନ୍ଦର ସୃଷ୍ଟି
ମନକୁ ଭୁଲାଇ ଦିଏ
କାହା ସୁନ୍ଦରତା କାହା ପାଖେ ନାହିଁ
ଯାହାକୁ ସୁନ୍ଦର ଯିଏ ।



# ସନ୍ତାପିତ ଲୁହ ଝରେ ...



ତାରାପ୍ରସାଦ ଜେନା
ରଣପୁର, ନୟାଗଡ଼

ଆକାଶଟା ଛିଡ଼ି ପଡ଼ିଗଲେ ତଳେ
ତୁମରକି ଯାଏ ଆସେ
ମନେ ମନେ ଖୁସି ଖୋଳପଣ ଭଲା
ବିଦ୍ରୁପର ବ୍ୟସ୍ତ ହସେ
ଆକାଶଟା ଛିଡ଼ି ପଡ଼ିଗଲେ ତଳେ
ତୁମରକି ଯାଏ ଆସେ ..... । ୦ ।

ସୂର୍ଯ୍ୟ ଚନ୍ଦ୍ର ତାରା କେଣେ ହଜିଗଲେ
ପବନଟା ହେଲା ବାତ୍ୟା
ଘୋର ଅନ୍ଧାରରେ ବିପ୍ଳବରେ ମାତି
କିଏ କଲା କିସ ହତ୍ୟା ,
ପକ୍ଷୀ ଯେତେ ଥିଲେ ଭୁଲିଗଲେ ନୀଡ଼
ଭୟଙ୍କର ସବୁ ଦିଶେ
ଆକାଶଟା ଛିଡ଼ି ପଡ଼ିଗଲେ ତଳେ
ତୁମରକି ଯାଏ ଆସେ ..... । ୧ ।

ଫୁଲ ଫୁଟିଲାନି ବାସ ଚହଟୁନି
ଦେଖା ନାହିଁ ଜମା ଅଳି
ମମତାର ଯେତେ କୋଳାହଳ ବନ୍ଦ
ଶୁଭୁନାହିଁ ମିଠା ଗାଳି ,
ମରିଗଲା ଭଳି ଜୀବନଟା ଲାଗେ
ସନ୍ତାପିତ ଲୁହ ଝରେ
ଆକାଶଟା ଛିଡ଼ି ପଡ଼ିଗଲେ ତଳେ
ତୁମରକି ଯାଏ ଆସେ ..... । ୨ ।



# ମୁଁ ଏକ ଅସମାପ୍ତ ଗଳ୍ପଟିଏ....



ରାଜଲକ୍ଷ୍ମୀ ସାହୁ
ୟୁନିଟ୍ - ୩, ଭୁବନେଶ୍ୱର

ତୁମେ ଜାଣ, ମୁଁ କିଏ?
ଅନେକ କହନ୍ତି– ମୁଁ କୁଆଡ଼େ ଭାରି ନମ୍ର, ଭାରି କୋମଳ;
ଠିକ୍ ଏକ ଲାଜକୁଳୀ ଲତାଟିଏ ପରି,
ଯାହାକୁ ଛୁଇଁଦେଲେ ଲାଜରେ ଆପଣାଛାଏଁ ନଇଁଯାଏ।

କହନ୍ତି, ମୁଁ କୁଆଡ଼େ ସର୍ବଗୁଣସମ୍ପନ୍ନ,
ଲକ୍ଷ୍ମୀ ପରି ସ୍ନିଗ୍ଧ ଝିଅଟିଏ।
କଳାରେ ନିପୁଣ–କୁଆଡ଼େ ସବୁ କଳା?
ମୋ ଆଙ୍ଗୁଳିରେ ନିଜର ଭାଷା ଖୋଜିନିଏ।
ଅନେକେ ପଚାରନ୍ତି– "କେମିତି କରିନେଉଛ ଏସବୁ?"
ମୁଁ ହସି କହିଦିଏ– "ବାସ୍, ଏମିତି ହିଁ କରିଦିଏ..."

ଆଉ କେମିତି କହିବି ସେମାନଙ୍କୁ–
ଏସବୁକୁ ଧରି ରଖିବା ପାଇଁ
ମୋ ଭିତରେ କେତେ ଅଦୃଶ୍ୟ ଯୁଦ୍ଧ ଚାଲିଥାଏ?
କେମିତି କହିବି– ବାହାରୁ ମୁଁ ଯେତେ ମୁକ୍ତ ଆକାଶ ପରି ଦିଶେ,
ଭିତରେ ସେତେ ହିଁ ପଞ୍ଜୁରୀର ଶିକୁଳିରେ ବନ୍ଧା
ଏକ ନିରବ ଚଢ଼େଇ।

ଈଶ୍ୱରଙ୍କର ବରଦାନ...
ସତରେ କ' ଣ?
କାହିଁକି ମୋତେ କିନ୍ତୁ ଲାଗେ–
ମୋର ଇଚ୍ଛାଗୁଡ଼ିକ ସବୁ
ମୋ ଶରୀରର ଚର୍ମ ଭେଦି
ଅଙ୍କୁର ପରି ବାହାରି ଆସିବାକୁ ଚାହୁଁଛନ୍ତି;
ମାତ୍ର କୌଣସି ଅଦୃଶ୍ୟ ବନ୍ଧନରେ ବାନ୍ଧିହୋଇ
ଭିତରେ ହିଁ ଛଟପଟ ହେଉଛନ୍ତି...
ନିରବରେ ନିଃଶ୍ୱାସ ନେଉଛନ୍ତି।

ବୋଧହୁଏ ଈଶ୍ୱର ମୋତେ
କର୍ଣ୍ଣଙ୍କ ପରି ଗଢ଼ିଦେଇଛନ୍ତି–
ପ୍ରତିଭା ଦେଇଛନ୍ତି,
ସ୍ୱପ୍ନ ଦେଇଛନ୍ତି,
ଆକାଂକ୍ଷା ଦେଇଛନ୍ତି;
ହେଲେ ତାହାକୁ ଉଚିତ ମାଟି,
ଉଚିତ ଆକାଶ
ଓ ଉପଯୁକ୍ତ ସୁଯୋଗ ?
ଉଚିତ ସ୍ଥାନରେ ଅନୁପଯୁକ୍ତ ହୋଇ ରହିଯିବା–
ଏ କି ବରଦାନ,?
ନା ଭାଗ୍ୟର ଏକ ନିରବ ପରିହାସ?

ସଞ୍ଜ ର ନିରବତା ହେଉ କି
ଭୋରର ଶିଶିରଭିଜା ଶୀତଳ ସମୀରଣ–
ଯେଉଁ ପବନ ଅନ୍ୟମାନଙ୍କ ମନପ୍ରାଣରେ
ସତେଜତାର ଶିହରଣ ଭରିଦିଏ,
ସେହି ପବନଟି କାହିଁକି ମୋ ନିକଟକୁ ଆସିଲେ
ଏତେ ନିଷ୍ଠୁର ହୋଇଯାଏ–
ଆଜିଯାଏ ତାହାର ଉତ୍ତର ଖୋଜିପାରିନି।

ନୀଳ ଆକାଶର ବିସ୍ତୃତ ବକ୍ଷପଟରେ
ଭାସୁଥିବା କଳା-ଧଳା ମେଘମାଳାରୁ
ଯେତେବେଳେ ବର୍ଷାର କ୍ରନ୍ଦନ ଝରିପଡ଼େ,
ସମସ୍ତଙ୍କ ମୁହଁରେ ଆନନ୍ଦର ଆଲୋକ ଖେଳିଯାଏ।

କିନ୍ତୁ ମୁଁ?
ମୁଁ ତ ସେହି ମେଘକୁ ବି
ସିଧା ଦୃଷ୍ଟିରେ ଚାହିଁପାରେ ନାହିଁ।

ପ୍ରକୃତିର ଅସଂଖ୍ୟ ପଟ୍ଟଚିତ୍ରରେ
ଯେଉଁଠି ସମସ୍ତେ ରଙ୍ଗ, ସୌନ୍ଦର୍ଯ୍ୟ ଓ ଆନନ୍ଦ ଖୋଜନ୍ତି,
ସେଠି ମୁଁ କାହିଁକି
ନିଜ ମନର ଅକୁହା ଛାୟାକୁ ହିଁ ଦେଖିପାଏ–
ତାହା ମୁଁ ନିଜେ ବି ବୁଝିପାରେ ନାହିଁ।
ତଥାପି…
ମୋ ନିରବତାର ଗଭୀରତାରେ
ଏବେ ବି ଏକ ଅଦୃଶ୍ୟ ନଦୀ ବହିଚାଲିଛି।
ସେହି ଗଭୀର ନଦୀର ବକ୍ଷରେ
ଏକ ଛୋଟ ଫୁଲ
ଢେଉ ସହ ଭାସି ଭାସି
ଅଜଣା ଏକ କୂଳ ଖୋଜୁଛି।

ସେ ଜାଣେ ନାହିଁ
କୂଳଟି କେତେ ଦୂର,
ସ୍ୱପ୍ନଟି କେତେ ଦୁର୍ଗମ;
ତଥାପି ସେ ଭାସିଚାଲିଛି–
କାରଣ ତା' ର ମନରେ ଏବେ ବି
ଏକ ଅବିଚଳ ଆଶାର ଦୀପ ଜଳୁଛି।

ହୁଏତ ଆଜି ନୁହେଁ,
ହୁଏତ କାଲି ବି ନୁହେଁ–
କିନ୍ତୁ କେବେ ନା କେବେ
ସେ ଏହି ଅଶାନ୍ତ ଢେଉକୁ ଅତିକ୍ରମ କରି
ତା' ର ସ୍ୱପ୍ନର ଚାନ୍ଦକୁ ଛୁଇଁବ।

କାରଣ ମୁଁ
କେବଳ ଯାହା ଦେଖାଯାଏ, ସେତିକି ନୁହେଁ।
ମୁଁ ମୋ ଭିତରେ ଚାପି ରହିଥିବା
ଅସଂଖ୍ୟ ଇଚ୍ଛାର ଏକ ନିରବ ସ୍ୱର,
ଅପ୍ରକାଶିତ ପ୍ରତିଭାର ଏକ ଅସମାପ୍ତ କାହାଣୀ,
ଆଉ ସ୍ୱପ୍ନର ଚାନ୍ଦକୁ ଛୁଇଁବାକୁ
ଅନନ୍ତ ଆକାଶ ଆଡ଼କୁ ଉଡ଼ିବାକୁ ଚାହୁଁଥିବା ଚଢ଼େଇ ଟିଏ।
ତେବେ କୁହ ,
ତମେ ଜାଣ, ମୁଁ ପ୍ରକୃତରେ କିଏ?
-ମୁଁ ବାସ୍ତବ ରେ ମୋ ନିଜ ସ୍ୱପ୍ନ ର
ଏକ ଅସମାପ୍ତ ଗଳ୍ପ ଟିଏ ।

# ସେ ସମ୍ପର୍କର ନାଁ ମୁଁ କଅଣ ଦେବି?...




**ତୁଷାରକାନ୍ତ ବଳବନ୍ତରାୟ**
ପାଇକବାରବାଟି , ନରସିଂହପୁର ,
କଟକ

ନା ଅଛି କିଛି ବ୍ୟବଧାନ,
ନା ଅଛି କିଛି ଅଭିମାନ,
କହିବାକୁ ଅଛି ସତେ ଆଜି ଅନେକ କିଛି...
ହେଲେ, ତୁମକୁ ଦେଖିଲା ପରେ,
ଓଠରୁ ଭାଷା ହଜିଯାଏ ଦୂରେ,
ସବୁ କଥା ମୋର ଅକୁହା ରହିଯାଏ ଏବେବି;
ସତରେ... ଏ ସମ୍ପର୍କର ନାଁ ମୁଁ କ'ଣ ଦେବି?
ମୁଁ ତ ଏକ ସାଧାରଣ କବିଟିଏ,
ତୁମ ଭାବନାରେ କଟାଏ ପ୍ରତିଟି ଦିନ,
ହେଲେ ମୋ କଥା କ'ଣ ତୁମର ମନେପଡ଼େ ନାହିଁ କେଉଁ ଦିନ?
ଯଦି ଅଜାଣତେ ତୁମ ମନ ଗହନେ,
ମୋ ଛବି ଆଙ୍କିହୁଏ କେବେବି...
ତେବେ, ସେହି ସମ୍ପର୍କର ନାଁ ମୁଁ କ'ଣ ଦେବି?
ଅଜଣା ବନ୍ଧୁ କହିବି,
ନା କହିବି ଆଉ କିଛି?
ସତରେ... ଆମ ଦୁହିଁଙ୍କ ଭିତରେ କ'ଣ କିଛି ଅଛି?
ଯଦି ଅଛି କିଛି ବି ନିବିଡ଼ତା,
କିମ୍ବା ଟିକିଏ ଭାବର ବ୍ୟାକୁଳତା...
ତେବେ, ସେହି ଅବ୍ୟକ୍ତ ସମ୍ପର୍କର ନାଁ ମୁଁ କ'ଣ ଦେବି?



# ଆଉ ଜଣେ ଭୀମଦାସ୍ ...



ଶୁଭେନ୍ଦୁ ମେହେର
ଯାଲୋଏ, ସୁବର୍ଣ୍ଣପୁର

ଭୀମଦାସ୍
ଯେଉଁଦିନ ଜନ୍ମ ହେଲା,
ସେ'ଦିନ ପାହାଡ଼ ତଳ ଗାଁ'ରେ
ଅଙ୍ଗରା ବର୍ଷା ହେଉଥିଲା !

ଲୋକେ କହିଲେ,
ଇ ପିଲା ଅଲକ୍ଷଣା ଟା
ତଥାପି,
ତା'ର୍ ନାଁ ଦିଆହେଲା ଭୀମ....ଭୀମଦାସ୍ !
ମା' କହିଲା......
ଯିଏ ନିଆଁରେ ଜନ୍ମ ହୁଏ....ସେ' ହିଁ ଭୀମ..... ।

ତା'ର୍ ବୟସ ଦଶ୍ ହେଲାକୁ
ଧୁମ୍ ନିଦାଘ ଆଇଲା,
କୂଅ ପୋଖରୀ ଶୁଖିଗଲା,
ପାହାଡ଼ର ଝର୍‌ଣା ସବୁ ଅଟ୍‌କିଗଲା,
ମୁଂଦିଏ ପାଣି ମିଳିଲା ନାଇଁ !
ଗାଁ ଲୋକ ଚୁପୁର୍ ଫୁସୁର୍ ହେଲେ,
ପାହାଡ଼ ଦେବ୍‌ତା ରାଗିଛନ୍ତି,
ଆଉ ଗୋଟେ ବଳି ଦର୍‌କାର୍ ।
ଭୀମ ପଚାରିଲା.......
ଦେବ୍‌ତା ଯେବେ ପାଣି ଦବ,
ତେବେ ଯାଇ କ'ଣ ଆମେ ପିଇବୁ ?

ଭୀମ ସେ'ଦିନ ପହିଲା କରି
ଗୋଡ଼ ଉଠାଇଲା..........ପାହାଡ଼ ଚଢ଼ିଲା,
ଅନେକ୍ ଦିନ ଖୁଜିବା ପରେ
ଝରଣା ପାଇଲା,
ହେଲେ ପାଣି ପିଇଲା ନାଇଁ !

କୋଦାଳ ଧରି
ପାହାଡ଼ ଛାତିକୁ ଖୁଳିବା ଆରମ୍ଭ କଲା ।

ପଥର ତା'ର ହାତକୁ କାଟିଲା !
ଖରା ତା'ର ପିଠିକୁ ପୁଡ଼ିଲା !!
ବର୍ଷା ତା'ର ଦିହକୁ ଭିଜାଇଲା !!!
ତଥାପି ଅଟ୍‌କି ଯାଇନି ଭୀମଦାସ୍
ସେ' କହୁଥିଲା,
ଯଦି ଦେବ୍‌ତା ପାଣି ଦେବନାଇଁ,
ମୁଁ ପାହାଡ଼ ଚିରି ପାଣି ବାହାର୍ କରିବି ।

ସାତ୍ ବର୍ଷର ସଂଗ୍ରାମ୍
ସାତ୍ ବର୍ଷର ଅଗ୍ନି ବର୍ଷା !
ଭୀମ ଏକ୍‌ଲା ଲଢୁଥିଲା ପାହାଡ଼ ସାଙ୍ଗ୍‌ରେ
ଗାଁ ଲୋକ କହିଲେ...........
ସେ' ଦେବ୍‌ତାଙ୍କୁ ଅପମାନ୍ କରୁଛି
ତା'ର୍ ଉପ୍‌ରେ ଅଭିଶାପ୍ ପଡ଼ିବ
ଭୀମ ହସି ହସି କହିଲା...........
ଅଭିଶାପକୁ ମୁଁ ପିଇ ସାରିଛି,
ଏବେ କେବଳ ପାଣି ପିଇବା ବାକି ଅଛି ।

ଗୁର୍‌ଦୁ ବର୍ଷ ପରେ ପାହାଡ଼ ଫାଟିଲା
ଝର୍‌ଣା ଆଉ କୁଳୁକୁଳୁ ହୋଇ ନାଇଁ,
ନଈ ହୋଇ ତଳ୍‌କୁ ତଳ୍‌କୁ ଖେପିଲା,
ଗାଁକୁ ଭସାଇ ନେଲା ନାଇଁ,
ଭର୍‌ଷା ଦେଲା ।

ଭୀମ ତଳ୍‌କୁ ଉତୁରିଲା ବେଳକୁ
ତା'ର୍ ଦିହ ପଥର ହୋଇଯାଇଥିଲା,
ହାତ କାଠୁଆ ପଡ଼ିଯାଇଥିଲା,
ଖାନ୍ଦ ବଧିରା ହୋଇଯାଇଥିଲା,
ଆଖିରେ କିନ୍ତୁ ପାହାଡ଼ ଭଳି ଜିଦ୍ !
ଲୋକେ ମୁଣ୍ଡ ନୁଆଁଇଲେ,
ଦେବ୍‌ତା ଭଳି ସମ୍ମାନ କଲେ,
ଭୀମ କହିଲା......
ମୁଁ ଦେବ୍‌ତା ନୁହେଁ......ତୁମ ପରି ମଣିଷ !
ଫରକ୍ ଖାଲି ଏତ୍‌କି ଯେ,
ତୁମେ ପାହାଡ଼କୁ ଡରିଲ, ମୁଁ ତା' ସହ ଯୁଝିଲି,
ଆଜିଠୁ ପୂଜା ପାଠ ବନ୍ଦ୍, କୋଦାଳ ଧର ।
ଈଶ୍ୱର ଏବେ ଛୁଟିରେ ଗଲେଣି,
ଏବେ ନିଜ ଭାଗ୍ୟ ନିଜେ ଖୁଲିବାକୁ ପଡ଼ିବ ।

ଭୀମଦାସ୍ ଆଜି ନାଇଁ
ତଥାପି ପାହାଡ଼ ତଳ ଗାଁରେ
କେହି ପାହାଡ଼କୁ ମୁଣ୍ଡିଆ ମାରେ ନାଇଁ
ସବୁ ଘରେ ଗୋଟିଏ କୋଦାଳ ଅଛି !
ଆଉ ସବୁ ପିଲା ଜନ୍ମ ହେଲେ.......
ତା'ର୍ କାନରେ ଗୋଟିଏ ମନ୍ତ୍ର କୁହନ୍ତି,
ଭୀମ ହୋଇ ବଞ୍ଚ,
ପାହାଡ଼ ହୋଇ ନୁହେଁ ।

ପାହାଡ଼ ଭାଙ୍ଗିଯାଏ,
କିନ୍ତୁ ଭୀମଦାସ୍ ଭାଙ୍ଗେ ନାଇଁ ।।

## ବହ୍ନିଶିଖା...



ଗାୟତ୍ରୀ ବେହେରା
ରଣପୁର, ନୟାଗଡ଼

"ନୀରବ ରାତିର ଛାତିଚିରି
ଜଳୁଥିଲା ଏକ ବହ୍ନିଶିଖା,
ଆଲୋକ ଦେଉଥିଲା ସଭିଙ୍କୁ,
ହେଲେ ନିଜ ଯନ୍ତ୍ରଣା
କେବେ କହିଲାନି କାହାକୁ ।

ପବନ ବହିଲା, ଲିଭିବାକୁ ଚେଷ୍ଟା କଲା
ଝଡ ଆସିଲା,ତା'ର ଅସିତ୍ୱକୁ ଦୋହଲାଇ ଦେଲା ;
ତଥାପି ସେ ଜଳିଲା -
କାରଣ ତା'ର ଜଳିବାରେ
କାହାର ଅନ୍ଧାର ଦୂର ହେଉଥିଲା ।

କେହି ତା'ର ଉଜ୍ଜ୍ୱଳତା ଦେଖିଲେ,
କେହି ତା'ର ଉଷ୍ମତା ପାଇଲେ,
କିନ୍ତୁ କେହି ଦେଖିଲେନି
ତା'ର ଭିତରେ ପ୍ରତିକ୍ଷଣ
ପୋଡ଼ି ଯାଉଥିବା ଅସଂଖ୍ୟ ଅନୁଭବ ।

ସେ ଚୁପ୍ ଥିଲା..........
କାରଣ  ତା'ର ଅଭିଯୋଗ ନ ଥିଲା,
କେବଳ ଏକ ଇଚ୍ଛା ଥିଲା -
କେହି ଦିନେ ତା'ର ଆଲୋକକୁ ନୁହେଁ,
ତା'ର ଜଳୁଥିବା ମନକୁବି ବୁଝୁ ।

କେତେ ଲୋକ ଆସିଲେ,
ତା' ପାଖରେ ନିଜ ଅନ୍ଧାର ନେଇ,
ଆଲୋକ ନେଇ ଚାଲିଗଲେ;
କିନ୍ତୁ ଫେରି ଚାହିଁଲେ ନାହିଁ -
ସେଇ ଆଲୋକଟି
କେତେ ଅଂଶ ନିଜକୁ ହରାଇ
ସେମାନଙ୍କୁ ମିଳିଥିଲା  ।

ଦିନେ "ବହ୍ନିଶିଖା" ଥକିଗଲା.....
ଜଳି ଜଳି ତା'ର ଶିଖା
ଧିରେ ଧିରେ ଛୋଟ ହୋଇଗଲା ।
ସେତେବେଳେ ଲୋକ କହିଲେ -
ଆଲୋକ କାହିଁକି କମିଗଲା? '

କେହି ପଚାରିଲେ ନାହିଁ -
'ତୁ କେମିତି ଅଛୁ? '
ବୋଧହୁଏ ଏହି ହିଁ ତା'ର ଦୁଃଖ -
ସେ ସମସ୍ତଙ୍କୁ ଆଲୋକ ଦେଲା,
କିନ୍ତୁ ତା'ର ଅନ୍ଧକାରକୁ
କେହି ଆଲୋକ ଦେଲେ ନାହିଁ ।

ତଥାପି ସେ ଜଳିଲା.....
ଶେଷଥର ପାଇଁ,
ନିଜ ଅସ୍ତିତ୍ୱର ଶେଷବୁନ୍ଦଟିକୁ ଦେଇ
ଅନ୍ଧାରକୁ କହିଲା -

ମୁଁ ନିଭି ଯାଇପାରେ,
ହେଲେ ମୋ ଆଲୋକ
କାହାର ମନରେ
ସବୁଦିନ ଜଳୁଥିବ.....ଏ "ବହ୍ନିଶିଖା" ।

# ମା' ଆସିଲେଣି...



ଅଭୟ କୁଣ୍ଡ
ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ପଡ଼ିଆଭଙ୍ଗା, ତାଳଚେର

ମନରେ ଭୀତି ଥରୁଛି ଛାତି
ହୃଦୟ ହୁଏ ହାଣି
କିଏ କହୁଛି ଏ ପଟେ ଚାହାଁ
ଜନନୀ ଆସିଲେଣି ।

ମୁହଁରେ ହସ ମନରେ ବିଷ
ଆଖିରେ ଏକ ଲୟ
କିଏ କେଉଁଠି କରେ ଚିତ୍କାର
ମନରେ ଭାରି ଭୟ ।

ବରଷା ନାହିଁ ବିନା ମେଘରେ
ଘଟୁଛି ବଜ୍ରପାତ
ବଜ୍ର ପଡ଼ିବ ମୁଣ୍ଡ ଗଡ଼ିବ
କାହାର ହେବ ଅନ୍ତ ।

ମାଆ ଆସିଲେ ଭୋକ ଶୋଷକୁ
ସଭିଏଁ ଯିବେ ଭୁଲି
ସବୁରି ମୁଖେ ଗୋଟିଏ କଥା
ସମୟ ଯାଅ ଚାଲି ।

ମା ଆସିଲେ ଦେବେ ଯେ ଗାଳି
କାରଣ ବିନା ଯେବେ
ମୁହଁ ଫୁଲେଇ ଝିଅ ବସିବ
ବୁଝିବ ନାହିଁ କେବେ ।

ମୃଦୁ ମଳୟ ପ୍ରସାର ହୁଏ
ମାଆଙ୍କ ବିନା ଏଠି
ମାଆ ଆସିଲେ ଗୋଟିଏ ପ୍ରଶ୍ନ
କିଏ ଅଛ କେଉଁଠି ?

ଦେଖିନି ଯିଏ ମା ' ର ରୂପ
ଜୀବନ ସାରା କେବେ
ସବୁ ଥାଇ ବି ନିଃସ୍ୱ ସିଏ
ଅଜଣା ଏଇ ଭବେ ।

ଜଗତଜିତା ମାଆ ଆମର
କରେ କି ସିଏ କାହାକୁ ପର
ମା କୁ ଯିଏ କରିଛି ପର
ସୁଖିନି ଲୁହ ଆଖିରୁ ତା'ର ।

ଏକଥା ଭାବି ଦେହରେ ଜ୍ୱର
ମନରେ ବଢ଼େ ତାତି
ଆଜି ଦିନକ ପାଇଁ ହେଉ ବି
ନ ପାହୁ ଏହି ରାତି ।

ଆଖିରେ ମୋର ଇସାରା କଲି
ଇଙ୍ଗିତେ ଦେଲି କହି
ମା ଆମର କୁଆଡେ ଗଲେ
ଦେଖିଛ କିଏ ଭାଇ ?

ମାଆର ଗାଳି ଦାଣ୍ଡର ଧୂଳି
ଏକଥା ମନେ ରଖ
ମାଆର ମାଡ଼ ଖାଇ ନ ଯିଏ
ଥରେ ଖାଇ କି ଦେଖ ।

# ବାବା ସିଦ୍ଧେଶ୍ୱର...



**ଆକୁଳାନନ୍ଦ ପୃଷ୍ଟି**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ମହାଳପଡ଼ା,
କଖଡି, କଟକ

ଶଇଳ ଶିଖରେ ତୁମ ଆବିର୍ଭାବ
କେଉଁ ଅନାଦି କାଳରେ
ତଳେ ମହାନଦୀ ନୀଳ ଜଳରାଶି
ବହେ ସର୍ପିଳ ମାର୍ଗରେ ।

ସିଦ୍ଧି ଦାତା ପ୍ରଭୁ ବାବା ସିଦ୍ଧେଶ୍ୱର
ସର୍ବ ପ୍ରାଚୀନ ଦେବତା
ନିକଟରେ ତୁମ ପଥର ଗୁମ୍ଫା
କହେ ତୁମ ପ୍ରାଚୀନତା ।

ପ୍ରସ୍ତର ଖୋଦିତ ଶିଳାଲେଖ ଅଛି
ଅସ୍ପଷ୍ଟ ଦେବନାଗରୀ
ପାଠୋଦ୍ଧାର ହେଲେ ଅବଶ୍ୟ ମିଳିବ
ସଭ୍ୟତା ସମ୍ପଦ ଶିରି ।

ନଅଟି ରାଜର ସମଷ୍ଟି ନରାଜ
ଅବା ଅନ୍ୟକିଛି ଅଛି
କାହିଁକି ନରାଜ ଗ୍ରାମ ନାମ ହେଲା
ଖୋଜିବା ବେଳ ଆସିଛି ।

ପଶ୍ଚିମରେ ଅଛି ବାଙ୍କୀ ଡମପଡ଼ା
ମାଆ ଚର୍ଚ୍ଚିକା ଅର୍ଚ୍ଚିତା
ଉତ୍ତରରେ ସପ୍ତଶର୍ଯ୍ୟା ନୀଳକାନ୍ତି
ସବୁଜିମା ବନଲତା ।

ବିପରୀତ ପଟୁ ସାପୁଆ ନାମରେ
କ୍ଷୁଦ୍ର ତଟିନୀ ଏକ
ବହି ବହି ଆସି ମହାନଦୀ ସହ
ଏଇଠି ମିଶିଛି ଦେଖ ।

ମିଳନ ସ୍ଥଳରେ ସ୍ୱୟମ୍ଭୁ ଶଙ୍କର
ସର୍ପେଶ୍ୱର ନାମ ବହି
ଅନାଦି କାଳରୁ ପୂଜା ପାଉଛନ୍ତି
ସାପୁଆ କୂଳରେ ରହି ।

ପଡ଼ୋଶୀ ଗ୍ରାମରେ ଦୁଇଟି ମନ୍ଦିର
ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ
ରାମେଶ୍ୱର ଆଉ ଗ୍ରାମେଶ୍ୱର ଶିବ
ବିଗ୍ରହ ଅକ୍ଷୁନ୍ନ
ମନ୍ଦିର ହୋଇଛି ଭଗ୍ନ ।

ପୂର୍ବ ଦିଗେ ଅଛି କଟକ ନଗର
ଦକ୍ଷିଣେ ଭୁବନେଶ୍ୱର
ଏକାମ୍ର କ୍ଷେତ୍ରରେ ପ୍ରଭୁ ଲିଙ୍ଗରାଜ
ଟାପୁରେ ଧବଳେଶ୍ୱର ।

ତୁମ୍ଭ ମହିମା ଅପାର
ସର୍ବୋଚ୍ଚ ଶିଖରେ ତୁମ୍ଭ ବିଜେସ୍ଥଳୀ
ସିଦ୍ଧି ଦାତା ସିଦ୍ଧେଶ୍ୱର ।

# କେବେ ଭାବିଛୁ କି ?...



**ଅକ୍ଷୟ କୁମାର ଦାସ**
ବୀରବରପୁର, ଅଭିମାନପୁର,
ବଡ଼ମ୍ବା, କଟକ

କେବେ ଭାବିଛୁ କି ?,
ମୋ ନିରବତା ରେ କେତେ କଥା ଲୁଚିଯାଏ
ମେଘାଚ୍ଛନ୍ନ ଆକାଶ ରେ ସୂର୍ଯ୍ୟ ଯେମିତି ଘୋଡ଼ିଥାଏ। ।।୧।।

କେବେ ଭାବିଛୁ କି ?,
ଦୁରେ ଥାଇ ମଧ୍ୟ କେହି ତତେ ମାନେ ପକାଏ
ତୁମେ ଜାଣି ନ ପାରି ମୋ ଉପରେ ଖାଲି ରଗୁଥାଅ । ।।୨।।

କେବେ ଭାବିଛୁ କି,?
ଚାନ୍ଦ କୁ ଦେଖିଲେ ତୋର କଥା କାହିଁ ମନେ ପଡେ
ଏତେ ଭିଡ଼ ଭିତରେ ତୋର ମୁହଁ କାହିଁ ଦିଶିଯାଏ । ।।୩।।

କେବେ ଭାବିଛୁ କି,?
ତୋର ସ୍ମୃତି ଗୁଡ଼ିକ
ମୋ ନିଦକୁ କାହିଁ ଚୋରି କରିନିଏ। ।।୪।।

କେବେ ଭାବିଛୁ କି ?,
ତୋର ଗୋଟେ ମେସେଜ ପାଇଁ ମୁଁ
କେତେଥର ଫୋନ ଦେଖେ । ।।୫।।

କେବେ ଭାବିଛୁ କି ?
ତୋର କେମିତି ଅଛ ପଦଟି
ମୋର ସାରା ଦିନକୁ ସୁନ୍ଦର କରିଦିଏ। ।।୬।।

କେବେ ଭାବିଛୁ କି ?
ତୋର ନାମ ଟି ଶୁଣିଲେ
ମୋ ଓଠରେ ହସ କାହିଁକି ଖେଳିଯାଏ। ।।୭।।

କେବେ ଭାବିଛୁ କି ?
ତୋର ଅନୁପସ୍ଥିତି ରେ ମଧ୍ଯ
ମୁଁ ତୋର ଉପସ୍ଥିତି ଅନୁଭବ କରେ । ।।୮।।

କେବେ ଭାବିଛୁ କି ?
ମୋ ପ୍ରାର୍ଥନା ରେ ଆଜି ବି
ତୋ ନାମ ପ୍ରଥମେ ଆସେ । ।।୯।।

କେବେ ଭାବିଛୁ କି ?
ମୁଁ ତତେ କେତେ ଭଲ ପାଏ । ।।୧୦।।

**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ :** ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା :** ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା :** ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା :** କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,**ସଂଯୋଜକ :** ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ନାରୀ ମୁଣ୍ଡରେ ଚରିତ୍ରର ଭାର...



ତିରଣ ମଶ୍ରା
କନକପୁର , ଜୁନାଗଡ଼ ,
କଳାହାଣ୍ଡି

ନାରୀ ନେଇଛି ଚରିତ୍ରର ଠିକା
ପରିବାରର ମର୍ଯ୍ୟାଦା ପାଇଁ
ପୁରୁଷପିଲା ତ କୁଳାଙ୍ଗାର ହେଲେ ବି ,
ପରିବାର ଯାଏ ସହି
ନାରୀଟିଏ ଯଦି ରାସ୍ତାରେ ବୁଲିଲେ ,
କହନ୍ତି ଚରିତ୍ରହୀନ
ପୁରୁଷପିଲା ତ ରାସ୍ତାକଡ଼ରେ
ପଡି ରହେ ରାତିଦିନ
ନାରୀଟିଏ ଯଦି ବୁଲିବାକୁ ହେଲେ ,
ଦରକାର ପଡ଼େ ଜଣେ ସାଥୀ
ଏକୁଟିଆ ଯଦି ରାସ୍ତାରେ ବୁଲିଲା ,
କହନ୍ତି ସେ ଅସତି
ଚରିତ୍ରର ଭାର ମୁଣ୍ଡାଇ ମୁଣ୍ଡାଇ
ବିତିଯାଏ ନାରୀଜୀବନ
ତାଥାପି ସେ ପରିବାର ଓ ସମାଜରୁ
ନପାଏ ଟିକିଏ ସମ୍ମାନ
ପୁରୁଷର ଚରିତ୍ର ପିତ୍ତଳ ବାସନ ,
ଧୋଇଦେଲେ ଲିଭିଯିବ
ନାରୀର ଚରିତ୍ର ପୋଡ଼ା ମାଠିଆ ,
ମଳାଯାଏ ରହିଥିବ
ସମାଜରେ ଦେଖ ଏପରି ବ୍ୟବସ୍ଥା ,
ତିରଣ ଉଠାଏ ପ୍ରଶ୍ନ
ନାରୀ-ପୁରୁଷ ମଧ୍ୟେ ପ୍ରଭେଦ କାହିଁକି ?
ନାରୀ ପ୍ରତି ଏତେ ଅସମ୍ମାନ ?



ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ...



ସୁଚରିତା ପଡ଼ିହାରୀ
ଭୁବନେଶ୍ୱର

ଭାଦ୍ରବ ମାସ ଯେ ବର୍ଷା କାଳ
ନଭୁ ବରଷୁଛି ଅବିରଳ
ରୋହିଣୀ ନକ୍ଷତ୍ର କୁ ସଂଯୋଗେ
ଅଷ୍ଟମୀ ତିଥି ର ଅର୍ଦ୍ଧଭାଗେ
ଗ୍ରହ ନକ୍ଷତ୍ର ଚମତ୍କାର
ବୃଷଭ ରାଶି ରେ ନିଶାକର,,

ମଳୟେ ସୁଗନ୍ଧ ସଂଚରିଲା
ମେଦିନୀ ପ୍ରସନ୍ନ ହୋଇଲା,
ଦେବକୀ ଉଦର ଯେ ପୀଡଇ
ପ୍ରସବ ବେଦନା ସହ୍ୟ ନୋହି,
ଭୂମିଷ୍ଠ ହୋଇଲେ ବାସୁଦେବ
ଜନ ଙ୍କ ହିତ ରେ ମାଧବ
ସୁନୀଳ ରଙ୍ଗ ଯେ ସ୍ୱର୍ଣ୍ଣ କାନ୍ତି
ଅପୂର୍ବ ମାଣିକ୍ୟ ଝଟକନ୍ତି,,

ଚମକିଲା ଶଙ୍ଖ ଚକ୍ର ତେଜ
କେତେ ସୁନ୍ଦର ଯେ ଚତୁର୍ଭୁଜ,
ଶ୍ରୀବଛ ଚିହ୍ନ ଶୋଭିତ ହୃଦେ
ରତ୍ନ ପାଦୁକା ଯେ ବେନି ପାଦେ,
ଉଜ୍ଜ୍ୱଳ ହୋଇଲା ବନ୍ଦୀ ଘର
କ୍ଷଣକେ ନାଶିଲା ତମ ଘୋର,

ଧର୍ମ ରକ୍ଷା ହେତୁ ଜଗତେ
ଶରୀର ଧରିଲେ ଭୃତ୍ୟ ହିତେ,
ସେ ପାଦ ପଦ୍ମେ ଥାଉ ମୋର ମତି
ପ୍ରଭୁ ପଣେ ରହୁ ସଦା ଖ୍ୟାତି ||

ପୁତନା, ଶକଟା, ବକାଶୁର ପୁଣି
କାଳୀୟ ନାଗ ର ଦାଉ

କାହ୍ନା ଫେରିଲା ତ ନାହିଁ ଲୋ ସଜନୀ
କାହ୍ନା ଫେରିଲା ତ ନାହିଁ
ଡାକୁଛି ଯଶୋଦା ନିତି ପ୍ରତିଦିନ
ଭୁଲିଗଲା ମୋତେ ସେହି ,,
ଦୁଷ୍ଟାମୀ ଯେତେ ଯେ କରୁଥିଲା ଯେବେ
ଛାଟ ଖାଉଥିଲା ମୋର
ଅଶ୍ରୁ ଝରୁ ଥିଲା ତାର ନୟନ ରୁ
ହୃଦୟ ମୋର ରୁଧିର,,
ମୁଖ ଖୋଲି କରି ବ୍ରହ୍ମାଣ୍ଡ ଦର୍ଶନ
କରାଇ ଥିଲା ଯେ ମୋତେ
ଦୃଷ୍ଟି ଝାଡ଼ି ଥିଲି କୋଳରେ ପୁରାଇ
ଡାକିଲି ଦୁର୍ଗା ଙ୍କୁ କେତେ,,
ମୋର ସନ୍ତାନ କୁ ଆଖି କରୁ ଥିଲେ
ଏ ସାରା ଗୋପ ନଗରୀ
ମାଆ ହୋଇକରି କିପରି ସହିବି
ହେଉଥିଲି ତାଙ୍କ ବଇରୀ,,
ନିତି ଆସୁଥିଲେ ମୋ ଘରକୁ ପରା
ଗୋପର ଯେତେକ ନାରୀ
ଚୋରି ଅପବାଦ ମିଛେ ଦେଇ ତାରେ
ଦେଖୁଥିଲେ ମନ ଭରି,,



ଇନ୍ଦ୍ର ବର୍ଷା କଲା ସପତ ଦିନ ଯେ
ରକ୍ଷା କଲେ ମହାବାହୁ,,
ଗଲା ଯେବେ ସିଏ ମଥୁରା ପୁରିକୁ
କହିଯାଇଥିଲା ମୋତେ
ଆସିବି ଜନନୀ ତୋ କୋଳ କୁ ଫେରି
ଯାତ ଦେଖିକରି ସତେ,,
ଯାଇଛି ସେ ଦିନୁ ଫେରିଲାନି ଆଉ
ମାତା କୋଳ ଶୂନ୍ୟ କରି
ଏ ସର ଲବଣି ଏ ନବାତ ସବୁ
କି ହେବ ଅବା ମୋହରି,,
ନିତି ଗୋଳୁ ଥାଏ କ୍ଷୀର ସର ମୁହିଁ
ନିତି ଭାବୁଥାଏ ବସି
ଆସିବ ଆଜି ଲୋ ମୋ କୂଳନନ୍ଦନ
କୋଳରେ ଭୁଞ୍ଜିବ ବସି,,

ଛାଡିଗଲା ଚାଲି ଗୋପ ପୁର ସେହି
ହେଲା ସେ ରାଜକୁମାର
ମଥାରେ ପଗଡ଼ି କେତେ ପାଟ ଶାଢ଼ୀ
ପିନ୍ଧୁଥିବ ମୋ ନାଗର,,
ଥାଉ ଯେଉଁଠି ଲୋ ଭଲ ରେ ସେ ଥାଉ
ମୋହର ଅନ୍ଧ ଲଉଡ଼ି
ତାହା ପାଇଁ ନିତି ମନାସିବି ମୁହିଁ
ପ୍ରଭୁ ପଦ୍ମ ପାଦେ ପଡ଼ି ||

# ମୋ ଗାଁ' ସହରି ସହରି ଲାଗୁଛି...



କାହ୍ନା ଗୌଡ଼
ବାଲିପଦର, ଗଂଜାମ, ଓଡିଶା

ଆଉ ନାହିଁ ସେ ଗାଁ ଦାଣ୍ଡ
ଢେଲା ପଥର ର ସଡ଼କ ।
ଆଉ ଏଠି ଗଡୁ ନାହିଁ
ମାଗୁଣି ର ଶଗଡ଼ ।
ପିଚୁ ର ସଡ଼କ ରେ ଚାଲେ
ଏବେ ପରା ଦୁଇ ତିନି ଚକିଆ ର ଯାନ ।
ଗଛ କାଟି ପଦା କରିଛନ୍ତି
ଏବେ ମିଳେ ନାହିଁ ଅମ୍ଳଜାନ ।....(1)
ମୋ ଗାଁ ସହରି ସହରି ଲାଗୁଛି
ଏଠି ଭାଗବତ ଟୁଙ୍ଗି ଖାଲି ପଡିଛି
ସେ କଥା ସବୁ ଏବେ କିଏ ଶୁଣୁଛି ।
ଗାଈ ଆଳ ଟୋକା ଏବେ ଗାଉନି ଗୀତ
ଗାଈ ନେଇ ସେତ ଯାଉନି ଗୋଠ ।
ଡିଜେ ଡିସ୍କୋ ଡ୍ୟାନ୍ସ ଏବେ ମନୋରଞ୍ଜନ
ଅଶ୍ଳୀଳ ନୃତ୍ୟ ଏବେ ଲାଗୁଛି ମନ ।.... (2)
ମୋ ଗାଁ ସହରି ସହରି ଲାଗୁଛି
ଢ଼ିଙ୍କି ଏବେ କୁଟି ନାହିଁ ନଳୀ ଚୁଡା ଚାଉଳ ।
ଏବେ ଖାଇବା କୁ ମଣ୍ଡା, ଗଇଁଠା, ପୋଡପିଠା, ଆରିସା
ବସାଦହି, ଧନୁ ମୁଆଁ ଲାଗେ ନାହିଁ ପରା ସୁଆଦ ।
ମା ଏବେ ଗାଁ ଦାଣ୍ଡରେ ଗାଉନାହିଁ ଯେ ଲୋରୀ ।
ଅଜା ଆଇ ଖୋଲୁ ନାହାନ୍ତି ସେ ଗପ ର ପେଢ଼ି ।...(3)
ମୋ ଗାଁ ସହରି ସହରି ଲାଗୁଛି
ଏଠି ପିନ୍ଧି ବାକୁ ନମିଳେ ପଗଡି ଧୋତି ।
ଆଉ ଏବେ କିଏ ଜାଳୁ ନାହାନ୍ତି ସେ ଡିବିରୀ ବତୀ ।
ଏଠି ଚକୁଳିଆ ପଣ୍ଡା ଗାଉନି ଗୀତ ।
ଡାକ ବାଲା ଡାକ ଆଣୁ ନି ସେତେ ।....(4)
ମୋ ଗାଁ ସହରି ସହରି ଲାଗୁଛି
ଆଉ ଏବେ ଦେଖିବା କୁ ମିଳୁନାହିଁ

ସେ ମାଟି ମଟାଳ ଚାଳ ଛପର ର ଘର ।
ଗାଁ କୁ ଭୁଲି ଏବେ ବାହା ରେ ରୁହନ୍ତି
ମା ବାପା ଙ୍କୁ କରି ଯେ ପର ।
ଏଠିଯା କୁ ଦେଖିବ ଦୁଇ ତିନିଆ ମହଲ
ଏବେ ସେ ଚାଳା ଛପର ରଙ୍ଗବେଳା
ଘର ଦେଖିବାକୁ ସାତ ପର ।.... (5)
ମୋ ଗାଁ ସହରି ସହରି ଲାଗୁଛି
କ୍ଲବ୍ ଘର ଏଠି ତାଲା ପଡିଛି
ଏଠି କୁନା ଭାଇ ମୋବାଇଲ୍‌ରେ
Online ରେ ସେ ଖେଳ ଖେଳୁଛି ।
ଲୁଡୁ,ତାସ୍,ପାଳି, ବାଗୁଡ଼ି ଖେଳ
ଆଉ ନାହିଁ ସେ ସାଙ୍ଗ ସାଥି ଙ୍କ ମେଳ ।
ଏଠି ଦାଦନ ଖଟି ବାକୁ ଯାଆନ୍ତି ଯେ କଳ ।
ଏଠି ଏକତା ଆଉ ନାହିଁ ଯେ ବଳ ।.... (6)
ମୋ ଗାଁ ସହରି ସହରି ଲାଗୁଛି
ନିଜ ମାତୃଭାଷା ଓଡ଼ିଆ କୁ ନେଇ
ଆଗେ କବି କୂଳ ଥିଲେ ଭାରି ପଣ୍ଡିତ ।
ଏବେ ପରା ସବୁ ଇଂଲିଶ୍ ଆଉ ହିନ୍ଦୀ
ରେ ପରା ପଣ୍ଡିତ ।
ମୋ ଗାଁ ସହରି ସହରି ଲାଗୁଛି
ଏଠି ପରିବେଶ ପରା ଯାଇଛି ବିଗିଡି
ବିଭିନ୍ନ ସମୟ ପ୍ରାକୃତିକ ଦୁର୍ବିପାକ ଆସିଛି ମାଡି ।
ସମସ୍ତ ଙ୍କୁ ମୋର ଅନୁରୋଧ ରହିଲା ଜାଣ
ଆସ ଗଛ ଲଗାଇ ଭାଇ ଭଉଣୀ କରିତ ପଣ
ମୋ ଗାଁ ସହରି ସହରି ଲାଗୁଛି ଜାଣ ....

# ନୀଳାଚଳରୁ ଗୁଣ୍ଡିଚା ପର୍ଯ୍ୟନ୍ତ...



ପ୍ରିୟାଂଶି ସ୍ୱାଇଁ
ନବମ ଶ୍ରେଣୀ , ପିଏମଶ୍ରୀ ଲକ୍ଷ୍ମୀବରାହ
ସରକାରୀ ଉଚ୍ଚ ବିଦ୍ୟାଳୟ, ହାତିନା,
ରାଜନଗର, କେନ୍ଦ୍ରାପଡ଼ା

ପୁରୀ ମୁଁ ଯାଇନାହିଁ କେବେ,
ଦୋରି ମଧ ଟାଣିନାହିଁ ହାତେ।
ତଥାପି ମନ ମୋ ଉଡ଼ିଯାଏ,
ଜଗନ୍ନାଥଙ୍କ ପବିତ୍ର ପଥେ।

ଦୂରରୁ ଶୁଣେ ଜୟଧ୍ୱନି,
ଭକ୍ତିରେ ଭରେ ମୋର ପ୍ରାଣ ।
ମନେ ମନେ ଦେଖେ ସେହି ରଥ,
ନନ୍ଦିଘୋଷର ଦିବ୍ୟ ଶୋଭାବାନ।

ରଥଯାତ୍ରା ଦେଖିବା ହେଲା ନାହିଁ।
ତଥାପି ମୋର ଭକ୍ତିଭାବ,
କେବେ ମଧ୍ଯ କମିଯାଏ ନାହିଁ।

ବିଶ୍ୱାସ ଅଛି ଗୋଟିଏ ଦିନ,
ଡାକିବେ ମୋତେ କାଳିଆ ସାଆନ୍ତି ।
ନୀଳାଚଳରୁ ଗୁଣ୍ଡିଚା ପର୍ଯ୍ୟନ୍ତ,
ଲିବି ମୁଁ ଭକ୍ତିର ସାଥ।

ଦୂରରେ ଥାଇ ମଧ ପ୍ରଭୁ,
ତୁମେ ଅଛ ମୋ ହୃଦୟରେ।
ତୁମ କୃପା ହେଉ ଚିରଦିନ
ଏହି ପ୍ରାର୍ଥନା ଜୟ ଜଗନ୍ନାଥ ||



# ସେ'...



ଅର୍ପିତା ବେହେରା
ଥର୍ମାଲ୍, ଅନୁଗୋଳ

ମୋ ମନ ମରୁଭୂମିର
ଶୁଷ୍କ ବାଲିରାଶିରେ
ସଂପର୍କର ବାରିଦକୁ ବାଡ଼ କରି
ବନ୍ଧୁତାର ବଗିଚା କରିଥିଲା ସେ···
ଆଉ ମେଞ୍ଚାଏ କଦମ୍ବ ଫୁଲ ଫୁଟାଇ
ଜୀବନକୁ ମହକାଇ ଥିଲା ସତେ
ବସନ୍ତର ଏକ କୁହୁକିନୀ ହୋଇ
କିନ୍ତୁ ମୁଁ, ସେହି ବଗିଚାର ମାଟିକୁ
ବର୍ଷ ବର୍ଷ ଧରି ଖୋଳୁଥିଲି
ଆଉ ଅଧିକା ପାଇବା ଆଶାରେ
ଅବା ମରୁଭୂମିକୁ ବେଳାଭୂମି
କରିବା ନିଶାରେ
ହେଲେ, ଅଦିନିଆ ପାଣିପାଗର ପ୍ରଭାବରେ
ସେ ଆଉ କାହାର ବେଳାଭୂମି ହୋଇଗଲା
ଆଉ ମୁଁ ପୁଣି ମରୁଭୂମିରେ
ଅଜଣା ପ୍ରେମିକ ଟିଏ ସାଜି
ତା'ମନ ବଗିଚାର ପାହାଚତଳେ ଚାପି ହୋଇଗଲି
ପ୍ରେମର କ୍ୟାକଟ୍ସ ହୋଇ ।



## ବରଷା ରାଣୀ...



**ସୁନିତା ଦାଶ**
ସାକ୍ଷୀଗୋପାଳ, ପୁରୀ

ନୀଳ ଆକାଶର ସ୍ୱପ୍ନ ଡେଣାରେ
ମେଘର ରଥେ ଆସେ ବରଷା ରାଣୀ,
ମୁକୁତା ବିନ୍ଦୁର ନୂପୁର ପିନ୍ଧି
ଧରାକୁ କରେ ସେ ପ୍ରେମରେ ଧନୀ।

ତା'ର ପ୍ରଥମ ସ୍ପର୍ଶରେ ମାଟି ବକ୍ଷେ
ମହକି ଉଠେ ଭିଜା ସୁଗନ୍ଧ,
ଶୁଖିଲା ଡାଳରେ ସବୁଜ ହସ
ଫେରାଇ ଦିଏ ଜୀବନର ଆନନ୍ଦ।

କଦମ୍ବ ଫୁଲର ହସରେ ହସି,
କୋଇଲି କଣ୍ଠେ ମିଶାଏ ସୁର,
ନଦୀର ଛାତିରେ ଲେଖେ କବିତା,
ପବନେ ଗଢେ ସ୍ନେହର ଘର ।

ଧାନ କ୍ଷେତରେ ସୁନା ସ୍ୱପ୍ନ ବୁଣେ,
ଚାଷୀ ଆଖିରେ ଭରେ ବିଶ୍ୱାସ,
ତୃଷାର୍ତ୍ତ ଧରାର ଶୁଷ୍କ ଅଧରେ
ସେ ଅଙ୍କେ ଜୀବନର ମଧୁମାସ।

ବିଜୁଳି ତା'ର ସୁବର୍ଣ୍ଣ କଙ୍କଣ,
ଘଡ଼ଘଡ଼ି ତା'ର ବୀର ସଙ୍ଗୀତ,
ରିମଝିମ ଛନ୍ଦର ପ୍ରତିଟି ବୁନ୍ଦେ
ଲୁଚି ରହେ ସୃଷ୍ଟିର ପ୍ରେମଗୀତ।

ହେ ବରଷା ରାଣୀ, ତୁମ ଆଗମନେ
ପ୍ରକୃତି ପିନ୍ଧେ ସବୁଜ ଶାଢ଼ୀ,
ତୁମେ ଆସିଲେ ହୃଦୟ ବଗିଚାରେ
ପୁଣି ଫୁଟିଉଠେ ଆଶାର କୁସୁମ କଢ଼ୀ।



# ତୁମେ ତ' କେବଳ ମୋର...



ଡଃ ମନ୍ଦାକିନୀ ପାଢ଼ୀ
ଅଧ୍ୟାପିକା, ପଦ୍ମପୁର, ବରଗଡ଼

ତୁମ ଭାବନାର ପ୍ରତିବିମ୍ବ
ହୃଦୟର ସ୍ପନ୍ଦନ
ମୁଁ ତୁମ ପ୍ରତିଟି ଶବ୍ଦରେ ଜୀବନ୍ତ ......।।

ଇତିହାସ ରହିଛି ସାକ୍ଷୀ
କାଗଜର ଲେଖା ଏକ
ଇସ୍ତାହାର ତୁମର
ମୁଁ ଝଲସୁ ଥାଏ ତୁମ ମିଠା
ବିଶ୍ୱାସ
ଅକୁହା ଶବ୍ଦର.....।।

ତୁମପାଇଁ ଅତୀତରୁ ପବିତ୍ର
ନିଶ୍ଚଳ ସଂହିତା
ହୃଦୟର ପ୍ରତିଟି ସ୍ପନ୍ଦନରେ
ସାଇତା ହେଇଥିବା ପ୍ରୀତିଧାରା ।।

ତୁମ ଉପସ୍ଥିତିରେ ମୁଁ ପୂର୍ଣ୍ଣଗର୍ଭା
କଳ କଳ ନିନାଦିନୀ
ସୁର ଝଙ୍କାର
ମୋ ନୀରବ ମନରେ ସ୍ୱର ତୋଳିଦିଅ
ସଜେଇ ଦିଏ ମନକୁ କେବଳ
ତୁମପାଇଁ ଭାବନାର ଘର ।।

ମୋ ସୃଜନଶୀଳତାକୁ ବାସ୍ତବ
ରୂପ ଲାବଣ୍ୟରେ
ଭରିଦିଅ
ଉଆଁସୀ ରାତିରେ ଜହ୍ନ ତୋଳିଦିଅ
ଭାବନାକୁ ଶବ୍ଦର ରୂପ ଦେଇ ..।।

ମନେ ଅଛି ସେହି ସ୍ମୃତିର ରେଖା
ପହିଲି ଦେଖା
ତୁମ ଆଖିର ଅକୁହା କଥା
ଦୂରେଇ ଦେଇଥିଲ ମୋ
ଜୀବନର ସବୁ ବ୍ୟଥା

ସମୟ ବଦଳିବା ସହ ବଦଳି
ଯିବନି
ଆମ ମାନସିକତା
ଚଲାପଥ କଣ୍ଟକିତ ହେଉ
ପୁଷ୍ପିତ ହେବ ପ୍ରେମରେ
ଆମର ....।।

ଦୁଃଖ ଆସିଲେ ଆଖିର ଲୁହରେ
ଭରିଯିବ ଶୁଖିଲା ନଈ
ଅଧେ ତୁ ଢ଼ାଳିବୁ
ଅଧେ ମୁଁ
ଏବେ କୁହ
ମୋଠୁ ବେଶୀ ଦୁଃଖୀ ତୁମେ ନାଁ ତୁମଠୁ ଦୁଃଖି ମୁଁ...
ଆ ଏଥର ଦିଜଣ କହିବା ତୁ ମୋର...।।

# ଶ୍ୟାମ ରୂପ...




**ଅଜୟ କୁମାର ମହାନ୍ତି**
ହରିପୁର, କବୀର ପୁର,
ଯାଜପୁର

ଲବେ ଅନା ମିତଣୀଗୋ
ଘନଶ୍ୟାମକୁ
ଆହା କି ଅପୂର୍ବ ଶୋଭା
ଶ୍ୟାମବନ୍ଧୁକୁ ।
କପୋଳେ ଚନ୍ଦନ ଟୋପା
କର୍ଣ୍ଣରେ ସାଜେ କୁଣ୍ଡଳ
ଅଧରେ ମୋହନ ବଂଶୀ
ଗଳେ  ବନଫୁଲମାଳ
କଟିରେ କିଙ୍କିଣୀ ଶୋଭା
ଚିନ୍ତାମଣିକୁ ।।
ପୀଇତ ବସନ ତାର
ଆହା କେଡ଼େ ମନୋହର
ଚରଣେ ସୁନା ନୂପୁର
ବାଜେ ରୁଣୁର ଝୁଣୁର
ତ୍ରୀଭଙ୍ଗ ଭଙ୍ଗୀରେ ଉଭା
ଚିତ୍ତ ଚୋରଙ୍କୁ ।



# ଆଦ୍ୟ ଆଷାଢ଼...



**ଶିବାଶିଷ ମିଶ୍ର**
ବି. ଇଡି ୧ମ ବର୍ଷ ଛାତ୍ର, ଓଡ଼ିଆ ଭାଷା
ଓ ସାହିତ୍ୟ ବିଭାଗ, ବଲାଙ୍ଗିର, ଓଡ଼ିଶା

ନିଦାଘ ଶେଷେ କ୍ଷିତିମଣ୍ଡଳେ ଧୀରେ
ଆଦ୍ୟ ଆଷାଢ଼ ଆସେ ମନ୍ଦ୍ର - ଗମ୍ଭୀରେ
ଶିଖରି ଚୂଳ ଶୋଭା ଅତି ସୁନ୍ଦର
ସେ ଶିଖେ ଶୋହେ ଘନନୀଳ ମୁଦିର ।
ସାଜିଣ ବୈତାଳିକ ବର୍ଷାଭୂ ରାଣୀ
କରଇ ସ୍ତୁତିପାଠ ମଙ୍ଗଳଧ୍ୱନି
ଶ୍ରବଣେ ମଣ୍ଡୁକର ଉଦନ୍ତ ମୃଦୁ
ଆସେ ବରଷାରାଣୀ ଶ୍ୟାମ ବାରିଦୁ ।
ଆଷାଢ଼ ଆଗମନେ ମୌସୁମୀରାଣୀ
ଶୁଭ୍ର ଶୀକର ଢାଳେ ଲୋକପାଳିନୀ
କଜ୍ଜଳକାନ୍ତି ଘନେ ଶୋଭେ କୁଳିଶ
ଚଷା ଗମଇ କ୍ଷେତ୍ରେ ଧରିଣ ଈଷ ।
ପ୍ରାବୃଟ ପ୍ରଭାବରେ ତପନ ତାପ
ନ ଧରେ ପୃଥ୍ୱୀଦେଶେ ପ୍ରଚଣ୍ଡ ରୂପ
ଜନ ମଙ୍ଗଳ ହିତେ ସେ ତ୍ୱିଷାମ୍ପତି
ଜିମୂତେ ଲୁଚେ ନ ପ୍ରକାଶି ତା ' ଦ୍ୟୁତି ।
ନ ଲଭି ସୂର୍ଯ୍ୟାତପ ସରେ ସରୋଜ
ନାହିଁ ତା ପୂର୍ବ ବାସ ରୂପ ସତେଜ
କାସାରେ କୌମୁଦୀର ନାହିଁ ସୌରଭ
କାନ୍ତାରେ ନୃତ୍ୟରତ କରୀ - କଲଭ ।
ମାତ୍ର ବରଷାକାଳେ ବିପିନଦେଶେ
ଚମ୍ପା ମଲ୍ଲିକା ସଙ୍ଗେ କୁଟଜ ହସେ
ନିରେଖି୍ ନବଘନେ ମଘବା - ଚାପ
ନୃତ୍ୟ କରଇ କେକୀ ଟେକି କଳାପ ।
ତମାଳ ଲତା ତଳେ ଶୋଭେ ତୁଣ୍ଡୁଭ
ଅହିରାଜର ନାହିଁ ପୂର୍ବ ପ୍ରଭାବ
ଶୂନ୍ୟ ସରିତେ ବହେ ନୀଳ ସଲିଳ
ଆବର ଗିରି ବନ ନାସି ମଣ୍ଡଳ ।
ସରସେ କ୍ରୀଡାରତ କୋକ - ଦମ୍ପତି
ମୃଦୁମନ୍ଦରେ ଗାଇ ପ୍ରଣୟ ଗୀତି
ଆବର ହଂସ ହଂସରାଳୀ ସଙ୍ଗତେ
କରଇ ଜଳକେଳି ପ୍ରମତ୍ତ ଚିତ୍ତେ ।
ନବ ନୀରଦ ଜିଣି କାନ୍ତି ଶ୍ୟାମଳ
ଧରେ ଧରଣୀରାଣୀ ରୂପ ମଞ୍ଜୁଳ
ବିଦ୍ରୁମ -ଦୁକୂଳ ତା ଅଙ୍ଗେ ଶୋଭଇ
ନବ ନବୀନା ପ୍ରାୟ ଦିଶଇ ମହି ।
କି ବା ରସା- କବରୀ ଶାଲ୍ମଳୀ ଲତା
କୁଟଜ ପୁଷ୍ପେ ଦିଶେ ଚାରୁ ଶୋଭିତା?
ଆଦ୍ୟ ଆଷାଢ଼େ ସତେ ଅବନୀରାଣୀ
ଦିଶଇ ସର୍ବଶୋଭା ଲାବଣ୍ୟଖଣି ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ଅଛୁଆଁ ଜାତି...



ମିତାରାଣୀ ଜେନା
ଯାଜପୁର

ଲୋକେ କୁହନ୍ତି ଆମେ ଅଛୁଆଁ ଜାତି
ଆମକୁ ଛୁଁଇଲେ ସେ କାଳେ ସେ ଅଶୁଦ୍ଧ ହୋଇଯାଆନ୍ତି
ଲୋକେ କୁହନ୍ତି ଆମେ ଅଛୁଆଁ ଜାତି ।

ଛୋଟ ଜାତିର ଲୋକମାନେ କଣ ନୁହନ୍ତି ମଣିଷ
ସେମାନଙ୍କର ଦେହ ଗଢ଼ା ନୁହଁ କି ରକ୍ତ  ହାଡ ଆଉ ମାଂସ
କେତେ ଅଦ୍ଭୁତ ଏ ସମାଜ ର ରୀତି
ଲୋକେ କୁହନ୍ତି ଆମେ ଅଛୁଆଁ ଜାତି  ।

ହରିଜନ ବୋଲି ଲୋକେ ଆମକୁ  ଦେଖନ୍ତି ଛୋଟ ନଜର
ସେମାନେ ବୋଧେ ଜାଣି ନାହାନ୍ତି  ଆମ ଜାତି ଆଗରେ
ନାମ ରହିଛି ପ୍ରଭୁ ହରିଙ୍କର
ଆମେ ଅଛୁଆଁ ହେଲୁ କେମିତି
ତଥାପି ଲୋକେ କୁହନ୍ତି ଆମେ ହେଲୁ ଅଛୁଆଁ ଜାତି ।

ଛୁଆଁ ଅଛୁଆଁ ର ଭେଦ ଭାବ ପୁଣି  ଏବେବି ଛାଳିଛି ଗାଁ ରେ
ପ୍ରେମ ପ୍ରୀତି ଭରା ମଧୁର ବଚନ ତାଙ୍କ ଓ଼ଠୁ କେବେ ନାହିଁ ଝରେ
ଗ୍ରାମ ମନ୍ଦିର କୁ ଆମକୁ ନାହିଁ ଅନୁମତି
ଲୋକେ କୁହନ୍ତି ଆମେ ଅଛୁଆଁ ଜାତି ।

ଆମେ ଯେବେ ତାଙ୍କ ଦାଣ୍ଡ ଦେଇଯାଉ
ସେମାନେ ଲିପନ୍ତି ପକେଇ ଗୋବର ପାଣି
ଆମେ ମାନେ ତାଙ୍କ ସମାଜ ସ୍କନ୍ଦ ନୁହଁ ବୋଲି
ତାଙ୍କ ମୁଖେ ନିସୃତ ବାଣୀ
ଚାଷ କାମ ଯେ ଆମର ବୃତ୍ତି
ଲୋକେ କୁହନ୍ତି ଆମେ ଅଛୁଆଁ ଜାତି  ।

ମେଡିକାଲ ଯେବେ ରକ୍ତ ଆବଶ୍ୟକ ସେଠି
ଦେଖା ଯାଏନି ଜାତି
ଦେଖା ଯାଏ ଖାଲି ଆପଣା ଲୋକର ମରଣ
ସଂଘର୍ଷ ପ୍ରତି
ଲୋକେ କୁହନ୍ତି ଆମେ ଅଛୁଆଁ ଜାତି ।

ମଣିଷ ର ଚିନ୍ତାଧାରା ଯେବେ ବଦଳିବ
ଉଚ୍ଚ ନୀଚ ଭେଦ ଭାବ ସେବେ ଉଠି ଯିବ
ସବୁ ଜାତିର ଲୋକ ମାନେ ଯଦି ଭାଇ ଭାଇ
ହୋଇ ଚଳିବେ
ଅନ ଗ୍ରସର ପଥରେ ଥିବା ଗାଁ ଉନ୍ନତି ପଥରେ
ଅଗ୍ରସର ହେବ  ।

ଏହି କଥାଟି ଯଦି ଗାଁ ଗହଳି ର ଲୋକ ମାନେ
ମନରେ ନ ଭାବନ୍ତି
ତା ହେଲେ ଲୋକ ମାନେ ଆଗରୁ କହୁଥିଲେ
ଏବେବି କହୁଛନ୍ତି  ଆଉ ଆଗକୁ ବି କହିବେ
ଆମେ କାଳେ ଅଛୁଆଁ ଜାତି  ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୭୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ପତି ପରମେଶ୍ୱର...



ସରୋଜିନୀ ପ୍ରଧାନ
ଓକେଲପାଳ, ରାଜନଗର,
କେନ୍ଦ୍ରାପଡ଼ା

ଜୁଲାଇ ଆଠ ଆମ ପାଇଁ ଏକ ଖାସ୍ ଦିନ
ଏହି ଦିନରେ ବାନ୍ଧି ହୋଇଥିଲା ଆମ ଜୀବନ!

ହାତ ଧରି ମୋର ଆଣିଲ ମତେ ତୁମ ସାଥିରେ
ହୋମ ନିଆଁ ଦଶ ଦିଗ ପରା ସାକ୍ଷୀ ରହିଥିଲେ!

ସ୍ୱାମୀ ବୋଲି ମୋର ଦେବତା ମୁଁ ତୁମକୁ ମାନିଛି
କେବେ କରିବିନି ତୁମ ସାଥେ ଛଳନା କଥା ମୁଁ ଦେଉଛି !

ସଂସାରକୁ ମୋର ଗହଣା କରି ସଂସାର ମୁଁ ଦେବି ଗଢ଼ି
ସ୍ତ୍ରୀର ଧର୍ମ ମୁଁ ନିଭାଇବା ପାଇଁ ସବୁ ସୀମା ଲଙ୍ଘି ଯିବି!

ଶାଶୁ ଶଶୁର ମୋ ସାକ୍ଷାତ ଦେବତା ନିତି ପୁଜୁଥିବି
ଦିଅର ନଣନ୍ଦ ସାନ ଯାଆ ମୋର ଅନ୍ତର ଲଉଡ଼ି
ସଭିଙ୍କ ସାଥିରେ ସ୍ନେହ ଖାଲି ବାଣ୍ଟୁଥିବି!

ଜୀବନରେ ମୋର ଯେତେ ଦୁଃଖ କଷ୍ଟ ଆସୁ
ହସି ହସି ସହି ଯିବି!

ଜଗନ୍ନାଥଙ୍କ ପାଖରେ ଏତିକି ମାଗୁଣି
ଅଇସୁଲକ୍ଷଣୀ ହୋଇ ଖାଲି ମଶାଣିକୁ ଚାଲିଯିବି !



ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ସକଳ ଆଧାର ପ୍ରଭୁ ମହାଦେବ...



ରାକେଶ କୁମାର ମୁଦୁଲି
ମୁଗକଣି, ରାଜନଗର,
କେନ୍ଦ୍ରାପଡ଼ା

ସଭିଙ୍କର ପ୍ରିୟ ପ୍ରଭୁ ମହାଦେବ
ଆମର ଆରାଧ୍ୟ ସିଏ
ତାଙ୍କ ପୂଜା କରି ପାଉ ଆଶ୍ରିବାଦ
ତାଙ୍କ ପରି ନାହିଁ କିଏ (୧)

ତାଙ୍କୁ ପାଇବାକୁ କେତେ ଯେ ପ୍ରାଥନା
କରନ୍ତି ସଭିଏଁ ବସି
ତାଙ୍କ ନାମ ଥିଲେ ଆମରି କଣ୍ଠରେ
ଶ୍ରଦ୍ଧାରେ ଦିଅନ୍ତି ହସି (୨)

ପ୍ରଭୁ ହସିଦେଲେ ଦୁନିଆ ଟା ହସେ
ରାଗିଗଲେ ହୁଏ କଷ୍ଟ
ରାଗିଗଲେ ପ୍ରଭୁ ତାଣ୍ଡବ କରନ୍ତି
ତ୍ରିଲୋକ ହୁଅଇ ନଷ୍ଟ (୩)

ସକଳ ଶକ୍ତି ର ଆଧାର ଅଟନ୍ତି
ପ୍ରଭୁ ମୋର ମହାଦେବ
ତାଙ୍କ ସମ କେହି ସଂସାରେ ନାହାନ୍ତି
ଶିବ ପରି କିଏ ହେବ (୪)

ଶିବ ଯେ ଅଟନ୍ତି ତ୍ରିଲୋକ ର ନାଥ
ସଭିଙ୍କର ସିଏ ପ୍ରିୟ
ପ୍ରିୟ ହୋଇ ସଦା ସବୁବେଳେ ଥାନ୍ତି
ତାଙ୍କ ପରି ତୁମେ ହୁଅ (୫)

ଶିବ ଙ୍କ ମହିମା ଯିଏ ସେ ଶୁଣିଛି
କୁହନ୍ତି ତାଙ୍କରି ଗୁଣ
ତାଙ୍କୁ ଜାଣିବାକୁ ତାଙ୍କୁ ପାଇବାକୁ
ପ୍ରଭୁଙ୍କ ବିଷୟେ ଶୁଣ (୬)



# ଜୀବନ ନାଆ...



ସ୍ୱାଗତିକା ସାହ
ଅଧ୍ୟାପିକା, ତୁମୁଡିବନ୍ଧ, କନ୍ଧମାଳ

ଜୀବନ ତରୀଟି ହୁଏ ଛାଟିପିଟି
ଭାରାକ୍ରାନ୍ତ ପଥେ ଚାଲି
ଅସୁମାରୀ ଆଶା ଅତ୍ୟନ୍ତ ଅଭିପ୍ସା
ଆଲୋଡ଼ିତ କରେ ଖାଲି ||

ମଣିଷ ମାତ୍ରକ ଲୋଭରେ ଉଦ୍ରେକ
ଯଥାବିଧି କାର୍ଯ୍ୟକ୍ରମେ
ଯେତେ ଦେଲେ ନେଲେ ନହୁଏ ପୂରଣ
ଆହୁରି ପାଇବା ମର୍ମେ ||

ଆଶା ରୁ ଅଭିପ୍ସା ତାହା ପରେ ଲକ୍ଷ୍ୟ
ସଫଳତା ନିଦର୍ଶନେ
ଲୋଭର କାୟାରେ ବଶବର୍ତ୍ତୀ ହୋଇ
ଗର୍ବ ସହ ଅଭିମାନେ ||

ହାସଲ ହୁଏ ସେ ଦେଖା ଲକ୍ଷ୍ୟ ସିନା
ଅରଜୁ ଯେତେକ ପାପ
ସେ ପାପରେ କେହି ଭାଗିଦାରୀ ନୁହେଁ
ଏକା ପାଇବୁ ସେ ତାପ ||

ଧନ ଜନ ସୁଖ ଥିଲାବେଳେ ସତେ
ସଭିଏଁ ପାଖରେ ଥିବେ
ସେଥିରୁ ବଞ୍ଚିତ ହେଲେ ସଙ୍ଗେ ସଙ୍ଗେ
କେହି ଦେଖା ଯେ ନ ଦେବେ ||

ସୁଖ ପାଇଁ ଯେଉଁ କର୍ମକୁ ଆଦରି
ଭିଆଇଛୁ ପାପ ନଦୀ
ସେ ନଦୀଜଳରେ ଏକାତୁ ଭାସିବୁ
ହେବେନି କେହି ଦରଦୀ ||

ପାପର ଲାଳସା ଲୋଭ ଅଟେ ସିନା
ମୋହ ମାୟା ସୂକ୍ଷ୍ମ ଜାଲ
ଲାଳସା ମନରେ ରହିଲେ ସେଥିରେ
ଭଲ ବି ହୋଇବ ଭେଲ ||

ଅନ୍ତିମ ଶଯ୍ୟାରେ ଲଭିବୁ ତୁ ଜ୍ଞାନ
ସରିଯାଇଥିବ ସବୁ
ଯେତେ ପାପ ପୁଣ୍ୟ କର୍ମ କରିଥିବୁ
ସେ ଫଳ ସବୁ ବୁଝିବୁ ||

ପାପଟିର ବାପା ଅଟେ ସେଇ ମାୟା
ଅଟେ ମୋହ ଗ୍ରାସ ଲୋଭ
ଦୂରେଇ ପାରିଲେ ତିକ୍ତ ଭାବନାକୁ
ଅବଶ୍ୟ ପାଇବୁ ଲାଭ ||

## ଘୁରେ ଋତୁ ଚକର...



ଧ୍ରୁବ ଚରଣ ଘିବେଲା
ବଉଦରାଜ, ବୌଦ୍ଧ

ସମୟ ଆସେ ସମୟ ଯାଏ
ଘୁରେ ଋତୁ ଚକର
ଦିନ ସପ୍ତାହ ମାସ ବରଷ
ଆସି ଫେରେ ଶିଘିର ।
ଋତୁ ଆରମ୍ଭ ହୁଏ ଗ୍ରୀଷ୍ମରେ
ନିଦାଘ କାଳ ଗ୍ରୀଷ୍ମ
ବୈଶାଖ ଜ୍ୟେଷ୍ଠ ଦୁଇ ମାସରେ
ନାହିଁ ନଥିବା ଉଷ୍ଣ ।
ଗ୍ରୀଷମ ପରେ ବରଷା ଧାରେ
ବରଷା ଋତୁ ଆସେ
ଆଦ୍ୟ ଆଷାଢ଼ ଶିରାବଣରେ
ଭିଜି ମାଟି ମା' ହସେ ।
ବରଷା କାଳେ ବରଷା ପରେ
ଇନ୍ଦ୍ରିରଧନୁ ଦିଶେ
ରଙ୍ଗ ରୋଷଣୀ ଚମକ ଆଣି
ଆକାଶ ଦେଶେ ଭାସେ ।
ମେଘ ମୁକତ ନିର୍ମଳ ନଭ
ଶରତରେ ବଢ଼ିଆ
ଭୂଦ ଅଶିଣେ କାଦୁଅମୁକ୍ତ
ଗାଆଁରାସ୍ତା ବଢ଼ିଆ ।
ଶିଶିର ମାଖି ହେମନ୍ତ ଆସି
କାର୍ତ୍ତିକ ଗାଥା କହେ
ମଗୁଶିରରେ ଝୋଟିଚିତାରେ
ଘର ଅଗଣା ଶୋହେ ।
ଗୁରୁବାରରେ ସବୁ ଘରରେ
ବିରାଜି ଲକ୍ଷ୍ମୀ ମାଆ
କେଉଁଠି ସିଏ ରହି ନଯାଇ
ବୁଲନ୍ତି ଗାଆଁ ଗାଆଁ ।
ହେମନ୍ତ ପରେ ଶୀତ ପ୍ରବେଶ
କରେ ମାଘ ମାସରେ
ମାଘ ପଉଷ ଶୀତ ଦି' ମାସ
ରହେ ଏଇ ଧରାରେ ।
ଶୀତର ଅନ୍ତେ ଆଦ୍ୟ ବସନ୍ତେ
ଫଗୁଣ ଆସେ ହସି
ମୃଦୁ ମଳୟ ଚଇତି ବାଆ
କିମିଆଁ କରେ ବେଶି ।
ଋତୁଙ୍କ ରାଜା ଋତୁରାଜ ସେ
ଋତୁଙ୍କ ମଧ୍ୟେ ଶ୍ରେଷ୍ଠ
ଋତୁ ଚକର ଗଡ଼ିଗଡ଼ିକା
ବସନ୍ତେ ହୁଏ ଶେଷ ।
ଛଅଋତୁର କଥା ସୁନ୍ଦର
ସ୍ୱତନ୍ତ୍ର ସବୁ ଋତୁ
ଋତୁ ଆଧାରେ ବିବିଧତାରେ
ବଢ଼ିଆ ଲାଗେ ଋତୁ ।

# ଘୋଷଯାତ୍ରା ...



**ଦୀପକ କୁମାର ନାୟକ**
ଗଣ୍ଡାନାଳୀ,
ହିନ୍ଦୋଳ,ଢେଙ୍କାନାଳ

ସଜବାଜ ହୋଇ ବାହାରି ପଡ଼ିଲୁ
ଯିବାକୁ ମାଉସୀ ଘର
ଦୁଃଖିର ଦୁଃଖକୁ ନଶୁଣି ଯିବାକୁ
ହେଉଅଛୁ ତରତର ।।
ଭକତଟେ ତୋତେ ଡାକୁଅଛି ଦୁଃଖେ
ପଡ଼ି କେତେ ବିକଳରେ
ଡାକ ନଶୁଣି ବାହାରି ପଡ଼ିଲୁ
ଘୋଷଯାତ୍ରା ପାଇଁ କିରେ ।।
ଭକତର ଦୁଃଖ ତୋହ ପାଇଁ ବଡ଼
ବୋଲି ତୁ ଭାବିଲୁ ନାହିଁ
ମଉଜ କରିବୁ ବାହାରି ପଡ଼ିଲୁ
ଭାଇ ଭଉଣୀଙ୍କୁ ନେଇ ।।
ତୁପରା କୁଆଡେ ଦୟାର ଠାକୁର
ଶୁଣିଥିଲି ମୋର କାନେ
ଏଇ କଣ ତୋର ଦୟାକିରେ ଜଗା
କହିବୁ ତୁ ପାଞ୍ଚଜଣେ ।।
ଥିଲେ ତୋର ଦୟା ଦୁଃଖିର ଦୁଃଖକୁ
ଲାଘବ କରିଣ ଯାଆ
ଖୁସି ଆନନ୍ଦରେ ଭକତଙ୍କ ସଙ୍ଗେ
ମିଳିମିଶି ଥରେ ଆ
ମିଳିମିଶି ଥରେ ଆ ।।



# ସ୍ମୃତି ତୀର୍ଥ ...



ପ୍ରଶାନ୍ତ କୁମାର ନାଥ
ରାଜନଗର,କେନ୍ଦ୍ରାପଡ଼ା

କିଛି ସ୍ମୃତି ଏଠି ତୀର୍ଥ ସାଜି ଥାଏ
ଆଉ କିଛି ଅନ୍ତସ୍ବର
ବିସ୍ମୃତି ବେଦନା ଅନଳ ଭିତରେ
କିଏ ତୋଳିଥାଏ ଘର ।

ଜୀବନ ଯୌବନ ଯନ୍ତ୍ରଣା ଭିତରେ
ସ୍ମୃତି ଏକ ରୂପା ଜହ୍ନ
ସୁଖ ଦୁଃଖ ସେହି ସମୟ ସ୍ରୋତରେ
ରହିଯାଏ ହୋଇ ଚିହ୍ନ ।

କିଛି ଲିଭିଯାଏ କିଛି ରହିଥାଏ
ଅଲିଭା ଅକ୍ଷତ ହୋଇ
ସୁଖ ହୋଇଥିଲେ ଖୁସି ଲାଗୁଥାଏ
ଦୁଃଖ ଯାଏ ଲୁହ ଦେଇ ।

ଅତୀତ ସ୍ମୃତିକୁ ଭାବିଲେ ମନରେ
ଖାଲି ଦୁଃଖ ଦେଇ ଥାଏ
ଜୀବନ ପଥରେ ଆସେ ନାହିଁ ଫେରି
ଦିନ ରାତି ସରିଯାଏ ।



ଏମିତି ସେ ତୀର୍ଥ ମନ ମଲାଟରେ
ହଜିଲା ଅତୀତ ସ୍ମୃତି
ଭାବନା ରାଜ୍ୟର ଭାବ ବଣିକ ସେ
ଦରିଆ ରାଜାର ଛାତି ।

କେବେ ଲହୁ ସ୍ନାନ କେବେ ଲହୁ ସ୍ନାନ
ସ୍ମୃତିରୁ ହୁଏ ତ ପ୍ରାପ୍ତି
ଜୀବନର ମାନେ ବୁଝିତ ହୁଏନା
ନକଲେ ତା ସହ ଚୁକ୍ତି ।।

## ଢେଉ ...



ସୁଷମା ହୋତା
ଗୁଲୁଣ୍ଡା, ମାନେଶ୍ୱର,
ସମ୍ବଲପୁର

ସମୁଦ୍ର ହସେ କି କାନ୍ଦେ
ଜାଣିବା ଭାରି କଷ୍ଟକର
ଢେଉରେ ଆସୁଥିବା ଫେଣ
କୂଳରେ ପହଂଚି
କରିଥାଏ ମତି ଭ୍ରମ..
ଛାଡ଼ିଯାଏ ବାଲିର ବେଳାରେ
ଶାମୁକା ସାଥେ ଶଙ୍ଖ ର ଖୋଲପା
ଗୋଟାଇବା ବେଳକୁ
ଲାଗିଥାଏ ଶୁଖିଲା ହାଲୁକା
ଓ ଫାଙ୍କା..
ହେବାକୁ ପଡିଥାଏ ହା ହୁତାଶ
ହୁ ହୁ ଗର୍ଜନ
ଶେଷରେ ଛିନ ଛତ୍ର
ଶବ୍ଦ ସହ ସବୁ ହୋଇଯାଏ ବିଲୀନ..
ଏଇ ତ ଜୀବନ
ଜଣା ନାହିଁ ସେଠି ଅଛି
ଆମେରିକା କି ଇଉରୋପ
ତଥାପି କହିବାକୁ ହୁଏ
ଦିଶୁଥିବା ଯାଏ
ଏଇତ ଆମ ଭାରତ ମହାସାଗର
ଅବା ବଙ୍ଗୋପ ସାଗର..
ହେଉ ପଛେ ଯେଉଁ ସାଗର
କି ମହାସାଗର ର ଜଳ
ଲହଡି କି ଢେଉ
ଆସୁଥାଏ ଯାଉଥାଏ ଅନର୍ଗଳ
କିଛି ରଖେନା
ଫେରାଇ ଦିଏ ସବୁ
ସ୍ୱଚ୍ଛତା ଭରା ପରା
ତା ଜୀବନ ଗାଥା..

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ପରିବର୍ତ୍ତନ ର ଆହ୍ୱାନ ...



ମନୀଷା ପୃଷ୍ଟି
ବିଜୟନଗର, ବାଲିଆ, ବାଲେଶ୍ୱର

କାଗଜ ର ସମ୍ପର୍କ ଆଜି ଫୋନରେ ହଜି ଯାଇଛି
ମଣିଷ ର ମନ ଆଜି ସ୍ୱାର୍ଥ ରେ ବଦଳି ଯାଇଛି,
ଉନ୍ନତିର ପାହାଚ ଚଢି ଆମେ ଆଗକୁ ତ ଗଲୁ
ହେଲେ ଅଜାଣତେ ମଣିଷପଣିଆ କାହିଁ ପଛରେ ଛାଡିଲୁ।

ଭର୍ତ୍ତି ହୋଇଅଛି ଆଜି ନିଷ୍ଠୁର ବାସ୍ତବତା
ହଜି ଯାଇଅଛି ଏଠି ମଣିଷ ର ମମତା,
ଟେକ୍ନୋଲୋଜି ର ଚକମକେ ସଭିଏଁ ଆଜି ଅନ୍ଧ
ଭୁଲିଗଲେଣି ସମସ୍ତେ ସ୍ନେହର ସେ ସୁଗନ୍ଧ।

ହାତେ ହାତେ ସ୍ମାର୍ଟଫୋନ ମୁଁହ ରେ ନାହିଁ ଭାଷା
ଭରଚୁଆଲ ଦୁନିଆ ରେ ଖୋଜୁଛନ୍ତି ଆପଣାପଣ ର ଆଶା,
କାହାର ଦୁର୍ଘଟଣା ଦେଖିଲେ ଲୋକେ ଭିଡିଓ ତିଆରି କରନ୍ତି
ରକ୍ତ ଜୁଡୁବୁଡୁ ଜୀବନ କୁ ଛାଡି ଲାଇକ ଆଉ ଭ୍ୟୁଜ ଗଣନ୍ତି।

ପାଖରେ ବସିଥିବା ମଣିଷ ଟି ଆଜି ସବୁଠୁ ଦୂର
ଅଜଣା ବନ୍ଧୁ ପାଇଁ ସଭିଙ୍କ ମନ ଆତୁର,
ଯେଉଁ ହାତ ଧରି ଦିନେ ବାଟ ଚଲା ଶିଖିଥିଲେ
ସେଇ ହାତକୁ ଆଜି ବୃଦ୍ଧାଶ୍ରମ ରେ ଛାଡିଦେଲେ।

କୁକୁର ଶୋଉଛି ଆଜି ଏ.ସି କୋଠରୀ କୋଣରେ
ଜନ୍ମକଲା ମାଆ କାନ୍ଦେ ବସି ବାରଣ୍ଡାରେ,
ଦେଶର ସୈନିକଙ୍କର ଆଜି ମାଟି ମାଆ ପାଇଁ ଜୀବନ ଯାଉଛି
କିନ୍ତୁ ଆଜିର ଯୁବପିଢ଼ିଙ୍କୁ ଫ୍ରୀ ଫାୟାର ଆଉ ପବଜି ର ନିଶା ଘାରିଛି।

ଠାକୁରଙ୍କ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା
ଧାଡି ବାନ୍ଧି ଠିଆ ହେବାର ସୁଖ କିଛି ନିଆଁରା
ସେହି ସୁଖ ମଝିରେ ଭି. ଆଇ.ପି ଦର୍ଶନ ର ବ୍ୟବସାୟ କରି
ଏ ତ ଭକ୍ତ ଙ୍କ ଭାବନା ସହ ଖେଳିବାର ପ୍ରଶାସନିକ ସାହାରା।

ଆଜିବି ଦେଶରେ 'ବେଟି ବଚାଓ, ବେଟି ପଢ଼ାଓ 'ନାରାରେ
କେତେ ଭ୍ରୁଣ ହତ୍ୟା ଚାଲିଛି,
ସ୍ୱାଧୀନତା ଲାଭ କରିବାର ଏତେ ବର୍ଷ ପରେ ମଧ
ଏ ଦେଶ ପରାଧୀନ ହୋଇ ରହିଛି।

ଭେଳିକି ଭେଳି ପ୍ରାସାଦ ଉଠୁଛି ସିନା ମନ ହେଉଛି ଛୋଟ
ଆଜିର ମଣିଷ ଭିତରେ ଭରି ରହିଛି ଅହଂକାର ଆଉ କପଟ,
ଆସନ୍ତୁ ଫେରାଇ ଆଣିବା ସେଇ ପୁରୁଣା ସଂସ୍କାର
ଯେଉଁ ସମୟରେ ମଣିଷ ହିଁ ଥିଲା ମଣିଷ ର ଆଧାର।

# ଫଳବାଲା ...



ଅମରନାଥ ବାରିକ୍
କୟାଁ, ମଙ୍ଗଳପୁର, ଯାଜପୁର

ଫଳବାଲା ମୁଁ ଫଳବାଲା
ଆଣିଛି ଫଳ ମୁଁ ଭରି ଡ଼ାଲା
ନାନା ପରକାର ଫଳ ମୁଁ ରଖିଛି
ଭଳିଭଳି ରଙ୍ଗ ଅଛି ଭଲା ।

ଫଳବାଲା ମୁଁ ଫଳବାଲା
ଆଣିଛି ଫଳ ମୁଁ ଭରି ଡ଼ାଲା
ଆମ୍ବ ଲିଚୁ ଡ଼ାବ ଜାମୁ ସେଓ ଆତ
ତଟକା ମଧୁର ଓ ପାଚିଲା ।

ଫଳବାଲା ମୁଁ ଫଳବାଲା
ଆଣିଛି ଫଳ ମୁଁ ଭରି ଡ଼ାଲା
କମଳା କଦଳୀ ସପୁରୀ ଅଙ୍ଗୁର
ଖାଇଦେଲେ ଖୁସି ହେବେ ପିଲା ।

ଫଳବାଲା ମୁଁ ଫଳବାଲା
ଆଣିଛି ଫଳ ମୁଁ ଭରି ଡ଼ାଲା
ଡ଼ାଳିମ୍ବ ନଡ଼ିଆ କଇଥ ସପେଦା
ନେବ ଯଦି ଧରି ଆସ ଝୋଲା ।



ଫଳବାଲା ମୁଁ ଫଳବାଲା
ଆଣିଛି ଫଳ ମୁଁ ଭରି ଡାଲା
ଫଳମୂଳ କରେ ଶରୀର ସବଳ
ଏ କଥା ଜାଣନ୍ତି ନେଲାବାଲା ।

# ଆତ୍ମ ବିଶ୍ୱାସ ...



**ସୀମାଞ୍ଚଳ ପଣ୍ଡା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ଡେଙ୍ଗାଡି, ଗଞ୍ଜାମ

ଆତ୍ମ ବିଶ୍ୱାସର ଅଭାବରେ ନର
ସକଳ ଶକତି ଅକାଳେ ଟଳେ,
ବଳ ବୁଦ୍ଧି ଜ୍ଞାନ ଥାଇ ଶକ୍ତି ହୀନ
ଅସହାୟପଣେ ସଂସାରେଚଳେ ।

ଅନ୍ତର୍ଗତ ଶକ୍ତି ବିକଶିତ ମତି
ଆତ୍ମ ପ୍ରତ୍ୟୟରେ ହୁଏ ପ୍ରକାଶ,
ଲୁପ୍ତ ପ୍ରାୟ ରହି ସୁପ୍ତ ହୁଏ ଯହିଁ
ହୋଇପାରେବ୍ୟକ୍ତି ଶକ୍ତି ବିନାଶ,
ଆପଣାବିଶ୍ବାସହୁଏଯେବେ ଶେଷ
ସାହସ ବିନା କି ଶକ୍ତି ଉଚ୍ଛୁଳେ,
ଆତ୍ମ ବିଶ୍ୱାସ ର ଅଭାବରେ ନର
ସକଳ ଶକତି ଅକାଳେ ଟଳେ ।

ଆତ୍ମ ବିଶ୍ୱାସର ଦୀପ୍ତ କଳାକାର
ଧର୍ମପଦ ମରି , ଯାଇନି ମରି,
ଭୀଷ୍ମ ସେନାପତି ଦୁର୍ବାର ଶକତି
ବୃଦ୍ଧ ଆତ୍ମ ଶକ୍ତି ଥିଲା କିପରି!



ମୁଢ଼ ମତି ସିନା ଦୃଢ଼ ମତି ବିନା
ଜୀବନ ସମରେ ନପାରେ ଲଢ଼ି,
ବୃଥା ହୁଏ ବଳ ବୁଦ୍ଧି କଉଶଳ
ମରଣ ଲୋଡ଼ଇ କାରଣ ଛାଡ଼ି!
ସାହସର ବଳେ ଶକତି ଉଚ୍ଛୁଳେ
ଆତ୍ମ ବିଶ୍ୱାସ କୁ ପକାଇ ତଳେ,
ବଳ ବୁଦ୍ଧି ଜ୍ଞାନ ଥାଇ ଶକ୍ତି ହୀନ
ଅସହାୟପଣେ ସଂସାରେ ଚଳେ!

ଦଶରଥ ମାଝୀ ପାରିଥିଲା ଯୁଝି
ଆତ୍ମ ବିଶ୍ବାସର ଉଚ୍ଛ୍ୱାସ ବଳେ,
ଟାଳିଲା ପର୍ବତ ଦେଖାଇଲା ପଥ
କାଳ ରଚିଗଲା ଭବ ମଣ୍ଡଳେ!

# ଅପେକ୍ଷା ...



ପ୍ରତିଭା ପଟ୍ଟନାୟକ
ଚିକିଲି, ଗୋପପୁର,
ଗଞ୍ଜାମ

ଅପେକ୍ଷା, ଓଃ ଏକ ନିରାନନ୍ଦ ଶବ୍ଦ,
ଏହା ଭିନ୍ନ ପ୍ରକାର ହେଇଥାଏ,
କେବେ ସମୟ ର ,
ପୁଣି କେବେ ବ୍ୟକ୍ତି ର।।
ଲୋକେ କୁହନ୍ତି.....
"ଅପେକ୍ଷା ର ଫଳ ମିଠା ହୋଇଥାଏ"
କିନ୍ତୁ, ବାସ୍ତବରେ ଏହା କ'ଣ ସତ୍ୟ?
ହଁ,ଅବଶ୍ୟ ବେଳେ ବେଳେ ମିଠା ହୋଇଥାଏ,
କିନ୍ତୁ ଥରେ ଥରେ  ଏହା ଅତି  ତିକ୍ତ ହୋଇଯାଏ।।
କାହା ପାଦ ତଳୁ ମାଟି ଖସେ,
ପୁଣି କାହାକୁ ସ୍ୱର୍ଗୀୟ ଅନୁଭୂତି ପ୍ରାପ୍ତ ହୁଏ।।
ଅପେକ୍ଷା କାହାର ଆନନ୍ଦ ର, ପୁଣି କାହା  ନିରାନନ୍ଦର...



## ହରେଇବା ବେଦନାର ଲୁହ...




**ବିକ୍ରମାଦିତ୍ୟ ପୁରୋହିତ**
ଜଗନ୍ନାଥ କଲୋନୀ,
ବୁଢ଼ାରଜା, ସମ୍ବଲପୁର

ଏ ମଣିଷ ଜୀବନରେ ହିଁ ଆମେ
ପାଇଛୁ ବହୁତ,ହରାଇଛୁ ବହୁତ
ଚିନ୍ତା କରି ଘାଣ୍ଟି ହେଉ ତ  ସଦା
ହରାଇଥିବା ବେଦନାର ଲୁହରେ
ଭିଜା ଭିଜା ଓଦା ଚକ୍ଷୁର ପଟଳ ।

ବିତି ଯାଏ ବିଗତ ଦିନର ସ୍ମୃତିକୁ
ମନେ ପକାଇ ଭିଜି ଯାଏ ଓଠର
ଲାଳିମା ନୀରବ ଅଶ୍ରୁଳ ନୟନେ
ଉଙ୍କି ମାରେ କେବଳ ହରାଇଥିବା
ସହସ୍ର ଦୁଃଖର କ୍ଷତ ଶୁଷ୍କ ସ୍ମୃତି ।

ଅନିଦ୍ର ରଜନୀ ବିତେ ବୃଥା ଚିନ୍ତା
କରି ଧାରଣ, ପଡ଼େ ନାହିଁ ମନେ
ପାଇଥିବା ଅନେକ ସୁନ୍ଦର ସୁଖର
ସ୍ମୃତି,ହସ ଖୁସିର ହିଁ ବିତାଇଥିବା
ଦିନ ଗୁଡ଼ିକ ଭାଇ ଭଉଣୀ ସ୍ନେହ ।

ପାଇଛୁ ପିତା ମାତାଙ୍କ ସ୍ନେହ ଓ
ମମତାର ଡୋରି, ପରିବାରରେ
ରହି କାକା ଖୁଡିଙ୍କ ଆଦର ସହ
ସହଯୋଗର ହାତ,ହସ ଖୁସିରେ
ବିତାଇଥିବା ଦିନର ଚିହ୍ନା ମୁହଁ ।

ପଡୋଶୀ ଓ ବନ୍ଧୁ ବାନ୍ଧବଙ୍କ ସହ
ଆମୋଦ ପ୍ରମୋଦ, ଅପାଶୋରା
ସୁକ୍ଷ୍ମ ସ୍ମୃତି ସଦା ଭୁଲି ଯାଏତ ମନ
ଦୁଃଖଦ ମୁହୁର୍ତ୍ତରେ ବଢାଇଥିବା
ସହାୟତାର ହାତ ଅବ୍ୟକ୍ତ ତତ୍ତ୍ୱ ।

ପାଇଛୁ କିଛି ଦାନ କରିବାତ କିଛି
ନକରି ହିଁ କୁଣ୍ଠାବୋଧ କରିବାକୁ
ସାହାଯ୍ୟ ଓ ସହାନୁଭୂତି ସ୍ନେହ ଓ
ପ୍ରୀତିର ଡୋରରେ ବାନ୍ଧି ପାଇବା
ପୁନଃ ସାହାଯ୍ୟ ଏହିତ ସଂସାର ।

ଭୁଲି ଯିବାନି ଆମ ମୃତ ଭାଇଙ୍କ
ଅଶରିରୀ ଆତ୍ମା ହେବ ହିଁ ଅତୃପ୍ତ
ମନେ ପକାଇ ଦେବା ସ୍ମୃତି ଅର୍ଘ୍ୟ
ହରାଇଥିବା ବେଦନାର ଲୁହ ଓ
କୋହ ଲୁପ୍ତ ଯନ୍ତ୍ରଣାର ଉପଶମ ।

ଆମ ପୁର୍ବଜଙ୍କ ଆଶିଷର ଚକ୍ଷୁର
ଲୋତକ ହୋଇ ଯାଇଛି ହିଁ ଶୁଷ୍କ
ଏପଟ ଦିଗବଳୟରେ ଆକାଶରୁ
ଉଠି ଛୁଇଁ ହେଉଛି ସ୍ଥିର ସେପଟ
ଦିଗବଳୟରେ ସ୍ମୃତି ଚିହ୍ନା ମୁହଁ ।।

**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ** : ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା** : ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା** : ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା** : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,**ସଂଯୋଜକ** : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୭୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ତନ ମନ ନୟନର ସନ୍ଧି ...



**ସ୍ୱର୍ଣ୍ଣ ରଥ ମହାପାତ୍ର**
ବିଜୟା ଗାର୍ଡେନ,
ଜାମଶେଦପୁର, ଟାଟା

ତନ ମନର କକ୍ଷରେ ଘୁରୁଛି ଜୀବନର ସୌରମଣ୍ଡଳ
ସେ ଜୀବନ ଚକ୍ରରେ ସୁଖ ଦୁଃଖ ପରିକ୍ରମଣ
ଆବର୍ତ୍ତନରେ ଅନ୍ଧାର ଆଲୁଅ କାୟା ଛାୟା ପଥ
ତନ ମନ ମଝିରେ ସୁନ୍ଦର ଦୁଇ ନୟନ
ମାତ୍ର ଚାଖେଣ୍ଡେ ବ୍ୟବଧାନ, କୋଶ ଦୂରତ୍ୱ
ତନ ମନକୁ ବୁଝାଇ ପାରେନା ଜଳେ ଜୀବନ
ଲୁହରେ ଲିଭାଏ ନିଆଁ ଦୁଇ ନୟନ ।
ଦୃଶ୍ୟ ଅଦୃଶ୍ୟର ଭେଳିକିରେ ମସୃଣ ଦର୍ପଣ
ହୃଦୟର ଅନ୍ତଃପୁର ମନର ସ୍ୱପ୍ନ ମହଲ
ଆତ୍ମର ଚେହେରା ଆଖିର କ୍ୟାମେରା
ସଭିଏଁ ବନ୍ଦୀ ଆଇନାରେ ବେଡି ପିନ୍ଧି
ଜୀବନ ତନ ମନ ନୟନ ସାଥେ କରେ ସନ୍ଧି ।

ଭୂମି ଭୂମା ଭିତରେ ସହସ୍ର ଯୋଜନ ବ୍ୟବଧାନ
ମଝିରେ ଶୂନ୍ୟ ସତ୍ତା ୱାଇ ଫାଇ କନେକ୍ସନ୍
ଅକାଶର ପ୍ରେମରେ ମାଟି ସବୁଜ ନବ ଯୌବନା
ହାତେ ମେହେନ୍ଦି ଆଙ୍କି ନବବଧୁର ଶ୍ରାବଣ ମିଳନ
ମୌସୁମୀର ଚୁମ୍ବନରେ ପ୍ରିତୀ ଫୁଲ ଆଦାନ ପ୍ରଦାନ ।
ତନ ମନ ନୟନର ପଞ୍ଜୁରୀରୁ ବାହାରି ଜୀବନ
ପକ୍ଷୀ ବନି ଉଡ଼ିଲା ଆକାଶ ପ୍ରେମରେ
ବାଦଲ ଭାସି ଭାସି ଗଲା ଆକାଶ ଘୁଞ୍ଚି ଘୁଞ୍ଚି ଗଲା
ନୀଡେ ଫେରିଲା ଜୀବନ ଡେଣା ଖୋଲି ମାଟିରେ
ମାଟି ମେଲେଇ ଦେଲା ସ୍ନେହ ଭିଜା ଛାତି
ସପନକୁ ଫୁଲ ଫୁଟେଇବାକୁ ଯାଚିଲା ପାଣି ପବନ ତାତି
ମାଟିର ଚରଣ ଛୁଇଁ ଜୀବନ କଲା ପ୍ରଣତୀ
ତନ ମନ ନୟନର ବ୍ୟବଧାନ ସନ୍ତୁଳନ
ଶିଖେଇ ଦେଲା ମାଟି ମା ଜୀବନ ଚଉତିଶା ।



# ଅମୃତ ମୋ ଭାଷା ...



**ଆଦ୍ୟାଶା ପାଢ଼ୀ**
ଆର୍ଯ୍ୟବିହାର, ହାତତୋଟା,
ତାଳଚେର

ଅମୃତ ମୋର ମାତୃଭାଷା
ଆଗକୁ ଆଗେଇବାର ଆଶା,
ଇତିହାସର ସ୍ଵର୍ଣ କାବ୍ୟ
ଈଶ୍ବର ଙ୍କ କୃପାରୁ ସଭ୍ୟ ।
ଉତ୍କଳ ର ପ୍ରାଚୀନ ଲିପି
ଊଣା ନୁହେଁ କେଉଁ ପରି ଶିପି,
ଋଣି ମୁଁ ମୋ ଭାଷା ନିମନ୍ତେ
ଏକତା ଦାମରେ ବନ୍ଧା ସମସ୍ତେ ।
ଐତିହ ମୋ ଶାସ୍ତ୍ରୀୟ ଭାଷା
ଓଡ଼ିଶା ବାସୀଙ୍କ ନବୀନ ଆଶା,
ଔଚିତ୍ୟ ରଖି ଗାଇବା ଗାନ
କବିଙ୍କ କରିବା ଆମେ ସମ୍ମାନ ।
ଖ୍ୟାତି ଏତେ ଏହା ଜଗତ ମୟ
ଗର୍ବେ  ଭାଷା ର କରିବା ଜୟ,
ଙଂକ୍ତି ରେ ଭରା ଆମର ମନ
ଘରେ ଘରେ ଓଡ଼ିଆ ଭଜନ,
ଚାଟଶାଳୀ ରେ ଆରମ୍ଭ ଆମର ଶିକ୍ଷା
ଛନ୍ଦ ଓ କୌଶଳ ର ଦୀକ୍ଷା ।
ଜଗନ୍ନାଥ ସଂସ୍କୃତି ଆମର ପ୍ରାଣ
ଝଙ୍କାର ସୃଷ୍ଟି ତାନ ପ୍ରତି କ୍ଷଣ,
ମଞ୍ଜୁର ଶବ୍ଦ ର ଭଣ୍ଡାର
ଟାଣୁଆ ଅକ୍ଷର ର ବ୍ୟବହାର ।
ଠାବ ହୁଏ ଆମ ସଂସ୍କୃତି ର ମୂଳ
ଡରୁଆ ନୁହେଁ ବୀର ମୋ କୁଳ,
ଢଗ -ଢମାଳି  ଭରା ଲୋକକଥା
କୋଣାର୍କ ର ଗାଏ ବୀରଗାଥା ।
ତେଜସ୍ବୀ ବାଳକଙ୍କ ବୀରତ୍ୱ
ଥୟ ହୋଇ ଏହି ବିଶେଷତ୍ୱ,
ଦୟା ଓ ଭକ୍ତିର ସ୍ଵର
ଧରା ହସଇ ଆମ ବେଢ଼ାର ।
ନମ୍ରତା ସହ ବଞ୍ଚିବା  ସଂସ୍କାର
ପ୍ରାଚୀନ ଆମ ଭାଷା ବ୍ୟବହାର,
ଫଳ ପରି ମିଠା ଆମ ବାର୍ତ୍ତା
 ବଳିୟାନ୍ ତୁମେ ନିର୍ମାଣକର୍ତ୍ତା,
ଭାଇ ଭଉଣୀ ସମ୍ପର୍କର  ମୂଲ୍ୟ
ମାଆ ଡାକ ଅମୃତ ତୁଲ୍ୟ ।
ଯଶ ଅରଜଇ ଆମରି ଭାଷା
ରସପୂର୍ଣ ସର୍ବଦା ଆମର ଆଶା,
ଲକ୍ଷ- ଲକ୍ଷ ଜନ ଙ୍କ ଜୀବନ
ବିଶ୍ଵ ରେ ଆମେ ମହାନ ।
ଶାନ୍ତି ର ବାର୍ତ୍ତା ଦିଏ ସର୍ବଦା
ଷୋଡଶ କଳା ଅଛି ଏକଦା,
ସମୃଦ୍ଧ ଭାଷା ସାରା ଜଗତେ
ହୁଅନ୍ତି ଗର୍ବିତ ସମସ୍ତେ ।

## ଅପୂର୍ଣ୍ଣ ଆଶା ...



ଇନ୍ଦ୍ରାଣୀ ନାୟକ
ଦଶରଥପୁର, ଯାଜପୁର

ଜୀବନେ ତୃଷ୍ଣା  ମୋର ସେ ତ' ଅସୁମାରି,
ଜାଣିନାହିଁ କାହାକୁ ଖୋଜୁଛି ସେ ନୀତି ଦୀପଶିଖା ପରି,
ତମସାଚ୍ଛନ୍ନ ଲାଗେ ଏହି ଜୀବନ,
ଥକି ଯାଇନି ପାଦ ତଥାପି ଚାଲିଛି ସେ ବାଟ
ଆଖିରେ ଧରି ବିନ୍ଦୁଏ ସ୍ୱପ୍ନ ||

ଅତିଥି ପରି ଆସି ଚାଲି ଯାଆନ୍ତି କିନ୍ତୁ ସ୍ୱପ୍ନ ସବୁ,
ଚେତନାରେ ଭରି ମିଠା ସ୍ମୃତିର ଛବି,
ସେହି  ସ୍ମୃତି ସବୁକୁ ସାଇତି ରଖିଛି
ହୃଦୟର କୋଠରୀରେ ଆଜି ||

ପ୍ରଭାତରେ ସୂର୍ଯ୍ୟଙ୍କର ସେହି ପହିଲି କୋମଳ କିରଣେ,
ଇଚ୍ଛା ହୁଏ ହଜିଯାଆନ୍ତି ମୁହିଁ
ସେହି ଅତୀତର ଅଭୁଲା ସ୍ମୃତିର ସମୀରଣେ,
ଝିପିଝିପି ବର୍ଷାରେ  ନୃତ୍ୟରତ ମୟୂର ପରି ଉଲ୍ଲସିତ ହୁଏ ମନ,
ପ୍ରେମଭରା ଆଖିର ସାଗରରେ ଯେବେ ଆସନ୍ତି  ସେହି  ଅଭୁଲା  ସ୍ୱପ୍ନ ||

ସ୍ୱପ୍ନ କୁ  ହାତପାହାନ୍ତାରେ ସମ୍ଭାଳି ରଖି ଅନୁଭବ କରନ୍ତି ଜୀବନକୁ ପ୍ରତିଦିନେ,
ପ୍ରତି ମୁହୂର୍ତ୍ତରେ ଆଉ ସ୍ମୃତି ର କାନଭାସରେ ଚାଲିଆସ ସ୍ୱପ୍ନ ରେ  ଯେ ତୁମେ ,
ହେଲେ ପ୍ରତିଦିନ  ଆସନି ସତ ଜୀବନେ,
କିନ୍ତୁ ମନ ଚାହେଁ ଅନୁଭୂତିର ସେହି ପ୍ରେମଭାବ ପ୍ରତି କ୍ଷଣେ,
ମଳୟ ର  ପୂର୍ଣ୍ଣତା ଆସେ ହେଲେ ଆସନି ତୁମେ ||

ରହିଯାଅ ମୋ ଜୀବନ ଆକାଶେ ତୁମେ ଅଧାଗଢ଼ା ଜହ୍ନଟିଏ ହୋଇ,
ପୂର୍ଣ୍ଣମୀର ପ୍ରେମ ଭରା  ସ୍ନିଗ୍ଧଧାରା ଜୀବନେ ଆସେନି ମୋର,
ଅପୂର୍ଣ୍ଣତା ଭରା ଜୀବନେ ସଦା ପ୍ରେମ  ଭରା ପୂର୍ଣ୍ଣତାର ଢେଉ ଖୋଜୁ ଥାଏ ମନ ର ସ୍ମୃତି ର ସାଗର..

## ମୁଁ ଆଉ ତୁମେ ...



ସୁହାସିନୀ ପଟ୍ଟନାୟକ
ବଡରମ୍ପାସ, ହାଟଡିହି,
କେନ୍ଦୁଝର

ସବୁ ଦିନ ଯଦି ତୁମେ ରଙ୍ଗ ବଦଳେଇ ଆସିବ
ନୂଆ ନୂଆ ବେଶରେ,
ମୁଁ କଣ ଆଉ ଚିହ୍ନି ପାରିବି ତୁମକୁ।
ଯଦି ମୋ ଆପଣାର,
ମୁଁ ର ଚିହ୍ନ କୁ ତୁମେ ତୁମ ଇଶରା ରେ ବଦଳେଇ ଦେବ,
କଣ ମୁଁ ହେଇ ପାରିବି ତୁମ ପାଇଁ ଆଉ ସହ ପାଖୁଡ଼ା।

ତୁମେ କହୁଥିଲ ନା ମୁଁ ସେମିତି ବୋହୁତ ପସନ୍ଦ ଥିଲି ବୋଲି,
ଏହି ଦେଖ ସେ ସବୁ କୁ ମୁଁ ବଦଳେଇ ଦେଲି ତୁମ ଇଛା ବିନା।
ତୁମେ ଆଉ ମତେ କେବେ ତୁମର ବୋଲି କହିବନି କହୁଚି,
ନହେଲେ ର ଅନନ୍ୟ ରଙ୍ଗ ବି ବଦଳି ଯିବ।
ସେଦିନର କଦମ୍ବ କଣ ଆଜି ବି ରକ୍ତ ରେ ଭିଜା କି,
ମୋ ପ୍ରଶ୍ନ ର ଉତ୍ତର ଦେବାକୁ ତୁମେ ନିଛକ ମୂକ କାହିଁକି।
ମୁଁ ଯେତେ ବି ଚିତ୍ର ଆଙ୍କି ଦେଲି ସବୁଗୁଡ଼ା ମୋ ପରି ହିଁ ଦିଶନ୍ତି,
ହେଲେ ତୁମ ପରି କେହି ବି ନୁହେଁ।



## ତୁମେ ରହସ୍ୟମୟ ...



**ଶାଶ୍ୱତୀ ହୋତା**
ସାଗୁନଭାଡ଼ି,ନୂଆପଡ଼ା,ଓଡ଼ିଶା

ତୁମେ ରହସ୍ୟମୟ ,
କେଜାଣି କେତେ ଯେ ଗଭୀରତର
ତୁମ ଦୁଇ ଆଖି
ଥରକରେ କିଛି ଜାଣି ହୁଏ ନାହିଁ....
ଆଶା ଓ ଆଶଙ୍କାର ସହ ତନ୍ନତନ୍ନ କରି
ତୁମକୁ ପଢ଼ିବାର ଜିଜ୍ଞାସା ଦ୍ୱିଗୁଣିତ ହେଉଥାଏ
କଉ ଓଡ଼ିଆ ଉପନ୍ୟାସ ଅବା କିମ୍ବଦନ୍ତୀ ପରି ।।

ଶ୍ରୁତିକଟୁ କୋଳାହଳ ପୂର୍ଣ୍ଣ
ତୁମ ନିରବ ଅଧର ...
ଅନେକ ଚିତ୍କାର ,ଅନେକ ବିଦ୍ରୋହକୁ
ଗୋଟାପଣେ ବାନ୍ଧି ରଖି ପାରେ
ଏକ ଉଚିତ ସୀମା ଭିତରେ ।।
ଅପର ପକ୍ଷରେ
ଉଇଁ ଆସୁଥିବା ଉଜ୍ଜ୍ୱଳମୟ ସୂର୍ଯ୍ୟ ପରି
ଚିର ସତେଜ ଚେହେରା ତୁମର
ତୁମ ଆତ୍ମବିଶ୍ୱାସର ଅଳପ ସିଞ୍ଚାରେ
ବିରାଗ ମୁହୂର୍ତ୍ତ ମାନ
ପଦାର୍ପଣ କରିପାରେ ବିଭୋର ବେଳାରେ ।।
ଅତୀବ ଜୀବନଦାୟୀ ତୁମ ଚେନାଏ ହସ
ଥକି ପଡୁଥିବା ପାଦଯୋଡ଼ାରେ ସେ
ଲଗାଇପାରେ ସାହସର ମଲମ...
ଇନ୍ଦ୍ରିୟ ବିଜୟୀ ଯୋଗୀ ସଦୃଶ
ନିଶ୍ଛଳ,ନିଷ୍କପଟ ତୁମ ହୃଦୟ,
ଜୀବନର ବଜ୍ରପାତ,ମେଘାଚ୍ଛନ୍ନ ପରିସ୍ଥିତିରେ ବି
ସଦା ଆକାଶ ପରି ଅବିଚଳିତ ତୁମ ମନ ।।

ତୁମେ ରହସ୍ୟମୟ...
ସାଗରାଏ ଦୁଃଖକୁ ମୋ
ତତକ୍ଷଣାତ୍ ଆବୋରି ନିଅ ବାହୁରେ ତୁମର
କେବେ ପୁଣି
ଅସହାୟ ଶୂନ୍ୟ ହସ୍ତ ଫେରେଇଦିଅ
ଅଭିଳାଷା ରଖେ ଯେବେ
ତୁମ କାଣିଚାଏ ସମୟର ।।

ସତରେ ତୁମେ ବହୁତ୍ ରହସ୍ୟମୟ...
ଅଗଣିତ ଅପରିଚିତଙ୍କ ସମାରୋହରେ
ତୁମେ ଜୀବନ ନାଆଁର ନାଆବାହି ନାବିକ
ତୁମ ବିରହରେ ରୋଗିଣୀ ମୁଁ
ବିରଳ ରୋଗର ତୁମେ ହିଁ ଔଷଧ ...
ଏକାକିପଣ ମୋ ଅଥୟ ମନର
ଏକା ତୁମେ ହିଁ ଅପରାଧୀ
ମୋ ବିଗତ ଜୀବନ ସୁକର୍ମର
ତୁମେ ହିଁ ପୂର୍ଣ୍ଣତମ ପ୍ରାରବ୍ଧ ।।

## ବାପା ...



ରଶ୍ମିତା ଦାସ (ପଲ୍ଲବି)
କେନ୍ଦ୍ରାପଡ଼ା

ପାଞ୍ଚ ଟଙ୍କା ରୋଜଗାର ରେ ତୁମେ ମତେ ପରୀ ପରି ରଖିଛ।
ଚିରା ପୋଷାକ ସିଲେଇ କରି ପିନ୍ଧି
ମୋ ପାଇଁ  କୁମାର ପୂର୍ଣ୍ଣିମା ରେ ନୂଆ ପୋଷାକ ଆଣିଛ।
ବାପା କଣ ସତରେ ତୁମେ ମିଛ କହିଛ।
ଅଳି ତୁନୀ କରିବାକୁ   ଜହ୍ନ ମାମୁଁ କୁ ଡାକି ମୋ ହାତରେ ଖସେଇଛ ।
ନିଦ ନ ଆସିଲେ କାଖ କରି ମତେ ନିଦ ମାଉସୀ କି ଆଣିଛ।
କାନ୍ଧ ରେ ବସେଇ ମତେ କେତେ ଜାନି ଯାତରା ବୁଲେଇଛ।
ଦାମୀ କଣ୍ଢେଇ କିଣିଦେଇ ମତେ ମୁଣି ଖାଲି କରି ଘରକୁ ଫେରି ମୋ ଖୁସି ଦେଖି ହସିଛ।
ମୁଣ୍ଡ ଝାଳ ତୁଣ୍ଡେ ମାରି ହାତ ବିଣ୍ଡି କରିଛ ।
ମତେ ଉଚ୍ଚ ଶିକ୍ଷା ଦେବବୋଲି ଭାବି  କେତେ ସ୍ବପ୍ନ ଭାଙ୍ଗି କେତେ ରାତି ତୁମେ ଚେଇଚ।
ମୋ ପଢା ଖର୍ଚ୍ଚ ଭାରିବାକୁ  ପେଟରୁ କାଟି ଓଦା କନା ଦେଇ ଗୋଟେ ଗୋଟେ ଟଙ୍କା ସାଇତିଛ।
ରବିବାର ରେ ଥରେ ଦୂର ଆଭାସ ଯନ୍ତ୍ର ରେ ତୁମ ସ୍ୱର ଶୁଣି ଖୁସିର ଲହରୀ  ଦ୍ଵିଗୁଣିତ କରି କୁହ ଭଲଅଛ।
ସତରେ ବାପା ତୁମେ ମତେ ମିଛ କହିଛ।
ସ୍ଵଅର୍ଜିତ ଧନରେ ତୁମେ  ମାଟି ଘର ଭାଙ୍ଗି କୋଠା ଘର ଗଢ଼ିଛ।
ଆଜି ଦିଦି ଙ୍କ ବାପା କହି ସମ୍ମାନ ରେ ଯୋଡୁଥିବ ଦୁଇ ହାତକୁ ତୁମେ କାହି ଅଣଦେଖା କରୁଛ ।
କେତେ ଝଡ଼ ଝଞ୍ଜା ସହ ଲଢି ତୁମେ ମତେ ଉଚ୍ଚ ପାହାଚରେ ଛିଡ଼ା କରିଛ ।
ତୁମ ପାଇଁ ଯେ ମୁଁ ସଫଳ ହେଇଚି କହିଲେ ମୋ ଭାଗ୍ୟ ନାଆଁ ରେ ବୋଲି ଦଉଛ।
ବାପା ତୁମେ କାହିଁକି ମତେ ମିଛ କହୁଛ
ଆଜି ପରଘରକୁ ଦେବ ବୋଲି ଭାବିକରି ଆଖି ଓଦା କରିଦେଉଛ।
ତୁମ ସ୍ନେହବଳା ହାତ  ମୋ ମୁଣ୍ଡରୁ କାଢି ମୋ ହାତ ଆଉ କାହା ହାତରେ ଦେବ କାହିଁକି କହୁଛ ।
ମୋ ଝିଅ ଖୁସିରେ ରହିବ କହି ଦୂରେଇ ଦେବ  ବୋଲି  ନିଜେ ସେ ଗାମୁଛା   ଭିଜେଇ ଭାଙ୍ଗିପଡୁଛ।
କାହିଁକି ବାପା ତୁମେ ମିଛ କହୁଛ।
ହଁ ମୁଁ ସେ ଭଙ୍ଗା ସ୍ବପ୍ନ ର ରାତି
ମୁଁ ହିଁ ତୁମ ଉପାସ ର ପ୍ରତିମୂର୍ତ୍ତି
ମୁଁ ତୁମ ଝାଳବୁହା ଧନର କାରୁକାର୍ଯ୍ୟ ପୂର୍ଣ୍ଣ କୃତି
ହଁ ମୁସେ ହାତ ବିଣ୍ଡି କରୁଥିବା ନିହାଣ ର ଶକ୍ତି
ମୋ ଭାଗ୍ୟ ତୁମେ ନିଜ ହାତରେ ଲେଖିଛ।
ବାପା ତୁମେ ମତେ କାହିଁ ମିଛ କହିଛ।

## ବସନ୍ତ କୁହୁକ ...



ସୌରଭ ମିଶ୍ର
କଳାହାଣ୍ଡି

ଋତୁ ମହାରାଜ କରିଛନ୍ତି ବିଜେ
ସବୁଜିମା ରଥାରୁଢ଼,
ଫଗୁଣ ଢାଳୁଛି ରଙ୍ଗିନୀ ଅବିର
ମହୁଲ ମହକେ ଦୃଢ଼ ||୧
ଚତୁର୍ଦିଗେ ଉଭା ଦିଶଇ ଶୋଭା
ନାନାବିଧ ଫୁଲ ଫଳେ,
କୋଇଲିର କୁହୁ କିବା ମହୁମହୁ
ବସନ୍ତର ସ୍ନେହ ମେଳେ ||୨
କୁସୁମ କାନନ ତପି ତପୋବନ
ବସନ୍ତେ ଦଗ୍ଧ ପଟଳ,
କାମରତ ତୀର କରଇ ସନ୍ଧାନ
ହୃଦେ ପ୍ରେମର ଉତ୍ପଳ ||୩
ଚ୍ୟୁତଦ୍ରୁମ ଆଜି ଫଳଫୁଲ ଭରି
ବାସ ଦିଏ ଚହଟାଇ,
ବଉଳ ର ବାସ ଆମ୍ବ କସି କସ
ଉଲ୍ଲାସିତ ହୁଏ ମହୀ ||୪
ଦୋଳ ଦୋଳିରେ ରାଧାମୋହନ
ପ୍ରୀତି ପଣେ ବିରାଜିତ,
ପବିତ୍ର ବନ୍ଧନେ ସ୍ମରି ଗୁଣ ମାନ
କାମ ସିନ୍ଧୁ ଉଲଙ୍ଘିତ ||୫
ଗଗନେ ପବନ ଗୁଞ୍ଜରେ ଗର୍ଜନ
ଦିବାକର ମୁଖେ ସୁଖ,
ସୁଶାନ୍ତି ପ୍ରାଙ୍ଗଣ ଶକ୍ତ ଆଲିଙ୍ଗନ
ବସୁନ୍ଧରା ଖଣ୍ଡେ ଦୁଃଖ ||୬
ଶୀତର ଉଆସ ଉଜୁଡି ଯାଇଛି
ବସନ୍ତର ଆଜି ରାଜ୍ୟ,
ରାଜାପଣରେ ବସି ସିଂହାସନେ
ତୁଳାଇବେ ନିଜ କାର୍ଯ୍ୟ ||୭
ବସନ୍ତ ରାଜନ  ଘେନିଣ ବିମାନ
ମନ୍ତ୍ରୀ ମଳୟଙ୍କ ସାଥେ,
ସୁଶୋଭିତ ଧରା ପୁଲକିତ ହୃଦ
ଆଗମନ ଭବ୍ୟ ପଥେ ||୮
ଆକାଂକ୍ଷି ମନ କରେ ଅନ୍ୱେଷଣ
କବି ଭାବ ଉତ୍ପାଦନ,
ସୌନ୍ଦର୍ଯ୍ୟ ସୌହାର୍ଦ୍ଦ୍ୟ ଲୁବ୍ଧ ସୁଖ
ପ୍ରେମି ପୀଡା ନିବାରଣ ||୯
ଲୁବ୍ଧକ କୁମାର କେନ୍ଦ୍ରିତ ସନ୍ଧାନେ
ବୈରଭାବ ହୁଏ ଜାତ,
ରୋମାବଳୀ ଗାତ୍ର ହୁଅଇ ଭ୍ରମିତ
ବସନ୍ତର ଏହି କୃତ୍ୟ ||୧୦

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ମଣିଷ ଖୋଜୁଛି ମଣିଷକୁ ...



ପାରଦ କୁମାର ପାଢ଼ୀ
ଅବସରପ୍ରାପ୍ତ ଶିକ୍ଷକ,
ରାଜା ସାହି, ହିଞ୍ଜିଳିକାଟୁ

ଆଜିର ଯୁଗରେ ମଣିଷଟା ନିଜେ
କରଇ ଶୂନ୍ୟାନୁଭବେ ,
ବାହାରେ ଖୋଜଇ ସନିରୋଳା ପଣ
( ସନିରୋଳା= ନିରୋଳା ଭାବସହ)
ପ୍ରେମ ,ବନ୍ଧୁତା ର ଭାବେ । (୧)
ସମାଜ ମଧ୍ୟରେ ପ୍ରତିଛବି ଠାରେ
ତାକୁ ଲାଗେ ଖାଲି ଖାଲି ,
ଆମେ ବୁଝୁନାହୁଁ ପଶୁପକ୍ଷୀ ଗୋଷ୍ଠୀ
ହସିଥାନ୍ତି ଖିଲିଖିଲି । (୨)
ନିଜର ଅନ୍ତରେ ବାହାରେ ଦେଖଇ
ଭିନ୍ନ ଏକ ମଣିଷକୁ ,
ଯା'ଠାରେ ତିଳେ ବି ମଣିଷତା ସତ୍ତ୍ୱ
ମିଳି ପାରେନାହିଁ ତାକୁ । (୩)
ଏ ନୂଆଁ ମଣିଷ ପାଖରେ ନିରୋଳା
ପ୍ରାକୃତିକ ସତ୍ତା ସହ ,
ଜଡି ସାରିଥିବ ସ୍ବାର୍ଥପର ଭାବ
ନଥିବ ସମ୍ପର୍କେ ମୋହ । (୪)
ଇତର ମାନଙ୍କୁ ସାହାଯ୍ୟ ର ସେବା
ମନୋଭାବ ହଜିଥିବ ,
କେବଳ ଆପଣା ଭଲ ଓ ପ୍ରଗତି
ଅନୁକ୍ଷଣେ ଲୋଡୁଥିବ । (୫)
ମଣିଷତ୍ୱ ଯେତେ ଯେତେ ଖୋଜେ ସିଏ
ନିଜକୁ ଏକାକୀ ପାଏ,
ଛଦ୍ମବେଶୀ ବନ୍ଧୁ ନିକଟରେ ଥିବା
ଅନୁଭବ କରୁଥାଏ । (୬)
ବିଶ୍ୱାସ ପୋଷିବା କଷ୍ଟ ହୋଇଯାଏ
କର୍ମ କ୍ଷେତ୍ରେ ବିଫଳତା ,
ପ୍ରତିଦିନ ମିଳି ନିଜଠୁ କମଇ
ଆତ୍ମ ସାମର୍ଥ୍ୟରେ ଆସ୍ଥା । (୭)
ଦିନୁ ଦିନ ଦୁଃଖ ଯନ୍ତ୍ରଣାର ବ୍ୟଥା
ମଣିଷକୁ ଲାଗେ ଭାର ,
ଆକ୍ରାନ୍ତ ହେତୁରୁ ବଞ୍ଚିବା ସଂଗ୍ରାମୁ
ଓହରିବାରେ ବିଭୋର । (୮)
ସେବେଳେ ମଣିଷ ନିଜତ୍ୱ ଖୋଜିବା
ଝୁଙ୍କ ଆଉ ଫେରେ ନାହିଁ ,
ପଳାତକ ପନ୍ଥି ଗୋଷ୍ଠୀର ଆହ୍ବାନେ
ରାସ୍ତା ତାକୁ ମିଳେ ନାହିଁ । (୯)
ମଣିଷ ପଣିଆ ନଖୋଜି ଚାଷରେ
ଲାଗିପଡ ତୁ ଏଥର ,
ଡେରି ହେଉ ବାପ ତୋ ସ୍ବପ୍ନ ସାକାର
ହେବ ପଛେ ଅମଳର । (୧୦)

## ପାଉଁଜି ନାଚିଲା ବଇଁଶୀ ସୁରେ ...



ଡ଼ଃ ଅନୁପମା ବିଶ୍ୱାଳ
ସମ୍ବଲପୁର

ପାଉଁଜି ନାଚିଲା ବଇଁଶୀ ସୁରରେ
ପ୍ରେମର ପରାଗ ଝରେ ବ୍ରଜପୁରେ ।
କଦମ୍ବ କାନନ କମ୍ପମାନ ଧୀରେ
କାଳିନ୍ଦୀ କୂଳରେ କାହ୍ନାର ସ୍ୱରରେ ।

ରାଧାର ରୁଚିର ପାଉଁଜି ତାଳରେ
ରସିକ ରସେଶ ହସନ୍ତି ଲୀଳାରେ ।
ନୀଳ ନୟନରେ ନୀରବ ଆହ୍ୱାନ
ନବ ଅନୁରାଗେ ନିବିଡ଼ ମିଳନ ।

ମୟୂର ପୁଚ୍ଛରେ ମଧୁର ମରାଳ
ମୁରଲୀ ମୂର୍ଚ୍ଛନା ମୋହିଲା ସକଳ ।
ମନ୍ଦ ମଳୟରେ ମଲ୍ଲିକା ସୁବାସ
ମଧୁପ ମତ୍ତରେ ମନୋଜ୍ଞ ବିଳାସ ।

ଲାଜୁକୀ ଲଳନା ଲୋଚନ ନମାଏ
ଲୀଳାମୟ ଶ୍ୟାମ ଲୁଚିକି ହସାଏ ।
ଅଧର ଅରୁଣେ ଅକୁହା ସେ ବାଣୀ
ଅମ୍ଲାନ ଅମୃତେ ଭିଜେ ରାଧାରାଣୀ ।

ବକୁଳ ବନାନୀ ବିଛାଇଲା ପଥ
ବଇଁଶୀ ବାନ୍ଧିଲା ବିରହିଣୀ ଚିତ୍ତ ।
ପଲ୍ଲବ ପରଶେ ପୁଲକିତ ତନୁ
ପ୍ରେମର ପୂର୍ଣ୍ଣିମା ପରିସ୍ଫୁଟ ମନୁ ।

ଚନ୍ଦ୍ରର ଚାନ୍ଦିନୀ ଚୁମିଲା ଧରାକୁ
ଚଞ୍ଚଳ ଚାହାଣୀ ଚାହିଁଲା ଶ୍ୟାମକୁ ।
ରାଧାର ରୂପରେ ରଙ୍ଗେ ବୃନ୍ଦାବନ
କୃଷ୍ଣର କେଳିରେ କମ୍ପିଲା କାନନ ।

ପାଉଁଜିର ଧ୍ୱନି ପ୍ରେମର ପ୍ରମାଣ
ବଇଁଶୀ ବନ୍ଦନା ହୃଦୟର ଗାନ ।
ସ୍ପର୍ଶର ସୁଧାରେ ତନୁ ଶିହରଣ
ସପନ ସୋପାନେ ସଜ୍ଜିତ ଜୀବନ ।

ଯୁଗେ ଯୁଗେ ରହୁ ଯୁଗଳ ମିଳନ
ଯୁଗଳ ପ୍ରେମରେ ଭରୁ ଏ ଭୁବନ ।
ରାଧା କୃଷ୍ଣ ଦୁହେଁ ଚିର ଅଭିସାର
ପ୍ରେମ ହିଁ ପରମ ପୁରୁଷାର୍ଥ ସାର ।

## ସଶକ୍ତ କଲମ ମୋର ...



ଉତ୍ତମ କୁମାର ପଣ୍ଡା
ଉଜାଙ୍ଗ, ରାଜକନିକା,
କେନ୍ଦ୍ରାପଡ଼ା

କଳ୍ପନାର ତୁମେ ରାଜଜେମା ସତେ
ସଶକ୍ତ କଲମ ମୋର ।
କଳ୍ପନା ରାଇଜେ ରାଜତ୍ୱ କରୁଛ
ତୀକ୍ଷ୍ଣ ମୁନରେ ତୁମର ।।
ଭାବ ପ୍ରକାଶର ଅମୋଘ ସାଧନ
ସାରା ସୃଜନୀର ଶ୍ରେୟ ।
ଜ୍ଞାନ ଧାରଣର ସ୍ଥାୟୀ ରୂପାନ୍ତରେ
ତୁମେ ଉତ୍କୃଷ୍ଟ ସହାୟ ।।
ଦେଖିବାକୁ ସାନ ଗୁଣର ବିଧାନ
କରିବାକୁ ନାହିଁ ଶକ୍ତି ।
ତୁମ ଚାଳନାରେ ଦୋଷୀ ପାଏ ଦଣ୍ଡ
ନିର୍ଦ୍ଦୋଷୀକୁ ମିଳେ ମୁକ୍ତି ।।
ନାନା ଅପରାଧ ଅନ୍ୟାୟ ଅନୀତି
ସର୍ବୋପରେ ତୁମ ନ୍ୟାୟ ।
ଦୁଃଖ ଛଡ଼ା ସୁଖ ଲଭେନି କେବେ ସେ
ତୁମକୁ ଯେ କରେ ହେୟ ।।
ତୁମେ ଥିଲେ ପାଶେ କାହାକୁ ବା ଡର
ଅଶିଠାରୁ ବଳୀୟାନ ।
ଅଶିର ଧାରକୁ ଭେଦିହୁଏ ସିନା
ଅଭେଦ୍ୟ ତୁମ ସୃଜନ ।।



ଦିବ୍ୟ ଭାବନାକୁ ଭବ୍ୟ ରୂପ ଦେଇ
ସମାଜେ ପ୍ରତିଷ୍ଠା ଦିଅ ।
ଲିପିବଦ୍ଧ କରି ଯୁଗ ଯୁଗାନ୍ତରେ
ଅମରତ୍ୱ ଆଣିଦିଅ ।।
ଦୁଃଖିଙ୍କର ତୁମେ କରୁଣର ସ୍ୱର
ସୁଖୀଙ୍କର ସୁଖ ବାର୍ତ୍ତା ।
ବିଦ୍ରୋହୀ ଜନଙ୍କ ବିଦ୍ରୋହର ସ୍ୱର
ପ୍ରେମୀଙ୍କର ମଧୁଗାଥା ।।
ସବୁ ଭାବନାରେ ରାଜୁତି କରୁଛ
ନାହିଁ ତାର ପଟାନ୍ତର ।
କଳ୍ପନାର ତୁମେ ରାଜଜେମା ସତେ
ସଶକ୍ତ କଲମ ମୋର ।।

## ମୋ' ମାତୃଭାଷା ...



ଲିଜା ବେହେରା
ଜାନିସାହି, ବଡ଼ମ୍ବା, କଟକ

ଭାଷାଟି ମୋର ଭାରି ମଧୁର
ନାଆଁଟି ତା'ର ଓଡ଼ିଆ
କିଣି ନିଏ ସେ ସବୁରି ମନ
ସବୁରିଙ୍କର ଠିକଣା
ଭାଷା ମୋ ଭାଷା,ମୋ ମାତୃଭାଷା ।
କେତେ ଯେ କବି ଲେଖିଯାଇଛନ୍ତି
ତା'ର ଗରିମାର ଗାଥା
କବି ନ ହୋଇ ଲେଖେ ମୁଁ ଆଜି
ତା' ଜୀବନର କଥା
ଭାଷା ମୋ ଭାଷା,ମୋ ମାତୃଭାଷା ।
ଭାଷା ମୋ ଜନନୀ,ଭାଷା ମୋର ସାଥୀ
ଭାଷା ମୋର ପରିବାର
ତା'ଠାରୁ ପୁଣି ସିଖିଅଛି ମୁହିଁ
ଗୀତା ଭାଗବତ ସାର
ଭାଷା ମୋ ଭାଷା,ମୋ ମାତୃଭାଷା ।
'ଅ' ଠାରୁ 'ଳ' ଅଣଚାଶ ବର୍ଣ୍ଣ
ମୋ ଭାଷା ଲିପିରେ ଅଛି
ଶାସ୍ତ୍ରୀୟ ମାନ୍ୟତା ଦେବାପାଇଁ ତାକୁ
ଲଢ଼ିଛନ୍ତି କେତେ ଜାତି
ଭାଷା ମୋ ଭାଷା,ମୋ ମାତୃଭାଷା ।
କେତେ ଛନ୍ଦ ରସ ଅଳଙ୍କାରରେ
ମୋ ଭାଷା ଅଟେ ମାର୍ଜିତ ,
ତାକୁ ଯିଏ ଥରେ ମନ ଦେଇ ପଢେ
ଛାଡ଼େ ନାହିଁ ତା'ର ପାଖ
ଭାଷା ମୋ ଭାଷା,ମୋ ମାତୃଭାଷା ।
ମୋ ଭାଷାରୁ ଝରେ ମଧୁର ପ୍ଲାବନ
ଛନ୍ଦମୟ ସୁର ତାନ
ମହୁଠାରୁ ମିଠା ମାତୃଭାଷା ମୋର
ସବୁଠାରେ ତାର ଗାନ,
ଭାଷା ମୋ ଭାଷା,ମୋ ମାତୃଭାଷା ।
କୋଟି ଜନ ମୋହେ ମୋ ଭାଷା ଜନନୀ
ତାହା ପରି କେହି ନାହିଁ
କୋଟି ପ୍ରଣମିତ କରେ ତା'ର ପାଦେ
ମୋ ଭାଷା ଜନନୀ ପାଇଁ
ଭାଷା ମୋ ଭାଷା,ମୋ ମାତୃଭାଷା ।
ଭଲ ଲାଗେ ମୋତେ ପଢିବାକୁ ପୁଣି
ତା'ର ଗାଥା ଗରିମା
ମୋ ମାତୃଭାଷା ସବୁଠାରୁ ଶ୍ରେଷ୍ଠ
ଦେବାକୁ ନାହିଁ ଉପମା ।
ଭାଷା ମୋ ଭାଷା,ମୋ ମାତୃଭାଷା ।
ଏହି ଭାଷାର ପିତା ସେ ଅଟନ୍ତି
କୋଟି ଓଡ଼ିଆର ନାଥ
ଏହିଠାରେ ମୋର ଜନମ ଲଭିକି
ମୋ ଜୀବନ ହେଲା ଧନ୍ୟ ।
ଭାଷା ମୋ ଭାଷା,ମୋ ମାତୃଭାଷା ।
ଯେତିକି ବରଷ ଏହି ଧରାଧାମେ
ମୁଁ ଅଛିରେ ଜୀବିତ
ଗାଇବି ତା'ର ଯଶ ଗାନ ଆଉ
ରଖିବି ତାହାର ନାମ
ଭାଷା ମୋ ଭାଷା,ମୋ ମାତୃଭାଷା ।

## ମଲା ଜହ୍ନର ରୋଷଣୀ ...



ସୁଭାଗିନୀ ସିଂହ
ବଡଝରା, ପର୍ଜଙ୍ଗ, ଢ଼େଙ୍କାନାଳ

ମଲା ଜହ୍ନର ସେହି ରୋଷଣୀ,
ମନେ ଭରେ  କାହାଣୀ
ନୀଳ ଆକାଶ ନିରବ ରାତି,
ତାରା ମନେ ମିଠା ଗୀତି   ।
ଜହ୍ନର ଆଲୋକ ଝରେ ଧୀରେ,
ଶିଶିର ବିନ୍ଦୁ ଘାସରେ
ନିଶି ପବନ ଆସୁଥାଏ ବହି,
ମନକୁ ଚୁରାଏ କହି   ।
ନିରବେ ରହି ନଈ କୂଳେ କୂଳେ,
ଚାନ୍ଦ ଛବିଟି ଢେଉରେ
କାଶତଣ୍ଡୀ ପରା ସେ ମୃଦୁ ହସି,
ପ୍ରକୃତି ଉଠେ ରୂପରେ  ।
ଦୂର ପାହାଡ଼ ଶିଖର ଉପରେ,
ଚାନ୍ଦ ଲୁଚିଯାଏ ମେଘେ
କୋଇଲି ନୁହଇ, ନିଶି ପକ୍ଷୀ,
ଗୀତଟି ମନକୁ ଛୁଇଁ  ।
ପୁରୁଣା ସ୍ମୃତି ଯେ,ମନେ ପଡ଼େ,
ନିରବ ଆଖିରେ ସ୍ୱପ୍ନ
ହଜିଯାଇଥିବା ସେହି ଦିନର
ଜହ୍ନ ଆଲୋକେ ମନ   ।

ମଲା ଜହ୍ନର ମିଠା ରୋଷଣୀ,
ହୃଦୟେ ଜାଗେ କାହାଣୀ
ରାତି ପାହିଲେ ସୂରୁଜ ହସେ,
ନୂତନ ସକାଳ  ଆସେ  ।
ଅନ୍ଧାର ଯେତେସବୁ ଘେରି ରହୁ,
ଆଶା ଦୀପ ଜଳି ଦେଉ
ମଲା ଜହ୍ନର ରୋଷଣୀ ହୋଇ,
ହୃଦୟରେ ଥାଅ ରହି  ।
ମନର ଦୁଃଖ ଯାଉ ଦୂର ହୋଇ
ତୁମକୁ ହୃଦୟେ ବହି
ମଲା ଜହ୍ନର ଏ ଆକାଶରେ
ସବୁ ଦିନ ଥିବ ରହି  ।

# ମୋ ବାପା ...



ଆକାଂକ୍ଷାମୟୀ ଦାଶ
ବଲାଙ୍ଗୀର

ସବୁଠୁ ସୁନ୍ଦର ସବୁ ଠାରୁ ଭଲ
ମୋ ବାପା ଅଟନ୍ତି ସିଏ
ନିଜଠୁ ନିଜର ଅତି ଆପଣାର
ମୁଁ ତାଙ୍କୁ ଭଲ ପାଏ ।

ସବୁଠୁ ସରଳ କଥାଟି କୋମଳ
ମହୁ ଝରି ପଡୁ ଥାଏ
ପରକୁ ଆପଣା କ୍ଷଣିକେ କରନ୍ତି
ସେନେହ ଭଣ୍ଡାରଟିଏ ।

ସରଳ ମଣିଷ ପିଏ ଦୁଃଖ ବିଷ
ମୁହଁରେ ହସଟି ଥାଏ
ଛୋଟ ବେଳୁ ସିଏ ପିତୃହରା ଥିଲେ
ମାତୃ କୋଳେ ଦିନ ଯାଏ ।

ନିଷ୍କପଟ ମନ ଛଳନା ବିହୀନ
ସବୁ ମନ ଛୁଇଁ ଯାଏ
କ୍ରୋଧ ଗାଳି ସିଏ ନା ଦ୍ୟନ୍ତି କାହାକୁ
ଏମିତି ମଣିଷଟିଏ ।

ଧୈର୍ଯ୍ୟଟି ତାଙ୍କର ଅସୀମ ସାଗର
ସଭିଙ୍କ ହୃଦୟ ଛୁଏଁ
ପୁରାଣ ଶାସ୍ତ୍ରର ସିଏ ଗନ୍ତାଗର
ମୁଖରେ ନିସୃତ ଥାଏ ।

କେତେ ଗୀତ ଗପ ତାଙ୍କ ଠାରୁ ଶୁଣୁ
ଘରର ମୁରବୀ ସିଏ
ଶିଖାନ୍ତି ସଂସ୍କାର ଘରର ସେ ଛାତ
ଘର ମଜବୁତ୍ ଥାଏ ।

ବାପା ସାଥେ ଥିଲେ ଡର ଛାଡି ଯାଏ
ମନେ ବଳ ଆସି ଯାଏ
ବାପା ହାତ ଧରି କେତେ ନିର୍ଭୀକରେ
ପାଦଟି ପକେଉ ଥାଏ ।

ନିଜେ ନ ଖାଇକି ଖୋଇ ଦେଉଥିଲେ
ମାଆ ପରି ପାଳି ସିଏ
ବାପା ଆମର ସରଗ ଠୁ ବଡି
ଭଗବାନ ପରି ସିଏ ।

କେତେ ପୁଣ୍ୟ ଥିଲେ ଏମିତି ବାପାଟି
ଜୀବନରେ ଆସିଥାଏ
ଏତେ ଭଲ ବାପା ସିଏ ମୋର ଥିଲେ
ଭାବି ଲୁହ ଝରି ଯାଏ ।

ଦୁଃଖର ସୁଖର ସାଥି ସିଏ ମୋର
ହାତ ଧରି ଚାଲୁ ଥାଏ
ଝୁଣ୍ଟିବା ଆଗରୁ କୋଳେଇ ନିଅନ୍ତି
ଏମିତି ମୋ ବାପା ସିଏ ।

## ଏମିତି ହେଉ ...



**ଶ୍ରୀକ୍ଷେତ୍ର ସୁନ୍ଦର**
କୁଲୁଥକାନି,ସମ୍ବଲପୁର

ଏମିତି ହେଉ, ତୁମ ସହ ଆଉ କେବେ ଦେଖା ନ ହେଉ!
ଦେଖା ହେଲେ–
ତୁମ ଚଞ୍ଚଳ ଆଖି ଦୋଟି ଅସ୍ଥିର ହେବ,
ନିଃଶବ୍ଦ ହୋଇ ଉଠିବ ତୁମ ଓଠ,
ଛାତି ଦରଜାରେ ଠକ୍ ଠକ୍ ଶବ୍ଦ ପୁଣି ଗୁଞ୍ଜରି ଉଠିବ,
ମୋ ନାଁ ରେ କହି ବୁଲୁଥିବା କଥାର ହିସାବ ବି ଦେବାକୁ ହେବ,
ହେଲେ ,ଏ ସବୁକୁ ଲୁଚାଇ ମିଛିମିଛିକା ହସିବାକୁ ହେବ ତୁମକୁ,
ଭଲମନ୍ଦ ପଚାରି ବୁଝିବାର ଛଳନା କରିବ ତୁମେ,
ଭିଡ଼ରେ ଅନ୍ୟମାନଙ୍କୁ ମୋର ପରିଚୟ ବି ଦେବାକୁ ପଡ଼ିବ
"ସେମିତି କେହି ନୁହେଁ,
ଜଣେ ଅଳ୍ପ ପରିଚିତ, ତା'ଛଡ଼ା ବେଶୀ କିଛି ନୁହେଁ"—
କହିବାକୁ ହେବ ତୁମକୁ
କି ଦୁବିଧା ସତେ!
ଝଡ଼ ପରି ଧସେଇ ପଶି ଆସିଥିବା ମୁଁ,
ତୁମକୁ ବିବ୍ରତ କରିଦେବା ନିଶ୍ଚିତ।
ତେବେ ଏତେ ବଡ଼ ପୃଥିବୀରେ, ଏତେ ଲୋକଙ୍କ ଭିତରେ,
ମୁଁ ତୁମ ପାଇଁ ଚିରଦିନ ହଜିଯିବା ଭଲ
ନୁହେଁ ....?

## ମା' ସରସ୍ୱତୀ...



**ପ୍ରୀତିପ୍ରଜ୍ଞା ନାୟକ**
ଚଣ୍ଡୀମଙ୍ଗଳ, ସିଂହନାଥପୀଠ,
ବଡ଼ମ୍ବା

ନମସ୍ତେ ମା, ସରସ୍ୱତୀ ବିଦ୍ୟା ଦାନୟିନୀ,
ହଂସ-ବାହିନୀ ଭାରତୀ ଜଗତ ଜନନୀ ।
ସନ୍ତାନ ତୁମ୍ଭରୀ ମୁହିଁ ଭକ୍ତି ପୁତ ମନେ,
ଆଶିଷ ମାଗୁଛି ମାଲୋ ତୁମ୍ଭରି ଚରଣେ ।
ଶୁଭ ବିଦ୍ୟା ଶୁଭ ବୁଦ୍ଧି ସେନେହ ମମତା,
ହୃଦୟରେ ଦିଅ ମାଲୋ ସୁ ମାନବିକତା ।
ସଂଯମ  ସତ୍ୟ ସାହାସେ ସରସ ଜୀବନ,
ଶୁଦ୍ଧ ଚିତ୍ତେ ସ୍ୱାଭିମାନେ କରିଣ କରମ ।
ପର ହିତେ ଜାତି ହିତେ ରହୁ ମୋର ମନ,
ସମସ୍ତଙ୍କ ସେବା ହେଉ ମୋହର କରମ ।
ଅଜ୍ଞାନୀକୁ ଜ୍ଞାନ ଦେଇ କର ମା ପଣ୍ଡିତ,
ଯୁଗେ ଯୁଗେ ହୋଇଛୁ ଯେ ଜଗତେ ବନ୍ଦିତ ।



## ମୁଁ...



ଶିଳ୍ପାଲିପି ବେହେରା
ଜଗତସିଂହପୁର

ସଜ ସକାଳର ଶିଶିର ବିନ୍ଦୁ ତୁ
ମୋ ପାଇଁ ପାଲଟୁ ମୁକ୍ତା,
ମୁଁ କେଉଁ ଦେବତା ର ଅଭିଶାପ ବଳେ
ଗଙ୍ଗଶିଉଳି ର ପେଣ୍ଡା,
ତୁ ଉଜାଣି ଯମୁନା ଫୁଲି ଉଠୁଥିବା
ଲହଡି ସହିତ ଢେଉ,
ମୁଁ ମରୁ ମରୀଚିକା ମୋହରେ ତୃଷାର୍ତ୍ତ
ଜଳ କି ପାଇବି ଆଉ,
ତୁ ବିପରୀତ ଦିଗେ ଗତି କରୁଥିବା
ଜ୍ୟାମିତି ଖାତା ର ରଶ୍ମି,
ମୁଁ ଭେଟି ପାରିବିନି କେବେହେଲେ ତୋତେ
ଗଣିତ ଭୁଲି ବସିଛି,
ତୁ ସପନ ନଈର କୂଳେକୁଳେ ଥିବା
ମହାଦାରୁ କଳ୍ପବୃକ୍ଷ,
ମୁଁ ବାସ୍ତବତା ଭରା ଭୟଙ୍କର ସତ୍ୟ
ଦାରୁଣ ଦୁଃଖ ର ପକ୍ଷ ।



# ସ୍ମୃତି ତୁମେ ...



ଶାନ୍ତା କୁମାରୀ ନନ୍ଦ
ମାସଁଡା, ଅରେଇ,
ଯାଜପୁର

ସ୍ମୃତି ତୁମେ,
ଅତୀତର କ୍ରେଡିଟ୍ କାର୍ଡ ଭଳି,
କେବେ ଫୁଲ୍ ବାଲାନ୍ସ ହେଇ ଆସ....
ମସ୍ତିଷ୍କର ଅବଚେତନାରେ ।
ପାଷାଣର ବୁକୁରେ ଗଢିଦିଅ ସେବେ,
ତୁମେ ଶବ୍ଦର କୋଣାର୍କ ।।

ପୁଣି କେବେ ଅଚେତନ ମନରେ ଉଭେଇଯାଅ,
ଆଗ କାଳର ଟେଲିଭିଜନର କଳା ଧଳା ଛବି ପରି ।
ଆକାଶ ଛାତିରେ ଛାଡ଼ିଯାଅ ସେବେ,
ସତେ ଇନ୍ଦ୍ରଧନୁର ସ୍ପର୍ଶ ।।

ସ୍ମୃତି ତୁମେ,
ବୁନ୍ଦାଏ ଜଳରୁ ନିଅ ମହାସାଗରର....
ଲୁଣି ପ୍ରତ୍ୟାଷାର ରୂପ ।
କେବେ ଶୂନ୍ୟତା ମଧ୍ୟରେ ପୂର୍ଣ୍ଣତା ତୁମେ,
ପୁଣି କେବେ ତୁମେ ଅନ୍ଧାର ଭିତରେ....
ତୁମେ ଆଲୋକର ସ୍ୱରୂପ ।।

ଆକାଶର ନୀଳରଙ୍ଗରେ ତୁମେ,
ଦୁଇଧାର ରଶ୍ମି ସୁରୁଜର ।
ପୁଣି କେବେ ଅମାବାସ୍ୟାର କାଳ ରାତ୍ରିରେ,
ତୁମେ କଳଙ୍କ ଚନ୍ଦ୍ରମାର ।।

ସ୍ମୃତି ତୁମେ,
କେବେ ସାଗରର ସାମାନ୍ୟ ଢେଉରୁ,
ନିଅ ବିକରାଳ ସୁନାମିର ରୂପ ।
ଫୁଲର କୋମଳତାରୁ ସେବେ ତୁମେ,
ପାଲଟିଯାଅ ପାଷାଣର କଠିନ ସ୍ୱରୂପ ।।

ସ୍ମୃତି ତୁମେ,
ଜାଗୃତି, ସଂପ୍ରୀତି, ତୁମେ ହିଁ ଅତୀତ ।
ସମ୍ଭାବନାମୟ ପୃଥ୍ୱୀରେ କେବେ ପୁଣି,
ତୁମେ ଘେନି ଆଣ ନୂଆ ଭବିଷ୍ୟତ ।।

## ଫେରିବା ବାଟ...



ଗୋବର୍ଦ୍ଧନ ସେନାପତି
ନୂଆଦିଲ୍ଲୀ

ଆଖିର ପଲକ,
ପଡୁନଥିଲା ।
ତୁମରି ସ୍ପର୍ଶ,
ମନରେ ଥିଲା ।।
ତୁମ ଅପେକ୍ଷାରେ,
କଟୁଥିଲା ଦିନ ।
ମନରେ ସନ୍ଦେହ,
ତୁମ ଉପସ୍ଥାନ ।।
ସଂମ୍ପର୍କର ସୁତା,
କେତେ ନିବିଡ ।
ନିବିଡ଼ତାରେ ପୂର୍ଣ୍ଣ,
ଆମ ଭାବନାର ନୀଡ ।
ସେହି ଭାବନାରେ,
ସ୍ବପ୍ନ କୋଣାର୍କ ।
ବାଲିରେଣୁ ସାଥେ,
କେତେ ତର୍କବିତର୍କ ।।
ଆନମନା ହୁଏ,
ଅବୁଝା ମନ ।
ଫେରିବା ବାଟକୁ,
ଚାହେଁ ତତ୍ କ୍ଷଣ ।

କାହାକୁ ସମୟ ,
ଧରା ଦିଏନା ।
ଇଛା ଥିଲେ ସୁଦ୍ଧା,
ମନ ମାନେନା ।।
କେବେ ବାସ୍ତବତା,
ପଚାରେ ନିଜକୁ ।
ଧୋକା ତ ଦିଏନା,
ନିଜର ଲୋକକୁ ।।
କେବେ ପାଶୋରି ଗଲେ,
ଦିଶଇ ଅମଡା ବାଟ ।
ସାଇତା ମୁହୂର୍ତ୍ତ ଖୋଜେ ,
ଫେରିବା ବାଟ ।।

# ଚତୁର୍ଦ୍ଧା ମୂରତି ...



**ସୁଶ୍ରୀ ସ୍ମାରକୀ ମିଶ୍ର**
ଜଳବଙ୍ଗ, ରାଇସୁଆଁ,
କେନ୍ଦୁଝର

କଳା ବର୍ଣ୍ଣ ମୁଖ ଶିରି ଜଗନ୍ନାଥ କାଳିଆ ଯେ ତାଙ୍କ ନାମ,
ରତ୍ନ ସିଂହାସନେ ବିରାଜମାନ ସେ ଘର ତାଙ୍କ ପୁରୀ ଧାମ |

ଜଗତ ସାଆନ୍ତ ଜଗନ୍ନାଥ ସେ ଯେ ବଳଭଦ୍ର ବଡ ଭାଇ,
ପଦ୍ମାଳୟା ଆଉ ଶୁଭଦ୍ରା ଭଉଣୀ ପରିବାର ୟାଙ୍କୁ ନେଇ |

ଦର୍ଶନ ଟିକକୁ ସଂସାର ଝୁରଇ ରୂପ ତାଙ୍କର ଯେ ଚାରୁ,
ଭକ୍ତର ବେଦନା ସହି ନ ପାରନ୍ତି ବାହାରି ଆସନ୍ତି ଘରୁ |

ରଥଯାତ୍ରା ବୋଲି ବୋଲାଏ ଜଗତ ସର୍ବଶ୍ରେଷ୍ଠ ପର୍ବ ଏଇ,
ପଶୁପକ୍ଷୀ ଦୀନଜନ ପୁଣି ପ୍ରେତ ସଭିଙ୍କର ନାଥ ସେଇ |

ତିନିରଥ ତାଳଧ୍ୱଜ, ପଦ୍ମଧ୍ୱଜ ଆରକ ଯେ ନନ୍ଦିଘୋଷ,
ଅମୃତ ସଦୃଶ ଅଧର ପଣାକୁ ପ୍ରେତଙ୍କର ମଧ ଆଶ |



# ଅଧୁରା ଅଭିଳାଷ ସ୍ୱର ...



ସଞ୍ଜୟ ନାଏକ
ରଏନଗୁଡା, କୋକସରା,
କଳାହାଣ୍ଡି

ଭାବି ଥିଲି ମୁହିଁ କରିବି ଆପଣାର
ଇଛା ନାହିଁ କି ପ୍ରେମେ ଗୋ ତୁମର
ବୁଝି ଯାଅ କାହିଁକି ହଉଛ ଅବୁଝା
ହୋଇ ଯାଅ ମୋ ହୃଦୟର ରାଜା

କଣ କହୁଛ ଲୋ ଅଭିଳାଷା ସ୍ୱର
ତୁମ ପାଇଁ କି ହେଉଛି ପ୍ରେମ ଜର
ଜାଣି ପାରୁନ କି ମୋ ମନର କଥା
ମନ ଖୁସି ଲାଗେ ଶୁଣି ତମ କଥା

କଥା ସବୁ ଲାଗେ କାହିଁକି ମଜାକ
ଜାଣ ହେଲେ କର ଅବୁଝା ନାଟକ
ତୁମେ କଥାରେ ପାଗଲ କରିଦିଅ
କହ କାହିଁପାଇଁ ଏମିତି କଥା କୁଅ

ଭାଗ୍ୟେ ନାହିଁ ବୋଲି କଥା ତୁମର
କାହିଁ ପାଇଁ ଚାହୁଁଛ କରିବାକୁ ପର
ଦେଖାଅ ଯେ ବୟସରେ ଅନୁପାତ
କେତେକ ଯେ ଦୂର ଦୁହିଁଙ୍କର ଜାତ

ବୋଧେ ଅଧୁରା ଏ ପ୍ରେମ କାହାଣୀ
ଠିକ୍ ପାରୁଅଛି ମୋ ମନରେ ଜାଣି
ବୁଝି ପାରୁନି ତୁମ ମନେ କି ଭାବୁଛ
ସତରେ କି ପ୍ରେମକୁ ଭୟ କରୁଅଛ

ରହିଗଲା ଅଧୁରା ପ୍ରେମ କାହାଣୀ
ତମ ହୃଦୟ କଥା ପାରୁନାହିଁ ଜାଣି
ହୃଦୟୁ ପ୍ରେମ କରୁଛି ଗୋ କେତେ
ପ୍ରେମ କରିଥିଲି କ୍ଷମା କର ମତେ ||



## ଭାଗ୍ୟ ...



ସରସ୍ୱତୀ ମେହେର
ସିନାପାଲି, ନୂଆପଡା

ଜୀବନର ପଥେ ପଥେ ଅଛି
ଭାଗ୍ୟ ର କାହାଣୀ
କେବେ ହସ ର ସାତସୁର
କେବେ ଦୁଃଖ ର ରାଗିଣୀ ।
କିଏ ପାଏ ସୁରୁଜ ଆଲୋକ
କିଏ ଚାଲେ ଅନ୍ଧାର ରାତିରେ
ଭାଗ୍ୟ ଯେଉଁଠାରେ ହାରେ ଦିନେ
ସେଇଠୁ ଆରମ୍ଭ ହୁଏ କର୍ମ ଧୃଡରେ ।
ଭାଗ୍ୟ କେବେ ସାଜେ ଆକାଶରେ
ସପ୍ତରଙ୍ଗି ଇନ୍ଦ୍ରଧନୁ
କେବେ ଝଡ଼ ସାଜି ଭାଙ୍ଗି ଦିଏ
ଆଲୋକର ପ୍ରତିଟି ରେଣୁ ।
ଭାଗ୍ୟ କହେ,ତୁମେ ଚେଷ୍ଟା କର
ସଫଳତା ମିଳିବ ନିଶ୍ଚିତ
ହାତରେ ହାତ ରଖି ବସିଲେ ମିଳେନା କିଛି
ପରିଶ୍ରମ ରେ ଲେଖେ ଭାଗ୍ୟର ଗୀତ ।
ଭାଗ୍ୟ ନୁହେଁ ଲଲାଟ ର ରେଖା
ଏହା ମଣିଷ ର ସାହସ ଓ ସ୍ବପ୍ନ
ଯିଏ ହାର ମନେନି ଶେଷ ପର୍ଯ୍ୟନ୍ତ
ସିଏ ଲେଖେ ଜୀବନରେ ଗାଥା ।



## ଆଜିର ଅଭିମନ୍ୟୁ..



**ଶୁଭଶ୍ରୀ ଶୁଭସ୍ମିତା**
ଅଡଶପୁର, କଟକ

ସେଦିନର ମହାଭାରତର ଅଭିମନ୍ୟୁ ଆଜି ମଧ୍ୟ ବଞ୍ଚିଛି...
ନିରବରେ ପ୍ରତିଟି ମୁହୂର୍ତ୍ତରେ ନିଜର ପରିଚୟ ପାଇଁ ଲଢୁଛି.... ।।୧।।

ସେଦିନର ଚକ୍ରବ୍ୟୂହ ରଚାଯାଇଥିଲା କୁରୁକ୍ଷେତ୍ର ଯୁଦ୍ଧ ଭୂମି ରେ....
ଆଜିର ଚକ୍ରବ୍ୟୂହ ରଚାଯାଏ ଗୋଟିଏ ଝିଅ ପାଇଁ ପରିବାରରେ ଆଉ
ସମାଜରେ.....। ।।୨।।

ସେଦିନର ଅଭିମନ୍ୟୁ ସମ୍ମୁଖରେ ସପ୍ତରଥୀ ଛିଡ଼ା ହୋଇଥିଲେ...
ଆଜିର ଝିଅ ସମ୍ମୁଖରେ ଲୋକ ଲଜ୍ଜ୍ୟା, ରକ୍ଷଣଶୀଳତା, କୁସଂସ୍କାର,ଅନ୍ଧ ବିଶ୍ବାସ,
ସାମାଜିକ ବନ୍ଧନ, ପାରିବାରିକ ଚାପ ଓ ସଂର୍କୀର୍ଣ୍ଣ ମାନସିକତା ପାଚେରି ହୋଇ
ଛିଡା ହୁଏ ଏବଂ ତାକୁ ନିଜର ସ୍ଵପ୍ନକୁ ସାକାର କରିବାକୁ ଅଟକାଏ।  ।।୩।।

ତଥାପି ସେଦିନର ଅଭିମନ୍ୟୁ ନିଜର ଶେଷ ନିଃଶ୍ଵାସ ପର୍ଯ୍ୟନ୍ତ ଲଢ଼ିଥିଲେ.....
ଆଜିର ନାରୀ ମଧ୍ୟ ନିଜର ଶେଷ ନିଃଶ୍ଵାସ ପର୍ଯ୍ୟନ୍ତ ଲଢେ....
ନିଜର ପରିଚୟ ପାଇଁ... ନିଜର ଆତ୍ମ ସମ୍ମାନ ପାଇଁ...  ।।୪।।

ସେଦିନର ଅଭିମନ୍ୟୁ ନିଜ ପରିବାରର ସମ୍ମାନ ପାଇଁ ବଳି ଚଢି ଯାଇଥିଲେ...
ଆଜିର ନାରୀ ମଧ୍ୟ ବଳି ଚଢିଯାଏ ସମାଜର ତଥାକଥିତ କୁସଂସ୍କାର, ଅନ୍ଧ ବିଶ୍ବାସ, ପରମ୍ପରା ଆଗରେ.....।।୫।।

ହେ ମୋର ଆଧୁନିକ ସଭ୍ୟ ସମାଜର ତଥାକଥିତ ବଡ଼ପଣ୍ଡା ମାନେ....
ଆଉ କେବେ ତୁମେ ଜାଗ୍ରତ ହେବ...!
ନାରୀ କୁ ଉପଯୁକ୍ତ ସମ୍ମାନ ଦେବ....!
ନାରୀ କୁ ନିଜର ନିଷ୍ପତ୍ତି ନେବାର ଅଧିକାର ଦେବ...!  ।।୬।।

ଯେଉଁ ଦିନ ଏ ସମାଜ ନିଜର ସଂର୍କୀର୍ଣ୍ଣ ମାନସିକତା କୁ ଛାଡି ନାରୀ କୁ ସ୍ଵାଧୀନତା ଦେବ,
ଝିଅ ଜନ୍ମହେଲେ ଉତ୍ସବ ପାଳନ କରିବ,
ଝିଅ କୁ ବୋଝ ନୁହେଁ ନିଜ ପରିବାରର ଗର୍ବ ଓ ଗୌରବ ବୋଲି ଭାବିବ
ସେଦିନ ହିଁ ଆମ ଦେଶ ସତରେ ସ୍ଵାଧୀନ ହେବ ।

**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ** : ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା** : ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା** : ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା** : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,**ସଂଯୋଜକ** : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ସ୍ମୃତି...



**ଜୟଶ୍ରୀ ମହାନ୍ତି**
ଗୋପାଳପୁର, ରେମୁଣା,
ବାଲେଶ୍ୱର

ତମେ ଆଜି କାହିଁ ବେଶୀ ମନେପଡ
ସକାଳର ସେଇ କୁହୁଡି ଘେରା ବଳୟ ଭିତରେ
ସୂର୍ଯ୍ୟଙ୍କର ସେହି ପହିଲି କିରଣରେ
ମୋ ମନର ନିଘଞ୍ଚ ଜଙ୍ଗଲ ଘେରାରେ
ମୋ ହୃଦୟର ସ୍ପନ୍ଦିତ ପ୍ରେମର ପରିଧି ଭିତରେ ।

ତମେ ଆଜି କାହିଁ ବେଶୀ ମନେପଡ
ମୋ କଳ୍ପନାର କଳ୍ପିତ ଇଲାକାରେ
ବେଳାଭୂମିର ରତରତ ସଞ୍ଜବେଳେ
ମୋ ମନର ମାନସପଟ୍ଟର ଟାଙ୍ଗରା ଭୂଇଁରେ
ମୋ ଆଖିର କାନଭାସରେ ।

ବୋଧହୁଏ, କେବେ ଆଙ୍କିପାରନ୍ତି କି
ତୁମ ଅଗୋଚରରେ ମନଗହନର
ପ୍ରଚ୍ଛଦପଟ ର ପ୍ରତିଛବିକୁ
ଶୁଣିପାରନ୍ତି କି!
ତମର ସେ ଅବ୍ୟକ୍ତ ଆଳାପକୁ
ଛୁଇଁପାରନ୍ତି କି ତୁମ ଅନ୍ତରର ସେ
ଚରମ ବେଦନାକୁ
ବୋଧେ! କେବେ ଭୁଲି ବି ଭୁଲି ହୁଏନା
ତମର ସେ ଦୁଇ ଆଖିକୁ ।



## ନାରୀ ଜୀବନର କାହାଣୀ...



ସୁପ୍ରିୟା ବେହେରା
ଗଞ୍ଜାମ, ଖଣ୍ଡୁରୁ

ନାରୀ କଥା ଆଉ କାହାକୁ କହିବି
ନାରୀ ଯେ ଅଟଇ ଘରଣୀ
ଗୋଟେ ଗୋଟେ କରି କହୁଅଛି ଶୁଣ
ନାରୀ ଜୀବନର କାହାଣୀ... (1)
ଦଶମାସ ଗର୍ଭରେ ରହି ଜନ୍ମ ହୁଏ ଯେବେ
କନ୍ୟାଭ୍ରୁଣ ଟିଏ ହୋଇ
ଦୁନିଆକୁ ସିଏ ଦେଖିବା ପୂର୍ବରୁ
ମାରିଦିଅନ୍ତି ଅଶୁଭ କହି... (2)
ସଭିଏଁ କୁହନ୍ତି ତାକୁ ଦୁଇକୂଳକୁ ହିତା
ଦୁହିତା ବୋଲି
ସତ କଥା ହେଲା ସମସ୍ତଙ୍କ ପାଇଁ ସେ
ବୋଝଠୁ ଓଜନ ଭାରି... (3)
ଜନନୀ, ଜୟା, ଭଗିନୀ କେତେ ନାଆଁ
କେତେ ରୂପ ରଖିଛି ଧରି
ତଥାପି ସମାଜରେ ମାଲ ଦୁଷ୍କର୍ମ
ପୀଡିତା ପରିଚୟ ତାହାରି... (4)
ନାରୀ ଅତ୍ୟାଚାର, ନାରୀ ବଳାତ୍କାର
ଆଜିବି ପାରିନି ଲୀନ ହୋଇ
କେତେ କେତେ ନାରୀ ମରୁଛନ୍ତି ଏଠି
କାହା ମନରେ ବି ଟିକେ ଦୁଃଖ ନାହିଁ... (5)
ଆଜିବି ତ ନାରୀ ସମାଜ ଆଗରେ
ଏକା ଚାଲି ପାରେ ନାହିଁ
ସମ୍ମାନର ସହ ବଞ୍ଚିବାକୁ ହେଲେ
ସାହାରା ଖୋଜି ବୁଲଇ...(6)
ନାରୀ ନୁହେଁ କେଉଁ ମାଟିର ଖେଳନା
ପୁରୁଣା ହେଲେ ଫିଙ୍ଗିଦେବ
ନାରୀ ଯେ ଅଟଇ ମମତାର ପ୍ରତୀକ
ଯୁଗ ଯୁଗ ପାଇଁ ଥିବ... (7)
ସ୍ୱାର୍ଥପର ସମାଜ କେବେବି ବୁଝେନା
ନାରୀଟିର ମନ କଥା
ଯେବେ ପଢିବ ସେ ନାରୀର ହୃଦୟ ପୃଷ୍ଠାକୁ
ନଇଁ ଯିବ ତାର ମଥା... (8)

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ବେରୋଜଗାରିଆ ...



ସ୍ମୃତି ସଙ୍ଗୀତା ରାଉତ୍
ଜଗତସିଂହପୁର

ପାଠ ପଢ଼ାସାରି ଘରେ ବସିଲି ମୁଁ
ନା ହେଲା ବେରୋଜଗାରିଆ
ଚାକିରି ଖଣ୍ଡେ ହାତେ ନାହିଁ ବୋଲି
ଦୁନିଆ କହେ ବେକାରିଆ।

ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବାପା ପୋତିଦେଲେ
ବଡ଼ University ରେ ଯାଇଁ
ପାଠ ପଢିଲି ମୁଁ ଫାଷ୍ଟ ହେଲିମୁଁ
ଚାକିରି କିନ୍ତୁ ନାହିଁ।

ସେଇ ବୋଝ ଏବେ ମୋ ମୁଣ୍ଡେ ପଡ଼ିଛି
ଦିନ ରାତି ଶୁଣେ ମୁହିଁ
ଏତେ ପଇସା ମୁଁ ପୋତି ଦେଇଗଲି
ଟଙ୍କାଟେ ତୋ ହାତେ ନାହିଁ।



ବୋଉ କହୁଅଛି ବସିଥା ଘରେ
ଖାଉଥା ମାଣ କୁ ମାଣ
ବାପା କୁହନ୍ତି ବୁଢ଼ା ହେଲି ମୁଁ
ଦିଶିଲାନି ତତେ ଜାଣ।

ଭଉଣୀ ଗୋଟିଏ ଭାଇ ଭାଇ ହୋଇ
ବୁଲୁଥିବ ମୋ ଚାରି ପଟେ
ମନ ଜାଣି କବେ ରାକ୍ଷୀ ପାଉଣାଟେ
ଦେଇ ନ ପାରିଲି ତତେ।

କି ଭୁଲ୍ ମୋର ହେଁ କି ଅବା କରିବି
ପାଠ ପଢିଲି ତ ମୁହିଁ
ସବୁ ପରୀକ୍ଷା ରେ ପ୍ରଥମ ସ୍ଥାନରେ
ଆଗ ରହିଲି ମୁଁ ଯାଇଁ
ଏବେ ଯଦି ମତେ ଚାକିରି ନ ମିଳେ
ମୁଁ ଦୋଷି ହେଲି କଇଁ ପାଇଁ।

## ଅଭିମାନିନୀ ରାଧା ...



ଶିବରାମ ନାୟକ
ବାଇଶିପଲ, ଗଞ୍ଜାମ

ସେ କହିଥିଲେ ରାଧେ...
ତୁମେ ମୋ ଜୀବନର ଶାଶ୍ୱତତା
ଆଉ ତୁମକୁ ଭୁଲିବାର ସାହାସ ମୋର ନାହିଁ,
ମାଛ କି ବଞ୍ଚିଛି ଜଳଠୁ ଦୂରରେ ରହି,
ହୃଦୟ କ'ଣ ସ୍ପନ୍ଦିତ ହେବ ସ୍ପନ୍ଦନ ବିନା,
ଫୁଲର ଆୟୁଷ ଅର୍ଥ ହୀନ ଭଅଁର ବିନା,
ମୁଁ ତୁମ ବିନା ଅଧୁରା ହେ ମୋର ପ୍ରିୟତମା....
ମୁଁ ତୁମ ବିନା ଅଧୁରା.....!

ପ୍ରେମରେ ମାନିନୀ ରାଧା
କୁହନ୍ତି ଶ୍ୟାମ କୁ ଚାହିଁ,
ମନ କୁ ମୋହିବ କଳା, ତୁମଠୁ ଅଧିକା କିଏ ଜାଣିବ!
ଯାହାକୁ ଏ ବିଶ୍ୱ ବ୍ରହ୍ମାଣ୍ଡ ଯେ ଜାଣି ପାରେ ନାହିଁ!
ତୁମଠେ ରାଗକୁ ରଖିବି କେମିତି
ମୁଁ ନିଜେ ତୁମ ଠାରେ ଲୀନ
ତୁମକୁ ବୁଝିବା ମୋ ପାଇଁ ସହଜ ଯେ ନୁହେଁ,
ହେ ମୋର ପ୍ରାଣ ଧନ......!!



ହେ ପ୍ରିୟତମ ମୋର....!!
ଏତେ ପ୍ରେମ ପରେ ବି ହେଲନି ତୁମେ ମୋର
ତୁମ ପାଇଁ କେତେ ନିନ୍ଦା, ଅପମାନ, କଳଙ୍କରେ
କଳଙ୍କିତ ସାଜିଲି ମୁଁ ତୁମ ପ୍ରେମରେ,
ଏ ଯମୁନା ସାକ୍ଷୀ ଅଛି, ଅଛି କଦମ୍ବ ମୂଳ ସାକ୍ଷୀ
ଗୋପୀ ଗୋପାଳଙ୍କ ଠୁ ଅଧିକ ସ୍ନେହ ତୁମକୁ ଆଉ କିଏ କରିବ?
ରୁକ୍ମିଣୀ କୋଳରେ ଶୋଇଗଲେ ତୁମେ ଏ ହୃଦୟ କେମିତି ସହି ପାରିବ?
ଏ ମନ, ପ୍ରାଣ ହୃଦୟ ତୁମ ପାଦପଦ୍ମରେ ହିଁ ରହିଯିବ..!!

ତୁମେ ଯେ ଏକମାତ୍ର ପ୍ରିୟତମ ପ୍ରାପ୍ତି ଏ ଜୀବନର...!
ତୁମ ପ୍ରେମର ସ୍ପର୍ଶରେ ଏ ମାଟି ପିଣ୍ଡୁଳା ଜୀବନ୍ୟାସ ପାଇସାରିଛି,
ଏବେ ମନ୍ଦିରରେ ଉଡୁଥିବା ବାନା ଠାରୁ ସୁଖୀ କିଏ ଅବ ଦୁଃଖି କିଏ;

ସେ ଭଳି ଭାଗ୍ୟ ବର୍ତ୍ତମାନ ମୋର,
ତୁମ ପ୍ରେମର ରଙ୍ଗରେ ରଙ୍ଗାୟିତ ହୋଇ ମୁଁ ଧନ୍ୟ ହୋଇସାରିଛି,
ଏ ଦେହ କୁ ସିନା ଚନ୍ଦ୍ରସେଣ ଜିତିନେଲେ,
କିନ୍ତୁ ଏ ମନର ଦେବତା ତୁମେ ହିଁ ଚୀର କାଳ ଯାଇ ରହିବ କୃଷ୍ଣ
ମୁଁ ନିଜେ କୃଷ୍ଣମୟ ଆଉ ତୁମେ ରାଧାମୟ ହୋଇ ରହିବ କୃଷ୍ଣ....

ତୁମେ ସିଖେଇଥିଲ ପ୍ରେମ ସଂସାରକୁ
କହୁଥିଲା ମୋତେ ଏ ପ୍ରେମର ସଜ୍ଞାକୁ
ଜୀବନରେ କେତେ ଅଷ୍ଟ ପାଟବଂଶୀ ଆସିଲେ ବି
ଏ ରାଧାର ର ସ୍ୱତନ୍ତ୍ରତା ତୁମ ଜୀବନର ଏକ ମାତ୍ର କାମ୍ୟ
ତୁଳନା ନାହିଁ ଆମ ପ୍ରେମର ଏ ବିଶ୍ୱରେ
ଆମ ରାସରେ, ବାସରେ, ମଧୁର ବଂଶୀସ୍ୱାନରେ
ଆଉ ତୁମର ପ୍ରତିଟି ସ୍ପର୍ଶରେ ଜୀବନ୍ତ ଆମ ପ୍ରେମ
ସବୁଆଡେ ତୁମେ ମୟ ତୁମେ, ତୁମେ ହେ କୃଷ୍ଣ....!!

ତୁମେ ଗଲା ପରେ ଯମୁନା ରଷିଛି,
ଗୋଗୋଷ୍ଟ ରେ ଆଉ ମଧୂର୍ଯ୍ୟ ନାହିଁ
ଗୋପରେ ଚହଳ ଗହଳ ଆଉ ନାହିଁ
କଦମ୍ବ ମୂଳରେ ଶାନ୍ତି ନାହିଁ, ବୃନ୍ଦାବନ ଶୂନ୍ୟ ତୁମ ପାଇଁ
ତୁମେ ଗଲାପରେ ପ୍ରିୟ,
ଏ ବସନ୍ତରେ ବି ଗଛଲତା ଆଉ ହସୁ ନାହାନ୍ତି
ତୁମ ବଂଶୀ କୁ ଶୁଣିବାକୁ କୋକିଳ
ଗଛ ଡ଼ାଳେ ବି ଆସି ବସୁନି!

ତୁମ ପାଇଁ ସବୁ ଶୂନ୍ୟ, ଶୂନ୍ୟ ମହାଶୂନ୍ୟ
ତୁମର ଗୋଟେ ଝଲକ୍ ର ଅପେକ୍ଷାରେ ଆମ ଏ ପ୍ରାଣ ଆଜି ବି ବ୍ୟାକୁଳ....!!!

## ସଂଘର୍ଷ ଓ ପ୍ରେରଣାର ଗୋଲାପ ...



ଜ୍ୟୋତିର୍ମୟୀ ମହାଳିକ
ପିଙ୍ଗୁଆ, ଗନ୍ଦିଆ, ଢେଙ୍କାନାଳ

ଧୂସର ମାଟିର ଭଙ୍ଗା ବୁକୁ ଚିରି,
ଜନ୍ମ ନେଇଛି ଏକ ନବୀନ ପ୍ରାଣ,
ଚତୁର୍ଦ୍ଦିଗେ ଥିବା ନିରାଶା ଭିତରେ,,
ଗାଉଛି ସିଏ ଏକ ଜୀବନର ଗାନ।

ଶୁଷ୍କ ପାଷାଣର କଠୋର ପ୍ରହାରେ,
ହାରିଯାଇନାହିଁ କୋମଳ କଢ଼ି,
ବାଧାବିଘ୍ନର ସେହି ପ୍ରାଚୀର ଭାଙ୍ଗି,
ଆକାଶକୁ ଚାହିଁ ଯାଇଛି ବଢ଼ି।

ନାହିଁ ସବୁଜିମା ନାହିଁ କେହି ସାଥୀ,
ଏକୁଟିଆ ସିଏ ଲଢୁଛି ରଣ,
କୋମଳ ପାଖୁଡ଼ା ରକ୍ତ ମନ୍ଦାର,,
ସମସୂର୍ଯ୍ୟ କିରଣେ କରୁଛି ସ୍ନାନ।

ଧ୍ୱଂସସ୍ତୂପର ଏହି ନିଶ୍ଚଳ ସହରେ,
ଆଶାର ଆଲୋକ ସିଏ ସାଜିଛି,,
ସବୁ ଶେଷ ହେବା ପରେ ବି ପୃଥିବୀରେ,,
ପ୍ରେମର ସ୍ପନ୍ଦନ ଏବେ ବି ବାଜୁଛି।

କଠିନ ପୃଷ୍ଠାରେ କୋମଳ କବିତା,
ଲେଖି ଦେଇଗଲା ଏହି ଗୋଲାପ,
ମନରେ ଆଣଇ ଅସୀମ ସାହସ,,
ଦୂରେଇ ଦିଏ ସବୁ ଦୁଃଖ ସନ୍ତାପ।

ଝାଉଁଳି ପଡ଼ିବା ତାର ନିୟତି ନୁହେଁ,
ସିଏ ତ ସଂଘର୍ଷର ଅସଲ ରୂପ,
ଫିକା ପଡ଼ିଥିବା ଦୁନିଆ ଆଗରେ,,
ଜାଳି ଦେଇଅଛି ବିଶ୍ୱାସର ଦୀପ।

ସୂର୍ଯ୍ୟାସ୍ତର ସେହି ସୁବର୍ଣ୍ଣ ଆଲୋକେ,
ଝଲସି ଉଠୁଛି ତାର ଶରୀର,
ଧୈର୍ଯ୍ୟର ସହିତ ସେ ଠିଆ ହୋଇଛି,,
ମଥା ନଇଁନାହିଁ ହୋଇଛି ସ୍ଥିର।

ଭାଙ୍ଗିଯାଇଥିବା ହୃଦୟକୁ ସିଏ,
ଦେଉଛି ଆଜି ଏକ ନୂଆ ବାର୍ତ୍ତା,,
ପରିସ୍ଥିତି ଯେତେ ଜଟିଳ ହେଲେ ବି,
ତୁମେ ହିଁ ମୋର ଭାଗ୍ୟ ବିଧାତା।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ଜନନୀର ସ୍ମୃତିସ୍ପର୍ଶ ...



ସଦାଶିବ ବେହେରା
ନିଷ୍ଟିପୁର,ଗଞ୍ଜାମ

ମା ର ମମତା କେତେ ଯେ ମଧୁର
ଜାଣି ପାରି ନାହିଁ ମୁହିଁ ।
ନୟନ ଲୋତକ ଝରି ଯାଏ ସଦା
ସରଗୁ ଦେଖୁଥା ତୁହି ।
ଏ ଦୁନିଆ ଦାଣ୍ଡେ ଏକା କରି ମୋତେ
ଛାଡି ଚାଲି ଗଲୁ କାହିଁ ।
ଭାବି ଥିଲୁ କି ତୁ କିମିତି ବଞ୍ଚିବି
ତୋ ବିନା ଏକା ମୁହିଁ ।
ଦୁର୍ଗା , କାଳୀ, ଲକ୍ଷ୍ମୀ ସଭିଙ୍କ ବଦନେ
ଦେଖେ ତୋ ମୁଖର ହସ ।
ପାଉ ନାହିଁ କିନ୍ତୁ ତାଙ୍କରି କୋଳରୁ
ତୋର ସେ ଅମୃତ ସ୍ପର୍ଶ ।
ଜନନୀ ତୁ ମୋର ମମତା ସାଗରେ
ମୋ ପାଖେ ଥିବୁ ତୁ ରହି ।
ଚଲା ପଥ ମୋର କୁସୁମିତ ହେଉ
ତୋର ଆଶୀର୍ବାଦ ପାଇ ।



## ଅଧରେ ବଂଶୀ, ହୃଦୟେ ରାଧା ...



ଅଶୋକ କୁମାର ନାୟକ
କେନ୍ଦୁଡ଼ିପି, ନୟାଗଡ଼

ଅଧରେ ବଂଶୀ,ହୃଦୟେ ରାଧା,
ଭରିଛି ମନେ ପ୍ରେମର ବାଧା ।

ବଇଁଶୀ ସୁରେ ଯମୁନା ହସେ,
ରାଧା ନାମଟି ହୃଦୟେ ବସେ ।

ନୀଳ ଆକାଶେ ଜହ୍ନ ଆଲୋକ,
ପ୍ରେମେ ଭିଜେ ବୃନ୍ଦାବନ ଲୋକ ।

କଦମ୍ବ ତଳେ ମଧୁର ସ୍ୱର,
ରାଧା ଖୋଜେ ଶ୍ୟାମ ସୁନ୍ଦର ।

ଅଧର ବଂଶୀର ମିଠା ତାନ,
ଜାଗେ ମନରେ ପ୍ରେମର ଗାନ ।

ଦୂରେ ଥିଲେ ବି ନିକଟ ଲାଗେ,
ରାଧା ନାମଟି ହୃଦୟେ ଜାଗେ ।

ପ୍ରେମ ନୁହେଁ କେବଳ ମିଳନ,
ବିରହେ ଥାଏ ତା'ର ସ୍ପନ୍ଦନ ।

ଅନୁଭବରେ ପ୍ରେମ ଗଭୀର,
ରାଧା ଶ୍ୟାମ ପ୍ରେମ ହିଁ ଅମର ।

ବଇଁଶୀ ସୁରେ ମନ ମଗନ,
ରାଧା ପ୍ରେମରେ ଭରେ ଜୀବନ ।

ଅଧରେ ବଂଶୀ, ହୃଦୟେ ରାଧା,
ପ୍ରେମ ହିଁ ତାଙ୍କ ଜୀବନ ସାଧା ।



# ଏ ମାଟିର ପବିତ୍ର ମନ୍ଦିର ...



ରାଜଶ୍ରୀ ସାହୁ
ସତ୍ୟବାଦୀ, ପୁରୀ

ନୀଳ ଆକାଶ ତଳେ ଆଉ ଉତ୍କଳର ପୁଣ୍ୟ କୋଳରେ
ଜନମିଛି ଏହି ଅନୁଷ୍ଠାନ,
ଜନ୍ମିଛନ୍ତି ଏଠି କେତେ ରଥୀ ମହାରଥୀ
ଆଉ ରଖିଛନ୍ତି ମାନ ସନମାନ ।
ଜ୍ଞାନର ଗଙ୍ଗା ଯେଉଁ ପବିତ୍ର ଭୂମିରେ
ବହେ ଅନବରତ,
ସୂର୍ଯ୍ୟର ପ୍ରଥମ କିରଣ ପଡ଼ିଲେ ତାହା ହୁଏ
ସୁବର୍ଣ୍ଣ ପ୍ରଭାତ ।
ଅକ୍ଷରର ଆଳତି ଜଳିଲେ ଜାଗିଦିଏ
ନୂତନ ଆଲୋକ,
ଇଏତ ମୋ ଓଡ଼ିଆ ବିଶ୍ୱବିଦ୍ୟାଳୟ
ଆମ ଜୀବନର ନୂଆ ଅଭିଲେଖ ।
ଏଠି ଶବ୍ଦ ଭିତରେ ଭରି ହୋଇ ରହିଥାଏ
ଜୀବନର ସାଧନା ,
ଏଠି କଲମର ପ୍ରତି କାଳିରେ ରହିଥାଏ
ନୂଆ ନୂଆ ଚିନ୍ତା ଓ ଚେତନା ।
ପ୍ରତି ଶିଷ୍ୟର ସଫଳତାର ଶ୍ରେୟ ରେ ଯିଏ
ହୁଅନ୍ତି ମାଧ୍ୟମ ,
ଜୀବନର କଣ୍ଟକିତ ପଥକୁ ସରଳରୁ ସରଳ ଭାବରେ
କରିଦିଅନ୍ତି ସୁଗମ୍ୟ ।
ଏଠି ଗୁରୁଙ୍କ ଗାଳି ବି ଶୁଭେ ଶୁଭ ସାହାନାଇ ପରି,
ହଁ ସେହି ମାନେ ତ ହେଉଛନ୍ତି ଆମ ସାହିତ୍ୟର
ଏକ ଏକ ଚିରନ୍ତନ ପ୍ରହରି ।
ଏଠି ଗୁରୁଙ୍କ ର ମୃଦୁ ବଚନ ଦେଇଥାଏ ସତ୍ୟ ଓ ନ୍ୟାୟର ପଦଚିହ୍ନ,
ଏଠି ପ୍ରତେକ ଶ୍ରେଣୀ ଗୃହର କାନ୍ଥରେ ଲେଖା ଥାଏ
ନୂତନ ଭବିଷ୍ୟତର ସ୍ୱପ୍ନ ।

ଏ ମାଟିରେ ଏମିତି କିଛି ଲେଖା ଅଛି
ଯାହା ସ୍ମରଣୀୟ ହୋଇ ରହିବ ଚିରଦିନ,
ଏ ପବନରେ ଏମିତି ମହକ ଭରି ରହିଛି
ଯିଏ ଉପଭୋଗ କରି ଜାଣିବ
ସେ ହେଇଯିବ ମହାନ୍ ।
ଏଠି ଖାଲି ମଣିଷ ନୁହେଁ ଚରିତ୍ର ଗଢ଼ିବାର ସ୍ୱପ୍ନ ଦେଖା
ଯାଏ,
ଏଠି ଖାଲି ଜୀବନ ଜୀଇଁବା ନୁହଁ
ଜୀବନକୁ ସାର୍ଥକ କରିବାର ରାସ୍ତା ଦେଖାଯାଏ ।
ଏହା କେବଳ ମୋ ବିଶ୍ୱବିଦ୍ୟାଳୟ ନୁହଁ
ଏହା ଏ ମାଟିର ପବିତ୍ର ମନ୍ଦିର,
ଏଠି ମୋ ଗୁରୁ ଗୁରୁମା ମାନେ ଭଗବାନଙ୍କ ରୂପରେ
ସବୁ ଛାତ୍ର ଙ୍କ ଜୀବନକୁ କରିଦିଅନ୍ତି ସୁନ୍ଦର ।
ହଁ ଆପଣ ମାନେ ଏ ବିଶ୍ୱ ବିଦ୍ୟାଳୟ ରୂପୀ
ମନ୍ଦିରର ଜୀବନ୍ତ ଠାକୁର,
ହଁ ଏ ମାଟିର ଏହା ପବିତ୍ର ମନ୍ଦିର ।
ହଁ ଏ ମାଟିର ଏହା ପବିତ୍ର ମନ୍ଦିର ।

# ସ୍ମୃତି ତୁମ ପାଇଁ ପଦେ ...



ନିରୁପମା ମିଶ୍ର
(ଅଧ୍ୟାପିକା) U.N କଲେଜ,
ଅଡ଼ଶପୁର

ସ୍ମୃତି !ତୁମେ କାହା ପାଇଁ
ଅତୀତ, ଅଭିଶାପ···
ପ୍ରତିଶୃତି କାହା ପାଇଁ
କୁହା ଅକୁହା କଥା ତ '
ବ୍ୟଥା ର ଆଞ୍ଜୁଳାଏ ତର୍ପନିତ ଦୁଃଖ··· ।

ମିଛ, ସତ, ପାପ ର
ଅଭିସାର ତମେ ସ୍ମୃତି,
ପ୍ରତିଶୃତି ଓ ପ୍ରତ୍ୟାଶା ର ମଞ୍ଜରୀତ ତିଥି.
ହେମନ୍ତ ରୁ ଶରତ···.
ବସନ୍ତ ରୁ ଶ୍ରାବଣ.. ଯାଏ
କୋହ ଭିଜା କଦଭଂର ବିକର୍ସ ପୃଥିବୀ. ।



ପ୍ରେମୀ ଯୁଗଳ କ ସନ୍ଧ୍ୟାଧୂପ କେବେ ତୁମେ,
ବଂଶୀ ର ଧୂନ, ତ ଝରଣା ର ଝର ଝର ସ୍ୱନ.
କୋଇଲି ର ନିଧୟ କାନ୍ଦଣା ତୁମେ ସ୍ମୃତି,
କେବେ ପୁଣି ନିରୋଳା ନିର୍ଜନ ପ୍ରମିକା ର ରାତି.
ବିରହୀ ନବବଧୂ ର ଓଦା ଓଦା ଆଖି.।

ସ୍ମୃତି ତମେ ବହୁରୂପୀ,
କେତେବେଳେ ବିରହୀ ପ୍ରମିକା ର
ପୁଣି ବିବର୍ଣ୍ଣ ପ୍ରେମ ର.
ହଁ ଗୋ ସ୍ମୃତି ତୁମେ ସବୁବେଳେ ନିଜର
ଅତି ଆପଣର,
ନା ତମକୁ ଭୁଲି ହୁଏ ନାହିଁ ମନ ରଖିହୁଏ.
ତୁମେ, କେବେ ଝରି ଯାଅ ହସ ରେ
ପୁଣି କେବେ ଲୁହ ରେ···. ।

## କୃଷ୍ଣ କର୍ତ୍ତୃକ ବକାସୁର ବଧ ...



ସତ୍ୟନାରାୟଣ ପ୍ରଧାନ
ଆଠମଲ୍ଲିକ ,ଅନଗୁଳ

କଂସ ବିନାଶନ ଅର୍ଥେ ନାରାୟଣ କୃଷ୍ଣ ନାମେ ବୃନ୍ଦାବନରେ,
ଯଶୋଦା ନନ୍ଦନ ନନ୍ଦ ପ୍ରାଣଧନ ହୋଇ ବିଚରନ୍ତି ଖୁସିରେ
ଏକଥା, କଂସ **ବ୍ୟଥା** କଲା ବର୍ଦ୍ଧିତ
ଆଗରୁ ଶୁଣିଛି ନଭୋବାଣୀ ଅଛି କୃଷ୍ଣ କରିବ ତାକୁ ହତ ।
ମାରିବା ସକାଶେ ଉପାୟ କଲାସେ ବାଳକାଳେ ପେଶି ପୂତନା
ସ୍ତନେ ବିଷ ଭରି ଆସିଲା ସୁନ୍ଦରୀ ମାରିବାକୁ କଲା କଳ୍ପନା
କେଶବ କ୍ଷୀର ସହ ପ୍ରାଣ ଶୋଷିଲେ
ଶକଟାସୁର ତୃଣାବର୍ତ୍ତ ନିଧନ
ଅଘାସୁର ପ୍ରାଣ ନାଶିଲେ ।
ହୋଇ ନିରୁପାୟ ଏବେ କଂସରାୟ ବକାସୁର ଦୈତ୍ୟ ପେଶିଲା
ପର୍ବତ ସମାନ ଶରୀର ଧାରଣ ଯମୁନା କୂଳେ ବିଚରିଲା
ଦେଖିଲା ଗୋପବାଳ ସଙ୍ଗେ ମୁରାରି
ବତ୍ସା ରଖି ଆସି କେଳିରସେ ରସି ନାଚି କରନ୍ତି ନାନା କେଳି ।
ଧାଡିକାରେ ଯାଇ ଅଣ୍ଟକୁ ମେଲାଇ ଗିଳିଦେଲା କଳାକାହ୍ନୁଙ୍କୁ
ବ୍ରହ୍ମାଣ୍ଡ ନାୟକ କରି ଉପାୟେକ ବହ୍ନିତେଜୋରାଶି
ନିଜକୁ କଲାରୁ,ରାକ୍ଷସ ହେଲା ଭୀତତ୍ରସ୍ତ
କରୁ ଉଦ୍ଗିରଣ ବହିରାଗମନ କଲେ କେଶବ ହୋଇ ହୃଷ୍ଟ ।
ପୁନଶ୍ଚ ସେ ବକ ମାରିବା ସଉକ କରି ଆଘାତ କଲା ଥଣ୍ଟେ,
କୃଷ୍ଣ କଲେ ଚିନ୍ତା ଅସୁର ଅହନ୍ତା ନାଶ କରିବେ ଧରି ଆଣ୍ଟେ
ଦିଫାଳ ଥଣ୍ଟ ଦୁଇ କରେ ଧରିଲେ
କୀଚକ ଚିରିଲା ପରି ଚିରିଦେଲେ ବକ ମଲା ପ୍ରାଣ ବିକଳେ ।
ଦେଖି ଗୋପବାଳ ପକାଇ ଚହଳ ତାଳି ମାରି କଲେ ନର୍ତ୍ତନ
କରନ୍ତି କୀର୍ତ୍ତନ ଧନ୍ୟ ନାରାୟଣ ରଖିଲୁ କୃଷ୍ଣର ଜୀବନ ।
ନହେଲେ କି ବାଳଦେହେ ଏତେବଳ ହୁଅନ୍ତା ମାରିଥାନ୍ତା ବକ
ଘରେ ଘରେ ହେଲା ନାରାୟଣ ପୂଜା ନନ୍ଦ ଯଶୋଦା ହୋଇ ରଙ୍କ
ପୁତ୍ରକୁ କୋଳେଧରି ଚୁମ୍ବ ଦିଅନ୍ତି
ଏଦୃଶ୍ୟ ଚିନ୍ତନ ସତ୍ୟନାରାୟଣ କରି ତୁଟାଏ ମନୁ ଭ୍ରାନ୍ତି ।



## ଜୟ ମା ଦୁର୍ଗା ...



ପ୍ରତିମା ଶତପଥି
ଭାଗବତ ପୁର, ଯାଜପୁର

ଆସିଲା ଋତୁ ଶରତ, ହସି ଉଠିଲା ମରତ
ଅପରୂପ ଶୋଭାରେ ଧରଣୀ ହସିଲା
ମାତା ଦୁର୍ଗାଦେବୀଙ୍କର ହୋଇବ ଧରାବତାର
ନଗର ସହର ଗ୍ରାମ ଚଞ୍ଚଳ ହେଲା
ନବ ଦିନ ପାଇବେ ପୂଜା
ଘଣ୍ଟ, ଶଙ୍ଖ, କାହାଳି ଓ ବାଜିବ ବାଜା.

ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନି,ଶବ୍ଦରେ କମ୍ପେ ଅବନୀ
ଆକାଶରୁ ପୁଷ୍ପ ବୃଷ୍ଟି କରନ୍ତି ଦେବେ
ସିଂହ ବାହନରେ ମାତା, ଆସି ହେବେ ଆବିର୍ଭୂତା
ଆନନ୍ଦମନେ ହଳଦୀ ବସନ୍ତରାବେ
ଦେଖି ଉଲ୍ଲସିତ ହୃଦୟ
ସୁଗନ୍ଧ ବିତରି ବହେ ମୃଦୁ ମଳୟ.

କୁମ୍ଭାଟୁଆ ପକ୍ଷୀ ଦେଖ, ଗାଉଅଛି ମାଙ୍ଗଳିକ
କୁସୁମ ବୀଣା କୁ ବଜାଉଛି ଭ୍ରମରୀ
ଶୁଭ୍ର କାଶତଣ୍ଡୀ ଫୁଲ, ହସି ଢାଳୁଛି ଚାମର
ଝିଙ୍କାରି ବଜାଉଛି ମଙ୍ଗଳ ମହୁରୀ
ଆସ ମା ଦୁର୍ଗତି ନାଶିନୀ
ଦୁଷ୍ଟ ନାଶି ସନ୍ଥ ପାଳି ରଖ ଧରଣୀ.

କାନନେ ସୁଗନ୍ଧ ଫୁଲ, ମଧୁ ଲୁଟନ୍ତି ଭ୍ରମର
ନିର୍ମଳ ସରୋବରରେ ଫୁଟିଛି କଇଁ
ନୀଳ ଆକାଶରେ ଜହ୍ନ ଦେଖି ତା ମନ ଉଚ୍ଛନ୍ନ
ଅପଲକ ନୟନରେ ରହିଛି ଚାହିଁ
ଚାରୁ ସୁଷମାରେ ଜଗତ
ଆନନ୍ଦ ଉଲ୍ଲାସ ଭରି ଅଛି ସର୍ବତ୍ର.

ଆସ ମାତା ଶିବା ଗୌରୀ, ହସ୍ତେ କାତି ଖଣ୍ଡ ଧରି
ଅବନୀରୁ ଦୁଷ୍ଟ ନାଶି ସନ୍ଥକୁ ପାଳ
ମଣିଷ ରୂପି ମହିଷା, ଦିଅନ୍ତି ନାନା ଦୁର୍ଦ୍ଦଶା
ପରିସ୍ଥିତି ହୋଇଗଲାଣି ଅସମ୍ଭାଳ
ଆସ ମା ଜଗତ ଜନନୀ
ସୁଖ ଶାନ୍ତି ଆନନ୍ଦରେ ହସୁ ଅବନୀ

## ବାପା ତୁମ ବିନା ...



**ବିକାଶ ରଞ୍ଜନ ନାୟକ**
(ସମ୍ପାଦକ : "ଆମରି କବିତା" ଇ-ପତ୍ରିକା)
ଦୟାନିଧି ପୁର. ବାଲିମେଦ. ଭଦ୍ରକ.

ବାପା ତୁମ ବିନା
ଭଲ ଲାଗେନା ଭଲ ଲାଗେନା |
ତୁମ କଥା ଦିନେ
ଭୁଲି ହୁଏନା ଭୁଲି ହୁଏନା .

ବାପା ତୁମେ ପାଖରେ ଥିଲେ
ମୋତେ ଭାରି ଭଲ ଲାଗେ.
ତୁମ ସ୍ମୃତି ମନେ ପଡି ଗଲେ
ମୋତେ ଭାରି କାନ୍ଦ ଲାଗେ |

କେଉଁଠି ଅଛି, କେମିତି ଅଛି
ମୋ ପାଖକୁ ଫେରିଆସ .
ତୁମ କଥା ବେଶୀ ମନେ ପଡୁଛି
ରାତି ହେଲେ କାନ୍ଦୁଛି ବସି |
ଶାନ୍ତି ରେ ଦିନେ ଶୋଇ ପାରୁନି
ମୋତେ ଦାନା ପାଣି ରୁଚୁନି .
ତୁମେ ଚାଲି ଗଲା ପର ଦିନୁ
ମୋର କେଉଁଠି ମନ ଲାଗୁନି |
ବାପା ତୁମ ବିନା
ଭଲ ଲାଗେନା ଭଲ ଲାଗେନା |

ଦୁନିଆଁ ର ସବୁଠୁ ଭଲ ମୋ ବାପା
ମୋ ବାପା ପରି କେହିଁ ହେବେନି.
ତୁମ ଋଣ ସୁଝି ପାରିନି ବାପା
ତୁମେ ମୋ ଜୀବନ ସପନ |



## ଗଛ ଯେବେ କଥା କୁହେ ...



**ଶୁଭସ୍ମିତା ନାୟକ**
କାଦୁଆ, ପାଣିପୋଇଲା,
ନୟାଗଡ଼

ଗଛ ଟିଏ ମୁଁ ଗଛ ଟିଏ ,
ପରିବେଶ ର ଅଂଶ ଟିଏ ।
ସବୁବେଳେ ମୁଁ ବିଷ ପିଏ,
ପରିବେଶ କୁ ଅମ୍ଳଜାନ ଦିଏ ।
ମନିଷ ଙ୍କୁ ଚେର ମୁଳି ସହ
ନାନା ପ୍ରକାର ର ଔଷଧ ଦିଏ ।
ପକ୍ଷୀଙ୍କୁ ପୁଣି ଦିଏ ବାସ,
ସକାହାରୀ ପଶୁ ଙ୍କୁ ଦିଏ ଖାଦ୍ୟ ।
ସେଥିରେ ମୁଁ କେଉଁ କାମ କୁ ନୁହେଁ ,
କୁହନ୍ତି ଯାଇ ହାଣି ଦିଅ ଆଗ ।
ମୋରି ପାଇଁ ବର୍ଷା ହୁଏ,
ମୋରି ପାଇଁ ମଳୟ ପବନ ବହେ ।
ତଥାପି ମୁଁ କେଉଁ କାମ କୁ ନୁହେଁ,
କେମିତି ଏ ମାନବ ସମାଜ କୁହେ ।
ଲମ୍ବା ସଡ଼କ କରିବା ପାଇଁ,
ସବୁ ଗଛ କୁ ଦିଅନ୍ତି ହାଣି ।
ଗ୍ରୀଷ୍ମ ଋତୁ ରେ ବାହାରି ନପାରି
ସ୍କୁଲ୍ କଲେଜ ଛୁଟି ଦିଅନ୍ତି କରି ।
କଳକାରଖାନା ଗଢ଼ିବା ପାଇଁ
ଜଙ୍ଗଲ କୁ ମଧ ସଫା ଦିଅନ୍ତି କରି ।
ଜଙ୍ଗଲ ଯେତେ ସଫା ହୋଇଥାଏ,
ସୂର୍ଯ୍ୟ ଙ୍କ ଉତ୍ତାପ ସେତେ ବଢିଥାଏ ।
ଏତେ ଉଚ୍ଚ ଶିକ୍ଷିତ ହୋଇ ଥାଇ ବି,
କେମିତି ଏ ମାନବ ସବୁ ଭୁଲି ଯାଏ ।
ଠିଆ ହୋଇ ରହି ମୁ ଦିନ ରାତି ,
ଫୁଲ ଫଳ ସବୁ ପରସି ଚାଲିଛି ।
ଶୁଖିଲା ଗଛ ରେ ନ ଦେଇ ପାଣି,
ଲୋକ ତ ମରିଗଲା କହି ଉପାଡ଼ି ଦଉଛି ।
ଠିଆ ହୋଇ ଘର ଚାରି ପାର୍ଶ୍ୱ ରେ ,
ଘର ର ସୌନ୍ଦର୍ଯ୍ୟ ବଢାଇ ଥାଏ ।
ଏଥିରେ ମଣିଷ ସନ୍ତୁଷ୍ଟ ନ ହୋଇ,
ନକଲି ଫୁଲରେ ଘର କୁ ସଜାଏ ।
ଜାଣିନି ଗଛରେ ଆଉ କଣ ଦରକାର?
ଯାହା ପରେ ମନିଷ ମତେ କରିବ ଆଦର ।

# ବିଶ୍ୱାସୀ ବନ୍ଧୁ ...



**ସନ୍ତୋଷ କୁମାର ସାହୁ**
ଗାନ୍ଧୀ ନଗର,ଦ୍ୱିତୀୟ ଗଳି,
କୋରାପୁଟ

ବିଶ୍ୱାସୀ ବନ୍ଧୁଟେ ମନରେ ବିଶ୍ୱାସ
ଆତ୍ମିୟତା ଭାବ ଦେଇ
ଆଶାର ବାରିକୁ ମନରେ ଛିଞ୍ଚିଇ
ନୈରାଶ୍ୟ ଦୂରେଇ ନେଇ....
ଆଶାର ପ୍ରତୀକ ନିସ୍ୱାର୍ଥ ମହକ
ସତ୍ୟର ରୂପକୁ ଧରି
ବିଶ୍ୱାସୀ ବନ୍ଧୁଟେ ଯୋଗାଏ ସାହସ
ସେନେହ ମମତା ଭରି....
ବିଶ୍ୱାସୀ ବନ୍ଧୁଟେ ନୁହେଁ ସ୍ୱାର୍ଥପର
ମନକୁ କରାଏ ଦୃଢ଼
ନିରସ ପ୍ରାଣରେ ଫୁଟାଇ ଦିଏ ସେ
ଅଫୁଟା କୁସୁମ କଢ଼...
ବିଶ୍ୱାସୀ ବନ୍ଧୁଟେ ଉଚିତ ପଥକୁ
ସାନ୍ତ୍ୱନା ଧର୍ଯ୍ୟକୁ ଦେଇ
ସୁଦୃଢ଼ କରାଏ ମନର ଭାବନା
ଅନ୍ଧାରେ ଆଲୋକ ହୋଇ...
ବିଶ୍ୱାସୀ ବନ୍ଧୁଟେ ଗଢ଼େ ଭଙ୍ଗା ମନ
ସୁଖେ ଦୁଃଖେ ପାଶେ ଥାଇ
ମନରେ ଉତ୍ସାହ ଭରସାକୁ ଦେଇ
ଆପଣା ପରିକା ହୋଇ....
ବିଶ୍ୱାସୀ ବନ୍ଧୁଟେ ଆଶାର କିରଣ
ମୂଳମନ୍ତ୍ର ପ୍ରେରଣାର
ବିଷାଦ ପ୍ରାଣରେ ଅମିୟ ପୁଲକ
ମନବଳ ଉପହାର...



# ଚନ୍ଦ୍ରମଲ୍ଲୀ ତପସ୍ୱିନୀ...



**ସୁଜିତ୍ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର

ସଜେଇ ରଖିଛି ସ୍ୱପ୍ନ ନୀଡ ମୋର କେଉଁ କାଳୁ ତୁମ ପାଇଁ,
କେବେ କେଉଁ ଦିନ ପ୍ରେମୀଳ ଆଖିର ଚାହାଣୀରେ ଦେବ ଛୁଇଁ ।

ମିଠା ମିଠା ହସ ଶ୍ରାବଣରେ ମୋତେ ଭିଜାଇବ ମନଭରି,
ଗାଆଁ ନଈ ଆମ ଗାଉଥିବ ଗୀତ ଗଉରୀ ମାଧବୀ ପରି ।

ନିର୍ଝରିଣୀ ପରି କହୁଥିବ କଥା ନୀଳଶାଢ଼ୀ ବଧୂବେଶୀ,
ବିନ୍ଦୁ ବିନ୍ଦୁ ଲାଜ ବର୍ଷାରୁ ଝରିବ ଭାବମହୁ ବେଶୀ ବେଶୀ ।

ପାରିଦେବ ତୁମ ପ୍ରଣୟ ଶେଜକୁ ପ୍ରୀତିଭରା ଶିହରଣେ,
ଅତନ୍ଦ୍ର ରଜନୀ ଆଳାପରେ ଥିବ ଅନୁରାଗ ବିହରଣେ ।

ମନ୍ଦ୍ର ମଳୟରେ ଭରିଦେବ ତୁମେ ଚନ୍ଦ୍ରମଲ୍ଲୀ ତପସ୍ୱିନୀ,
କୋଟିଏ ଫଗୁଣ ଫୁଲ ଦେଉଥିବ ତୁମର ପଣତ କାନି ।

ଦୂରେ ଗଲେ ତୁମେ ଲେଖୁଥିବ ଚିଠି କାବ୍ୟପ୍ରାଣ ଶୃଙ୍ଗାରରେ,
ଅଧରରେ ଥିବ ମୋ ଅନ୍ତର କଥା ଅଶ୍ରୁଭିଜା ପ୍ରତୀକ୍ଷାରେ ।

ତୁମେ ତ ରୂପସୀ ପୁଲକିତ ଋତୁ ଅଭିମାନୀ ତାରାଫୁଲ,
ତୁମ ଆଗମନେ ତାତିରୁ ଝରଇ ତୋଫା ଜହ୍ନ ମଧୁ କାଳ ।

## ବିଦେଶରେ ରହେ ପୁଅ ...



**ଶିଶିର କୁମାର ପଣ୍ଡା**
କୁଆଁସ , ମେରଦା କାଟିଆ , ଯାଜପୁର

ପୁଅକୁ ଏମିତି ପାଠ ପଢ଼େଇଲି
ବିଦେଶରେ ଗଲା ରହି
ଘରକୁ ଆସିନି ପାଞ୍ଚ ବର୍ଷ ହେଲା
ଆମେ ତାକୁ କହି କହି ।
ମାଆ ଚାଲିଗଲା, ତଥାପି ଶୁଦ୍ଧିକୁ
ଆସି ପାରିଲାନି ସିଏ
ମାସ ଆରମ୍ଭରେ ଗୁଗୁଲୁ ପେଏରେ
ପଇସା ପଠେଇ ଦିଏ ।
ଭଲମନ୍ଦ ସବୁ ପଚାରି ବୁଝଇ
ଭିଡ଼ିଓ କଅଲ କରେ
ସେଇଠି ଥାଇକି ଟିଭି, ଇଲେକ୍ଟ୍ରିକ୍ ,
ଫୋଅନ ବିଲଇ ଭରେ ।
ବେଳେବେଳେ କହେ, ଜମିବାଡ଼ି ବିକି
ଏଠିକି ପଳେଇ ଆସ
କିଛି ଲାଭ ନାହିଁ ଗାଆଁରେ ରହିକି
କରିଲେ ଡାଲୁଅ ଚାଷ ।
ଭଲକି ଜାଣିଛି ତାଆରି ଆସିବା
ବାଟକୁ ମୁଁ ଚାହିଁ ଚାହିଁ
ମରିବି ସିନା, ସେ ମୁହଁରେ ମୋହର
ପାଣି ମୁନ୍ଦେ ଦେବ ନାହିଁ ।



## ପ୍ରଥମ ପ୍ରେମ ...



ତ୍ରିନାଥ ପଟ୍ଟନାୟକ
ଅଧ୍ୟାପକ,ସାଇ ଶ୍ରଦ୍ଧା ମହାବିଦ୍ୟାଳୟ,
ଅଶୋକ ନଗର, କୋରାପୁଟ

ଆଜି କାଇଁ ସାଥି ତୋତେ ଝୁରେ ଏ ମନ
ଦେଖିବାକୁ ଇଚ୍ଛା ଖାଲି ତୋ ସ୍ବପ୍ନ
ଭାରି ଅସହାୟ ତୋ ବିନା ଏ ଜୀବନ
ଜଲଦି ଚାଲି ଆସେ ମୋର ଧନ ।।

ଚାଲିଆ ମୋ ପାଖେ ତୋତେ ଦେଉଚି ରାଣ
ଦେଖିବାକୁ ତୋତେ କରେ ବାହାନା
ଦେଖାହେଲେ ତୋ ଆଖି ସାଥେ ମୋ ଏ ଆଖି
କଣ କହିବି କହି ଯେ ହୁଏନା ।।

ବୁଝି ପାରେନା ଏ କାହିଁ ହୁଏ ମୋ ସାଥେ
ଭଲ ପାଏ ତୋତେ କରୁନି ପାପ
କେମିତି କହିବି ତୋତେ ବାଟ ପାଉନି
ଭଲ ପାଇବା କଣ ଅଭିଶାପ ।।

ତଥାପି କାହିଁକି ଆଜି ବୁଝେନା ମନ
ଭାରି ଅସହାୟ ତୋ ବିନା ଲାଗେ
କହି ମୁଁ ପାରେନା ହେଲେ ପାଉଛି ଭଲ
ତୋ ସହ କଥା ହେଲେ ଭଲ ଲାଗେ ।।

ନିଜ ଠାରୁ ତୋତେ ବେଶି ଭଲ ପାଉଛି
ତୋ ପାଇଁ ସାରା ରାତି ବସି ଭାବେ
କରିଛି ମୁଁ ତୋତେ ମୋ ଆଖିର ଆଇନା
ଛାତିର ସ୍ପନ୍ଦନ ତୋ ପାଇଁ ଜାଗେ ।।

ମନା ତୁ କରିଲେ ଭାଙ୍ଗି ଯିବ ମୋ ମନ
ତୋତେ ଛାଡ଼ିଲେ ଚାଲି ଯିବ ପ୍ରାଣ
ଆଜି କାଇଁ ସାଥି ତୋତେ ଝୁରେ ଏ ମନ
ତୁ ପରା ଅଟୁ ମୋ ଜୀବନ ଧନ ।।



## ପ୍ରୀତି ଦିଶେ ଅପରୂପ ...



**ଗୋଲୋକବିହାରୀ ବେହେରା**
ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ,
ଷଡ଼ଙ୍ଗୀ, ଢେଙ୍କାନାଳ

ଜାଣି ପାରିଲନି ପ୍ରେମର ଦୈର୍ଘ୍ୟ
ଛାତିରେ ଛାତିକୁ ମାପି,
ଓଠରେ ଓଠକୁ ମିଶାଇ ଦେଲେ ବି
ପାରିଲନି ପ୍ରୀତି ମାପି ।

ମନର କାମନା ବଢ଼ିଯାଏ ଯେବେ
ଦେହର ସରାଗ ବଢ଼େ,
ଦେହରେ ଦେହର ମିଳନ ଘଟିଲେ
ପ୍ରେମର ମୂରତି ଗଢ଼େ ।

ବ୍ୟାକୁଳତା ସହ ଭଲ ପାଇବାଟା
ଲୁହ ବିରହର ନାମ,
ନିଜର ସକଳ ଶୁଦ୍ଧତା ସମର୍ପି
ଦେବାର ଆନନ୍ଦ ପ୍ରେମ ।

ଅନ୍ଧପଣ ଦୂର କରେ ଅନାୟାସେ
ମଣିଷ ହୁଏ ଉଦାର,
ଜାଗତିକ ସୁଖ ସୁବିଧା ସୁଯୋଗ
ତ୍ୟାଗ କରିଦିଏ ନର ।

ତ୍ୟାଗ ସହ ଯଦି ଅନୁରାଗ ରହେ
ଭାବର ସହିତ ରୂପ ,
ଶରୀର ସହିତ ଆତ୍ମା ମିଶିଗଲେ
ପ୍ରୀତି ଦିଶେ ଅପରୂପ ।



**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ** : ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା** : ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା** : ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା** : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, **ସଂଯୋଜକ** : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ଫେରାଇ ଦିଅ ପ୍ରଭୁ ...



ଜୟନ୍ତ ଦାସ ପ୍ରଫୁଲ୍ଲ
ଥାଲସଡା, ବାହାନଗା ,
ବାଲେଶ୍ୱର

ମୋ ତପ ଧୂପ ଦୀପ ଫେରାଇ ଦିଅ ହେ ପ୍ରଭୁ
ମୁଁ ମାଗିଥିବା ମଣିଷ କୁ ପାଇ ପାରିଲି ନାହିଁ ,
ମୋ ଭୋଗ ରାଗ ତକ ଫେରାଇ ଦିଅ ହେ ପ୍ରଭୁ
ମୋ ଡାକ ତମେ ଶୁଣି ପାରିଲନି କାହିଁ ।।

ମୋ ଭକ୍ତି ଶକ୍ତି ସବୁ ଫେରାଇ ଦିଅ ହେ ପ୍ରଭୁ
ମୁଁ ଆଉ ଭକ୍ତ ହେବି ନାହିଁ ଯେ ତୁମର ,
ମୋ ଆଶା ବସା ସବୁ ଫେରାଇ ଦିଅ ହେ ପ୍ରଭୁ
ମୁଁ ଆଉ କେବେ ଯିବିନି ତୁମ ଦୁଆର ।।

ମୋ ଆସ୍ତା ନିଷ୍ଠା ସବୁ ଫେରାଇ ଦିଅ ହେ ପ୍ରଭୁ
କରିବିନି ଆଉ ଭକ୍ତି କେବେ ତୁମକୁ ,
ମୋ ଉଷା ବ୍ରତ ସବୁ ଫେରାଇ ଦିଅ ହେ ପ୍ରଭୁ
ମୁଁ ଚାହିଁବିନି ଆଉ କେବେ ଦିଅଙ୍କୁ ।।

ମୋ ଜଳ ଫଳ ତକୁ ଫେରେଇ ଦିଅ ହେ ପ୍ରଭୁ
ତୁମେ ନୁହଁ ଭଗବାନ ,
ମୋ ଲୁହ କୋହ ସବୁ ଫେରାଇ ଦିଅ ହେ ପ୍ରଭୁ
ଭାଙ୍ଗିଲେ ଭାଙ୍ଗୁ ସ୍ୱାଭିମାନ ।।



ମୋ ରାଣ ପ୍ରାଣ ତକ ଫେରାଇ ହେ ପ୍ରଭୁ
ମୁଁ ନୁହେଁ ଆଉ ତୁମ ଭକ୍ତ,
ମୋ ରାଗ ଭାଗ ସବୁ ଫେରାଇ ଦିଅ ହେ ପ୍ରଭୁ
ମୁଁ ଚାହେଁ ନା ହେବାକୁ ଶକ୍ତ ।।

ମୋ ପ୍ରାର୍ଥନା ଯାତନା ସବୁ ଫେରାଇ ଦିଅ ହେ ପ୍ରଭୁ
ମୁଁ ସହିଯିବି ବାକି କଷ୍ଟ ,
ମୋ ବାଟ ଘାଟ ସବୁ ଫେରାଇ ଦିଅ ହେ ପ୍ରଭୁ
ମୁଁ ହେଇଯାଏ ପଥଭ୍ରଷ୍ଟ ।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ସମୟ ସ୍ରୋତରେ ଲେଖକ ...



**ଆଲୋକ କୁମାର ମୁଦୁଲି**
**କେଶରପୂର୍, ଦାନପୂର୍,**
**କେନ୍ଦ୍ରାପଡ଼ା**

ସମୟ ସହ ତାଳ ଦେବାକୁ ଯାଇ, ଏ ଲେଖକ ଟା ପ୍ରାୟ ମରିଯାଇଛି ।
ପେଶା ବା ବୃତ୍ତି ର ଆଢୁଆଳ ନେଇ........
ପେଶା ବା ବୃତ୍ତି ର ଆଢୁଆଳ ନେଇ, ନିଶା କଥା ପୁରା ଭୁଲିଯାଇଛି ।
ସମୟ ସହ ତାଳ ଦେବାକୁ ଯାଇ.......

ଦୁନିଆର ଏହି ଭିଡ଼ ଭିତରେ, ମାୟା ମମତା ର ମିଛ ଗୀତରେ । (୨)
ବୃଥା ଅଭିଳାଷ ପୂରଣ ଆଶାରେ, ଦିବା ସ୍ବପ୍ନ ର ମହୁଲି ନିଶାରେ ।।
ଲକ୍ଷ୍ମୀଙ୍କ ପଛରେ ଧାଇଁ ଧାଇଁ ମା.......
ଲକ୍ଷ୍ମୀଙ୍କ ପଛରେ ଧାଇଁ ଧାଇଁ ମା ସରସ୍ୱତୀ ହାତ ଛାଡି ଯାଇଛି ।
ସମୟ ସହ ତାଳ ଦେବାକୁ ଯାଇ.......
ମନ ଆଜିକାଲି କହୁନି କିଛି, ଗୁଣୁ ଗୁଣୁ ଗୀତ ଗାଉନି କିଛି । (୨)
ଏକା ଆଜିକାଲି ଭଲ ଲାଗୁନି, କଲମ କବିତା କେହି ଡାକୁନି ।।
ପଥଭ୍ରଷ୍ଟ ପରି ମନେ ହେଉନାହିଁ ........
ପଥଭ୍ରଷ୍ଟ ପରି ମନେ ହେଉନାହିଁ, କିନ୍ତୁ ପ୍ରଶ୍ନବାଚୀ ଟିଏ ସୃଷ୍ଟି ହେଇଛି ।
ସମୟ ସହ ତାଳ ଦେବାକୁ ଯାଇ.......



କବିତାର ପଂକ୍ତି ଉଙ୍କିମାରୁନି, ଶବ୍ଦ ବାଦଲବି ଡାକ୍ଦି ଦଉନି । (୨)
ଖାତାର ଫର୍ଦ୍ଦ ଆଉ ସରୁନି, କଲମରେ କାଳୀ ଆଉ ଭରୁନି ।।
ଲେଖିବାକୁ କେହି ରୋକିନି କେବେ.........
ଲେଖିବାକୁ କେହି ରୋକିନି କେବେ, ବୋଧେ ଦାୟିତ୍ୱଟା ହାତ ବାନ୍ଧି ରଖିଛି ।
ସମୟ ସହ ତାଳ ଦେବାକୁ ଯାଇ.......

ମନଥିଲା ସବୁ କହି ବୁଲିବି ।(୨)
ଇଚ୍ଛା ର ତୁଳୀ କୁ ହାତରେ ଧରି, ଶବ୍ଦ କୁ ସଜାଡି ଗାଇ ବୁଲିବି ।।
ଶବ୍ଦ ଅଭାବଟା ସଂଜ୍ଞାହୀନ ପ୍ରାୟ.......
ଶବ୍ଦ ଅଭାବଟା ସଂଜ୍ଞାହୀନ ପ୍ରାୟ , ମନ ଇଚ୍ଛା ମୃତ୍ୟୁ ପାଇସାରିଛି ।।
ସମୟ ସହ ତାଳ ଦେବାକୁ ଯାଇ, ଏ ଲେଖକ ଟା ପ୍ରାୟ ମରିଯାଇଛି ।

**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ** : ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା** : ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା** : ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା** : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,**ସଂଯୋଜକ** : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ବିଦ୍ୟା ...



**ପୂଜାରାଣୀ ମଙ୍ଗରାଜ**
ନିରାକାରପୁର, ଖୋର୍ଦ୍ଧା

ବିଦ୍ୟା ମୋର ସ୍ୱପ୍ନର ଆଲୋକ,
ଅନ୍ଧାର ରାତିରେ ଜହ୍ନର ଚମକ..
ଦରିଦ୍ର ଘରର ଛୋଟ ଆଶା ମୁଁ,
ପୁସ୍ତକ ପୃଷ୍ଠାରେ ଖୋଜେ ନୂଆ ଦିଗନ୍ତ...।
କେତେ ଝଡ ଆସୁ ଜୀବନ ପଥେ,
ମନ ମୋର ହାରିବାକୁ ଚାହେଁନି
ସ୍ୱପନ ମୋର ଆକାଶ ଛୁଇଁବ
ନିଜ ପରିଚୟ କୁ ଦିନେ ଗଢ଼ିବ ।
ବିଦ୍ୟା କେବଳ ଅକ୍ଷର ନୁହେଁ,
ଏହା ଜୀବନର ସତ୍ୟ ଶକ୍ତି..
ଯେଉଁଥିରେ ଲୁଚିଥାଏ ଆତ୍ମବିଶ୍ୱାସ,
ଓ ଭବିଷ୍ୟତର ନୂଆ ଭକ୍ତି....।
ମୁଁ ଚାହେଁ ଦିନେ ଏମିତି ହେବାକୁ
ମୋ ସଫଳତାରେ ଘର ହସୁ ।
ମା ର ଆଖିରେ ଗର୍ବ ଫୁଟୁ,

ବାପାଙ୍କ **ସ୍ୱପ୍ନ** ସତ୍ୟ ହେଉ...
ସେଥିପାଇଁ ଆଜି ମୁଁ ଆଗେଇ ଚାଲିଛି
ଅନେକ ସଂଘର୍ଷର ନୀରବ ପଥରେ -

କାରଣ ଶିକ୍ଷା ମୋର ଆଶାର ଦୀପ ହେଲେ, ଆଉ **ସ୍ୱପ୍ନ** ମୋର ବଞ୍ଚିବାର ପ୍ରେରଣା......।

# ହେ' ସଂକ୍ରାନ୍ତି ମଉଡ ମଣି ...



ଶୁଭଲକ୍ଷ୍ମୀ ବେହେରା
ଝାଜିଆ, ବଡମ୍ବା, କଟକ

ଜାତୀୟତା ପ୍ରୀତି, ସମାଜ ସୁବୃଦ୍ଧି,
ଉଦେଶ୍ୟେ, ଜନମୀ ତୁମ୍ଭେ
ବ୍ୟାସ କବି ନାମେ ଖ୍ୟାତି ଅର୍ଜନରେ
ଗରବ ମଣୁଛୁ ଆମେ ॥ ୧ ॥

ଏତେ ଦୃଢ ତୁମ୍ଭ ଦେଶ, ଜାତି ପ୍ରେମ
ଭାଷା ପାଇଁନେ ଆତ୍ମୋତ୍ସର୍ଗ,
ବିଦେସି ମାନଙ୍କ ବିତାଡିତ ପାଇଁ
କେତେ କରିଛ ସଙ୍ଘର୍ଷ ॥ ୨ ॥

ସମାଜ ବୁକୁରୁ ଆନ୍ଧ-ବିଶ୍ୱାସ ,
କୁ-ସଂସ୍କାରକୁ କାଢି,
ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନେ
ନାମ ରଖିଅଛି ଜିଣି ॥ ୩ ॥

ହେ ଜଶସ୍ୱୀ ପତି କବି ସରସ୍ୱତୀ,
ବୋଲାଇଛ ବ୍ୟାସକବି
ତୁମ୍ଭ ଆଗମନେ ଉଦିତ ତାପନ,
ଚତୁର୍ଦ୍ଦିଗେ ଆଙ୍କେ ଛବି ॥ ୪ ॥

ନିମ୍ନ - ମଧ୍ୟବିତ ପରିବାରେ ଜନ୍ମି,
ମଲ୍ଲିକାଶ ବଲେଶ୍ୱରେ,
ମକର ସଂକ୍ରାନ୍ତି କାଳଜୟୀ ହେଲା,
ତୁମ୍ଭର ଧରା ସ୍ପର୍ଶରେ ॥ ୫ ॥

"ଗାଳ୍ପିକ ", "ଲେଖକ ", "ଔପନ୍ୟାସିକ "
ସଙ୍ଗେ "କବି "ପଦ ଜିଣି
ପଞ୍ଚସ୍ତରୀ ବର୍ଷ ବୟସେ ମୁକ୍ତିକୁ
ଆଦରିଛ ହେ ବିଦ୍ୱାନୀ ॥ ୬ ॥
ନାରୀ ଶିକ୍ଷା ପାଇଁ ରେବତୀ ଗଳ୍ପରେ,

ଲକ୍ଷ୍ମଣ ଚରଣ ପିତା ଯେ ତୁମ୍ଭର,
ମାତା ସେ ତୁଳସୀ ଦେବୀ
ପ୍ରଥମ ପତ୍ନୀ ଯେ ଲୀଳାଦେବୀ ଅନ୍ତେ,
ଦ୍ୱିତୀୟରେ କୃଷ୍ଣଦେବୀ ॥ ୭ ॥

ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ,
ଭାଷା ଆନ୍ଦୋଳନ କଲ
'ବୋଧ ଦାୟିନୀ 'ଓ 'ନବସାମ୍ବାଦ '-
ବାହିକା ପତ୍ର ଛାପିଲ ॥ ୮ ॥

କଠିନ ଉଦ୍ୟମ, ଶତଚେଷ୍ଟା ବଳେ,
ବାଲେଶ୍ୱର ଜୀଲ୍ଲା ପୁରେ,
'ଉତ୍କଳ ପ୍ରେସ୍ ' ର  ଛାପାଖାନା ଗଢ଼ି
ସ୍ଥାନ ଦେଲ ଶ୍ରେଷ୍ଠତ୍ୱରେ ॥ ୯ ॥

କଳିଙ୍ଗ ମା'ର ଏ ଓଡ଼ିଆ ଭାଷା,
ଉନ୍ନତି ପ୍ରସାର ପାଇଁ
"ଉତ୍କଳ ଭାଷାର ଉର୍ନତି ବିଧାରା",
ସଭା ଗଢ଼ିଆଛୁ ତୁହି ॥ ୧୦ ॥

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ସମାଜକୁ ବାର୍ତ୍ତା ଦେଲ
ପ୍ରଥମ ଓଡ଼ିଆ ଗାଳ୍ପିକ ସାଜିଲ,
ବିଶ୍ୱେ ପରିଚିତ ଦେଲ ॥ ୧୧ ॥

ଏ ରେବତୀ ଆଜି ଲକ୍ଷ ରେବତୀଙ୍କୁ,
ଶିକ୍ଷିତ କରିଛି ଯେଣୁ
ନାରୀ ଙ୍କ ଉର୍ନତି ସମ୍ମାନରେ ତୁମ୍ଭ,
ନାମ ଆସେ ଆଗ ତେଣୁ ॥ ୧୨ ॥

କୋଡିଏଟି ଗଳ୍ପ ସଂକଳନ ତୁମ
ପାଠକଙ୍କ ମନ ଜିଣେ,
ଚଳଚ୍ଚିତ୍ର ରୂପେ ଗଣ ମାଧ୍ୟମରେ,
ପ୍ରସାରେ ସୁବାସ ଯେଣେ ॥ ୧୩ ॥

ସାରଲ୍ୟ ଭାଷାରେ 'ସଭ୍ୟଜମିଦାରେ '
ସଂସ୍କୃତି ସ୍ଥାନ ଦେଇଛ ,
କୋଟି ଓଡ଼ିଆଙ୍କ ଐତିହ ରାଜିକୁ,
ସୌନ୍ଦର୍ଯ୍ୟ ବିମଣ୍ଡି ଅଛ ॥ ୧୪ ॥

ସାମାଜିକ ରୀତି-ନିତି ପରମ୍ପରା
ତୁମ୍ଭ ଲେଖା ରସୁ ଝରେ,
ସେଥି ମଧ ଇତିହା, ରାଜନୀତି,
ବିଷୟର ଛିଟା ମିଳେ ॥ ୧୫ ॥

'ବାଲେଶ୍ୱର ପଙ୍ଗାଲୁଣ ','ରାହା ଯାନି '
'ମୌନା ମୌନୀ ', 'ରେବତୀ '
'ପୁନମୂଷିକ୍ ଭବ ', 'ଧୁଳିଆବାବା '
'ସୁନା ବୋହୁ ',' ଡାକ ମୁନ୍ସୀ ' ॥ ୧୬ ॥

'କାଳିକ ପ୍ରସାଦ ଗୋରାପ କାହାଣୀ '
ପୁଣୀ 'ଅଜାନତୀ କଥା',
'ପେଣ୍ଟେଡ୍ ମେଡିସିନ୍ ','ଗାରୁଡ଼ି ମନ୍ତ୍ର '
ହାସ୍ୟମୟୀ ଗଳ୍ପଗାଥା ॥ ୧୭ ॥

'ମାଧ ମହାନ୍ତିଙ୍କ କନ୍ୟା ସୁନା ' କଥା ,
'ପାଠେଇ ବୋହୂର ଗାଥା '
'ବିରେଇ ବିଶାଳ ','ବାଗଲା ବାଗୁଲି ',
'ରାଣ୍ଡିପୁଅ ପୁଅ ସେ ଅନନ୍ତା ' ॥ ୧୮ ॥

'ଛ' ମାଣ ଆଠଗୁଣ୍ଠ ','ମାମୁ 'ସଙ୍ଗେ,
'ଲଛମା 'ଓ 'ପ୍ରାୟଶ୍ଚିତ '
ଏ ଚାରୋଟି ତୁମ୍ଭ କାଳଜୟୀ ସୃଷ୍ଟି
ସଫଳତା ଉପନ୍ୟାସ ॥ ୧୯ ॥

କାବ୍ୟ, କବିତା ର ଉନ୍ମୋଚନ କଲ
ଉତ୍କଳ ଭ୍ରମଣ ଠାରେ,
'ପୁଷ୍ପମାଳା' , 'ଉପହାର', 'ପୂଜାଫୁଲ ',
'ପ୍ରାର୍ଥନା ', 'ଧୂଳି ' ରେ ସରେ ॥ ୨୦ ॥

ଏତଦ୍ ଭିନ୍ନ ମଧ ଭାବନୁବାଦିତ
ସ୍ରଷ୍ଟା ଅଟ ପରା ତୁମ୍ଭେ ,
'ରାମାୟଣ ' ଆଉ 'ମହାଭାରତ' ର
ସଂସ୍କୃତ - ଓଡ଼ିଆ ରୂପେ ॥ ୨୧ ॥

"ଆତ୍ମଜୀବନୀ ଚରିତ " ସାଜିଲା ,
ପ୍ରଥମ ଆତ୍ମଜୀବନୀ
ଜୀବନ କାଳ ର ଶତ ଦୁଃଖ ମଧ୍ୟେ
ଜିଣି ଅଛ ଜୟ ଧ୍ୱନି..
ତୁମ୍ଭେ ! ଜିନିଅଛ ଜୟ ଧ୍ୱନି.. ॥ ୨୨ ॥

ବିଦେଶୀ ଭାଷା କୁ ଶିକ୍ଷା ଲଭି ତୁମ୍ଭେ
ଜାଣି ତାଙ୍କ ମନ୍ଦ ବାଣୀ,
ଓଡ଼ିଆ - ବିଲୋପ ଷଡ଼ଯନ୍ତ୍ର ବୁଝି
ଦେଶ ରୁ ଦେଇଛ ତଡ଼ି..
ତାଙ୍କୁ ! ଦେଶରୁ ଦେଇଛ ତଡ଼ି.. ll ୨୩ ll

ମିସେରୀୟ ଭାଷା ସ୍ଥାପନ ଲାଳସେ
ଆସିଲେ ମନେ ବିଚାରି,
ଏଠି ଖାଇ ଆମ ଶାଗ ବଡ଼ିଚୁରା
ଫେରିଲେନି ତାଙ୍କ ପୁରି
ଆଉ ! ଫେରିଲେନି ତାଙ୍କ ପୁରି.. ll ୨୪ ll

ଉତ୍କଳ ମାଆ ର ସଭିଏଁ ସନ୍ତାନ,
ସଭିଙ୍କ ଗୋଟିଏ ନାଡ଼ି
ତଡ଼ି ନେଇ ତାଙ୍କୁ ବାହାରେ ଛାଡ଼ିଲ
ପଡିଲେ ସେ ମୁହଁ ମାଡି ll ୨୫ ll

ଆସିଥିଲେ ସେ ଯେ ଭାଡ଼ି ଶୋଇବାକୁ
ଦେବାକି ତାହାଙ୍କୁ ଛାଡ଼ି..?
ଠେଙ୍ଗା ବାଡ଼ି ଧରି ମାଡି ବସିଗଲ,
ପିନ୍ଧେଇଲ ତାଙ୍କୁ ଚୁଡ଼ି ll ୨୬ ll

ଭାଷା ପାଇଁ ଲଢ଼ି ସ୍ୱତନ୍ତ୍ରତା ଗଢ଼ି,
ପରଲୋକେ ଗଲ ଉଡ଼ି,
ତୁମ୍ଭ ଲେଖନୀର କାଳଜୟୀ ସୃଷ୍ଟି
ଶ୍ରେଷ୍ଠ ଲଭେ ତାଳି ମାରି.. ll ୨୭ ll

ଚୀର କାଳ ଅମରତ୍ୱ ଲେଖନୀରେ ,
ତୁମ୍ଭେ ଚଢ଼ିଅଛ ସିଡି
ସ୍ୱତନ୍ତ୍ରତା ଚାଖି ଏ ଓଡ଼ିଆ ଜାତି,
ନମସ୍ତେ ହାତକୁ ଯୋଡ଼ି...
ସେ ! ନମସ୍ତେ ହାତକୁ ଯୋଡ଼ି .. ll ୨୮ ll

ଶାସ୍ତ୍ରୀୟ ମୁକୁଟ ପିନ୍ଧାଇ ଭାଷା କୁ,
ଜାତି କୁ କରିଛ ଗୁଣି, ll ୨୯ ll
ଓଡ଼ିଆ ଜ୍ୟୋତି ର ସମୃଦ୍ଧ ଅର୍ଜନେ
ସଂକ୍ରାନ୍ତି ମଉଡ ମଣି..
ତୁମ୍ଭେ ! ସଂକ୍ରାନ୍ତି ମଉଡ ମଣି.. ll ୩୦ ll

ବ୍ୟାସେ ଙ୍କ ପ୍ରବୃତ୍ତି ବର୍ଣ୍ଣନା ରେ ତ୍ରୁଟି
ନ ଧରିବ ହେ ବିଦ୍ୱାନୀ,
ଅଜ୍ଞ ପ୍ରତିଭାର ଦୋଷ କ୍ଷମାଦେଇ
ସ୍ନେହ ଦେବେ ବିଜ୍ଞ ଜ୍ଞାନୀ..
ସ୍ନେହ ଦେବେ ବିଜ୍ଞ ଜ୍ଞାନୀ.... ||୩୧||

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ପୁରୁଷର ଅକୁହା ବେଦନା ...



ମୋନାଲିସା ଛୋଟରାୟ
ଭୁବନେଶ୍ୱର, ଖୋର୍ଦ୍ଧା

ସେ କାନ୍ଦିବାକୁ ଶିଖିନଥିଲା,
ଶିଖିଥିଲା କେବଳ ସହିବାକୁ;
ହୃଦୟର ଗଭୀର ଘା' କୁ ଲୁଚାଇ
ହସର ଆବରଣ ପିନ୍ଧି ରହିବାକୁ ।

ତା' ଛାତି ଭିତରେ ଝଡ଼ ଉଠୁଥିଲା,
ବଜ୍ରର ଗର୍ଜନ ଥିଲା ନିରବ;
କେହି ଶୁଣି ପାରିଲେନି ସେ ଶବ୍ଦ,
କେହି ବୁଝି ପାରିଲେନି ସେ ଦୁଃଖର ରବ ।

ଦୁନିଆ ଦେଖିଲା ତା' ଶକ୍ତ ହାତ,
ଦେଖିଲା ଦାୟିତ୍ୱର ଭାର;
କିନ୍ତୁ ଦେଖିପାରିଲା ନାହିଁ ସେ ହୃଦୟ,
ଯାହା ଥିଲା ଅନେକ ଯନ୍ତ୍ରଣାର ଘର ।

ଆଖିର ଲୁହ ହେଲା ଏକ ନିରବ ନଦୀ,
ଅନ୍ଧାର ରାତିରେ ବହୁଥିଲା ଚୁପଚାପ;
ପ୍ରତିଟି ସ୍ୱପ୍ନର ଭଙ୍ଗା ଟୁକୁଡ଼ାକୁ
ନେଇଯାଉଥିଲା ଦୂର ଅଜଣା ପଥ ।

"ଭଲ ଅଛି" କହି ସେ ହସିଦେଉଥିଲା,
ଯେତେବେଳେ ଭିତରେ ଭାଙ୍ଗୁଥିଲା ମନ;
ଏକାକୀପଣ ତା' ସାଥୀ ହୋଇ
ଗଣୁଥିଲା ଅକୁହା ଲୁହର ଗଣନ ।

ସବୁ ଘା' ଶରୀରେ ଦିଶେନାହିଁ,
ସବୁ କାନ୍ଦଣାର ଶବ୍ଦ ନଥାଏ;
କିଛି ପୁରୁଷ ଅନ୍ଧାରେ ଭାଙ୍ଗିଯାନ୍ତି,
କେହି ତାଙ୍କ ବେଦନା ଦେଖିନଥାଏ ।

ତଥାପି ପ୍ରତି ସକାଳେ ସେ ଉଠେ,
ରାତିର ଘା'କୁ ହୃଦୟରେ ନେଇ;
ଏକ ନିରବ ଯୋଦ୍ଧା ପରି ଚାଲେ,
ନିଜ ବେଦନାକୁ ନିଜେ ବୋହି ନେଇ ।

କେବେ ଯଦି ଦେଖ ଏମିତି ଜଣେ ପୁରୁଷ,
ଯାହାର ଆଖିରେ ଲୁଚିଥାଏ ଅନେକ କଥା;
ମନେ ରଖ, ସବୁଠାରୁ ଦୃଢ଼ ହୃଦୟରେ ହିଁ
ରହିଥାଏ ସବୁଠାରୁ ଗଭୀର ବ୍ୟଥା ।

ଅକୁହା ଲୁହ, ଅକୁହା ବେଦନା,
ନାହିଁ ତା'ର କୌଣସି ନାମ;
ତାହା କେବଳ ଜଳି ରହେ ନିରବରେ,
ଜଣେ ପୁରୁଷର ହୃଦୟ ଭିତରେ ଅବିରାମ ॥

## ପଣତକାନିର ସେଇ ମେଘୁଆ ଛାଇ ...



ଗାୟତ୍ରୀ ମାହେଶ୍ୱରୀ ମଙ୍ଗରାଜ
କେନ୍ଦୁଝର

ସାରା ଦୁନିଆର ଖରା ତାତି ଯେବେ
ଦେହ ଓ ମନକୁ ଦିଏ ଜଳାଇ,
ମନେପଡେ ସେବେ ଆଖି ବୁଜିଦେଲେ
ପଣତକାନିର ସେଇ ମେଘୁଆ ଛାଇ ।।
ସେ ଛାଇ କେବେ ବି ବାଦଲ ଆଣେନା,
ଆଣେ ସେ ତ ମମତାର ଶୀତଳ ପବନ ।
ତା'  କୋଳରେ ମଥା ରଖିଦେଲେ କାହିଁ
ପାଶୋରି ହୋଇଯାଏ ସବୁଯାକ ଜଳନ ।
ସେ ପଣତେ ଅଛି ସଂସାରର ସବୁ ସୁଖ
ଯେତେ ଖୋଜିଲେ ବି ମିଳିବନି କାହିଁ ।।
ବୋଉର ସେଇ ମେଞ୍ଚେ ଲୁହର ଆଦ୍ରତା
ଆଉ ଓଠର ସେଇ ଅକୁହା ନିରବତା ।
ନିଜେ ଜଳି ଯିଏ ସନ୍ତାନ ପାଇଁ
ସାଜିଥାଏ ସଦା ସ୍ନେହର ସେଇ ଛତା ।
ସେ ତ୍ୟାଗର ଆଗେ ମଥା ନଇଁଯାଏ
ଯାହାର ତୁଳନା ଏ ବିଶ୍ୱେ ନାହିଁ ।।
ଆଜି ସହରର ଏଇ କୋଳାହଳ ଭିତରେ,
ବଡ଼ ଏକୁଟିଆ ଲାଗେ ଏହି ବଡ଼ ମଣିଷପଣରେ ।
ଇଚ୍ଛା ହୁଏ ପୁଣି ସେଇ ପିଲାଦିନକୁ ଫେରିବାକୁ
ବୋଉର ସେଇ ସୁରକ୍ଷିତ ଆଶ୍ରୟ ଭିତରକୁ ।
ଖୋଜୁଛି ମୁଁ ଆଜି ସେଇ ନିଶ୍ଚଳ ଶାନ୍ତି
ଯାହା ଦେଉଥିଲା ସେଇ ପଣତକାନିର ମେଘୁଆ ଛାଇ ।।



ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ହଁ ମୁଁ କବିତା ଲେଖେ ...



**ପ୍ରିୟଙ୍କା ସାହୁ**
ଅଁଳାବେରେଣୀ, ଢେଙ୍କାନାଳ

ହଁ ମୁଁ କବିତା ଲେଖେ
ରାତିର ସେଇ ନୀରବ ପରିବେଶ ରେ ମନର ଭାବନା କୁ କଲମରେ ସାଉଁଟି,
ହଁ ମୁଁ କବିତା ଲେଖେ (୧)
ତମେ କାଳେ ଭୁଲି ହୋଇଯିବ,
ତୁମକୁ ମନେ ପକାଇବା ପାଇଁ ପ୍ରତିଦିନ ଦୁଇଧାଡ଼ି ମୁଁ କବିତା ଲେଖେ
ହଁ ମୁଁ କବିତା ଲେଖେ (୨)
ତୁମକୁ ସ୍ମୃତି କୁ ସାଇତି ରଖିବା ପାଇଁ
ହଁ ମୁଁ କବିତା ଲେଖେ (୩)
କବିତା ର ପ୍ରତିଟି ପଂକ୍ତିରେ ତୁମକୁ ଖୋଜେ,
ସେଥିପାଇଁ ହଁ ମୁଁ କବିତା ଲେଖେ (୪)
ମୁଁ ଭିଡ଼ ରେ କାଳେ ହଜିଯିବି
ତେଣୁ ନିଜକୁ ନିଜ ଭିତରେ ଖୋଜିବା ପାଇଁ
ହଁ ମୁଁ କବିତା ଲେଖେ (୫)
ଯେତେବେଳେ ଜଗା ପ୍ରେମ ରେ ପାଗଳ ହୋଇଯାଏ ,
ସେତେବେଳେ ମୁଁ ମୋ ଆରାଧ୍ୟ ପ୍ରଭୁ ଜଗା ପାଇଁ ଦୁଇଧାଡ଼ି
ହଁ ମୁଁ କବିତା ଲେଖେ (୬)
ସମାଜ ରେ ଘଟୁଥିବା ଦୁର୍ନୀତି କୁ ସହ୍ୟ ନକରିପାରି
ହଁ ମୁଁ କବିତା ଲେଖେ (୭)
ନାରୀ ଯାହା କେବେ ବର୍ଣ୍ଣନା କରିହେବ ନାହିଁ ,
ତଥାପି ମୋ ମାଆ କୁ ବ୍ୟାଖ୍ୟା କରି
ନାରୀ ପାଇଁ କବିତା ଲେଖେ
ହଁ ମୁଁ କବିତା ଲେଖେ (୮)
ମୁଁ ମୋ ବାପାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ
ହଁ ମୁଁ କବିତା ଲେଖେ (୯)
ମୋ ହବି କବିତା ଲେଖିବା
ସେଥିପାଇଁ ନୀତି କବିତା ଲେଖେ
ହଁ ମୁଁ କବିତା ଲେଖେ
ହଁ ମୁଁ କବିତା ଲେଖେ (୧୦)



**ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ** : ଶିଶିର କୁମାର ସାମଲ, **ମୁଖ୍ୟ-ପରିଚାଳିକା** : ଶିବଦୂତୀ ପାଣିଗ୍ରାହୀ, **ମୁଖ୍ୟ-ଉପଦେଷ୍ଟା** : ରଶ୍ମିରଞ୍ଜନ ସାହୁ,
**ସହ-ସମ୍ପାଦିକା** : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,**ସଂଯୋଜକ** : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ମୌନତାର କୋଣାର୍କ...



ଦିପ୍ସା ତ୍ରିପାଠୀ
ବିଷ୍ଣୁପୁର, ବାଲେଶ୍ୱର

ତୁମେ କେଉଁ କାବ୍ୟର ଉପମା ନୁହଁ,
ନୁହଁ ରକ୍ତମାଂସର ସୀମିତ ପରିଧି,
ତୁମେ ତ ସାନ୍ଦ୍ର ଅନ୍ଧକାର ଗର୍ଭେ ସ୍ଫୁଟିତ,
ଏକ ଅନାହତ ନୀଳ ଜଳଧି ।
ମୋ ଅସ୍ତିତ୍ୱର ଶୁଷ୍କ ବାଲୁକା ସରିତେ,
ତୁମେ ଏକ କୃଷ୍ଣାଭ **ସ୍ରୋତସ୍ୱିନୀ**,
ଯେଉଁଠି ପ୍ରତିଟି ଶ୍ୱାସର ଆବର୍ତ୍ତନେ ଝଙ୍କୃତ ହୁଏ,
କାଳର ଶାଶ୍ୱତ ରାଗିଣୀ ।

ନିସ୍ତବ୍ଧ ରାତ୍ରିର ନିର୍ଜନ ପ୍ରାନ୍ତରେ,
ଯେବେ ଆତ୍ମା ନିଜ କୋରକ ଖୋଲେ,
ତୁମ ପ୍ରେମ ଏକ ଶେଫାଳିର ଶେଷ ବିନ୍ଦୁ ସାଜି,
ମୋ ଚେତନାର ଶିଳାରେ ଢଳେ ।
ପାଉଁଶ ଗଦାରେ ଶୀତଳ ସମାଧି ତଳେ,
ଯେଉଁ ଚିରନ୍ତନ ନିଆଁ ଥାଏ ଲୁଚି,
ତୁମେ ତାରି ଉତ୍ତପ୍ତ ସ୍ଫୁଲିଙ୍ଗ,
ଯାହା ଆଖିର କଜ୍ଜଳେ ଯାଏ ରଚି ।
ଏକ ଭଗ୍ନ କୋଣାର୍କର କାରୁକାର୍ଯ୍ୟେ
ଯେମିତି ସ୍ଥାଣୁ ହୋଇ ରହିଛି ସମୟ,
ତୁମ ଓଠର ଅଲିଖିତ ମଉନତାରେ
ଯେମିତି ସମାହିତ ମୋର ସମଗ୍ର ବିଳୟ ।
ତୁମେ ଚୈତ୍ରର ସେହି ଦାହ ପ୍ରେରିତ ପବନ,
ଯିଏ ପତ୍ର କୁ ଝରାଇବା ଶିଖାଏ,
ପୁଣି ବୈଶାଖର ପ୍ରଥମ ମେଘ ସାଜି,
ମୃତ୍ତିକାର ତୃଷାକୁ ମେଣ୍ଟାଏ ।
ପ୍ରଣୟର ଏହି କାଚ ଘର ଭିତରେ ,
ଆମେ ଦୁଇଟି ପ୍ରତିବିମ୍ବ -ଅଥଚ ଏକା,
ଯେଉଁଠି ଦୂରତା ହିଁ ସେତୁ ସାଜେ,
ଆଉ ନିଃସଙ୍ଗ ତା ଲେଖେ ମିଳନର ଶେଷ ରେଖା ।

ସେ ମୋର ପରମ ପ୍ରତୀକ୍ଷା!
ତୁମେ ମୋ ଉଦାସୀନତାର ଧୂସର ପାଣ୍ଡୁଲିପି,
ଯେଉଁ ପ୍ରତିଟି ଅକ୍ଷର ଶବ୍ଦହୀନ,
ଅଥଚ ପ୍ରେମର ଗଭୀରତାରେ କମ୍ପିତ ।
ଏହି ମରୁଭୂମିର ଶେଷ ସୀମାନ୍ତେ,
ଯେବେ ଜୀବନ ତାର ସୂର୍ଯ୍ୟାସ୍ତ ଖୋଜିବ,
ତୁମେ ମୋ ଚିତାର ନିର୍ବାପିତ ଶେଷ
ଶିଖାରେ ଏକ ଅମର ଚିତ୍ରକଳ୍ପ
ସାଜି ପ୍ରକଟିତ ହେବ ।



## ଉତ୍କଳ ସନ୍ତାନ...



**ଜୟକୃଷ୍ଣ କର**
ରାଇସୁଙ୍ଗୁଡ଼ା, ସାଲେପୁର,
କଟକ

ଉତ୍କଳ ଉତ୍କଳ ଚିତ୍କାରେ ଏ ମାଟି
ବୀରା ବୀରାଂଗନା ରକ୍ତେ
ଉତ୍କଳ ସନ୍ତାନ କ୍ରୀତଦାସ ସାଜେ
ସ୍ୱାଭିମାନ ଲୋଟେ ପଥେ...
ବ୍ୟାସେ ଦେଖୁଛ
ତୁମରି ଭୂମିର ଉତ୍କଳ ସନ୍ତାନ
କୁମ୍ଭକର୍ଣ୍ଣ ସାଜେ ନିର୍ଲଜ ମୁଖେ...।। (୧)

କାଠଯୋଡ଼ି ତୀରେ ନଗ୍ନ ଭଗ୍ନ ମୂର୍ତ୍ତି
ଗାଏ ସେ ବନ୍ଦୀ ର ବ୍ୟଥା
ରେବତୀ ପଢୁଛି ରେବତୀ ବଢୁଛି
ହେଲେ ସେ ଭୁଲିଛି ଉତ୍କଳ ଗାଥା...
ବ୍ୟାସେ ଶୁଣୁଚ...
ପୂରୁବ ଗୌରବ ବିସ୍ମୃତି ଓଡ଼ିଆ
ପାସୋରି ଦେଇଛି ମଧୁଙ୍କ ବାର୍ତ୍ତା...।। (୨)

ଅଲୋଡ଼ା ପଡ଼ିଛି ବାରବାଟୀ ଦୁର୍ଗ
ଅଲୋଡ଼ା ଯେ ଗଡଖାଇ
ଅଲୋଡ଼ା ପୁଣି ଏ ସ୍ୱରାଜ ପଥରେ
ମାଂସ ହାଡ ଆଉ ରକ୍ତର ନଈ...
ବ୍ୟାସେ ଦେଖୁଛ...
ପାଇକ ପୁଅର ରୁଧିରେ ଶୋଧିତ
ବରପୁତ୍ର ମାଟି କଙ୍କାଳ ସାଜଇ...।। (୩)

ସାଲ ସତାବନ ପାଇକ ବିଦ୍ରୋହ
ମାତୃଭୂମି ସୂତ ଯୋଦ୍ଧା
ବିଦେଶୀ ଫିରଙ୍ଗି ବର୍ବର ଯୁଦ୍ଧେ ବି
ନୁଆଇଁ ନାଇସେ ମୂର୍ଦ୍ଧା...
ବ୍ୟାସେ ଦେଖୁଛ...
ଉତ୍ତର ଦାୟଦ ସୁରାରେ ଲୋଟଇ
ମୂକସାକ୍ଷୀ ଅଛି ବରୁଣେଇ ଚୂଡ଼ା ...।। (୪)

ଜାତି ନନ୍ଦିଘୋଷେ ସ୍ୱାର୍ଥ ଯେ ସାରଥୀ
ନାଚେ ଶାନ୍ତିମେଧ ଯଜ୍ଞେ
ଦାନାର ତୋବଡ଼ା ବନ୍ଧା ଘୋଡ଼ା ମୁହେଁ
ଟାଣେ ନାହିଁ କାଢ଼ିନେଲେ...
ବ୍ୟାସେ ଦେଖୁଛ....
କୁକର୍ମ କୁଶିକ୍ଷା ଧର୍ମରେ ଓଡ଼ିଆ
ବିକାର ନ'ରଖେ ହୃଦରେ ଦଣ୍ଡେ..।। (୫)

ଅସ୍ମିତା ଅସ୍ମିତା ଡାକେ ଓଧ ପିଲା
ଭୁଆ ବିଲେଇଟା ବାଇ
ଚିତା କାଟି ବୁଲେ ଚଇତନ ମାରି
ଅନ୍ତଲ ପେଟ କାଢି
ବ୍ୟାସ ଦେଖୁଛ
ଗଡ଼ିଶା ମାଛଟା ଫଡଫଡ ହୁଏ
ପଙ୍କରେ ଶେଉଳ ରହିଛି ଶୋଇ...।। (୬)

# ମୋ' ସ୍ୱପ୍ନର ଓଡ଼ିଶା ...



ମାନସୀ ମଞ୍ଜରୀ ସାମଲ
ବଡ଼ରମ୍ପାସ,ହାଟଡିହି ,
କେନ୍ଦୁଝର

ମୋ ସ୍ୱପ୍ନର ଓଡ଼ିଶା ରେ ନାହିଁ ପଟାନ୍ତର
ଚିରନ୍ତର ସେ ମୋ ପାଇଁ ସାଧବ ବୋହୂ ପରି ସୁନ୍ଦର।।
ମୋ ଓଡ଼ିଶା ସେତ ବୀର ମାଟିର ପରିଭାଷା
କେଡ଼େ ସୁନ୍ଦର ଏଇ ମୋର ମାତୃଭାଷା।।
ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ମିଳେ ଏହିଠାରେ
କୋଟି କୋଟି ଭକ୍ତ ଭେଟନ୍ତି ଆସି ଜାଗାର ପାଖରେ।।
ମୋ ସ୍ୱପ୍ନର ଓଡ଼ିଶା ସବୁଠୁ ସୁନ୍ଦର
ଯେଉଁଠି ନାହିଁ ଧନୀ ଗରିବର ବିଚାର।।
ସଭିଏଁ ମିଳିମିଶି ରହିବେ
ମୋ ଓଡ଼ିଶାକୁ ଆଗକୁ ନେବେ।।
ଶିକ୍ଷା କ୍ଷେତ୍ରରେ ହେବ ସମୃଦ୍ଧି
ପ୍ରତ୍ୟେକଟି ଶିଶୁ ପରିଚୟ ଦେବ ନୂଆ ଓଡ଼ିଶାର।।
ଆମର ଜଗନ୍ନାଥ ସଂସ୍କୃତି
ଦେଶବିଦେଶରେ ଗଢ଼ିବ ରୀତି।।
କୋଣାର୍କ ଆମ କଳା ସଂସ୍କୃତିର ପରିଚୟ
ଯାହା ପାଇଁ ଆଜି ଆମେ ଗର୍ବିତ।।
ହଁ କେବଳ ସ୍ୱପ୍ନରେ ନୁହେଁ ବାସ୍ତବତାରେ ମଧ୍ୟ
ମୋ ଓଡ଼ିଶା ମୋ ପାଇଁ ସବୁଠାରୁ ସୁନ୍ଦର।।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

## ମୋ ଜଗନ୍ନାଥ ...



ଶକ୍ତି ମେହେର
ଭେଡ଼େନ, ବରଗଡ଼

ତୋ କଳା ରଙ୍ଗରେ ମିଶିବାକୁ ଚାହୁଁଛି
ଥରୁଟିଏ ମିଶାଇ ଦେ ,
ତୋ ପାର୍ଶ୍ୱକୁ ମୁଁ ଯିବାକୁ ଚାହୁଁଛି
ତୋ ପାର୍ଶ୍ବକୁ ଟାଣି ନେ।।(୧)

ସ୍ୱପ୍ନ ରେ ଆସୁଛୁ ସ୍ୱପ୍ନରେ ଯାଉଛୁ
କରିଛୁ ତୋର ଭକତ ,
ମୋ ଶିରା ରେ ପ୍ରଚଳିତ ହେଉଛି
କାଳିଆ ନାମରେ ରକତ ।।(୨)

ଜୀବନର ମୋର ଶେଷ ଅଂଶ କୁ
ଭାଗ୍ୟ ରେ ମୋର ଲେଖିଛୁ,
ତୋ ହସରେ ହାସେଇ ମୋତେ
ମାନବ ଜନ୍ମ ଦେଇଛୁ।।(୩)

ପିତା ମାତା ବୋଲି ମାନୁଛି ତତେ
ଆଉ ସମ୍ମାନ ଦେବୀ କେତେ ,
ଅଜ୍ଞାନ କୁ ତୁ ଜ୍ଞାନୀ କରିଛୁ
ତୋ କଳା ହସ୍ତରେ ସତେ।।(୪)

ତୋର କରୁଣା ତୋର ମହିମା
ସତେ ଯେପରି ଅପାର ,
ଅସମ୍ଭବ କୁ ସମ୍ଭବ କରିଛୁ
କି କଳା ରେ ତୋର।।(୫)

ଅଭ୍ରଂକଷ ଶ୍ରୀ ମନ୍ଦିରେ ତୁ
ବିରାଜ ମାନ ହୋଇଛୁ ,
ତୁଳସୀ ତୁଳସୀ ପରିମଳ ରେ ତୁ
ମହକି ଯାଉଛୁ ।।(୬)

## ଅଶ୍ରୁ ଧାର ...



ମମତା ବଗର୍ତ୍ତୀ
ରାଣୀକଟା,ବଲାଙ୍ଗୀର

ନୟନରୁ ବହେ ଅନର୍ଗଳ ଅଶ୍ରୁ
କପୋଳରେ ହୋଇ ଧାର,
ମନର ସ୍ଥିତିକୁ କରିଥାଏ ବ୍ୟାଖ୍ୟା
ଖୁସି ଅବା ବେଦନା'ର ।।

ଉଷ୍ଣତାର ଝର ଝରିଯାଇଥାଏ
ଅନ୍ୟକୁ ନ'କରି ଗୋଚର,
ଲୁଚିଯାଏ ପୁଣି ନେତ୍ର ଆଢୁଆଳେ
ବୋଝ ନେଇ ହୃଦୟର ।।

ବୁନ୍ଦା ବୁନ୍ଦା ଅଶ୍ରୁ କହେ ସବୁ ବ୍ୟଥା
ହୋଇଣ ଯେ ନିଃଶବଦ,
ହୃଦୟର ଯେତେ ଅକୁହା ବେଦନା
କୋହ ରହିଥାଏ ରଦ୍ଧ ।।

ବେଳେବେଳେ ଆଖି ପାରେନି ସମ୍ଭାଳି
ଝରୁଥିବା ଅଶ୍ରୁର ବେଗ,
କିଛି କ୍ଷଣ ପାଇଁ ଝରିଗଲେ ସତେ
ଶାନ୍ତ ହୁଅଇ ମନର ରାଗ ।।

ପାଟି ଚୁପ୍ ରହି ଭିଜା ଭିଜା ଆଖି
କଥା କହେ ଅନ୍ତରର,
ହୃଦୟେ ଲୁଚା କୋହର ସ୍ରୋତ
ରୂପ ନେଇଛି ଅଶ୍ରୁ ଧାରର ।।

## ସ୍ୱପ୍ନଭାଟି...



**ତପସ୍ୱିନୀ ସାହୁ**
କୁରୁଣ୍ଟି, କୁସୁପଙ୍ଗା,
ଢେଙ୍କାନାଳ

ମନର ଅଗଣାରେ ଗଢ଼ିଛି ମୁଁ,
ଏକ ଛୋଟ ସ୍ୱପ୍ନଭାଟି,
ଯେଉଁଠି ଆଶାର ଫୁଲ ଫୁଟେ,
ନାହିଁ କେବେ ଦୁଃଖର ମାଟି।

ସକାଳ ସୂର୍ଯ୍ୟ ହସି ଉଠେ,
ନୂଆ ସମ୍ଭାବନା ନେଇ,
ପକ୍ଷୀମାନଙ୍କର ମଧୁର ସ୍ୱର
ଜୀବନ ଗୀତକୁ ଦିଏ ଗାଇ।

ସ୍ୱପ୍ନଭାଟିର ପଥେ ପଥେ,
ରଙ୍ଗିନ ଆଶା ଫୁଟେ ମନେ।
ଚାନ୍ଦର ଆଲୋକ ଝରି ପଡ଼େ,
ନୂଆ ସକାଳର ଗୀତ ଶୁଣେ।

ଦୂର ଆକାଶର ତାରା ହସେ,
ମନର କଥା କହେ ନିରବେ।
ସୁଖର ଛବି ଆଙ୍କି ଦିଏ,
ଭବିଷ୍ୟତର ରଙ୍ଗିନ ରବେ।

ସ୍ୱପ୍ନଭାଟି ଡାକେ ଆମକୁ,
ଆଗକୁ ବଢ଼ିବା ପଥ ଦେଖାଏ।
ପରିଶ୍ରମ ଓ ଦୃଢ଼ ବିଶ୍ୱାସେ,
ଜୀବନର ଲକ୍ଷ୍ୟ ପାଇଁ ନେଇଯାଏ।

ବାଧା ଆସିଲେ ଭାଙ୍ଗେନାହିଁ,
ସାହସ ହୁଏ ସାଥୀ ମୋର,
ସ୍ୱପ୍ନଭାଟିର ପ୍ରତିଟି ପଥେ
ଜଳେ ପରିଶ୍ରମର ଦୀପ ଘୋର।

ଦିନେ ନିଶ୍ଚୟ ସତ ହେବ
ମନର ସବୁ ଅଭିଳାଷ,
ସ୍ୱପ୍ନଭାଟିର ସେଇ ଦୁନିଆ
ଭରିଦେବ ଜୀବନେ ଉଲ୍ଲାସ।

## ସମର୍ପିତ ଫୁଲ ...



**ସୂର୍ଯ୍ୟକାନ୍ତି ଭବାନୀ**
ଗୋବିନ୍ଦ ମହାନ୍ତି , ଡଗରପଡା ,
ଜଗତସିଂହପୁର

ତୋଳି ଆଣି ଚାଙ୍ଗୁଡାଏ ଫୁଲ
ଚଢ଼େଇଦିଏ ସାଆନ୍ତଙ୍କ ପାଶେ
ପୁଣି ଫେରି ଚାହିଁ ପଚାରେ...
ତୋର କ'ଣ ମନେ ପଡ଼େନି.....ଡାଳ ପତ୍ର କଥା?

ହସୁଥାଏ ସେ,ବାସୁଥାଏ ସେ
କିନ୍ତୁ,
ସୁନ୍ଦର ଦିଶନ୍ତି ସାଆନ୍ତେ,ମହକୁଥାଏ ପୂଜା ଘର
ନିଜ ଖୁସିକୁ ବିସର୍ଜି
ଆଉ କାହା ପାଦ ଚିହ୍ନ ପଛେ ଧାଇଁ ଧାଇଁ
ସେ କି ପାଶୋରି ପାରେ ଅତୀତକୁ
ଖାଲି ଯାହା ଆଶ୍ୱାସନା ଦିଏ ନିଜକୁ
"ପରଂବ୍ରହ୍ମଙ୍କ ଚରଣରେ ସମର୍ପିତ ବୋଲି"

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା,ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୫୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ବର୍ଷା ...



**ପୁଷ୍ପିତା ପ୍ରଧାନ**
ଶିକ୍ଷୟତ୍ରୀ, ବିରହରେକୃଷ୍ଣପୁର ଉଚ୍ଚ ବିଦ୍ୟାଳୟ, ପୁରୀ

ନିଦାଘର ଉଷ୍ଣତା ମଧ୍ୟରେ ତୁମେ ମୋର ଶୀତଳ ସ୍ପର୍ଶ।

ତୁମେ ପୁଣି ଶୂନ୍ୟ ପୁଷ୍କରିଣୀ ରେ ପୂର୍ଣ୍ଣ ଜଳରାଶି ର ନୂତନ ଆଭାସ।

ତୁମେ ସେହି ରୁକ୍ଷମାଟିରେ ହଜିଯାଇଥିବା ଶୀତଳ ଜଳବିନ୍ଦୁର ବାସ୍ନା

ଦୁଃଖ,ବେଦନା ଓ କୋହକୁ ସାହସୀ ପରାକ୍ରମୀନୀ ହିଁ ତୁମେ।

ଇନ୍ଦ୍ରଧନୁର ସପ୍ତରଙ୍ଗ ଶାଢ଼ୀ ପିନ୍ଧି ଶୋଭନୀୟ ରୂପେ ଦୃଶ୍ୟମାନ ହେଉଥିବା

ସ୍ୱର୍ଗର ଅପ୍ସରୀ ହିଁ ତୁମେ।

ମୟୂର, ପ୍ରଜାପତି ଆଦି ବିହଗମଙ୍କର ତୁମେ ପୁଣି ଖୁସିର ସମ୍ଭାର।

ପ୍ରୀତି ଶ୍ରାବଣକୁ ସାଙ୍ଗରେ ଆଣି ଉଲ୍ଲସିତ କରିଥାଅ ତୁମେ ପ୍ରେମିକର ମନ।

ପୁଣି ଅନେକ ଜୀବକୁ ଜୀବନ୍ୟାସ ଦେଇ ବଞ୍ଚାଇ ଥାଅ ଅନେକ ଜୀବନ।

ପ୍ରଚଣ୍ଡ ଗ୍ରୀଷ୍ମର ରୌଦ୍ର ତାପକୁ କରାଇ ଶାନ୍ତ କରି ଧରା ପୃଷ୍ଠକୁ କରିଥାଅ ସୁ-ଶୋଭିତ।

## ତ୍ୟାଗର ଦେବୀ...



ସୁଭଦ୍ରା ତରେଇ
ପାଖରାବାଡ଼ , ବାଲେଶ୍ବର

ତୋ ମଥାର ସିନ୍ଦୂରରେ
ମୁଁ କେବଳ ସୌଭାଗ୍ୟର ରକ୍ତିମ ରେଖା ଦେଖ୍‌ନି;
ଦେଖ୍‌ଛି–
ଅସଂଖ୍ୟ ଦୁଃଖର ଅଗ୍ନିକୁଣ୍ଡ ଡେଇଁ
ଅକ୍ଷତ ରହିଥିବା ଧୈର୍ଯ୍ୟର ଦୀପଶିଖା ।

ତୋ ମମତା–
କେବଳ ସ୍ନେହର ପରିଚୟ ନୁହେଁ,
ଯୁଗଯୁଗାନ୍ତରର ତପସ୍ୟାରେ
ପବିତ୍ର ହୋଇଥିବା ଏକ ଅଭୟତୀର୍ଥ ।

ଯେବେ ମୋ ସତ୍ତା ଉପରେ
କଳଙ୍କର କାଳିମା ଛିଟାଇବାକୁ
ଅସତ୍ୟ ଉଦ୍ୟତ ହୋଇଛି,
ସେବେ ତୋ ନୟନରେ
ମହାକାଳୀର ଦୀପ୍ତି ଜଳିଉଠିଛି;
ତୋ ନୀରବତା ମଧ୍ୟ
ବଜ୍ରର ଗର୍ଜନଠାରୁ ଅଧିକ ପ୍ରଖର ହୋଇଉଠିଛି ।

ପୁଣି ଯେବେ
ଅହଙ୍କାରର ଅଦୃଶ୍ୟ ଅସୁର
ମୋ ଅନ୍ତରାଳରେ ଆସନ ପକାଇଛି,
ତୁ ଦୁର୍ଗା ହୋଇ
ସ୍ନେହର ତ୍ରିଶୂଳରେ
ତାହାର ମୂଳୋତ୍ପାଟନ କରିଛୁ ।

ସମସ୍ତଙ୍କ ଉଦର ପରିତୃପ୍ତ ହେବା ପରେ
ତୁ ନିଜ ଭୋକକୁ ପ୍ରସାଦ ପରି ଗ୍ରହଣ କରିଛୁ;
ସମସ୍ତଙ୍କ ନିଦ୍ରା ଗଭୀର ହେବା ପରେ
ତୁ ଜାଗରଣକୁ ନିଜର ନିୟତି କରିଛୁ ।

କେତେ ଅଶ୍ରୁ
ତୋ ବକ୍ଷର ଗଭୀରତାରେ
ନୀରବରେ ସମାଧି ନେଇଛି,
ତା'ର ହିସାବ
ସମୟ ପାଖରେ ମଧ୍ୟ ନାହିଁ ।

ତୁ ପଥର ନୁହଁ, ବୋଉ–
ତଥାପି ଭାଙ୍ଗି ପଡୁନୁ;
କାରଣ ତୋ ହୃଦୟରେ
ଜଣେ ମା'ର ପ୍ରେମ
ହିମାଳୟଠାରୁ ମଧ୍ୟ ଅଧିକ ଅଟଳ ।

ତୁ ଅକ୍ଷରଜ୍ଞାନରେ ବୋଧହୁଏ ଅନଭିଜ୍ଞ,
ହେଲେ ଜୀବନର ମହାକାବ୍ୟରେ
ତୁ ହିଁ ମୋର ପ୍ରଥମ ଆଚାର୍ଯ୍ୟ ।
ମୋ ହାତରେ କଲମ ଧରାଇବା ପୂର୍ବରୁ
ତୁ ମୋ ବିବେକରେ
ମାନବିକତାର ଅକ୍ଷର ଲେଖି ଦେଇଛୁ ।

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

ସେଥିପାଇଁ, ବୋଉ–
ମୁଁ ଦେବୀଙ୍କୁ ପୁରାଣରେ ନୁହେଁ,
ତୋ ଜୀବନରେ ପଢ଼େ;
କାରଣ ତୋ ନିଶ୍ୱାସରେ ହିଁ
ଦୁର୍ଗାର ତେଜ,
କାଳୀର ନ୍ୟାୟ,
ରାଧାର ତ୍ୟାଗ,
ଆଉ ଜଗତ୍‌ଜନନୀର ଅସୀମ କରୁଣା
ଏକାକାର ହୋଇ ବଞ୍ଚିରହିଛି।
ତୋ ପାଦଧୂଳିରେ ହିଁ
ମୋର ପ୍ରଥମ ତୀର୍ଥ,
ଆଉ ତୋ ଆଶୀର୍ବାଦରେ ହିଁ
ମୋ ଜୀବନର ପ୍ରତ୍ୟେକ ବିଜୟର ଆରମ୍ଭ।

# ଅଗଷ୍ଟ କ୍ରାନ୍ତି ...



ସସ୍ମିତା ତ୍ରିପାଠୀ
କହ୍ନଇପୁର , ଯାଜପୁର ରୋଡ

ଅଗଷ୍ଟ ଆସିଲେ ମନେ ପଡ଼େ ଆଜି
ଅତୀତ ଦିନର କଥା
କର ବା ମରର ଡାକରାକୁ ଶୁଣି
ଜାଗିଲେ ଦେଶ ଜନତା

ଅଗଷ୍ଟ ଆଠ ରେ ବମ୍ବେ ଠାରେ ଯେବେ
ବାପୁଜୀଙ୍କ ଆହ୍ୱାନରେ
ଯୁବକ କୃଷକ ସାଧାରଣ ଲୋକ
ମାତିଲେ ଆନ୍ଦୋଳନରେ

ସ୍ୱାଧୀନ ଭାରତ ହାସଲ ପାଇଁକି
ଇଂରେଜଙ୍କ ବିରୁଦ୍ଧରେ
ଦେଶର ଏକତା ଦେଶପ୍ରୀତି ଭିତ୍ତି
ଦୃଢ଼ କଲେ ହୃଦୟରେ

ଅଗଷ୍ଟ କ୍ରାନ୍ତିର ଫଳାଫଳ ଦିନେ
ହୋଇଲା ଦେଶ ସ୍ୱାଧୀନ
ହଟି ଯାଇଥିଲେ ଫିରିଙ୍ଗି ଦେଶରୁ
ଲୋକେ ଦେଲେ ବଳିଦାନ

ସ୍ୱାଧୀନତା ସିନା ମିଳିଗଲା ଭାଇ
ଇଂରେଜ ଶାସନ ଠାରୁ
ଏ ଯାଏଁ ସ୍ୱାଧୀନ ହୋଇନି ଏଦେଶ
ସ୍ୱାର୍ଥ ଲାଳସା କୋପରୁ

ଶିକ୍ଷା ଶିକ୍ଷକର ଆଦରଯେ ନାହିଁ
ନାହିଁ ନାରୀଙ୍କର ସମ୍ମାନ
ଯୁବପିଢ଼ି ଲଢ଼େ ଜୀବିକା ପାଇଁକି
ଅଜ୍ଞାନୀଙ୍କୁ ମିଳେ ଆସନ

ଦେଶର ପ୍ରଗତି ଦିଗହରା ଆଜି
ମେଧା ଯାଏ ପରଦେଶ
ସଂରକ୍ଷଣ ବ୍ୟାଧି ବନ୍ୟାସମ ବ୍ୟାପି
କରୁଅଛି ଅଟ୍ଟହାସ୍ୟ

ଅନର୍ଥର ମୂଳ ମାଦକ ସେବନ
ବିକ୍ରିହୁଏ ଖୋଲାଖୋଲି
ବଣିପୋଷି ଥାନ୍ତି ଝିଣ୍ଟିକାକୁ ମାରି
ନେତା ଆମ ବିଜ୍ଞ ବୋଲି

ଆମ ଭବିଷ୍ୟତ ଆମ ବର୍ତ୍ତମାନ
ରଖିବାକୁ ସ୍ୱାଭିମାନ
ଅଗଷ୍ଟର କ୍ରାନ୍ତି ପୁଣିଥରେ ଲୋଡ଼ା
କରିବାକୁ ଅଭିମାନ

ଆହେ ଯୁବପିଢ଼ି ଆସ ଆଗେ ମାଡି
ଗଢ ନୂଆ ସମ୍ବିଧାନ
ଦେଶର ପ୍ରଗତି ଦେଶର ଉନ୍ନତି
ରଖ ତ୍ରିରଙ୍ଗାର ମାନ
ତୁମେ
ରଚ ନୂଆ ଅଭିଯାନ

## ସ୍ବପ୍ନ ...



**ପୂଜା ବାରିକ୍**
ବେଗୁନିଆଁ, ହରିପୁର,
ବାଲେଶ୍ୱର

ହେ ସ୍ୱପ୍ନ କାହିଁକି ଆସ ତୁମେ ମୋ ମୁଦ୍ରିତ ଆଖିରେ ..
ଯେତେବଳେ ମୁଁ ଖୁବ୍ ଥକି ଯାଏ..
କ୍ଳାନ୍ତ ଅବସନ ଆଖି ନେଇ...
ଉଡି ଯାଏ ମୁଁ ନୀଳ ଗଗନ ରେ
ଭାସି ଯାଏ ବୁଲେ ନୀଳ ସମୁଦ୍ରରେ...
ପହଞ୍ଚି ଯାଏ ମୁଁ ଏକ କଳ୍ପନା ଦୁନିଆରେ..
ଖୁବ୍ ହାଲକା ଲାଗେ
ତୁଳା ପରି ଭାସେ ଓ ଉଡେ..
ଲକ୍ଷ୍ୟ ହୀନ, ଶାନ୍ତି ପୂର୍ଣ୍ଣ ଭାବରେ
ଗଢି ତୋଳେ ସମୁଦ୍ର ରେ ଏକ ଘର ...
ଠିକ୍ ସେତିକି ବେଳେ..
ଉଇଁ ଆସେ ସୂର୍ଯ୍ୟ...
ଶୁଭୁ ଥାଏ ସେଇ କିଚିରି ମିଚିରି ଶବ୍ଦ
ବାସ୍ ...
ଉଠି ଖୋଜି ବୁଲେ ନିଜ କୁ ଆଉ ସେଇ ସ୍ୱପ୍ନ କୁ
ଭଗ୍ନ ଡେଣା ଓ ମୁକ ଆଖି କୁ ନେଇ... ପଚାରେ ସେ ସ୍ୱପ୍ନ କୁ....
କାହିଁକି ଆସ ତୁମେ ମିଛ ଅହମିକ ସାଜି
କେବେ ଦିଅ ନା ତୁମେ ବାସ୍ତବ ର ସୁଖ
କେବଳ ଦେଇ ଯାଅ ମିଛ ଆଶା..
ମିଛ ଖୁସି..
ସେଇ ଆଶା କୁ ନେଇ ମନରେ ଉଙ୍କୁରିତ ହୁଏ ଇଚ୍ଛା...
ଇଚ୍ଛା ରେ ଛନ୍ଦିତ ଏ ମନ ପୁଣି ମାୟା ଫାନ୍ଦ ରେ.... ପଡ଼ି ଚିତ୍କାର କରେ
ହେ.. ସ୍ୱପ୍ନ ତୁମେ ଆସ କଣ ପାଇଁ?

ପ୍ରତିଷ୍ଠାତା/ମୁଖ୍ୟ-ସମ୍ପାଦକ : ଶିଶିର କୁମାର ସାମଲ, ମୁଖ୍ୟ-ପରିଚାଳିକା : ଶିବଦୂତୀ ପାଣିଗ୍ରାହୀ, ମୁଖ୍ୟ-ଉପଦେଷ୍ଟା : ରଶ୍ମିରଞ୍ଜନ ସାହୁ,
ସହ-ସମ୍ପାଦିକା : କ୍ଷୀରାବ୍ଧି ଦାସ & ରୀନା ପରିଡ଼ା, ସଂଯୋଜକ : ତ୍ରିନାଥ ନନ୍ଦୀ
WWW.MALHARODIA.COM ୮୩୨୮୯୪୧୨୨୯ MALHARMAGAZINE@GMAIL.COM MALHAR_MAGAZINE/ MALHARMAGAZINE/

# ଅଭିନନ୍ଦନ


ଜନ୍ମଦିନର
ହାର୍ଦ୍ଦିକ ଶୁଭେଚ୍ଛା ଓ
ଅଭିନନ୍ଦନ
ଅର୍ପିତା ଜେନା


ଜନ୍ମଦିନର
ହାର୍ଦ୍ଦିକ ଶୁଭେଚ୍ଛା ଓ
ଅଭିନନ୍ଦନ
କବିତା ବେହେରା


ଜନ୍ମଦିନର
ହାର୍ଦ୍ଦିକ ଶୁଭେଚ୍ଛା ଓ
ଅଭିନନ୍ଦନ
ସୋନାଲୀ ସ୍ୱାଇଁ


ଜନ୍ମଦିନର
ହାର୍ଦ୍ଦିକ ଶୁଭେଚ୍ଛା ଓ
ଅଭିନନ୍ଦନ
NO IMAGE AVAILABLE
ଶୁଭସନ୍ଧ୍ୟା ବେହେରା



ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ଶୁଭପ୍ରକାଶପତି




ଅକ୍ଟୋବର : ୦୧
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
NO IMAGE AVAILABLE
ଶିବାନୀ ଦାସ୍
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ସୁ-ଧର୍ମର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com




ଅକ୍ଟୋବର : ୦୨
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ସୁହାସିନୀ ପଟ୍ଟନାୟକ
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ସୁ-ଧର୍ମର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com




ଅକ୍ଟୋବର : ୦୪
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ଧିରୋଜ କୁମାର ପାତ୍ର
Bhubaneswar, Odisha
www.MalharOdia.Com
malharmagazine@gmail.com




ଅକ୍ଟୋବର : ୦୪
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
NO IMAGE AVAILABLE
ହିତେଶ ବେହେରା
Bhubaneswar, Odisha
www.MalharOdia.Com
malharmagazine@gmail.com




ଅକ୍ଟୋବର : ୦୬
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ସୁଶ୍ରୀ ସୁବାସିନୀ ମହାନ୍ତି
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ସୁ-ଧର୍ମର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com




ଅକ୍ଟୋବର : ୦୭
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
NO IMAGE AVAILABLE
ଦେବ୍ରାଜ୍ ରଣା
Bhubaneswar, Odisha
www.MalharOdia.Com
malharmagazine@gmail.com




ଅକ୍ଟୋବର : ୧୪
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ଶକ୍ତି ମେହେର
Bhubaneswar, Odisha
www.MalharOdia.Com
malharmagazine@gmail.com




ଅକ୍ଟୋବର : ୨୨
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ଦୁର୍ଗା ଚରଣ ମଲ୍ଲ
Bhubaneswar, Odisha
www.MalharOdia.Com
malharmagazine@gmail.com


ଅକ୍ଟୋବର : ୨୨
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
NO IMAGE AVAILABLE
ବି.ଏମ୍ ମିତ୍ରଭାନୁ
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ସୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ଅକ୍ଟୋବର : ୨୪
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ବଳରାମ ପାତ୍ର
Bhubaneswar, Odisha
www.MalharOdia.Com
malharmagazine@gmail.com


ଅକ୍ଟୋବର : ୨୫
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ପୁଷ୍ପାଞ୍ଜଳୀ ସ୍ୱାଇଁ
Bhubaneswar, Odisha
www.MalharOdia.Com
malharmagazine@gmail.com


ଅକ୍ଟୋବର : ୨୫
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
NO IMAGE AVAILABLE
ଦୀପାଲି ବେହେରା
Bhubaneswar, Odisha
www.MalharOdia.Com
malharmagazine@gmail.com


ଅକ୍ଟୋବର : ୨୮
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ଜ୍ୟୋତିର୍ମୟୀ ମହାଳିକ
Bhubaneswar, Odisha
www.MalharOdia.Com
malharmagazine@gmail.com


ଅକ୍ଟୋବର : ୩୦
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ଆଦ୍ୟାଶା ପାତ୍ରୀ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୦୬
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ଶାଶ୍ୱତୀ ହୋତା
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୦୯
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ଶୁଭଶ୍ରୀ ଶୁଭସ୍ମିତା
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୧୧
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ଜ୍ୟୋତ୍ସ୍ନାରାଣୀ ନାହାକ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୧୨
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ରଶ୍ମିତା ଦାସ (ପଲ୍ଲବି)
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୧୪
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ରାଜଶ୍ରୀ ସାହୁ
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୧୪
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ସ୍ୱର୍ଣ୍ଣ ରଥ ମହାପାତ୍ର
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୧୫
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ପ୍ରିତି ପ୍ରିୟଦର୍ଶିନୀ ସେଣ୍ଠ
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୨୦
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ଆଦ୍ୟାଶା ପ୍ରିୟଦର୍ଶିନୀ
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୨୩
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
NO IMAGE AVAILABLE
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ତୃପ୍ତିମୟୀ ବେହେରା
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୦୬
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ଶାଶ୍ୱତୀ ହୋତା
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୨୬
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
A Novel By
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ଧନଞ୍ଜୟ ଜେନା
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com


ନଭେମ୍ବର : ୨୭
ଜନ୍ମଦିନର
ହାର୍ଦ୍ଦିକ
ଶୁଭେଚ୍ଛା ଓ
ଅଭିନନ୍ଦନ
ମହ୍ଲାର ଇ-ପତ୍ରିକା ପରିବାର ତରଫରୁ
ଆପଣଙ୍କୁ
ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା !
ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ
ଜୀବନ ସଦାସର୍ବଦା ହସ-ଖୁସି ଓ
ସୁଖ-ସମୃଦ୍ଧିରେ ଭରି ରହୁ ।
ଅନସୂୟା ଲେଙ୍କା
ଦୀର୍ଘ ଆୟୁ ଓ ସ୍ୱାସ୍ଥ୍ୟ
ସୁଖ ଓ ଶାନ୍ତି
ସୁଖୀ ପରିବାର ଓ ବନ୍ଧୁ-ସମ୍ପର୍କ
ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ
Bhubaneswar, Odisha
www.MalharOdia.Com
malharmagazine@gmail.com




ମହ୍ଲାର ଇ-ପତ୍ରିକା ପରିବାର ତରଫରୁ ଶୁଭ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ...

ପ୍ରଭୁ ଜଗତର ନାଥ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ...

ମହ୍ଲାର ଇ-ପତ୍ରିକା ପ୍ରସ୍ତୁତ...
**ତ୍ରୟମାସିକ ଇ-ପତ୍ରିକା**

ମୁକ୍ତମଞ୍ଚ କବିତା ଫର୍ଦ୍ଦ
ସୌଜନ୍ୟ : ମହ୍ଲାର ଇ-ପତ୍ରିକା

ମହ୍ଲାର ଇ-ପତ୍ରିକା ପରିବାର ପ୍ରସ୍ତୁତ...
**ଅନଲାଇନ କବିତା ଆସର**

# ବିଜ୍ଞାପନ


ଟିକି ତାରା
ବହି ପ୍ରକାଶିତ ହୋଇସାରିଛି
ଟିକି ତାରା
• ଶିବଦୂତୀ ପାଣିଗ୍ରାହୀ
ଯଦି ଅର୍ଡର କରିବାକୁ ଚାହୁଁଛନ୍ତି ତେବେ DM କରନ୍ତୁ
କିମ୍ବା 7606840567 ନମ୍ବରରେ ଯୋଗାଯୋଗ କରନ୍ତୁ


ମୁଁ ଜଳିବା ଯାଏଁ କେବଳ ତୋର ହୋଇ ରହିବି, ଆଉ ଜଳି ପୋଡ଼ି ପାଉଁଶ ହେଲେ ମୁଁ ବି ମୋତେ ନେଇ ନଦୀରେ ଫିଙ୍ଗି ଦେବୁ ।।
ତୁମେ ଗଲାପରେ
କବି : ଜୟନ୍ତ ଦାସ ପ୍ରଫୁଲ୍ଲ
ଯୋଗାଯୋଗ:
୮୪୫୫୮୬୭୨୭୬
ତୁମେ ଗଲା ପରେ
ଜୟନ୍ତ ଦାସ
Order now
SHOP

# ମହ୍ଲାର ସାଥୀ

## Parivaar -e- Alfaaz

JOIN US

ଆମ ଅନୁଷ୍ଠାନ, ପରିବାର୍-ଏ-ଅଲ୍ଫାଜ୍, ଏକ ବହୁଭାଷୀ ସାହିତ୍ୟ ସଂସଦ ଏବଂ ମଞ୍ଚ । ଏହାର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଶାର ସାହିତ୍ୟିକ ଏବଂ କଳାକାରମାନଙ୍କୁ ଯଥା ସମ୍ଭବ, ତାଙ୍କ କଳାର ପ୍ରଚାର ଓ ପ୍ରସାରରେ ସହାୟକ ହେବା ଏବଂ ସେମାନଙ୍କୁ ଜାତୀୟ ସ୍ତରରେ ପରିଚିତ କରାଇବା ।

parivaarealfaaz.enquiry@gmail.com
9583052523
parivaarealfaaz

## ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ

ଆମ ଭାଷା ଆମ ସାହିତ୍ୟ

ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ ଏକ ସମ୍ପୂର୍ଣ୍ଣ ଅଣରାଜନୈତିକ ଅନୁଷ୍ଠାନ । ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାରର ହିଁ ଏ ପଟଳର ପରମ ଲକ୍ଷ୍ୟ । ଛଦ୍ମ ଓଡ଼ିଆ ଅସ୍ମିତା ପ୍ରଚାରକଙ୍କ ବିରୋଧରେ ଏହା ଏକ ସୃଜନାତ୍ମକ ଏବଂ ସାରସ୍ୱତ ସଂଗ୍ରାମ ।

ନବୋଦିତ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ଏବଂ ଯୁବା ଓଡ଼ିଆ ସାହିତ୍ୟର ଭିତ୍ତିକୁ ମଜବୁତ୍ କରିବା ଆମର ଶ୍ରେୟ ଏବଂ ଧ୍ୟେୟ ।

ସାହିତ୍ୟର ସେବା ଏବଂ ତନ୍ମାଧ୍ୟମରେ ସମାଜର ସେବା ଏବଂ ଲୋକ ସମସ୍ତାଃ ସୁଖିନୋ ଭବନ୍ତୁ - ର ମହତ ଲକ୍ଷ୍ୟ ପଥରେ ଏ ଅନୁଷ୍ଠାନ ଅଗ୍ରସର ହେଉଛି ।

ଆଶା ଆଗାମୀ ଦିନରେ ଏଇ କ୍ଷୁଦ୍ର ପ୍ରୟାସ ଏକ ବିରାଟ ବଟବୃକ୍ଷରେ ପରିଣତ ହୋଇ ଆଗାମୀ ଅନେକ ପୀଢ଼ିର ସ୍ରଷ୍ଟାମାନଙ୍କୁ ପ୍ରେରିତ ଏବଂ ପ୍ରତିପୋଷିତ କରିବ ।

**ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ**
ପ୍ରତିଷ୍ଠାତା / ସଭାପତି : ସତ୍ୟବ୍ରତ ମହାଳିକ
ଦୂରଭାଷ : ୯୬୯୨୧୯୪୩୯୭
ଇମେଲ : satyabratamahalik63@gmail.com

# ପୁଷ୍ପାଞ୍ଜଳି

**ସେପ୍ଟେମ୍ବର - ୨୦୨୬**

**ସଂକଳନ**



"ପୁଷ୍ପାଞ୍ଜଳି" ସେପ୍ଟେମ୍ବର ୨୦୨୬ ମସିହାର ଏକ ସାହିତ୍ୟିକ ସଂକଳନ,
ଯେଉଁଠି ଭକ୍ତି,ଭାବ,ଚିନ୍ତା ଓ ଅଭିଜ୍ଞତାର ସୁଗନ୍ଧର ମିଶ୍ରଣରେ ପ୍ରସ୍ତୁତ ଏକ ଅମୃତ ପୁଷ୍ପଗଛ ।
ଏହି ସଙ୍କଳନରେ ଥିବା କବିତା,ଗଳ୍ପ,ପ୍ରବନ୍ଧ, ଅନୁଭୂତି ଓ ଚିନ୍ତନର ବିବିଧ ପ୍ରସ୍ତୁତି, ଯାହା ପାଠକଙ୍କ ମନକୁ ସ୍ପର୍ଶକରି ଚିନ୍ତା ଓ ଜୀବନକୁ ସମୃଦ୍ଧ କରିବ ।

ସେପ୍ଟେମ୍ବର ୨୦୨୬ ର ଏହି 'ପୁଷ୍ପାଞ୍ଜଳି' ସଂସ୍କରଣଟି ଆପଣ ମାନଙ୍କୁ କେମିତି ଲାଗିଲା ନିଜର ମୂଲ୍ୟବାନ ମତାମତ ରଖିବାକୁ ଅନୁରୋଧ।

"ଜ୍ଞାନ ହିଁ ଶ୍ରେଷ୍ଠ ପୁଷ୍ପ, ଭକ୍ତି ହିଁ ତାହାର ସୁଗନ୍ଧ
ଏବଂ ସାହିତ୍ୟ ହିଁ ଆମର ଅର୍ପଣ ..."


ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା
୮୩୨୮୯୫୧୨୨୯
malharmagazine@gmail.com
www.malharodia.com


SCAN TO VISIT

OUR WEBSITE